R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୩୩୯
ତିଥି : ଦଶମୀ
୧୬ ସେପ୍ଟେମ୍ବର ୨୦୨୫, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 339
16 Sept 2025, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




# ପୂର୍ବ ଭାରତର ମାନୁଫାକ୍ଚରିଂ ହବ୍ ହେବ ଓଡ଼ିଶା

ଭୁବନେଶ୍ୱର, ୧୫ ।୯ (ସବ୍ୟୁ) :

ଓଡ଼ିଶା ଶିଳ୍ପ ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ହୋଇଛି । ୧୨ ଜିଲ୍ଲାରେ ୨୭ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ୨୫ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ପୁଞ୍ଜି ବିନିଯୋଗରେ ପ୍ରତିଷ୍ଠା ହେବାକୁ ଥିବା ଏହି ଶିଳ୍ପରେ ୫୨ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।



ଓ୍ୟୁଏଟି ସ୍ଥିତ କନ୍‌ଭେନ୍‌ସନ୍ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଯେତେବେଳେ ଓଡ଼ିଶାକୁ କିଛି ନିବେଶ ଆସୁଛି, ସେତେବେଳେ ଓଡ଼ିଶା ପ୍ରତି ଶିଳ୍ପ ଜଗତର ଭରସା ବୃଦ୍ଧି ପାଉଛି । ଶିଳ୍ପ ସ୍ଥାପନ ପାଇଁ ଓଡ଼ିଶା ସରକାରଙ୍କ ନୀତି ଓ ନିଷ୍ଠା ପ୍ରତି ନିବେଶକ ମାନଙ୍କ ଆସ୍ଥା ବୃଦ୍ଧି ପାଉଛି । ଓଡ଼ିଶାକୁ ପୂର୍ବ ଭାରତର ମାନୁଫାକ୍ଚରିଂ ହବ୍ କରିବା ପାଇଁ ଆମେ ବିଭିନ୍ନ ହାଇ ଭାଲ୍ୟୁ ପ୍ରଡକ୍ଟ ଉତ୍ପାଦନ ଦିଗରେ ନିବେଶକ ମାନଙ୍କୁ ଆକୃଷ୍ଟ କରୁଛୁ । ମାନୁଫାକ୍ଚରିଂ ଭାଲ୍ୟୁ ଚେନ୍‌ରେ ଆହୁରି ଉପରକୁ ଉଠି ସାରା ବିଶ୍ୱର ବଜାରରେ କମ୍ପିଟ୍ କରି ପାରୁଥିବା ଭଳି ପ୍ରଡକ୍ଟ ନିର୍ମାଣ କରୁଛୁ ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଆମ ସରକାର ମାତ୍ର ୧୫ ମାସ ହେବ ଓଡିଶାର ଶାସନ ଦାୟିତ୍ୱ ନେଇଛନ୍ତି । ଏହି ଅଳ୍ପ ସମୟ ମଧ୍ୟରେ ଆମ ସରକାର ୨୬୦ ଟି ଶିଳ୍ପ ପ୍ରକଳ୍ପ ମଞ୍ଜୁର କରିଛନ୍ତି, ଯାହାଦ୍ୱାରା ୫.୬ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଆସିବା ସହିତ ୩.୬ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି । ଏହି ସମୟ ମଧ୍ୟରେ ଆମେ ୮୪ ଟି ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର (୯ ପୃଷ୍ଠାରେ)

- ୧୨ ଜିଲ୍ଲାରେ ୨୭ ନୂତନ ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର
- ୨୫,୦୦୦ କୋଟି ପୁଞ୍ଜି ବିନିଯୋଗ ହେବ
- ୫୨ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ
- 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନରେ ସାମିଲ ହୁଅନ୍ତୁ

## ୱାକଫ୍ ଆଇନ୍‌କୁ ନେଇ ସୁପ୍ରିମ୍‌କୋର୍ଟଙ୍କ ରାୟ

# ଅନେକ ପ୍ରାବଧାନ ଉପରେ ରୋକ୍

ନୂଆଦିଲ୍ଲୀ, ୧୫ ।୯ (ସବ୍ୟୁ) : କେନ୍ଦ୍ର ସରକାରଙ୍କ ପକ୍ଷରୁ ସଂଶୋଧିତ ୱାକଫ୍ ଆଇନ୍‌ରେ ଥିବା ଅନେକ ପ୍ରାବଧାନ ଉପରେ ସୁପ୍ରିମ୍‌କୋର୍ଟ ରୋକ ଲଗାଇଛନ୍ତି । କିଏ ୱାକଫ୍ କରିପାରିବେ ବିବାଦୀୟ ସମ୍ପତ୍ତି ଉପରେ କିଏ ନିଷ୍ପତ୍ତି ନେବେ ସେ ନେଇ ହୋଇଥିବା ଆଇନ୍‌ରେ ସଂଶୋଧନ ଉପରେ ସମ୍ପୂର୍ଣ୍ଣ ରୋକ ଲଗାଇଛନ୍ତି । ଏହାଛଡା ୱାକଫ୍ ବୋର୍ଡରେ ଅଣ ମୁସ୍‌ଲିମ୍ ସଦସ୍ୟଙ୍କ ସଂଖ୍ୟା ସୀମିତ ରହିବ ଓ ଜିଲ୍ଲାପାଳଙ୍କ କ୍ଷମତା ଉପରେ ମଧ୍ୟ ସ୍ଥଗିତା ଦେଶ ଜାରି କରିଛନ୍ତି । ୱାକଫ୍ ଗଠନ ନେଇ ପ୍ରସ୍ତାବିତ ନିୟମ ଉପରେ ମଧ୍ୟ କଟକଣା ଲାଗିଛି ।



ସୁପ୍ରିମ୍ କୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ବିଆର ଗଭାଇ ଓ ଜଷ୍ଟିସ୍ ଏଜି ମାସିସ୍ ଏହି ମାମଲାର ଶୁଣାଣି କରିଥିଲେ । ତେବେ ୱାକଫ୍ ଆଇନ୍ ଉପରେ ସମ୍ପୂର୍ଣ୍ଣ ରୋକ୍ ନ ଲଗାଇ କେତେକ ପ୍ରାବଧାନ ଉପରେ କଟକଣା ଲଗାଇବା ଓ ଏହାର ସାମ୍ବିଧାନିକ ବୈଧତା ଉପରେ ଶୁଣାଣି ଚାଲିବ ବୋଲି ସ୍ପଷ୍ଟ କରିଛନ୍ତି । ଖଣ୍ଡପୀଠ କହିଛନ୍ତି ଯେ ସମ୍ପୂର୍ଣ୍ଣ ଆଇନକୁ ଚ୍ୟାଲେଞ୍ଜ କରାଯାଇଛି । ଆମେ ଆମ କ୍ଷମତାର ବ୍ୟବହାର କରି ଏହାର ସାମ୍ବିଧାନିକ ବୈଧତାକୁ ପରୀକ୍ଷା ନୀରିକ୍ଷା କରିବୁ । ଯେଉଁ ସଂଶୋଧନ ହୋଇଛି ତା'ର ବୈଧତା ବିଷୟରେ (୯ ପୃଷ୍ଠାରେ)




# ବିଶ୍ୱ ଓଜୋନ ଦିବସ



ବିଶ୍ୱ ଓଜୋନ ଦିବସ ବା ଅନ୍ତଃରାଷ୍ଟ୍ରୀୟ ଓଜୋନ ସ୍ତର ସଂରକ୍ଷଣ ଦିବସ ସାରା ବିଶ୍ୱରେ ପ୍ରତିବର୍ଷ ୧୬ ସେପ୍ଟେମ୍ବର ଦିନ ପାଳିତ ହୁଏ । ୧୯୯୪ ମସିହାରୁ ପାଳିତ ହୋଇ ଆସୁଥିବା ଏହି ଦିବସର ମୂଳ ଉଦ୍ଦେଶ୍ୟ ହେଲା ବାୟୁ ମଣ୍ଡଳକୁ ଘେରି ରହିଥିବା ଓଜୋନ ସ୍ତରର ସଂରକ୍ଷଣ କରିବା ସହ ଏହାକୁ କ୍ଷୀଣ ହେଲେ ସୃଷ୍ଟି ହେଉଥିବା ଭୟାବହତା ସଂପର୍କରେ ବିଶ୍ୱବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଇବା । ବିଭିନ୍ନ କାରଣ ମଧ୍ୟରେ ସୌର-ପବନ ଅନେକ ସମୟରେ ପୃଥିବୀ ଉପରିସ୍ଥ ଓଜୋନ ସ୍ତରର କ୍ଷତି କରିଥାନ୍ତି । ଯାହାଦ୍ୱାରା ଓଜୋନ ସ୍ତର ଦେଇ କ୍ଷତିକାରକ ଅତି ବାଇଗଣୀ ବିକୀରଣ ଭୂପୃଷ୍ଠକୁ ପ୍ରବେଶ କରିଥାଏ । ଯାହା ଆମମାନଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ୧୯୮୭ ମସିହା ୧୬ ସେପ୍ଟେମ୍ବରରେ ମଣ୍ଟ୍ରିଲ ପ୍ରୋଟୋକଲ ନାମକ ଏକ ଅନ୍ତରାଷ୍ଟ୍ରୀୟ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ଏହି ସନ୍ଧିର ମୂଳ ଲକ୍ଷ୍ୟ ଥିଲା ବାୟୁମଣ୍ଡଳରେ ଓଜୋନ ସ୍ତରକୁ କ୍ଷୀଣ ବା ହ୍ରାସ କରୁଥିବା କିଛି ପଦାର୍ଥର ପ୍ରସ୍ତୁତି ବା ଉତ୍ପାଦନକୁ ବନ୍ଦ କରିବା । ଯଦ୍ୱାରା ଓଜୋନ ସ୍ତରକୁ ସଂରକ୍ଷଣ କରାଯାଇପାରିବ । ଏହି ଐତିହାସିକ ଦିନକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ୧୯ ଡିସେମ୍ବର ୨୦୦୦ ଦିନ ସଂଯୁକ୍ତ ରାଷ୍ଟ୍ର ମହାସଭାରେ ୧୬ ସେପ୍ଟେମ୍ବରକୁ ଅନ୍ତଃରାଷ୍ଟ୍ରୀୟ ଓଜୋନ ସ୍ତର ସଂରକ୍ଷଣ ଦିବସ ରୂପେ ପାଳିବାକୁ ଏକ ଘୋଷଣାନାମା ଗୃହୀତ ହେଲା । ଏହାପରଠାରୁ ଓଜୋନ ସ୍ତରର ହ୍ରାସ ରୋକିବା ଦିଗରେ ଅଧିକରୁ ଅଧିକ ଗବେଷଣା ଜାରି ରଖାଯାଇଛି । ଏହା ସହିତ ଏ ସମ୍ପର୍କରେ ନିଆଯାଉଥିବା ପଦକ୍ଷେପଗୁଡ଼ିକ ବିଷୟରେ ସର୍ବସାଧାରଣଙ୍କୁ ସଚେତନ ମଧ୍ୟ କରାଯାଉଛି ।

## ଉପକାରୀ ପଇଡପାଣି



ଖରାଦିନେ ହାଇଡ୍ରେଟ୍ ରହିବା ସବୁଠାରୁ ବେଶି ଜରୁରୀ ହୋଇଥାଏ । ତେଣୁ ଏହି ଦିନେ ସମସ୍ତେ ବିଭିନ୍ନ ପ୍ରକାରର ଉପାୟ ଆପଣାନ୍ତି ହାଇଡ୍ରେଟ ରହିବା ପାଇଁ । ସେଥିରେ ଫଳ ଜୁସ, ଓଆର୍ଏସ୍ ପାଣି, ଦହି ସରବତ, ଆଖୁ ରସ ଆଦି ସାମିଲ ରହିଛି । ତେବେ ଏ ସବୁ ଭିତରେ ସବୁଠାରୁ ଆଗରେ ରହିବ ପଇଡ ପାଣି ।

**ହାଇଡ୍ରେଟ ରଖିଥାଏ–** ପଇଡ ପାଣି ହେଉଛି ଖୁବ ଭଲ ନ୍ୟାଚୁରାଲ୍ ହାଇଡ୍ରେଟର । ଏଥିରେ ଇଲେକ୍ଟ୍ରୋଲାଇଟ୍ ଯଥା ପଟାସିଅମ, ସୋଡିଅମ, ମ୍ୟାଗ୍ନେସିଅମ ଭରପୂର ମାତ୍ରାରେ ରହିଥାଏ । ଏହି ସମସ୍ତ ସାମଗ୍ରୀ ଆମକୁ ପ୍ରାକୃତିକ ଉପାୟରେ ହାଇଡ୍ରେଟ ରଖିଥାଏ ।

**ନ୍ୟୁଟ୍ରେଣ୍ଟରେ ଭରପୂର–** ପଇଡ ପାଣିରେ ଭରପୂର ମାତ୍ରାରେ ପୋଷକ ତତ୍ୱ ରହିଥାଏ । ଏଥିରେ ଭିଟାମିନ୍ ସି, ଭିଟାମିନ୍ ବି- କମ୍ପ୍ଲେକ୍ସ, ଜିଙ୍କ୍, ସେଲେନିଅମ ଆଦି ଭରି ରହିଥାଏ । ଏହାକୁ ପିଇବା ଦ୍ୱାରା ଆମର ରୋଗପ୍ରତିରୋଧକ ଶକ୍ତି ବଢିବା ସହିତ ମେଟାବଲିଜିମ୍ ଓ ଏନର୍ଜି ପ୍ରଡକ୍ସନ ବଢିଥାଏ ।

**ଆଣ୍ଟିଅକ୍ସିଡାଣ୍ଟରେ ଭରପୂର–** ପଇଡ ପାଣିରେ ଆଣ୍ଟିଅକ୍ସିଡାଣ୍ଟର ଗୁଣ ଅଧିକ ରହିଥାଏ । ଏହା ଆମ ଶରୀରକୁ ବିଭିନ୍ନ ଅସ୍ୱାସ୍ଥ୍ୟକର ପରିସ୍ଥିତିରୁ ବଞ୍ଚାଇଥାଏ । ଏହା ଆମକୁ ବିଭିନ୍ନ କ୍ରୋନିକ୍ ସ୍ୱାସ୍ଥ୍ୟ ସମସ୍ୟାରୁ ମଧ୍ୟ ମୁକ୍ତ କରିଥାଏ ।

ମନେପଡ଼େ

# ଶମ୍ମି କପୁରଙ୍କ ବିବାହ ପ୍ରସ୍ତାବକୁ କହିଥିଲେ ନା'



୬୦ ଦଶକର ହିଟ୍ ଫିଲ୍ମ 'ବ୍ରହ୍ମଚାରୀ'ରେ ଭେଟେରାନ୍ ଆକ୍ଟ୍ରେସ୍ ମୁମତାଜ ପ୍ରତିଷ୍ଠିତ ଅଭିନେତା ଶମ୍ମି କପୁରଙ୍କ ସହିତ କାମ କରିଥିଲେ । ଫିଲ୍ମର ଗୋଟିଏ ଗୀତ ସୁଟ୍ କରିବା ସମୟରେ ଦୁହେଁ ଦୁହିଁଙ୍କୁ ଭଲପାଇ ବସିଥିଲେ । ହେଲେ ଶମ୍ମି କପୁର ଯେତେବେଳେ ମୁମତାଜଙ୍କ ଆଗରେ ବିବାହ ପ୍ରସ୍ତାବ ପକାଇଲେ, ଏଥିରେ ସ୍ପଷ୍ଟ ମନା କରିଦେଇଥିଲେ ମୁମତାଜ । ନିକଟରେ ଏକ ସାକ୍ଷାତକାରରେ ସେ ଏ ସମ୍ବନ୍ଧରେ ମନଖୋଲି କଥା ହୋଇଥିଲେ । ସେ କହିଥିଲେ ଯେ ମହତ ଆକାଂକ୍ଷା ନେଇ ଫିଲ୍ମ ଇଣ୍ଡଷ୍ଟ୍ରିରେ ଖୁବ୍ ଲୋକପ୍ରିୟ ହେବା ପାଇଁ ସେ ଚାହୁଁଥିଲେ । ବ୍ରହ୍ମଚାରୀ ଫିଲ୍ମରେ କାମ କରିବା ସମୟରେ 'ଆଜ୍‌କଲ୍ ତେରେ ମେରେ ପ୍ୟାର୍ କୀ ଚର୍ଚ୍ଚା' ଗୀତର ସୁଟିଂବେଳେ ସେ ଓ ଶମ୍ମି ପରସ୍ପର ପ୍ରତି ଆକର୍ଷିତ ହୋଇଥିଲେ । ଦୁହିଁଙ୍କ ସମ୍ବନ୍ଧକୁ ନେଇ ସାରା ଇଣ୍ଡଷ୍ଟ୍ରିରେ ଚର୍ଚ୍ଚା ଲାଗିରହିଥିଲା । ପ୍ରାୟ ତିନିବର୍ଷ ଡେଟ୍ କରିବା ପରେ ଶମ୍ମି ତାଙ୍କ ଘରକୁ ବିବାହ ପ୍ରସ୍ତାବ ନେଇ ଆସିଥିଲେ । ହେଲେ କପୁର ଖାନ୍‌ଦାନ୍‌ରେ ବିବାହ ପରେ କୌଣସି ମହିଳା କାମ କରନ୍ତି ନାହିଁ, ତେଣୁ ବିବାହ ପରେ ତାଙ୍କୁ କାମ ଛାଡ଼ିବାକୁ ହେବ ବୋଲି ଶମ୍ମି କହିଥିଲେ । ଯାହାଫଳରେ ଫିଲ୍ମ କ୍ୟାରିୟର ପାଇଁ ତାଙ୍କ ପ୍ରେମକୁ ତାଙ୍କୁ ତ୍ୟାଗ କରିବାକୁ ପଡ଼ିଥିଲା । ତେଣୁ ଇଚ୍ଛା ଥାଇ ମଧ୍ୟ ସେ ଏହି ପ୍ରସ୍ତାବକୁ ଅସ୍ୱୀକାର କରିଥିଲେ । ସେହି ସମୟରେ ମୁମତାଜଙ୍କୁ କେବଳ ୧୭ ବର୍ଷ ବୟସ ହୋଇଥିଲା ଏବଂ ଶମ୍ମି ତାଙ୍କ ଠାରୁ ଦୁଇଗୁଣ ଅଧିକ ବୟସର ଥିଲେ । ଏହାପରେ କିଛି ଫିଲ୍ମରେ ଅଭିନୟ କରିବା ପରେ ୧୯୭୪ ମସିହାରେ ୟୁଗାଣ୍ଡାର କୋଟିପତି ବ୍ୟବସାୟୀ ମୟୁର ମାଧବାନୀଙ୍କୁ ବିବାହ କରିଥିଲେ । ହେଲେ ବିବାହ ପରେ ସେ ବଲିଉଡ୍‌କୁ ବିଦାୟ ଦେଇ ଲଣ୍ଡନ ପଳାଇଥିଲେ ।




# ଉଡୁଥିବା ମାଛ

ପ୍ରକୃତିର ଅବଦାନ ଖୁବ୍ ସୁନ୍ଦର । ତେଣୁ ପୃଥିବୀରେ ଏଭଳି ଅନେକ ଜୀବଜନ୍ତୁ ଅଛନ୍ତି, ଯାହାର ସୌନ୍ଦର୍ଯ୍ୟ ବିଷୟରେ କହିଲେ ନସରେ । ଏଥିମଧ୍ୟରେ ଫ୍ଲାଇଂ ଫିସ୍ ଅନ୍ୟତମ । ଏହି ମାଛ ଶହ ଶହ ଫୁଟ ଉପରକୁ ଉଡ଼ିବାରେ ସକ୍ଷମ ଥାଆନ୍ତି । ହେଲେ ଏହି ମାଛ ପକ୍ଷୀଙ୍କ ଭଳି ଡେଣାକୁ ଫଡ଼ଫଡ଼ କରିନଥାଏ । ଏହାକୁ ଫ୍ଲାଇଂ କଡ୍ ନାଁରେ ମଧ୍ୟ ଜଣାଯାଏ । ଏହି ମାଛର ପର ଅନ୍ୟ ମାଛର ପର ଠାରୁ ସମ୍ପୂର୍ଣ୍ଣ ରୂପେ ଭିନ୍ନ ହୋଇଥିବାରୁ ଏମାନେ ଅତି ସହଜରେ ଉଡ଼ିପାରନ୍ତି । ରିପୋର୍ଟ ମୁତାବକ, ଫ୍ଲାଇଂ ଫିସ୍ ସମଗ୍ର ବିଶ୍ୱରେ ଥିବା ମହାସାଗରରେ ଦେଖିବାକୁ ମିଳନ୍ତି । ଏହା ନିକଟରେ ଏକ ବିଶେଷ ପର ଥାଏ, ଯାହାଦ୍ୱାରା ଏହି ମାଛ ସମୁଦ୍ରଜଳର ଉପରଭାଗରୁ ପ୍ରାୟ ୬୫୦ ଫୁଟ ଉଚ୍ଚରେ ଉଡ଼ିବାକୁ ସକ୍ଷମ ହୋଇଥାଏ । ଏହାସହ କୌଣସି ଶିକାରୀକୁ ଦେଖିବା ମାତ୍ରକେ ଏହା ନିଜ ପର ସାହାଯ୍ୟରେ ସମୁଦ୍ରରେ ଦ୍ରୁତ ବେଗରେ ପହଁରିବାରେ ମଧ୍ୟ ସକ୍ଷମ ହୋଇଥାଏ । ସୋସିଆଲ୍ ମିଡିଆ ଏକ୍ସ'ରେ ଏହି ମାଛର ଏକ ଭିଡିଓ ଭାଇରାଲ୍ ହେବାରେ ଲାଗିଛି, ଯେଉଁଥିରେ ମାଛର ଉଡ଼ିବା ଓ କ୍ଷିପ୍ର ବେଗରେ ପହଁରିବାର ଦୃଶ୍ୟ କଏଦ୍ ହୋଇରହିଛି । ଏହି ମାଛ ଶରୀରରେ ନୀଳ, ଧଳା ଓ ରୁପେଲି ରଙ୍ଗର ଦାଗ ରହିଥାଏ । ଏହା ହେଉଛି ଏକ ସର୍ବାହାରୀ ମାଛ, ଯାହାର ଲମ୍ବ ୧୫ ସେଣ୍ଟିମିଟରରୁ ୫୧ ସେମି ପର୍ଯ୍ୟନ୍ତ ଏବଂ ଏହାର ଓଜନ ୯୦୦ ଗ୍ରାମ୍ ପର୍ଯ୍ୟନ୍ତ ଥାଏ । ଏହି ମାଛ ଏକ୍ସୋକୋଟେଡ୍ ପରିବାରର ଅଂଶ ହୋଇଥିବାବେଳେ ଏମାନଙ୍କ ୪୦ରୁ ଅଧିକ ପ୍ରଜାତି ଥାଆନ୍ତି ।

# ଅବସର ପାଇଁ ପ୍ରସ୍ତୁତି

**ଅନେକ ସମୟରେ ଦେଖିବାକୁ ମିଳେ ଅବସର ନେବା ପୂର୍ବରୁ ଲୋକମାନେ ଖୁବ ଚିନ୍ତିତ ହୋଇ ପଡନ୍ତି । ଅବସର ପରର ଜୀବନ ସେମାନଙ୍କ ଦ୍ୱନ୍ଦ୍ୱରେ ପକାଇଥାଏ । କିଭଳି ସବୁବେଳେ କାଟୁଥିବା ଏକ ବ୍ୟସ୍ତ ବହୁଳ ଜୀବନକୁ ବାଦ ଦେଇ ଦିନ କାଟିବେ ତାହା ସେମାନଙ୍କୁ ଡରାଇଥାଏ । ତେଣୁ ଅବସର ପୂର୍ବରୁ ସମସ୍ତଙ୍କୁ ମାନସିକ ସ୍ତରରେ ପ୍ରସ୍ତୁତ ହେବାକୁ ପଡିଥାଏ । ଯାହାଫଳରେ ଅବସର ପରର ଜୀବନ ବେଶ୍ ଖୁସିରେ କଟିବ । ଆସନ୍ତୁ କିଛି ଟିପ୍ସ ବିଷୟରେ ଜାଣିବା ଯାହାକୁ ବ୍ୟବହାର କରି ଆପଣ ଏକ ସୁଃଖମୟ ଅବସର ଜୀବନ ବଞ୍ଚିପାରିବେ ।**



**ତୁଳନା କରନ୍ତୁ ନାହିଁ–** ଅନେକ ସମୟରେ ଲୋକମାନେ ଅବସର ପରେ ନିଜ ଜୀବନକୁ ନିଜ ସହକର୍ମୀଙ୍କ ଜୀବନ ସହିତ ତୁଳନା କରିଥାଆନ୍ତି । ଏହା ଏକ ଖରାପ ଅଭ୍ୟାସ ହୋଇଥାଏ । ଏହି ଅଭ୍ୟାସ କାରଣରୁ ସେମାନେ ଅନେକ କଷ୍ଟ ଭୋଗି ଥାଆନ୍ତି । କାହା ଜୀବନ କିଭଳି ତାକୁ ନେଇ ଇର୍ଷା କରିବାଦ୍ୱାରା ନିଜର ଶାନ୍ତି ଭଙ୍ଗ ହୋଇଥାଏ । ଏହା ଆମ ଜୀବନରେ ନିରାଶା ଓ ସନ୍ଦେହ ଭରିଥାଏ ତେଣୁ ଏଥିରୁ ନିବୃତ ରୁହନ୍ତୁ ।

**ମନକୁ ଶାନ୍ତ ରଖନ୍ତୁ–** ଏହି ସମୟରେ ମନକୁ ଶାନ୍ତ ରଖିବା ଖୁବ ଦରକାରୀ ହୋଇପଡେ । ଅବସର ନେବାପରେ ମଣିଷଙ୍କୁ ନିଜର ଗୁରୁତ୍ୱତା କମିବା ଭଳି ଲାଗିଥାଏ ତେଣୁ ସେମାନେ ଏହାକୁ ନେଇ ଚିନ୍ତାରେ ପଡନ୍ତି । ମନ ଅଶାନ୍ତ ହେବା ଲାଗିଥାଏ । ତେଣୁ ଏହି ସମୟରେ ଏଭଳି ଚିନ୍ତା ଧାରାରୁ ଦୂରରେ ରୁହନ୍ତୁ । ମନକୁ ଶାନ୍ତ ରଖି କିଭଳି ସମୟ ଅତିବାହିତ କରିବେ ସେଥି ପ୍ରତି ଧ୍ୟାନ ଦିଅନ୍ତୁ ।

**ଆର୍ଥିକ ଅନିଶ୍ଚିତତାକୁ ଦୂରାନ୍ତୁ–** ଅବସର ପରେ ଆର୍ଥିକ ଚିନ୍ତା ବେଶି ଆସିଥାଏ । ଏହା ବେଶି ଅସୁରକ୍ଷିତ ଅନୁଭବ ଦେଇଥାଏ । ତେଣୁ ସେହି ଚିନ୍ତାରୁ ଦୂରରେ ରହିବା ପାଇଁ ଚାକିରି ଥିବା ସମୟରେ ବ୍ୟବସ୍ଥା କରନ୍ତୁ । ସେହିଭଳି ଏହାକୁ ସକରାତ୍ମକ ଢଙ୍ଗରେ ଭାବି କିଭଳି ଏହି ସମସ୍ୟା ଦୂର ହେବ ସେଥିପ୍ରତି ଧ୍ୟାନ ଦିଅନ୍ତୁ ।

**ବ୍ୟବସ୍ଥିତ କରନ୍ତୁ–** ଅବସରରେ ପରେ ନିଜ ଦୈନନ୍ଦିନ ଜୀବନଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟ ବ୍ୟବସ୍ଥିତ ଢଙ୍ଗରେ କରନ୍ତୁ । ଯାହାଫଳରେ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ହୋଇଯିବ । ବିଶେଷଭାବେ ନିଜ ଖର୍ଚ୍ଚର ବଜେଟ କରି ଖର୍ଚ୍ଚ କରନ୍ତୁ, ଯାହା ଫଳରେ ଆପଣଙ୍କୁ ଆର୍ଥିକ ଅଭାବ ଦେଖିବାକୁ ପଡିବ ନାହିଁ । ସେହିଭଳି ନିଜକୁ ବ୍ୟସ୍ତ ରଖିବା ପାଇଁ କୌଣସି ଅନ୍ୟ କାର୍ଯ୍ୟ ମଧ୍ୟ କରିପାରିବେ ଯାହା ଆପଣଙ୍କୁ ଭଲ ଲାଗିବା ସହିତ ବ୍ୟସ୍ତ ମଧ୍ୟ ରଖିବ ।

୧୭୯୫– ଦକ୍ଷିଣ ଆଫ୍ରିକାର କେପ୍‌ଟାଉନ୍ ଉପରେ ବ୍ରିଟେନ୍‌ର କବଜା ।

୧୮୨୧– ମେକ୍ସିକୋକୁ ସ୍ୱତନ୍ତ୍ର ହେବାର ମାନ୍ୟତା ମିଳିଲା ।

୧୮୬୧– ବ୍ରିଟେନ୍ ପୋଷ୍ଟଅଫିସ୍ ପକ୍ଷରୁ ସେଭିଙ୍ଗ୍ ବ୍ୟାଙ୍କ୍ ଆକାଉଣ୍ଟର ଶୁଭାରମ୍ଭ ।

୧୯୧୬– ଭାରତରତ୍ନ ଶାସ୍ତ୍ରୀୟ ଗାୟିକା ଏମ୍.ଏସ୍. ସୁବୁଲକ୍ଷ୍ମୀଙ୍କ ଜନ୍ମ ।

୧୯୩୧– ଭାରତୀୟ କ୍ରିକେଟ ଅମ୍ପାୟାର୍ ରାମଚନ୍ଦ୍ର ରାଓଙ୍କ ଜନ୍ମ ।

୨୦୦୯– ବିଶ୍ୱବ୍ୟାପୀ ଭାରତକୁ ଏକ ଉତ୍କୃଷ୍ଟ ପର୍ଯ୍ୟଟନସ୍ଥଳୀ ରୂପେ ପ୍ରଦର୍ଶିତ କରିଥିବା ଅତୁଲ୍ୟ ଭାରତ ଅଭିଯାନକୁ ବ୍ରିଟିଶ ସରକାରଙ୍କ ଦ୍ୱାରା ପୁରସ୍କୃତ କରାଗଲା ।

୨୦୧୭– ଭାରତୀୟ ବାୟୁସେନାର ସବୁଠୁ ବରିଷ୍ଠ ତଥା ଫାଇଭ୍ ଷ୍ଟାର୍ ର୍ୟାଙ୍କ୍ ପର୍ଯ୍ୟନ୍ତ ପହଞ୍ଚିପାରିଥିବା ଏକମାତ୍ର ମାର୍ଶଲ ଅର୍ଜନ ସିଂହଙ୍କ ଦେହାନ୍ତ ।

# କୁନି 'ଏମି' ୱିନର



୭୭ତମ 'ପ୍ରାଇମଟାଇମ୍ ଏମି ଆୱାର୍ଡ୍ସ' ଉତ୍ସବ ଲସ୍ ଏଞ୍ଜିଲସର ପିକକ ଥିଏଟରରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିଥର ଭଳି ଏଥର ମଧ୍ୟ ଅନେକ ଫିଲ୍ମ, ଷ୍ଟାର୍ସ ଓ ସିରିଜ୍ ଦବ୍‌ଦବା କାଏମ କରିଛନ୍ତି । ଏହି ଆୱାର୍ଡ ଶୋ' ଇଭେଣ୍ଟରେ ବେଷ୍ଟ ଡ୍ରାମା, ଲିମିଟେଡ୍ ସିରିଜ୍ ଓ ଟକ୍ ଶୋ' ସମେତ ୨୫ଟି ବିଭାଗ ଓ ଶ୍ରେଷ୍ଠ ଅଭିନେତା, ଅଭିନେତ୍ରୀ ଏବଂ ଲେଖକଙ୍କୁ ପୁରସ୍କୃତ କରାଯାଇଥିଲା । ଟ୍ରେମେଲ ଟିଲେମେନ ଓ ବ୍ରିଟ୍ ଲୋଅର 'ସେଭରେନ୍ସ'ରେ ଅଭିନୟ ପାଇଁ ଶ୍ରେଷ୍ଠ ଅଭିନେତା ଓ ଅଭିନେତ୍ରୀ ବିବେଚିତ ହୋଇଥିଲେ । ହେଲେ ସମସ୍ତଙ୍କୁ ପଛରେ ପକାଇ 'ଶୋ ସୁପର୍' ପାଲଟିଥିଲେ ୧୫ ବର୍ଷୀୟ ଓବେନ କୁପର । ଲିମିଟେଡ୍ ସିରିଜ୍ 'ଏଡୋଲ୍‌ସେନ୍ସ' ପାଇଁ ଶ୍ରେଷ୍ଠ ସହକଳାକାର ପୁରସ୍କାର ଜିତି ଓବେନ ଏମି ଇତିହାସର ସର୍ବକନିଷ୍ଠ ଆୱାର୍ଡ ବିଜେତା ଭାବେ ରେକର୍ଡ ସୃଷ୍ଟି କରିଥିଲେ ।

ଶୋନାଇଟ୍‌ରେ ଟେଲିଭିଜନ ଜଗତର ବହୁ ନାମୀଦାମୀ ଚେହେରା ନିଜ ଗ୍ଲାମର ପ୍ରଦର୍ଶନ କରିଥିଲେ । ଆୱାର୍ଡ ଶୋ'ରେ 'ସମବଡ଼ି ସମହୋୟାର' ସମସ୍ତଙ୍କୁ ଚକିତ କରିଥିବା ବେଳେ 'ଏଡୋଲସେନ୍ସ', 'ସେଭରେନ୍ସ', 'ହେକ୍ସ' ଓ 'ଦ ଷ୍ଟୁଡିଓ' ଆୱାର୍ଡ ବିଜେତା ତାଲିକାର ଶୀର୍ଷଭାଗ ମଣ୍ଡନ କରିଥିଲେ । ଏହି ଶୋ'ର ବିଭିନ୍ନ ବିଭାଗର ବିଜେତାମାନେ ହେଲେ– ଡ୍ରାମା ସିରିଜ୍‌ର ଶ୍ରେଷ୍ଠ ଅଭିନେତ୍ରୀ: ବ୍ରିଟ ରୋଜନ (ସେଭରେନ୍ସ), କମେଡି ସିରିଜ୍‌ର ଶ୍ରେଷ୍ଠ ଅଭିନେତା ଓ ନିର୍ଦ୍ଦେଶକ: ସେଠ ରୋଜେନ (ଦ ଷ୍ଟୁଡିଓ), ଶ୍ରେଷ୍ଠ ଅଭିନେତ୍ରୀ: ଜିନ ସ୍ମାର୍ଟ (ହେକ୍ସ), ଶ୍ରେଷ୍ଠ ନିର୍ଦ୍ଦେଶକ: ଇବାନ ଗୋଲ୍ଡବର୍ଗ (ଦ ଓନର), ଲିମିଟେଡ୍ ସିରିଜର ଶ୍ରେଷ୍ଠ ଅଭିନେତ୍ରୀ: କ୍ରିଷ୍ଟିନ ମିଲିୟୋଟି (ଦ ପେଙ୍ଗୁଇନ), ଆଉଟ୍‌ଷ୍ଟାଣ୍ଡିଂ ଟକ୍ ଶୋ: ଦ ଡେଲି ଶୋ, ଜିମି କିମେଲ ଲାଇଭ ଓ ଦ ଲେଟ ଶୋ ୱିଥ୍ ଷ୍ଟିଫନ କୋଲବର୍ଗ, ଲିମିଟେଡ୍ ସିରିଜ୍‌ର ବେଷ୍ଟ ରାଇଟିଂ ସିରିଜ୍: ଆଡୋଲସେନ୍ସ, ଡ୍ରାମା ସିରିଜ୍‌ର ଶ୍ରେଷ୍ଠ କଳାକାର: ଷ୍ଟର୍ଲିଂ କେ. ବ୍ରାଉନ (ପେରାଡାଇଜ୍), ଗେରି ଓଲ୍ଡମେନ (ସ୍ଲୋ ହାର୍ସିଂସ), ପେଡ୍ରୋ ପାସ୍କଲ (ଦି ଲାଷ୍ଟ ଅଫ୍ ଅସ୍), ଏଡମ ଷ୍ଟାର୍କ (ସେଭରେନ୍ସ), କମେଡି ସିରିଜ୍ ଆଉଟ୍‌ଷ୍ଟାଣ୍ଡିଂ ରାଇଟିଂ: ସେଠ ରୋଜେନ, ଇବାନ ଗୋଲ୍ଡବର୍ଗ, ପିଟର ହ୍ୟୁକ୍, ଏଲେକ୍ସ ଗ୍ରେଗରୀ, ଫ୍ରିଡା ପେରେଜ ଓ ଦ ଷ୍ଟୁଡିଓ ।

## ସୋସିଆଲ କୋଟ୍ସ



"ଦବଙ୍ଗରେ ଅଭିନୟ ପାଇଁ ମୋତେ ଓଜନ କମାଇବାର ଟାର୍ଗେଟ୍ ଦିଆଯାଇଥିଲା । ଚ୍ୟାଲେଞ୍ଜକୁ ସ୍ୱୀକାର କରି ୨ ବର୍ଷରେ ୯୦ରୁ ୬୦କୁ ଓଜନ କମାଇ ପାରିଥିଲି ।

**–ସୋନାକ୍ଷୀ ସିହ୍ନା, ବଲିଉଡ୍ ଅଭିନେତ୍ରୀ**



"ଏକ ଅପ୍‌କମିଂ ଫିଲ୍ମରେ ସୁଇମିଂପୁଲ୍‌ରେ ବିକିନି ଶୁଟ୍‌ର ଅଫର ମିଳିଛି । ଶେଷ ନିଷ୍ପତ୍ତି ନେବାକୁ ୨ ସପ୍ତାହ ମିଳିଥିବା ବେଳେ ଏହା ମୁଣ୍ଡବିନ୍ଧାର କାରଣ ହୋଇଛି ।

**–ନୋରା ଫତେହି, ବଲିଉଡ୍ କୋରିଓ ଗ୍ରାଫର ଓ ଡ୍ୟାନ୍ସର**



"ଖେଳପଡ଼ିଆରେ ରାଜନୀତି ଠିକ୍ ନୁହେଁ । ପରିସ୍ଥିତି ଯାହା ହେଉ, ପ୍ରତିପକ୍ଷ ଯିଏ ହେଉ, ଖେଳର ମର୍ଯ୍ୟାଦା ଓ ଖେଳ ଭାବନା ବଜାଏ ରହିବା ଜରୁରୀ, ଯାହାର ବ୍ୟତିକ୍ରମ ଏସିଆକପ୍‌ରେ ଦେଖିବାକୁ ମିଳିଛି ।

**–ଜାଏଦ ଖାନ୍, ବଲିଉଡ୍ ଅଭିନେତା**

# କୁକୁରର ବିଳାଶପୂର୍ଣ୍ଣ ଜୀବନ

ବିଶ୍ୱରେ ଆପଣ ଧନୀ ବ୍ୟକ୍ତିଙ୍କ ବିଳାସପୂର୍ଣ୍ଣ ଲାଇଫ୍‌ଷ୍ଟାଇଲ୍ ବିଷୟରେ ତ ନିଶ୍ଚିତ ରୂପେ ଶୁଣିଥିବେ । ହେଲେ କେବେ କୌଣସି କୁକୁରର ଲଗ୍‌ଜୁରିଅସ୍ ଲାଇଫ୍ ବିଷୟରେ ଶୁଣଛନ୍ତି କି ? ଅଜବ ଲାଗିଲେ ବି ଏହା ସମ୍ପୂର୍ଣ୍ଣ ସତ । ଦୁନିଆରେ ଏଭଳି ଏକ କୁକୁର ଅଛି, ଯାହାକୁ ବିଶ୍ୱର ସବୁଠୁ ଧନୀ କୁକୁର ବୋଲି କୁହାଯାଉଛି । ଏହି କୁକୁର ନାଁରେ ପ୍ରାୟ ୩୦ ବିଲିୟନ୍ ମୂଲ୍ୟର ସମ୍ପତ୍ତି ରହିଛି । କେବଳ ଏତିକି ନୁହେଁ, କୁକୁରଟି ବିଏମ୍‌ଡବ୍ଲ୍ୟୁ ଗାଡ଼ିରେ ଯାତାୟାତ ମଧ୍ୟ କରିଥାଏ । ଏହି କୁକୁର ନାଁରେ ଏକାଧିକ ବଙ୍ଗଳା ରହିଥିବାବେଳେ ଏହା ଗୋଟିଏ ଫୁଟବଲ୍ କ୍ଲବ୍‌ର ମାଲିକ ମଧ୍ୟ । ଗୁଣ୍ଟର ୬ ନାମକ ଏହି ଜର୍ମାନ୍ ଶେଫାର୍ଡ କୁକୁରଟି ଲୋକପ୍ରିୟ ପପ୍ ଗାୟିକା ମଡୋନାଙ୍କର ପୁରୁଣା ଘରେ ରୁହେ । କ୍ୟାରିବିଆନ୍ ଦ୍ୱୀପରେ ଥିବା ଏହି ଘରର ମୂଲ୍ୟ ହେଉଛି ୬.୮୧ ବିଲିୟନ୍ । ଏହି କୁକୁର ନିକଟରେ ଗୋଟିଏ ବଡ଼ ଜାହାଜ ମଧ୍ୟ ରହିଛି । ଯେଉଁଥିରେ ସେ ବିଳାସପୂର୍ଣ୍ଣ ଡିନର୍ କରିବା ସାଙ୍ଗକୁ ୱାର୍ଲ୍ଡ ଟ୍ରିପ୍‌ରେ ଯାଏ । ତେବେ ଗୁଣ୍ଟର ପିଛାରେ ଯେତେ ବି ଟଙ୍କା ଖର୍ଚ୍ଚ ହୋଇଥାଏ ତାହାକୁ ଇଟାଲୀର



ଜଣେ ୬୬ ବର୍ଷୀୟ ଉଦ୍ୟୋକ୍ତା ମୋରିଜିଓ ମିଆନ୍ ନିୟନ୍ତ୍ରିତ କରିଥାଆନ୍ତି । ଗୁଣ୍ଟରର ଅସଲ ମାଲିକଙ୍କର ମୃତ୍ୟୁ ସମୟରେ ସେ ତାଙ୍କର ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ଗୁଣ୍ଟର ନାଁରେ କରିଦେଇଥିଲେ । ଯାହାକୁ ବର୍ତ୍ତମାନ ମୋରିଜିଓ ସମ୍ଭାଳୁଛନ୍ତି । ଗୁଣ୍ଟର କର୍ପୋରେସନ୍‌ର ସିଇଓ ମୋରିଜିଓ, ଗୁଣ୍ଟରର ଅସଲ ମାଲିକଙ୍କର ୨୯.୨ ବିଲିୟନ୍ ସମ୍ପତ୍ତିର ଦେଖାରଖା କରନ୍ତି ।





ଏକାଦଶ ନିଯୁକ୍ତି ମେଳାରେ ଯୋଗ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



୨୭ ନୂଆ ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ମୁଖ୍ୟମନ୍ତ୍ରୀ

### ଏକାଦଶ ନିଯୁକ୍ତି ମେଳା, ୭ ବିଭାଗରେ ୧୬୮୬ଙ୍କୁ ନିଯୁକ୍ତି

# ୧୫ ମାସରେ ସରକାରୀ ନିଯୁକ୍ତି ୩୦ ହଜାର ଟପିଲା

ଭୁବନେଶ୍ୱର(ସବ୍ୟୁ): ସରକାରୀ ଚାକିରୀ କେବଳ ସୁରକ୍ଷିତ ଜୀବନ ଜୀବିକା ପ୍ରଦାନ କରିନଥାଏ, ଏହା ହେଉଛି ଜନସେବାର ଏକ ପ୍ରକୃଷ୍ଟ ଓ ପ୍ରଭାବୀ ମାଧ୍ୟମ । ଦୁର୍ନୀତିରୁ ଊର୍ଦ୍ଧ୍ୱରେ ରହି ସମସ୍ତେ ଭଲ କାମ କରନ୍ତୁ । ସୁନାମ ଅର୍ଜନ କରନ୍ତୁ ଏବଂ ସଚ୍ଚୋଟତାକୁ ଓ୍ୱାର୍କ କଲଚର ବା କାର୍ଯ୍ୟ ପରିବେଶର ଅବିଚ୍ଛେଦ୍ୟ ଅଙ୍ଗ ବନାନ୍ତୁ । ଫଳରେ ସାଧାରଣ ଗରିବ ଜନତାଙ୍କ ଆଶୀର୍ବାଦ ଯୋଗୁ ଆପଣଙ୍କ ପାଇଁ ସବୁଠାରୁ ବଡ ପୁଞ୍ଜି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଯୁକ୍ତି ମେଳା ଅବସରରେ ନବ ନିଯୁକ୍ତ ଅଧିକାରୀଙ୍କୁ ଉଦବୋଧନ ଦେଇ ଏହା କହିଛନ୍ତି ।

ଭୁବନେଶ୍ୱର ଇଡକୋ ପ୍ରଦର୍ଶନୀ ପଡିଆରେ ଏକାଦଶତମ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଛି । ଏଥିରେ ୭ଟି ବିଭାଗ ଯଥା- ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ସର୍ବାଧିକ ୯୮୨ ଜଣ, ଜଳ ସମ୍ପଦ



ବିଭାଗରେ ୪୧୩ ଜଣ, କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ ୩୪ ଜଣ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ୧୩୬ ଜଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗରେ ୨୩ ଜଣ, ଅର୍ଥ ବିଭାଗରେ ୬୧ ଜଣ ଓ ଆଇନ୍ ବିଭାଗରେ ୩୭ ଜଣଙ୍କୁ ଏହିଭଳି ସମୁଦାୟ ୧୬୮୬ ଜଣଙ୍କୁ ବିଭିନ୍ନ ବର୍ଗରେ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି । ସରକାରଙ୍କ ଦ୍ୱିତୀୟ ବର୍ଷ ପ୍ରାରମ୍ଭର ଏହା ହେଉଛି ଦ୍ୱିତୀୟ ନିଯୁକ୍ତି ମେଳା ।

ମୁଖ୍ୟମନ୍ତ୍ରୀ ଉପସ୍ଥିତ ନବ ନିଯୁକ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ କହିଥିଲେ ଯେ, ଆପଣ ମାନଙ୍କର କର୍ତ୍ତବ୍ୟ ହେଉଛି ସରକାରଙ୍କ ନୀତି ନିୟମର ମର୍ଯ୍ୟାଦାରେ ରହି ନିଜ କାର୍ଯ୍ୟ ସମ୍ପାଦନ କରିବା । ସାମ୍ପ୍ରତିକ ପରିସ୍ଥିତିରେ ଯୁବ ସମାଜ ପାଇଁ ସବୁଠାରୁ ବଡ ଆହ୍ୱାନ ହେଉଛି ରୋଜଗାର ବିଶେଷ ଭାବେ ନିଯୁକ୍ତି । ସେଥିପାଇଁ ମାତ୍ର ୧୫ ମାସ ମଧ୍ୟରେ ୧୧ଟି ନିଯୁକ୍ତି ମେଳା ଜରିଆରେ ସରକାରୀ କ୍ଷେତ୍ରରେ ସମୁଦାୟ ୩୦,୦୩୨ ଟି ପଦବୀରେ ନିଯୁକ୍ତି ପ୍ରଦାନ କରିଛୁ । ସରକାର ଆସିବାର ପ୍ରଥମ ଦୁଇ ବର୍ଷରେ ୬୫ ହଜାର ସରକାରୀ ପଦବୀ ପୂରଣ କରାଯିବାର ଲକ୍ଷ୍ୟ ରହିଥିଲା । ୨୦୨୬ ଜୁନ ଶେଷ ସୁଦ୍ଧା ଆହୁରି ୪୦ ହଜାର ସରକାରୀ ପଦବୀ ପୂରଣ ହେବ । ସରକାରୀ ପଦବୀ ପୂରଣ କରିବାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରାଯାଉଛି । ୧୫ ମାସ ମଧ୍ୟରେ ସରକାରଙ୍କ ପକ୍ଷରୁ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ୧,୦୭,୯୨୬ ଜଣଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ ୩୦ ଜଣ ନବ ନିଯୁକ୍ତଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ । ନବନିଯୁକ୍ତଙ୍କ ମଧ୍ୟରୁ କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ ଯୋଗଦେଇଥିବା ସମ୍ବଲପୁରର ଶିବାନୀ ଷଡଙ୍ଗୀ ଓ ଅର୍ଥ ବିଭାଗରେ ଯୋଗଦେଇଥିବା କଟକ ଜିଲ୍ଲାର ବିଶ୍ୱଜିତ ପ୍ରଧାନ ତାଙ୍କ ଅନୁଭୂତି ଓ ଅଭିଜ୍ଞତାରେ ସରକାରଙ୍କ ସ୍ୱଚ୍ଛ ଓ ନିରପେକ୍ଷ ଚୟନ ପଦ୍ଧତି ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଆଇନ, ଅବକାରୀ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ ।

### ୧୭ରେ ସୁଭଦ୍ରାର ଏକ ବର୍ଷ ପୂର୍ତ୍ତି

## ଓଡ଼ିଶା ପାଳିବ "ଧନ୍ୟବାଦ ମୋଦି' ଉତ୍ସବ

ଭୁବନେଶ୍ୱର(ସବ୍ୟୁ): ଆସନ୍ତା ୧୭ ତାରିଖରେ ସୁଭଦ୍ରା ଯୋଜନା ସଫଳ ଭାବରେ ଏକ ବର୍ଷ ପୂରଣ କରିବାକୁ ଯାଉଛି । ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ସମଗ୍ର ଓଡ଼ିଶାରେ ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜଣାଇବା ନିମନ୍ତେ ସୁଭଦ୍ରାର ଏକ ବର୍ଷ ପୂର୍ତ୍ତି ଅବସ ରରେ ରାଜ୍ୟର ୩୩୮ଟି ସିଡିପିଓୟୁନିଟରେ "ଧନ୍ୟବାଦ ମୋଦି' କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି ।

ଏହି କାର୍ଯ୍ୟକ୍ରମରେ ହିତାଧିକାରୀମାନେ ସୁଭଦ୍ରା ଯାତ୍ରା ଓ ସଫଳତା କାହାଣୀ ମାଧ୍ୟମରେ ସୁଭଦ୍ରା ସେମାନଙ୍କ ଜୀବନରେ କିପରି ସକାରାତ୍ମକ ପରିବର୍ତ୍ତନ ଆଣିଛି ତାହା ଉପସ୍ଥାପନା କରିବେ । ଅଙ୍ଗନବାଡି କେନ୍ଦ୍ରସ୍ତରରେ ୧୭ ତାରଖରୁ ପୋଷଣ ମାସ ଆରମ୍ଭ ହେବା ସହ ସୁଭଦ୍ରା ଏକ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ସମ୍ମିଳିତ ଭାବେ ପାଳନ କରାଯିବ । ଏଥିରେ ହିତାଧିକାରୀମାନେ ସୁଭଦ୍ରା ଯାତ୍ରାର ନିଜର ଅନୁଭବ ବାଣ୍ଟିବା ସହ ସୁଭଦ୍ରାର ଲାଭ ଆଲୋଚନା କରିବେ ଓ ପୋଷଣ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେବେ । ଏଥିସହିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୋଜିତ ସୁସ୍ଥ ନାରୀ, ସଶକ୍ତ ପରିବାର କାର୍ଯ୍ୟକ୍ରମରେ ସୁଭଦ୍ରା ଷ୍ଟଲ ମାଧ୍ୟମରେ ସୁଭଦ୍ରା ହେଲ୍ପ ଡେସ୍କ କର୍ମୀମାନେ ସୁଭଦ୍ରା ସମ୍ପର୍କରେ ସମସ୍ତ ତଥ୍ୟ ପ୍ରଦାନ କରିବା ସହ ସଚେତନତା ସୃଷ୍ଟି କରିବା ପାଇଁ ସୁଭଦ୍ରା ସମ୍ପର୍କୀୟ ପ୍ରଚାର ପତ୍ର ବଣ୍ଟନ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ।

## ନାବାଳିକାକୁ ବଳାତ୍କାର, ଆସାମୀକୁ ୨୦ବର୍ଷ ଜେଲ୍

କଟକ,(ସ ବ୍ୟୁ): ତିଗିରିଆ ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରି ଗର୍ଭବତୀ କରିବା ଘଟଣାର ବିଚାରକରି କଟକ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଆସାମୀ ଦିଲ୍ଲୀପ କୁମାର ସାମନ୍ତରାୟଙ୍କୁ ୨୦ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ଆସାମୀ ଉପରେ ୫୦ହଜାର ଟଙ୍କାର ଜରିମାନା କରାଯାଇଛି। ଜରିମାନା ଅନାଦାୟ ଆସାମୀ ଅଧିକ ୨ବର୍ଷ ଜେଲ୍ ଦଣ୍ଡ ଭୋଗିବ ବୋଲି ଅଦାଲତ କହିଛନ୍ତି। ଅପରପକ୍ଷରେ ପୀଡ଼ିତାଙ୍କୁ ୭ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ ଲାଗି ଅଦାଲତ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣ କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ଜଣାଯାଇଛି ଯେ, ଦିନେ ସଂଧ୍ୟାରେ ପୀଡ଼ିତା ଗାଁ ଭିତରକୁ ଯାଉଥିବାବେଳେ ଆସାମୀ ଦିଲ୍ଲୀପ ସାମନ୍ତରାୟ ତାଙ୍କ ହାତକୁ ଧରି ଏକ ଘରକୁ ଭିଡ଼ି ନେଇଥିଲେ। ଉକ୍ତ ଘରେ ତାଙ୍କୁ ବଳାତ୍କାର କରିବା ସହ କାହାରିକୁ କହିଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ।


**ପର୍ବପର୍ବାଣୀ ଓ ଉତ୍ସବ ଆୟୋଜକଙ୍କ ପାଇଁ ବିଦ୍ୟୁତ୍ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ**

- ଅନାଧିକୃତ ବିଦ୍ୟୁତ୍ ସଂଯୋଗରୁ ଦୂରେଇ ରୁହନ୍ତୁ ଏବଂ ଉପଯୁକ୍ତ ଦେୟ ପଇଠ କରି ଡିସ୍କମ୍ ରୁ ବିଦ୍ୟୁତ୍ ସଂଯୋଗ ନିଅନ୍ତୁ।
- ଅସ୍ଥାୟୀ ପୂଜା ପେଣ୍ଡାଲ୍ ନିର୍ମାଣ କରିବା ଏବଂ ଭସାଣି ଉତ୍ସବ କରିବା ପୂର୍ବରୁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟକୁ ସୂଚନା ଦିଅନ୍ତୁ ଏବଂ ଆବଶ୍ୟକ ଅନୁମତି ନିଅନ୍ତୁ।
- ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନ୍ ଙ୍କ ଦ୍ୱାରା କରାନ୍ତୁ ଏବଂ କାମ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣର ବ୍ୟବହାର ସୁନିଶ୍ଚିତ କରାନ୍ତୁ।
- ବିଦ୍ୟୁତ୍ ଲାଇନ୍ ତଳେ କିମ୍ବା ନିକଟରେ ପୂଜା ମଣ୍ଡପ ନିର୍ମାଣ ଏବଂ ସାଜସଜ୍ଜା କରନ୍ତୁ ନାହିଁ।
- ବିଦ୍ୟୁତ୍ ଖୁଣ୍ଟ, ସବଷ୍ଟେସନ୍ କିମ୍ବା ଷ୍ଟେ ତାରକୁ ସାଜସଜ୍ଜାରେ କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ।
- ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ ଆର.ସି.ସି.ବି ବ୍ୟବହାର କରନ୍ତୁ।
- ଉପଯୁକ୍ତ ରେଟିଙ୍ଗ୍ ର ଆଇ.ଏସ.ଆଇ ମାନକଯୁକ୍ତ ଉପକରଣ ଯଥା ତାର, କେବୁଲ, ସର୍କିଟ୍ ବ୍ରେକର ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରନ୍ତୁ।
- ଉତ୍ସବ ପାଳନ ସମୟରେ ଓଭରଲୋଡିଂ ଏବଂ ସମ୍ଭାବ୍ୟ ବ୍ଲାକଆଉଟ୍ ରୋକିବା ପାଇଁ ବୈଦ୍ୟୁତିକ ଲୋଡ୍‌କୁ ସଠିକ୍ ଭାବରେ ପରିଚାଳନା କରନ୍ତୁ ।
- ଅସ୍ଥାୟୀ ଡିଜି ସେଟ୍ ବ୍ୟବହାର କରୁଥିଲେ ସଠିକ୍ ଆର୍ଥିଙ୍ଗ୍ ଏବଂ ଚେଞ୍ଜଓଭର ସୁଇଚ୍ ବ୍ୟବହାର କରନ୍ତୁ।
- ଖୋଲା ସ୍ଥାନରେ ବ୍ୟବହୃତ ବୈଦ୍ୟୁତିକ ଉପକରଣ ଗୁଡିକୁ ପାଣି ଓ ବର୍ଷାରୁ ସୁରକ୍ଷା ନିମନ୍ତେ, ଉପଯୁକ୍ତ ଆଇ.ପି (ଆଇ.ପି ୬୫/ଆଇ.ପି ୬୬/ଆଇ.ପି ୫୫) ମାନକଯୁକ୍ତ ଥିବା ଉପକରଣ ବ୍ୟବହାର କରନ୍ତୁ।
- ସୁନିଶ୍ଚିତ କରନ୍ତୁ ଯେ ସମସ୍ତ ବୈଦ୍ୟୁତିକ ସ୍ଥାପନା ସଠିକ୍ ଭାବେ ଆର୍ଥିଙ୍ଗ୍ ହୋଇଛି କି ନାହିଁ ।
- ସୁନିଶ୍ଚିତ କରନ୍ତୁ ଯେ ବୈଦ୍ୟୁତିକ ଅଗ୍ନିକାଣ୍ଡର ମୁକାବିଲା ପାଇଁ ଉପଯୁକ୍ତ ଅଗ୍ନି ନିର୍ବାପକ ବ୍ୟବସ୍ଥା ସ୍ଥାପିତ ହୋଇଛି।
- ନିଶ୍ଚିତ କରନ୍ତୁ ଯେ ସମସ୍ତ ଉତ୍ସବ ପାଳନ ସ୍ଥାନ ଗୁଡିକୁ ବୈଦ୍ୟୁତିକ ସୁରକ୍ଷା ପାଇଁ ନଜରରେ ରଖାଯାଇଛି ଏବଂ ଯଦି କୌଣସି ସ୍ଥାନରେ ବୈଦ୍ୟୁତିକ ଇନଷ୍ଟାଲେସନ୍ ଅସୁରକ୍ଷିତ ଥାଏ, ତୁରନ୍ତ ଡିସ୍କମ୍ ଅଧିକାରୀଙ୍କୁ ଜଣାନ୍ତୁ ।
- ବୈଦ୍ୟୁତିକ ସୁରକ୍ଷା ପରାମର୍ଶଗୁଡିକୁ ଅନୁସରଣ କରନ୍ତୁ ଏବଂ ଡିସ୍କମ୍ କର୍ମଚାରୀଙ୍କ ସହ ଉପଯୁକ୍ତ ସମନ୍ୱୟ ରକ୍ଷା କରି ଉତ୍ସବ ପାଇଁ ସୁରକ୍ଷିତ ବୈଦ୍ୟୁତିକ ସେଟ୍‌ଅପ୍ କରନ୍ତୁ ।
- ପୂଜା ସ୍ଥଳୀରେ ୧୦୦ ରୁ ଅଧିକ ଜନସମାଗମର ସମ୍ଭାବନାଥିଲେ ଏହାର ବୈଦ୍ୟୁତିକ ଉପକରଣର ସୁରକ୍ଷା ବିଦ୍ୟୁତ୍ ନିରୀକ୍ଷକଙ୍କ ଦ୍ୱାରା ଯାଞ୍ଚ କରାନ୍ତୁ।



ବିଦ୍ୟୁତ ସୁରକ୍ଷା ଆପଣାନ୍ତୁ ଜୀବନ ସୁରକ୍ଷିତ ରଖନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

DSPL-215 OIPR-04066/13/0033/2526





ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ
୧୭ ସେପ୍ଟେମ୍ବର - ୨ ଅକ୍ଟୋବର ୨୦୨୫
#SwasthNariSashaktParivar

**ବାଳିକା ଏବଂ ସବୁ ବୟସର ମହିଳାଙ୍କର ବିସ୍ତୃତ ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ସ୍ୱାସ୍ଥ୍ୟସେବା**

- ଏହି ଅଭିଯାନରେ ଅଣସଂକ୍ରାମକ, ଯକ୍ଷ୍ମା, ରକ୍ତହୀନତା, ସିକିଲସେଲ ଓ ଥାଲାସେମିଆ ଆଦି ରୋଗର ଚିହ୍ନଟ, ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ବୟସାନୁଯାୟୀ ଟୀକାକରଣ କରାଯିବ । ତତ୍‌ସହିତ ଋତୁସ୍ରାବ ଜନିତ ପରିଚ୍ଛନ୍ନତା ଏବଂ ଖାଦ୍ୟରେ ତେଲ, ଚିନି କମ୍ କରିବା ଉପରେ ସଚେତନ କରାଯିବ ।
- ୧୭ ସେପ୍ଟେମ୍ବର ରୁ ୨ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଅଭିଯାନରେ ଯୋଗଦେଇ ମହିଳା ଓ ବାଳିକାମାନେ ନିଜକୁ ଏବଂ ନିଜ ପରିବାରକୁ ସୁରକ୍ଷିତ କରନ୍ତୁ ।

ଏହି ସେବା ପାଇବା ପାଇଁ ମହିଳା ଏବଂ ଶିଶୁମାନେ ନିକଟସ୍ଥ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଅଙ୍ଗନବାଡ଼ି କେନ୍ଦ୍ରରେ ଯୋଗାଯୋଗ କରନ୍ତୁ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

DSPL-260 OIPR-10003/13/0269/2526

# ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ରଙ୍କ ପୁସ୍ତକ "ଖାକି ମଉଜ" ଉନ୍ମୋଚିତ



ଭୁବନେଶ୍ୱର, (ସବ୍ୟୁ): ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ରଙ୍କ ସ୍ୱରଚିତ ପୁସ୍ତକ "ଖାକୀ ମଉଜ" ଉନ୍ମୋଚିତ ହୋଇଯାଇଛି। ଏହି ପୁସ୍ତକକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରି ବହିଟିକୁ ପ୍ରଶଂସା କରିବା ସହ ଏହାକୁ ପ୍ରତ୍ୟେକ ଓଡ଼ିଆ ପାଠକମାନେ ପଢ଼ିବା ଉଚିତ ବୋଲି ପରାମର୍ଶ ଦେଇଛନ୍ତି। ଏଥିସହିତ ଜୀବନକୁ ମଉଜ ମନେକରିବା ଏକ କଳା ଏବଂ ଶ୍ରୀ ମିଶ୍ରଙ୍କ ପୁସ୍ତକ ସେ କଳାର ଏକ ସଫଳ ପରିପ୍ରକାଶ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ଓଡ଼ିଶା ପୁଲିସର ପୂର୍ବତନ ମହାନିର୍ଦ୍ଦେଶକ, ପୂର୍ବତନ ସିଆରପିଏଫ ନିର୍ଦ୍ଦେଶକ ତଥା ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର ନିଜର ପିଲାଦିନ ଓ ଦୀର୍ଘ ଚାକିରି ଜୀବନର ବହୁ ରୋଚକ ଅନୁଭୂତିକୁ ଚଟୁଳ ବ୍ୟଙ୍ଗାତ୍ମକ ଶୈଳୀରେ "ଖାକି ମଉଜ" ପୁସ୍ତକ ମାଧ୍ୟମରେ ପରିପ୍ରକାଶ କରିଛନ୍ତି। ପୁସ୍ତକଟିକୁ ମୂଳ ଇଂରାଜୀରୁ ଅନୁବାଦ କରିଛନ୍ତି ଚିନ୍ମୟ ହୋତା। ପୁସ୍ତକଟିକୁ ପ୍ରକାଶ କରିଛନ୍ତି ରାଜ୍ୟର ଅଗ୍ରଣୀ ପ୍ରକାଶନ ସଂସ୍ଥା ପେନ୍ ଇନ୍ ବୁକ୍ସ। ସୋମବାର ସଂଧ୍ୟାରେ ସଚିବାଳୟଠାରେ ପୁସ୍ତକ ଉନ୍ମୋଚନ ଅବସରରେ ଲେଖକ, ଓ ଅନୁବାଦକଙ୍କ ସମେତ ବରିଷ୍ଠ ଲେଖକ ଓ ସ୍ତମ୍ଭକାର ଦାଶ ବେନହୁର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଓ କଥାକାର ଶୁଭ୍ରାଂଶୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳା କନଷ୍ଟେବଲ ନିଖୋଜ ମାମଲା

# ପୋଲିସକୁ ଖୋଜୁଛି ପୋଲିସ

ଭୁବନେଶ୍ୱର, (ସବ୍ୟୁ) : ଟ୍ରାଫିକ୍ ମହିଳା କନଷ୍ଟେବଲ ଶୁଭମିତ୍ରା ସାହୁ ନିଖୋଜ ହେବାର ୧୦ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଟେର୍ ପାଉନାହିଁ । ପୋଲିସ୍‌କୁ ପୋଲିସ ଖୋଜିବାରେ ବ୍ୟସ୍ତ ଥିବା କୁହାଯାଉଥିବା ବେଳେ ଶୁଭମିତ୍ରାଙ୍କ ସନ୍ଧାନ ଦେଲେ ୨୫ ହଜାର ଟଙ୍କା ପୁରସ୍କାର ଦିଆଯିବ ବୋଲି ବିଜ୍ଞାପନ ଦିଆଯାଇଛି । ଶୁଭମିତ୍ରାଙ୍କ ବାପାଙ୍କ କହିବାନୁଯାୟୀ ତାଙ୍କ ଝିଅ ନିଖୋଜ ପଛରେ ଜଣେ ପୋଲିସ ବାବୁଙ୍କ ହାତ ରହିଛି । ତାଙ୍କୁ ଡାକି ପଚରାଉଚରା କରିବାକୁ ସେ ଦାବି କରୁଥିବା ବେଳେ ତାଙ୍କ କଥା କେହି ଶୁଣୁନାହାନ୍ତି ବୋଲି ସେ ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି । ଶୁଭମିତ୍ରା ସାହୁ କମିଶନରେଟ୍ ଟ୍ରାଫିକ୍‌ରେ କନଷ୍ଟେବଲ ଭାବେ କାମ କରନ୍ତି । ତାଙ୍କ ଘର ଜଗତସିଂହପୁର ଜିଲ୍ଲା ପାରାଦୀପରେ । ସେ ପୋଲିସ ବାରାକ୍‌ରେ ରହି ଡିୟୁଟି କରନ୍ତି । ଚଳିତ ମାସ ୬ ତାରିଖ ଦିନ କ୍ୟାପିଟାଲ ଥାନା ଅନ୍ତର୍ଗତ ସୂର୍ଯ୍ୟନଗରକୁ ଡିୟୁଟିରେ ଯାଇଥିଲେ । ସେଠାରୁ ଆଉ ବ୍ୟାରକକୁ ଫେରିନଥିଲେ କିମ୍ବା ଘରେ ଫୋନ୍ କରୁଥିଲେ ମଧ୍ୟ ଧରିନଥିଲେ । ସେମାନେ ବ୍ୟସ୍ତ ହୋଇ ଭୁବନେଶ୍ୱର ଆସି ଝିଅକୁ ଖୋଜିଥିଲେ । ତାଙ୍କ ବାପା ନିଖୋଜ ସମ୍ପର୍କରେ ଜାଣିବା ପରେ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ନିଖୋଜ ମାମଲା ରୁଜୁ କରି ତଦନ୍ତ କରୁଛି । ସ୍ୱତନ୍ତ୍ର ଟିମ୍ ଗଠନ କରାଯିବା ସହ ବିଭିନ୍ନ ଟିମ୍ ଶୁଭମିତ୍ରାଙ୍କୁ ପାଇବା ପାଇଁ ଛାନ୍‌ଭିନ୍ କରୁଥିବା ଡିସିପି ଜଗମୋହନ ମିନା କହିଛନ୍ତି । ବିଭିନ୍ନ ଦିଗକୁ ଆଧାର କରି ତଦନ୍ତ କରାଯାଉଛି । ଶୁଭମିତ୍ରା ବାପାଙ୍କ ଅଭିଯୋଗ ଯେ, ପୋଲିସ ସେବା ଭବନର ଆକାଉଣ୍ଟ ସେକ୍ସନରେ ଦୀପକ କୁମାର ରାଉତ କାମ କରନ୍ତି । ଝିଅ ନିଖୋଜ ହେବା ପଛରେ ତାଙ୍କର ହାତ ଅଛି । ଦୀପକଙ୍କୁ ଡାକି ପଚରାଉଚରା କରାଗଲେ କିଛି ସୂଚନା ମିଳନ୍ତା । ସେ ସମ୍ପର୍କରେ ଶୁଭମିତ୍ରାଙ୍କ ବାପା ପୋଲିସକୁ କହୁଥିଲେ ମଧ୍ୟ ତାଙ୍କ କଥା କେହି ଶୁଣୁନଥିବା ସେ ଅଭିଯୋଗ କରିଛନ୍ତି । ଝିଅ ନିଖୋଜର ପରଦିନ ଦୀପକ କାର୍ ଯୋଗେ ତାରିଣୀ ମନ୍ଦିର ଯାଇ ପୂଜାର୍ଚ୍ଚନା କରିବା ଘଟଣାକୁ ବାପା ସନ୍ଦେହ କରୁଛନ୍ତି ।

ଉପାୟଶୂନ୍ୟ ହୋଇ ସେ ହାବିଲଦାର କନଷ୍ଟେବଳ ସଂଘରେ ଅଭିଯୋଗ କରିଛନ୍ତି । ଝିଅ କେଉଁଠି ଅଛି, କିପରି ଅଛି ସେ ଚିନ୍ତାରେ ଘରେ ରୋଷେଇବାସ ବନ୍ଦ । ପୋଲିସକୁ ପୋଲିସ ଖୋଜି ପାଉନାହିଁ ନିଖୋଜ ପଛରେ ସେହି ପୋଲିସ ହାତ ଘଟଣା ଶୁଣିଲେ କେମିତିକା ଅନୁଭବ ହେଉଛି । ୧୦ଦିନ ହେବ ପୋଲିସ ତଲାସୁ ଥିଲେ ମଧ୍ୟ ଶୁଭମିତ୍ରାଙ୍କ ସନ୍ଧାନ ମିଳୁନାହିଁ । ତାଙ୍କ ବାପା ଅଧୈର୍ଯ୍ୟ ହୋଇ ପୋଲିସ ବିରୋଧରେ ବିଶୋଦଗାର କରିଛନ୍ତି ।

## ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ୭୫ ଲକ୍ଷ ଗଛ ଲଗାଯିବ

# ସେଲ୍‌ଫି "ମେରି ଲାଇଫ" ପୋର୍ଟାଲରେ ଅପଲୋଡ କରନ୍ତୁ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ସବ୍ୟୁ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସକୁ ସ୍ମରଣୀୟ କରିବା ପାଇଁ ସେହି ଦିନରେ ୭୫ ଲକ୍ଷ ଗଛ ଲଗାଯାଉଛି । ଓଡିଶାବାସୀଙ୍କ ପକ୍ଷରୁ ଏହା ହେବ ପ୍ରଧାନମନ୍ତ୍ରୀଙ୍କ ପାଇଁ ଏକ ସଶ୍ରଦ୍ଧ ଉପହାର । ଜନପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବେସରକାରୀ ଅନୁଷ୍ଠାନ, ଛାତ୍ରଛାତ୍ରୀ, ମହିଳା ଓ ଯୁବବର୍ଗ ସମସ୍ତେ ଏଥିରେ ସାମିଲ ହୁଅନ୍ତୁ । ସାଧାରଣ ଜନତାଙ୍କ ସଂପୂର୍ଣ୍ଣ ଭାଗିଦାରୀରେ ଏହି ବୃହତ ଲକ୍ଷ୍ୟ ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ସମସ୍ତେ ଗଛ ଲଗାଇ ସେଲଫି ଉଠାନ୍ତୁ ଓ ମେରି ଲାଇଫ ପୋର୍ଟାଲ ଏବଂ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ଅପଲୋଡ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି ।

ସୋମବାର ଲୋକସେବା ଭବନରେ ବିଭିନ୍ନ ବିଭାଗୀୟ ପଦାଧିକାରୀ ଓ ଜିଲ୍ଲାପାଳମାନଙ୍କ ସହିତ ୭୫ ଲକ୍ଷ ଗଛ ଲଗାଯିବା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପ୍ରସ୍ତୁତିର ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ । ଜିଲ୍ଲାପାଳମାନେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତଙ୍କ ସହ ଯୋଗାଯୋଗ କରିବା ସହିତ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ଭାବେ ତଦାରଖ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏକ ସଶକ୍ତ, ଆତ୍ମନିର୍ଭର ଓ ବିକଶିତ ଭାରତ ଗଠନରେ ପ୍ରଧାନମନ୍ତ୍ରୀଙ୍କ ଭୂମିକା ଅତୁଳନୀୟ । ତାଙ୍କ ଜୀବନ ଆଗାମୀ ଅନେକ ପିଢି ପାଇଁ ଏକ ପ୍ରେରଣା । ଓଡିଶା ପାଇଁ ତାଙ୍କ ସ୍ୱତନ୍ତ୍ର ଧ୍ୟାନ ରାଜ୍ୟର ବିକାଶଧାରାକୁ ତ୍ୱରାନ୍ୱିତ କରିଛି । ବିକାଶ ସହିତ ପରିବେଶର ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ଗତ ବର୍ଷ ଠାରୁ "ଏକ୍ ପେଡ୍ ମା କେ ନାମ୍" ଅଭିଯାନ ଆରମ୍ଭ କରିଛନ୍ତି । ଗତ ବର୍ଷ ଓଡିଶା ଏହି କାର୍ଯ୍ୟକ୍ରମରେ ୬.୭୨ କୋଟି ଗଛ ଲଗାଇ ସାରା ଦେଶରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲା । ଚଳିତ ବର୍ଷ ଏହି ଅଭିଯାନର ଦ୍ୱିତୀୟ ସଂସ୍କରଣରେ ଓଡିଶାରେ ୭.୫ କୋଟି ଗଛ ଲଗାଇବାର ଲକ୍ଷ୍ୟ ରଖାଯାଇଥିବା ବେଳେ ଆଜି ସୁଦ୍ଧା ୪.୬୫ କୋଟି ଗଛ ଲଗାଯାଇ ସାରିଛି ବୋଲି ସେ କହିଥିଲେ । ତେବେ ଗୋଟିଏ ଦିନରେ ୭୫ ଲକ୍ଷ ଗଛ ଲଗାଇବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକତା ରହିଛି । ତେଣୁ ଏଥିରେ ସମସ୍ତ ବିଭାଗ ଏବଂ ସମସ୍ତ ବର୍ଗର ଲୋକ ସାମିଲ ହେବା ଆବଶ୍ୟକ ବୋଲି ସେ କହିଥିଲେ । ପରିବେଶ ଅନୁକୂଳ, ସ୍ଥାନୀୟ ବୃକ୍ଷ, ଫଳ ଓ ଫୁଲ ଗଛ ଲଗାଇବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ସମସ୍ତ ଅଂଶଗ୍ରହଣକାରୀଙ୍କୁ ମେରି ଲାଇଫ ପୋର୍ଟାଲରେ ସାର୍ଟିଫିକେଟ ପ୍ରଦାନ କରାଯିବ । ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାକୁ ବିଭିନ୍ନ ଟିଭି ଓ ସାମାଜିକ ଗଣମାଧ୍ୟମରେ ବ୍ୟାପକ ପ୍ରଚାର ପ୍ରସାର ପାଇଁ ପଦକ୍ଷେପ ନିଆଯାଇଛି । ଏହି ବୈଠକରେ ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସୂଚନା ଓ ଲୋକସଂପର୍କ ତଥା ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ ।

# ଶ୍ରୀଜଗନ୍ନାଥ ହିଁ ଓଡ଼ିଆମାନଙ୍କର ସାଂସ୍କୃତିକ ଚେତନା

ଭୁବନେଶ୍ୱର (ସବ୍ୟୁ): ଶ୍ରୀ ଜଗନ୍ନାଥ ସଂସ୍କୃତି ପରିଷଦରେ ଓଡ଼ିଶାର ଆଜୀବନ ସଦସ୍ୟସଦସ୍ୟାଙ୍କ ସାଧାରଣ ସଭା ଜୟଦେବ ଭବନରେ ଅନୁଷ୍ଠିତ ହୋଇଛି । ପରିଷଦର ସଭାପତି ଶ୍ରୀମତୀ ସଞ୍ଚିତା ମହାନ୍ତି ସଭାରେ ସଭାପତିତ୍ୱ କରି ସ୍ୱାଗତ ଭାଷଣରେ ପ୍ରକାଶ କରିଥିଲେ ଯେ, ଦୁର୍ଗତ ଗୋପୀନାଥ ମହାନ୍ତିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସଦସ୍ୟସଦସ୍ୟାମାନେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କାର୍ଯ୍ୟରେ ନିଜକୁ ସମର୍ପିତ କରିଛନ୍ତି । ପରିଷଦର ମୁଖ୍ୟ ଉପଦେଷ୍ଟା ପ୍ରଭାସ କୁମାର ନନ୍ଦ, ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦର ଇତିହାସ ବିଷୟରେ ଆଲୋକପାତ କରିଥିଲେ । ପରିଷଦର ସମ୍ପାଦକ ସନତ ରଞ୍ଜନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଆଇନ୍, ଅବକାରୀ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରୀକୁ ଏକ ଆନ୍ତର୍ଜାତିକ ତୀର୍ଥ କ୍ଷେତ୍ରରେ ପରିଣତି କରି ବିଭିନ୍ନ ବେଶ, ରାତିନୀତିର ପ୍ରଚାର କରାଯିବ ବୋଲି କହିଥିଲେ । କୋରେଇ ବିଧାୟକ ଆକାଶ ଦାସ ନାୟକ, ପରିଷଦର କାର୍ଯ୍ୟକୁ ପ୍ରଶଂସା କରି ବିଶ୍ୱବ୍ୟାପୀ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ନିର୍ମିତ ପ୍ରୟାସ କରିବା ପାଇଁ ମତ ଦେଇଥିଲେ । ଅନ୍ୟତମ ଅତିଥି ବିଧାୟକ ବାବୁ ସିଂହ, ଶ୍ରୀଜଗନ୍ନାଥ ହିଁ ଓଡ଼ିଆ ମାନଙ୍କର ସାଂସ୍କୃତିକ ଚେତନାର ପ୍ରତୀକ ବୋଲି କହିଥିଲେ । ପରିଷଦର ଅନ୍ୟତମ ସମ୍ପାଦକ ସନ୍ତୋଷ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ । ଶ୍ରୀକ୍ଷେତ୍ରର ଚୁନରା ସେବକ ଡଃ ଶରତ ମହାନ୍ତି, ଶ୍ରୀଜଗନ୍ନାଥଙ୍କର ଅପାର ମହିମା ବିଷୟରେ ଆଲୋଚନା କରି ପ୍ରତି ଏକାଦଶୀରେ ବଡଦେଉଳ ଉପରେ ଦୀପ ପ୍ରଜ୍ୱଳନ ହେବାପରେ, ଗଜପତି ଓ ବିଶ୍ୱଜନଙ୍କର ମଙ୍ଗଳ ନିର୍ମିତ କହୁଥିବା ବାଣୀ ଶୁଣାଇ ଥିଲେ । ସୁଶୀଲ ପଟ୍ଟନାୟକ ସଭା ପରିଚାଳନା କରିଥିଲେ। ଶେଷରେ ପରିଷଦର ଉପଦେଷ୍ଟା ମନୋରଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।



ସଭା ପୂର୍ବରୁ ମୁରଲୀଧର ପଲାଇ ବିଷ୍ଣୁ ସହସ୍ର ନାମ ଗାନ କରିଥିଲେ । ଶିଶୁ ନୃତ୍ୟଶିଳ୍ପୀ କୁମାରୀ ଚୂନମୁନ ମହାପ୍ରଭୁଙ୍କ ଭଜନରେ ଓଡିଶୀ ନୃତ୍ୟ ପରିବେଷଣ କରିଲେ । ପରେ ବିଶିଷ୍ଟ ଆନ୍ତର୍ଜାତୀୟ ଓଡିଶୀ ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଗୀ ଓ ଦଳ ମହାପ୍ରଭୁଙ୍କ ବିଭିନ୍ନ ଭଜନକୁ ଗାନ କରି ନୃତ୍ୟ ପରିବେଷଣ କରିଥିଲେ। ଏହି ଉତ୍ସବରେ ଅଫତାବ ହୁସେନ, ସୁରେନ୍ଦ୍ରନାଥ ଦାଶ, ସୁଶାନ୍ତ ଦାଶ ଓ ଡ. ହରିକର କାନୁନଗୋଙ୍କୁ ଶ୍ରୀ ପୁରୁଷୋତମ ସମ୍ମାନରେ ଭୂଷିତ କରାଯାଇଥିଲା । ଶ୍ରୀଜଗନ୍ନାଥ ମନ୍ଦିରର ନବଗଠିତ ପରିଚାଳନା ସମିତିର ସଭ୍ୟ ଗଣେଶ ଦାସ ମହାପାତ୍ର ଓ ଅନ୍ୟ ସଦସ୍ୟ ମାନଙ୍କୁ ପରିଷଦ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦର ସଂଶୋଧିତ ସଭ୍ୟସଭ୍ୟାମାନଙ୍କର ସୂଚୀ ପୁସ୍ତିକା ଓ ଇଂ ସୁଶାନ୍ତ କୁମାର ପଣ୍ଡାଙ୍କ ଦ୍ୱାରା ଲିଖିତ କବିତା ପୁସ୍ତକ ପୁଷ୍ପାଞ୍ଜଳୀ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ପରିଷଦର ସମ୍ବିଧାନ ସଂଶୋଧନ ବିଷୟରେ ସଭାପତି ସଞ୍ଚିତା ମହାନ୍ତି ପ୍ରସ୍ତାବ ଆଗତ କରିଥିଲେ ଓ ତାହା ଗୃହୀତ ହୋଇଥିଲା ।

## ରାଜ୍ୟ ଆଇନଜୀବୀ ପରିଷଦର କାର୍ଯ୍ୟାନୁଷ୍ଠାନ

# ୨ବର୍ଷ ପାଇଁ ଆଇନଜୀବୀଙ୍କ ଲାଇସେନ୍ସ ବାତିଲ

କଟକ,(ସବ୍ୟୁ): ଭଦ୍ରକର ବିଚାର ବିଭାଗୀୟ ଅଧିକାରୀ, ନ୍ୟାୟପାଳିକା ଏବଂ ରାଜ୍ୟ ଆଇନଜୀବୀ ପରିଷଦର ବିରୋଧରେ ସାମାଜିକ ଗଣମାଧ୍ୟମରେ ନିଜ ନାମକୁ ସାମାନ୍ୟ ବଦଳାଇ ବାରମ୍ବାର କୁତ୍ସାରଟନା କରି ଆସୁଥିବା ଭଦ୍ରକର ଆଇନଜୀବୀ ହେମନ୍ତ କୁମାର ନାୟକଙ୍କ ବିରୋଧରେ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଭଳି ବିଶୃଙ୍ଖଳିତ ଆଚରଣ ପାଇଁ ତାଙ୍କର ଆଇନଜୀବୀ ଲାଇସେନ୍ସକୁ ଦୁଇ ବର୍ଷ ଲାଗି ବାତିଲ୍ କରାଯାଇଛି

ଏହି ଦୁଇବର୍ଷ ପାଇଁ ସେ ଏଭଳି ବିବୃତ୍ତିରୁ ଦୂରେଇ ରହିବା ପାଇଁ ପରିଷଦ ତାଙ୍କୁ ପରାମର୍ଶ ଦେଇଛି। ଏହି ପ୍ରେସ୍ ବିଜ୍ଞପ୍ତିରେ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ କହିଛନ୍ତି ଯେ, ଏହି ଆଇନଜୀବୀ ଶ୍ରୀ ନାୟକ ଫେସ୍‌ବୁକ୍‌ରେ ନିଜ ନାମ ଗ୍ରାଣ୍ଡ କୁମାର ନାୟକକୁ ବଦଳାଇ ଭଦ୍ରକର ବିଚାର ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଅରୁଚିକର ମନ୍ତବ୍ୟ ଦେଇ ଆସୁଥିଲେ। ଏନେଇ ପରିଷଦରେ ଅଭିଯୋଗ ହେବା ପରେ ପରିଷଦର ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ, ଆଇନଜୀବୀ ତପନ ବିଶ୍ୱାଳ ଏବଂ ଫଣୀଭୂଷଣ ପଟ୍ଟନାୟକଙ୍କୁ ନେଇ ଏକ ତିନିଜଣିଆ ଶୃଙ୍ଖଳା କମିଟି ଗଠନ କରାଯାଇଥିଲା ।

# ଜୁଇରୁ ଜିଇଉଠିଲେ ମହିଳା

ଭୁବନେଶ୍ୱର, (ସବ୍ୟୁ) : ମଶାଣିକୁ ଲୋକଙ୍କ ମୃତ୍ୟୁ ପରେ ଶବଦାହ କରିବାକୁ ନିଆଯାଇଥାଏ । ସେଠାରେ ଲୋକ ବଞ୍ଚିଥିବା ଜଣାପଡିବା ବିଶ୍ୱାସ ହେଉନଥିଲେ ମଧ୍ୟ ସତ ଘଟଣା । ପୁରୀ ସ୍ୱର୍ଗଦ୍ୱାରକୁ ଜଣେ ମହିଳାଙ୍କୁ ଦାହ ପାଇଁ ନିଆଯାଇଥିବା ବେଳେ ସେ ଜୁଇରୁ ଜିଇଁଉଠିବା ଦ୍ୱାରା ସମସ୍ତେ ଆଶ୍ଚର୍ଯ୍ୟାନ୍ୱିତ ହୋଇଥିଲେ । ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ପୁରୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା । ବର୍ତ୍ତମାନ ସେ ପୁରୀ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ତାଙ୍କ ଜ୍ୱାଇଁଙ୍କ କହିବା କଥା ଶାଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି ।

ଗଞ୍ଜାମ ଜିଲ୍ଲା ପୋଲସରା ଅଞ୍ଚଳର ମହିଳା ପି.ଲକ୍ଷ୍ମୀ । ବୟସ ପ୍ରାୟ ୮୦ରୁ ୮୫ ମଧ୍ୟରେ ହେବ । ତାଙ୍କ ଗୋଡ ଭାଙ୍ଗିଯାଇଥିବାରୁ ସେ ଗଞ୍ଜାମ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ସ୍ୱାସ୍ଥ୍ୟାବସ୍ଥାରେ ସେପରି କିଛି ଉନ୍ନତି ନହେବାରୁ ଡାକ୍ତର ତାଙ୍କୁ ଘରକୁ ନେବା ପାଇଁ ପରାମର୍ଶ ଦେଇଥିଲେ । ଡାକ୍ତରଙ୍କ କହିବା କଥା ଘରେ ତାଙ୍କ ସେବା କର ଯେତେଦିନ ବଞ୍ଚିବେ । ପରିବାର ଲୋକେ ଘରକୁ ନେଇ ସେବାଯନି କରୁଥିବା ବେଳେ ତାଙ୍କର ମୃତ୍ୟୁ ହେଲା ବୋଲି ଭାବିଥିଲେ । କାରଣ ନିଶ୍ୱାସପ୍ରଶ୍ୱାସ ଯିବା ଆସିବା କରୁଥିବା ଘରଲୋକେ ଜାଣିପାରିଲେ ନାହିଁ । ଏପରିକି ସେ ଖାଦ୍ୟ ମଧ୍ୟ ୨/୩ଦିନ ଖାଇନଥିଲେ । ପାଣିରେ ପାଣିଦେଲେ ତାହା ମଧ୍ୟ ଢୋକିଲେ ନାହିଁ । ସାଇପଡିଶା ସମସ୍ତେ ଆଲୋଚନା କରିବା ପରେ ଗୁରୁଜନ ଲୋକ ଦେଖି ତାଙ୍କର ମୃତ୍ୟୁ ହୋଇଥିବା କହିଥିଲେ । ପରିବାର ଲୋକେ ପି.ଲକ୍ଷ୍ମୀଙ୍କୁ ଡାକ୍ତରଖାନା ନନେଇ ଶବଦାହ ପାଇଁ ସୋମବାର ପୁରୀ ସ୍ୱର୍ଗଦ୍ୱାର ନେଇଥିଲେ ।

ସ୍ୱର୍ଗଦ୍ୱାର ନିୟମ ଅନୁଯାୟୀ ମୃତ୍ୟୁ ସାର୍ଟିଫିକେଟ୍ ଦେଖାଇଲେ ଶବଦାହ କରାଯିବ । ସ୍ୱର୍ଗଦ୍ୱାର ପରିଚାଳକ ପି.ଲକ୍ଷ୍ମୀଙ୍କ ପରିବାରକୁ ମୃତ୍ୟୁ ସାର୍ଟିଫିକେଟ୍ ମାଗିଥିଲେ । ସେମାନେ ସାର୍ଟିଫିକେଟ୍ ଦେଇ ନପାରିବାରୁ ବିରକ୍ତ ହୋଇ ଦାହ କରିବାକୁ ମନା କରିଥିଲେ । ପି.ଲକ୍ଷ୍ମୀ ସେଠାରେ ଶୋଇ ରହିଥିବା ବେଳେ ତାଙ୍କ ଛାତି ପକାଉଠା ହେଉଥିବା ସ୍ୱର୍ଗଦ୍ୱାର ପରିଚାଳକ ଦେଖିଥିଲେ । ଏକଥା ସେ ତାଙ୍କ ପରିବାର ଲୋକଙ୍କୁ କହିବା ପରେ ସମସ୍ତେ ମୃତ କି ଜୀବିତ ଜାଣିବାକୁ ଚାହିଁବାରୁ ନିଶ୍ୱାସ ପ୍ରଶ୍ୱାସ ଯାଉଥିବା ଅନୁଭବ କଲେ । ସେମାନେ ଗଞ୍ଜାମରୁ ଆସିବା ପରେ ତାଙ୍କ ଆମ୍ବୁଲାନ୍ସ ଛାଡିଦେଇ ପଳାଇ ଯାଇଥିଲା । ତେଣୁ ସ୍ୱର୍ଗଦ୍ୱାର ପରିଚାଳକଙ୍କୁ ଆମ୍ବୁଲାନ୍ସ ଡାକିବାକୁ କହିଥିଲେ । ଏକ ୧୦୮ ଆମ୍ବୁଲାନ୍ସରେ ପି.ଲକ୍ଷ୍ମୀଙ୍କୁ ପୁରୀ ହସ୍ପିଟାଲକୁ ପରିବାର ଲୋକେ ନେବା ପରେ ଡାକ୍ତର ଆଇସିୟୁରେ ଚିକିତ୍ସା ପାଇଁ ପରାମର୍ଶ ଦେଇଥିଲେ । ଆଇସିୟୁ ବ୍ୟବସ୍ଥା ହେବା ପୂର୍ବରୁ ସେ ସାଧାରଣ ଓ୍ୱାର୍ଡରେ ଚିକିତ୍ସିତ ହେଉଛନ୍ତି । ପି.ଲକ୍ଷ୍ମୀଙ୍କ ପାଖରେ ତାଙ୍କ ଜ୍ୱାଇଁ ଓ ଅନ୍ୟମାନେ ଅଛନ୍ତି । ଜ୍ୱାଇଁଙ୍କ କହିବାନୁଯାୟୀ ଗୁରୁଜନଙ୍କ କଥାରେ ମୃତ୍ୟୁ ସାର୍ଟିଫିକେଟ୍ ପାଇ ଆମେ ହସ୍ପିଟାଲ ଶାଶୁଙ୍କୁ ନନେଇ ସ୍ୱର୍ଗଦ୍ୱାର ଆସିଥିଲୁ । ଏଠାରେ ସାର୍ଟିଫିକେଟ୍ ନଥିବାରୁ ଆମେ ଅପେକ୍ଷା କରିଥିବା ବେଳେ ଶାଶୁ ଜୀବିତ ଥିବା ଜଣାପଡିଥିଲା । ସେ ଚିକିତ୍ସିତ ହେଉଥିବା ବେଳେ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ସେ କହିଛନ୍ତି । ମଶାଣିରୁ ଶବ ଡାକ୍ତରଖାନାକୁ ଯାଇ ଚିକିତ୍ସିତ ହେବା କଥା ବିରଳ ଘଟଣା ।

# ଦେବଦାସ ଛୋଟରାୟ ପାଇବେ ୪୬ତମ ଶାରଳା ପୁରସ୍କାର

ଭୁବନେଶ୍ୱର, (ସବ୍ୟୁ): ଶ୍ରେଷ୍ଠ ସାହିତ୍ୟ କୃତି ପାଇଁ ପ୍ରତି ବର୍ଷ ଇମ୍ପାଚାରିଟେବଲ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ପ୍ରଦାନ କରାଯାଉଥିବା ମର୍ଯ୍ୟାଦାଜନକ 'ଶାରଳା ପୁରସ୍କାର' ଚଳିତ ବର୍ଷ ସୁଖ୍ୟାତ କବି ଓ କଥାକାର ଦେବଦାସ



ଦେବଦାଶ ଛୋଟରାୟ | ବଳଦେବ ମହାରଥୀ | ଗୁରୁ ରାମହରି ଦାସ

ଛୋଟରାୟଙ୍କୁ ପ୍ରଦାନ କରାଯିବ। ୨୦୨୩ ମସିହାରେ ଟାଇମପାସ୍ ପ୍ରକାଶନୀଦ୍ୱାରା ପ୍ରକାଶିତ ତାଙ୍କ ଗଳ୍ପ ସଂକଳନ 'ମ୍ୟାଟିନିସୋ' ପାଇଁ ସେ ଏହି ପୁରସ୍କାର ଲାଭ କରିବେ। ଆଗାମୀ ଅକ୍ଟୋବର ୨୬ ତାରିଖରେ ଏକ ବର୍ଣ୍ଣାଢ଼୍ୟସାରସ୍ୱତ ସମାବେଶରେ ଲେଖକଙ୍କୁ ଉତ୍ତରୀୟ, ସମ୍ମାନପତ୍ର, ଫଳକ ସହିତ ସାତଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ।

ଏଥର ଶାରଳା ପୁରସ୍କାର ପାଇଁ ଚୂଡ଼ାନ୍ତ ପର୍ଯ୍ୟାୟର ପୁସ୍ତକଗୁଡ଼ିକ ଥିଲା ଦେବଦାସ ଛୋଟରାୟଙ୍କ ଗଳ୍ପ ସଂକଳନ 'ମ୍ୟାଟିନି ସୋ', ଅପର୍ଣ୍ଣା ମହାନ୍ତିଙ୍କ କବିତା ସଂକଳନ 'ଅପର୍ଣ୍ଣା ମହାନ୍ତିମାନଙ୍କ ପାଇଁ କବିତା', ମମତା ଦାଶଙ୍କ କବିତା ସଂକଳନ 'ଭୂମି ସ୍ପର୍ଶ', ପଦ୍ମଜ ପାଲଙ୍କ ଉପନ୍ୟାସ 'ସୀତା ମୁଁ ସୀତା', ପଦ୍ମଜ ପାଲଙ୍କ ଗଳ୍ପ ସଂକଳନ 'ଡାହାଣ ପାଦ ବାମ ପାଦ', ଆଶୁତୋଷ ପରିଡ଼ାଙ୍କ କବିତା ସଂକଳନ 'ବିଶ୍ୱାସ ଦେ ପୃଥ୍ୱୀ', ବିଜୟ କୁମାର ଶତପଥୀଙ୍କ ନାଟକ 'ଅନ୍ଧାରର ବିଭୀଷିକା'। ପ୍ରାଥମିକ ପୁସ୍ତକଚୟନ ମଣ୍ଡଳୀରେ ଦୁର୍ଗାପ୍ରସାଦ ପଣ୍ଡା, କୃଷ୍ଣକୁମାର ମହାନ୍ତି, ପବିତ୍ରମୋହନ ଦାଶ, ଶ୍ରୀଦେବ, ଶକ୍ତି ମହାନ୍ତି ବିଚାରକ ଥିଲାବେଳେ ଚୂଡ଼ାନ୍ତ ପର୍ଯ୍ୟାୟର ବିଚାରକମାନେ ଥିଲେ ପ୍ରକାଶ ମହାପାତ୍ର, ପବିତ୍ର ପାଣିଗ୍ରାହୀ, ଧନଞ୍ଜୟ ସ୍ୱାଇଁ, ପାରମିତା ଶତପଥୀ, ସୁସ୍ମିତା ବାଗ୍‌ଚୀ, ପ୍ରବୀଣା ମହାନ୍ତି ଏବଂ ସୂର୍ଯ୍ୟ ମିଶ୍ର।

ଏଥିସହିତ କଳା କ୍ଷେତ୍ରରେ ଜୀବନବ୍ୟାପି ସାଧନାର ଉତ୍କର୍ଷ ପାଇଁ ପ୍ରତିବର୍ଷ ଇମ୍ପାଚାରିଟେବଲ ଟ୍ରଷ୍ଟ ପକ୍ଷରୁ ପ୍ରଦାନ କରାଯାଉଥିବା 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ' ମଧ୍ୟ ୨୦୨୫ ମସିହା ପାଇଁ ଘୋଷିତ ହୋଇଛି। ବିଶିଷ୍ଟ ଚିତ୍ରଶିଳ୍ପୀ ବଳଦେବ ମହାରଥୀ ଏବଂ ସଂଗୀତଗୁରୁ ରାମହରି ଦାସଙ୍କୁ ଚଳିତ ବର୍ଷ ଏହି ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ବାବଦରେ ଉଭୟଙ୍କୁ ଦୁଇଲକ୍ଷ ପଚାଶ ହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର ଓ ଫଳକ ପ୍ରଦାନ କରାଯିବ। ସଙ୍ଗୀତ ବିଭାଗରେ ଆଦ୍ୟାଶା ଦାସ, ସୁଜାତା ମହାପାତ୍ର, ସଙ୍ଗୀତା ପଣ୍ଡା ଏବଂ ଚିତ୍ରକଳା ବିଭାଗରେ ପଞ୍ଚମୀ ମାନୁ ଉକିଲ, ସୁଦର୍ଶନ ପଟ୍ଟନାୟକ ଓ ପ୍ରଦୋଷ ସ୍ୱାଇଁ ବିଚାରକ ଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ବିଶିଷ୍ଟ ଶିଳ୍ପପତି ବୈଜ୍ଞାନିକ ଡ. ବଂଶୀଧର ପଣ୍ଡା ଓ ତାଙ୍କର ସହଧର୍ମିଣୀ କଳାବିଦୁଷୀଇଲା ପଣ୍ଡାଙ୍କର କଳାତ୍ମକ ଚେତନାର ଫଳଶ୍ରୁତି ହେଉଛି ଶାରଳା ପୁରସ୍କାର ଉତ୍ସବ। ୧୯୮୦ ମସିହାରୁ ପ୍ରଦାନ କରାଯାଇଆସୁଥିବା ଶାରଳା ପୁରସ୍କାର ୪୫ ବର୍ଷ ଧରି ଏହାର ଅଭିଯାତ୍ରା ଜାରି ରଖିଛି।

## ସୁଭଦ୍ରା ଅଭିଯୋଗ ସମାଧାନ ମଡ୍ୟୁଲ୍ ଆରମ୍ଭ

# ଯୋଜନାରୁ କାହିଁକି ବାଦ୍ ପଡ଼ିଲେ ମିଳିବ ଉତ୍ତର

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ କୌଣସି ଯୋଗ୍ୟ ହିତାଧିକାରୀ ସୁଭଦ୍ରା ସହାୟତାରୁ ବଞ୍ଚିତ ହେବେ ନାହିଁ । "ଅଭିଯୋଗ ସମାଧାନ ମଡ୍ୟୁଲ' ଯୋଜନାର ପାରଦର୍ଶିତା, ଉତ୍ତରଦାୟିତ୍ୱ ଓ ସମୟୋଚିତ ନିଷ୍ପତ୍ତିକୁ ସୁନିଶ୍ଚିତ କରିବ । ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା ସୁଭଦ୍ରା ଅଭିଯୋଗ ସମାଧାନ ମଡ୍ୟୁଲ ଶୁଭାରମ୍ଭ ଅବସରରେ ଏହା କହିଛନ୍ତି ।

ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି, ପୂର୍ବରୁ ଲୋକମାନେ ପୋର୍ଟାଲରେ ଅଭିଯୋଗ କରୁଥିଲେ । କିନ୍ତୁ, କୌଣସି ଉତ୍ତର ପାଉ ନଥିଲେ । ଏବେ ବିଭାଗୀୟ ଅଧିକାରୀ ସମସ୍ତ ଅଭିଯୋଗର ଉତ୍ତର ଦେବେ । ଲୋକଙ୍କ ଅଭିଯୋଗ ଯାଞ୍ଚ ପାଇଁ ବ୍ଲକ ଏବଂ ଜିଲ୍ଲା ସ୍ତରକୁ ପଠାଯିବ । ରାଜ୍ୟରେ ସୁଭଦ୍ରା ଯୋଜନାରେ ଅଭିଯୋଗ ସମାଧାନ ପ୍ରକ୍ରିୟାକୁ ଆହୁରି ସୁଦୃଢ ଓ ସୁଗମ କରାଯିବ । ଏହି ମଡ୍ୟୁଲ୍ ମାଧ୍ୟମରେ ସୁଭଦ୍ରା ଆବେଦନକାରୀଙ୍କ ଅଭିଯୋଗ ଯଥା: ଆବେଦନ ପ୍ରତ୍ୟାଖ୍ୟାନ, ସୁଭଦ୍ରା ସହାୟତା ନମିଳିବା ଆଦି ବିଷୟରେ ଶୀଘ୍ର ତଦନ୍ତ କରାଯାଇ ନିଷ୍ପତ୍ତି ଗ୍ରହଣ କରାଯିବ ।

ସୁଭଦ୍ରା ପୋର୍ଟାଲରେ ଅନଲାଇନ ମାଧ୍ୟମରେ କିମ୍ବା ବିଭିନ୍ନ ସରକାରୀ ସ୍ତରରେ ଅଫ୍‌ଲାଇନ ମାଧ୍ୟମରେ ଆସିଥିବା ଅଭିଯୋଗଗୁଡିକ ପ୍ରଥମ ପର୍ଯ୍ୟାୟରେ ବ୍ଲକ୍ ସ୍ତରୀୟ ସ୍କ୍ରିନିଂ କମିଟି କିମ୍ବା ନଗର ସ୍ତରୀୟ ସ୍କ୍ରିନିଂ କମିଟି ପାଖରେ ଦାଖଲ କରାଯିବ । ଆବଶ୍ୟକ ପଡିଲେ କମିଟି ଅଭିଯୋଗ ପତ୍ରଗୁଡ଼ିକୁ କ୍ଷେତ୍ରସ୍ତରୀୟ ଯାଞ୍ଚ ପାଇଁ ପଠାଇବେ । କମିଟି ରିପୋର୍ଟ ଅବା କ୍ଷେତ୍ରସ୍ତରୀୟ ଯାଞ୍ଚ ରିପୋର୍ଟ ଉପରେ ଆଧାର କରି କମିଟି ଆବେଦନକାରୀଙ୍କ ଯୋଗ୍ୟତା ବିଷୟରେ ନିଷ୍ପତ୍ତି ନେବେ । ଏହା ପରେ କମିଟି ଯାଞ୍ଚ ରିପୋର୍ଟ ସହ ଜିଲ୍ଲା ସ୍ତରୀୟ ସ୍କ୍ରିନିଂ କମିଟି କିମ୍ବା ନଗର ନିଗମ ସ୍ତରୀୟ ସ୍କ୍ରିନିଂ କମିଟି ପାଖକୁ ପଠାଇବେ । ଜିଲ୍ଲା କିମ୍ବା ନଗର ନିଗମସ୍ତରରେ ଅନୁମୋଦନର ଶେଷ ନିଷ୍ପତ୍ତି ନିଆଯିବ । ହିତାଧିକାରୀମାନେ ସୁଭଦ୍ରା ପୋର୍ଟାଲରେ ସେମାନଙ୍କର ଅଭିଯୋଗର ସ୍ଥିତି ସମ୍ପର୍କରେ ସୂଚନା ପାଇପାରିବେ ।

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସୁଭଦ୍ରା ଯୋଜନାରେ ୧,୦୯,୮୭,୮୯୪ ଆବେଦନ ପଞ୍ଜୀକୃତ ହୋଇଛି ଏବଂ କୋଟିଏରୁ ଅଧିକ ମହିଳା ଏହି ଯୋଜନା ମାଧ୍ୟମରେ ଲାଭାନ୍ୱିତ ହୋଇସାରିଛନ୍ତି । ଏଯାବତ ସୁଭଦ୍ରା ପୋର୍ଟାଲରେ ୨ ଲକ୍ଷ ୮୩ ହଜାର ୬୭୪ ଅଭିଯୋଗ ବିଚାରାଧୀନ ଅଛି । ଯାହାର ସମାଧାନ ଅଭିଯୋଗ ସମାଧାନ ମଡ୍ୟୁଲ୍ ମାଧ୍ୟମରେ ସମ୍ପନ୍ନ ହେବ । ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକ ମୋନିଷା ବାନାର୍ଜୀ, ଓକାକ ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ରାଉତ, ବିଭାଗୀୟ ଅତିରିକ୍ତ ଶାସନ ସଚିବ କୃତ୍ତିବାସ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ଏନ୍‌ଏସଏସ କ୍ୟାମ୍ପ ଉଦ୍‌ଘାଟିତ

# ଭଞ୍ଜନଗର ପାହାଡର ଉନ୍ନତି ପାଇଁ ଖର୍ଚ୍ଚ ହେବ ୮ କୋଟି

ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ସପ୍ତାହ ବ୍ୟାପି ହେବାକୁ ଥିବା ମେଗା ଚାରା ରୋପଣ କାର୍ଯ୍ୟକ୍ରମ ସୋମବାର ଉଦଘାଟିତ ହୋଇଯାଇଛି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ବ୍ୟୁରୋ ଆର୍ଥିକ ସହାୟତାରେ କେ ଏସୟୁବି କଲେଜ ଜାତୀୟ ସେବା ଯୋଜନା ଶାଖା (୧) ଏବଂ ଶାଖା ୨ ମିଳିତ ସହଯୋଗରେ ଚାରା ରୋପଣ କାର୍ଯ୍ୟକ୍ରମ ହୋଇଥିଲା । ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରାରୋପଣ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏହି ଅବସରରେ ବିଧାୟକ ନାୟକ ଜାତୀୟସେବା ଯୋଜନା ସ୍ୱେଚ୍ଛାସେବୀମାନଙ୍କୁ ସେମାନଙ୍କ କାର୍ଯ୍ୟ ପାଇଁ ପ୍ରଶଂସା କରିବା ସହ ପାଠ ପଢି ଭଲ ମଣିଷଟିଏ ହେବାପାଇଁ କହିଥିଲେ । ଏଥିସହ ଭଞ୍ଜନଗର ସହର ମଝିରେ ଥିବା ଗାନ୍ଧୀ କୈଳାସ ପାହାଡର ଉନ୍ନତିକରଣ ପାଇଁ ୮ କୋଟି ଟଙ୍କା ବ୍ୟୟ କରାଯିବ । ଏହାଦ୍ୱାରା ପ୍ରକୃତିର ସୁରକ୍ଷା ହୋଇପାରିବ । ଜଙ୍ଗଲ ରହିଲେ ହିଁ ମାନବ ସମାଜ ତିଷ୍ଠିବ । ତେଣୁ ଆମେ ସମସ୍ତେ ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ବିଧାୟକ ନାୟକ ଉପସ୍ଥିତ ସ୍ୱେଚ୍ଛାସେବୀ ମାନଙ୍କୁ ଆହ୍ୱାନ କରିଥିଲେ । କଲେଜ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ବିଭାସ ଦାସ, ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ମହାପାତ୍ର, ପ୍ରଶାନ୍ତ କୁମାର ରଥ, ଡ ରବିନ୍ଦ୍ର ମିଶ୍ର, ଅଧ୍ୟାପିକା ରାଜଲକ୍ଷ୍ମୀ ରଥ ପ୍ରମୁଖ ଉପସ୍ଥିତ ରହି ସ୍ୱେଚ୍ଛାସେବୀ ମାନଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଯୋଜନା ଅଧିକାରୀ ଶାଖା (୧) ବାବୁଲା ପ୍ରଧାନ, ସହ ଯୋଜନା ଅଧିକାରୀ ବୁଧିନାଥ ବରିହା, ଶାଖା ୨ ଯୋଜନା ଅଧିକାରୀ ସସ୍ମିତା ଦାସ, ଅଧ୍ୟାପିକା ମାମାଲି ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ ।

## ମୟୂରଭଞ୍ଜ ଜିଲ୍ଲାରେ କାର୍ଯ୍ୟକାରୀ ସରକାରୀ ଯୋଜନାର ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ

# ଶିଶୁଙ୍କୁ ସଠିକ୍ ପୋଷଣ ସହ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଦକ୍ଷତାକୁ ଦିଆଯିବ ଅଗ୍ରାଧିକାର: ଧର୍ମେନ୍ଦ୍ର




ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ବାରିପଦା ସ୍ଥିତ ଶହୀଦ ସ୍ମୃତି ଭବନରେ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ସହ ଜାତୀୟ ଶିକ୍ଷା ନୀତିର କ୍ରିୟାନ୍ୱୟନ ସହ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନାର ଅଗ୍ରଗତି ବିଷୟରେ ସମୀକ୍ଷା କରିଛନ୍ତି। ଉକ୍ତ ବୈଠକରେ ନବଜାତ ଶିଶୁମାନଙ୍କର ଉପଯୁକ୍ତ ପୋଷଣ ସହ ସେମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ, ଶିକ୍ଷା ଓ ଦକ୍ଷତା ବିକାଶ ଉପରେ ଚର୍ଚ୍ଚା ହୋଇଛି । ଏହି ଅବସରରେ ଜିଲ୍ଲାପ୍ରଶାସନ ପକ୍ଷରୁ ଜାତୀୟ ଶିକ୍ଷା ନୀତିର କ୍ରିୟାନ୍ୱୟନ ଉପରେ ଏକ ବିବରଣୀ ଉପସ୍ଥାପନ କରାଯାଇଥିଲା । ବୈଠକ ପରେ ଶ୍ରୀ ପ୍ରଧାନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଓଡ଼ିଶାର ଶିକ୍ଷାକୁ ଆଗେଇ ନେବାରେ ମୟୂରଭଞ୍ଜ ଜିଲ୍ଲାର ଅବଦାନ ଅତୁଳନୀୟ । ମୟୂରଭଞ୍ଜରେ ଅନେକ ଗୁଣାତ୍ମକ ଶିକ୍ଷାନୁଷ୍ଠାନ ଅଛି । ଏହି ଜିଲ୍ଲାର ବିକାଶ ନ ହେଲେ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ସ୍ୱପ୍ନ ସମ୍ଭବ ହୋଇପାରିବ ନାହିଁ । ବୈଠକରେ ନବଜାତ ଶିଶୁଙ୍କ ପୋଷଣ ଠାରୁ ଆରମ୍ଭ କରି ସେମାନେ ଦ୍ୱାଦଶ ଶ୍ରେଣୀରେ ପଢିବା ପର୍ଯ୍ୟନ୍ତ ସେମାନଙ୍କୁ କିପରି ଗୁଣାତ୍ମକ ଶିକ୍ଷା ମିଳିବ, ଦକ୍ଷତା ବୃଦ୍ଧି ହୋଇପାରିବ, ସ୍ୱାସ୍ଥ୍ୟ ଠିକ୍ ରହିବ, ତାହା ଉପରେ ଚର୍ଚ୍ଚା ଆଲୋଚନା ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ କାପାସିଟି ବିଲଡିଂ ବଢାଇବା ଆବଶ୍ୟକ । ସାକ୍ଷରତା ହାର ବୃଦ୍ଧି କରିବା ସହ ସ୍କୁଲରୁ ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ ଶିକ୍ଷାର ଗୁଣାତ୍ମକ ମାନକୁ ବଢାଇବା ଦିଗରେ ଯୋଜନା କରାଯିବ ବୋଲି ସେ ମତପ୍ରକାଶ କରିଥିଲେ । ଏହି ସମୀକ୍ଷା ବୈଠକରେ ଓଡ଼ିଶାର ସ୍କୁଲ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଲୋକସଭା ସାଂସଦ ନବ ଚରଣ ମାଝୀ, ରାଜ୍ୟସଭା ସାଂସଦ ମମତା ମହନ୍ତ, ମୟୂରଭଞ୍ଜ ଜିଲ୍ଲାର ସମସ୍ତ ବିଧାୟକଙ୍କ ସହ ଜିଲ୍ଲାର ସମସ୍ତ ବିଭାଗର ସରକାରୀ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ପ୍ରକାଶଥାଉ କି, ମୟୂରଭଞ୍ଜ ଜିଲ୍ଲା ବାରିପଦା ଗସ୍ତକାଳରେ ଶ୍ରୀ ପ୍ରଧାନ ବିଭିନ୍ନ ପ୍ରକଳ୍ପର ଉଦଘାଟନ ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ବାରିପଦାରେ ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନର ପ୍ରଶାସନିକ ଭବନ ଉଦଘାଟନ, ବାରିପଦା ଛଉ ପେଣ୍ଡାଲ ପ୍ରକଳ୍ପ ଓ ବାରିପଦାରେ ଜୁବୁଲି ପାର୍କ ଓ ଝିଞ୍ଜିରୀ ବନ୍ଧର ପୁନଃ ନବୀକରଣ ପ୍ରକଳ୍ପର ଶୁଭାରମ୍ଭ କରିଥିବାବେଳେ ଅନେକ ସ୍ଥାନରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ।

## ଦିଶା ସମାବର୍ତ୍ତନ ଉତ୍ସବରେ ୬୦୦ ମହିଳାଙ୍କୁ ସମ୍ମାନିତ

ବ୍ରହ୍ମପୁର, (ସବ୍ୟୁ): ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଆଜି ଏନଲାଇଟେଡ୍ ଇକ୍ୱିଟେବଲ୍ ସୋସାଇଟି' ବିଷୟବସ୍ତୁ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମରେ ଗଞ୍ଜାମ, କଳିଙ୍ଗନଗର ଏବଂ ସୁକିନ୍ଦା, ବ୍ରାହ୍ମଣିପାଳ ଏବଂ ମେରାମଣ୍ଡଳର ୬୦୦ରୁ ଅଧିକ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସମାରୋହରେ ବାଣିଜ୍ୟ ଏବଂ ପରିବହନ ବିଭାଗ ଏବଂ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ଟାଟା ଷ୍ଟିଲ ସ୍ପେସିଆଲ ଇକନୋମିକ ଜୋନ୍ ଲିମିଟେଡ୍ର ପରିଚାଳନା ନିର୍ଦ୍ଦେଶକ ମଣିକାନ୍ତ ନାୟକ, ଟାଟା ଷ୍ଟିଲ୍ ଫାଉଣ୍ଡେସନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୌରଭ ରୟ (ଭିଡିଓ କନଫରେନ୍ସିଂରେ), ଲିଡ୍-ଜେଣ୍ଡର ଆଣ୍ଡ କମ୍ୟୁନିଟି ଏଂଟରପ୍ରାଇଜେସର ସ୍ମିତା ବର୍ମା ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେସନ ଗୋପାଳପୁରୟୁନିଟ ମୁଖ୍ୟ ଡାକ୍ତର ଜୟନ୍ତ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀ ଜେନା ଦିଶା କାର୍ଯ୍ୟକ୍ରମ ପାଇଁ ଟାଟା ଷ୍ଟିଲ ଫାଉଣ୍ଡେସନର ପ୍ରୟାସକୁ ପ୍ରଶଂସା କରିଥିଲେ । ଏହା ପୂର୍ବରୁ ୪,୯୮୧ ଜଣ ମହିଳା ଲିଡରଙ୍କୁ ସଶକ୍ତ କରାଯାଇଛି । ଯେଉଁମାନେ ପ୍ରାୟ ୧୫,୦୦୦ ଅନ୍ୟ ଲୋକଙ୍କ ସହାୟତା କରୁଛନ୍ତି । ଶିକ୍ଷା ଏବଂ ସଶକ୍ତିକରଣ କିପରି ମହିଳାମାନଙ୍କୁ ସ୍ୱାଧୀନତା ଏବଂ ସାମାଜିକ ନେତୃତ୍ୱ ଆଡକୁ ଅଗ୍ରସର କରୁଛି ବୋଲି ସେ କହିଥିଲେ ।

# କନିସି ତହସିଲରେ ଭୂମିହୀନଙ୍କୁ ଜମିପଟ୍ଟା ବାଣ୍ଟିଲେ ମନ୍ତ୍ରୀ



ବ୍ରହ୍ମପୁର, (ସବ୍ୟୁ) : ଗଞ୍ଜାମ ଜିଲ୍ଲା ଗସ୍ତ ଅବସରରେ ଗୋପାଳପୁର ନିର୍ବାଚନ ମଣ୍ଡଳୀର କନିସି ତହସିଲରେ ରାଜସ୍ୱ ବିଭାଗ ଦ୍ୱାରା ଭୂମିହୀନ ଲୋକଙ୍କୁ ଜମିପଟ୍ଟା ବଣ୍ଟନ କରାଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ବିଭୁତି ଭୁଷଣ ଜେନା ଯୋଗଦେଇ ପଟ୍ଟା ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ୧୮୨ ଗ୍ରାମ କଣ୍ଟକ ପଟ୍ଟା ଦିଆଯାଇଛି ଏବଂ ଏବେ ପର୍ଯ୍ୟନ୍ତ ଏହି ଅଞ୍ଚଳରେ ୨୫୦୦ ରୁ ଅଧିକ ଗ୍ରାମକଣ୍ଟକ ପଟ୍ଟା ପ୍ରଦାନ କରାଯାଇଛି । ଏହା ସହ ୮୮୩ ଜଣଙ୍କୁ ଉତ୍ତରାଧିକାରୀ ପରିବର୍ତ୍ତନ ପଟ୍ଟା ଏବଂ ବସୁନ୍ଧରା ଯୋଜନାରେ ୫ ଜଣଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇଛି । ଲୋକଙ୍କ ସରକାରରେ ରାଜ୍ୟରେ ଜଣେ ମଧ୍ୟ ଭୂମିହୀନ ରହିବେ ନାହିଁ ଏଥିପ୍ରତି ଆମେ ପ୍ରତିଶ୍ରୁତି ବଦ୍ଧ ଓ ନିରନ୍ତର କାର୍ଯ୍ୟ କରୁଛୁ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରକାଶ କରିଥିଲେ । ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ସମେତ ଗୋପାଳପୁର ବିଧାୟକ ତଥା ପରିବହନ ଏବଂ ଖଣି ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ପ୍ରତିନିଧି ବ୍ରଜମୋହନ ନାୟକ, ଯୁବନେତା ସୁନୀଲ ପାତ୍ର, କୋଲଥୀ ଗାଁ ଯୁବ ସରପଞ୍ଚ ଜଗମୋହନ ପାତ୍ର, ଯୁବ ନେତା ଗୋପୀନାଥ ମହାରଣା, ବରିଷ୍ଠ ନେତା ଗଙ୍ଗାଧର ଶତପଥୀ, ରଜତ ପଣ୍ଡିତ, ପୂର୍ବତନ ବିଜେପି ଜିଲ୍ଲା ସଭାପତି କାହ୍ନୁ ଚରଣ ପତି, ଯୁବ ସମାଜସେବୀ ବିକ୍ରମ ଦାସ, ଶିବ ଦଳାଇଙ୍କ ସମେତ ବହୁ ହିତାଧିକାରୀ ଓ କର୍ମୀ ଉପସ୍ଥିତ ଥିଲେ ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏନଏସଏସ ପକ୍ଷରୁ ମା ପାଇଁ ଗଛ ଟିଏ

ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଏନଏସଏସ ପକ୍ଷରୁ ମା ପାଇଁ ଗଛ ଟିଏ-୨.୦ ସାତ ଦିନିଆ ଚାରା ରୋପଣ କାର୍ଯ୍ୟକ୍ରମ ଆଜି ଶୁଭାରମ୍ଭ ହୋଇଛି । କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ଚାରା ରୋପଣ କରି ମା ପାଇଁ ଗଛଟିଏ ୨.୦ ଅଭିଯାନର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ବାଣିଜ୍ୟ ଓ ପରିବହନ ତଥା ଷ୍ଟିଲ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗ ଦେଇ ଚାରା ରୋପଣ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସଂକଳ୍ପକୁ ମଜବୁତ କରିବାକୁ ଆହ୍ୱାନ ଦେଇଥିଲେ । ଏଥିରେ ଆସିକା ଲୋକସଭା ସାଂସଦ ଅନୀତା ଶୁଭଦର୍ଶିନୀ, ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ପୂର୍ବତନ ଉପବାଚସ୍ପତି ରାମ ଚନ୍ଦ୍ର ପଣ୍ଡା, ଛାତ୍ରନେତା ସୋମନାଥ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, କୁଳସଚିବ ସଚ୍ଚିଦାନନ୍ଦ ନାୟକ, ଯୁଗ୍ମ କୁଳସଚିବ ଡ଼.ବାବୁଜୀ ସାମଲଙ୍କ ସହ ବିଶ୍ୱବିଦ୍ୟାଳୟର ଶିକ୍ଷକ,ଅଣ ଶିକ୍ଷକ କର୍ମଚାରୀ ଯୋଗ ଦେଇଥିଲେ । ଏହି ଅବସରରେ ପ୍ରକୃତିମିତ୍ର ବନମାଳୀ ପ୍ରଧାନ, ଡ଼.ଶଙ୍କର୍ଷଣ ମଲ୍ଲିକ ଓ ଡ଼.ପଦ୍ମଲୋଚନ ହେମ୍ବ୍ରମଙ୍କୁ ଉପଢୌକନ ଓ ସ୍ମାରକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏନଏସଏସ ବ୍ୟୁରୋ ସଂଯୋଜକ ଡ. ଜୟନ୍ତ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏନଏସଏସର ପ୍ରାୟ ୩ ଶହ ସ୍ୱେଚ୍ଛାସେବୀ ଦେଇ ବୃକ୍ଷ ରୋପଣ କରିଥିଲେ । ଏନଏସଏସ ସ୍ୱେଚ୍ଛାସେବୀ ସ୍ୱସ୍ତି ସୁନ୍ଦର ସୀଆ ପରିଚାଳନା କରିଥିବା ବେଳେ ଭାଗ୍ୟଶ୍ରୀ ରଥ, ଡ. ଚନ୍ଦ୍ରିକ ଦାସ ପ୍ରମୁଖ ସହଯୋଗ କରିଥିଲେ ।

# ଫସଲ ପାଇଁ ସାରର କୃତ୍ରିମ ଅଭାବ, ଚିନ୍ତାରେ ଚାଷୀ



ଆସିକା, (ସବ୍ୟୁ): ଆସିକା ସମେତ ସମଗ୍ର ଗଞ୍ଜାମ ଜିଲ୍ଲାରେୟୁରିଆ ସାର ଅଭାବ ଜନିତ ପରିସ୍ଥିତି ଚାଷୀକୂଳକୁ ଚିନ୍ତାରେ ପକାଇଛି । ବସ୍ତାଏ ସାର ପାଇଁ ଚାଷୀ ସଂଘର୍ଷ କରୁଛନ୍ତି । କେଉଁଠି ରାତି ଅଧରୁ ତ ଅନ୍ୟ କେଉଁଠି ଦିନ ତମାମ ଭୋକ ଶୋଷରେ ସମବାୟ ସମିତିରେ ଧାଡ଼ି ଲଗାଇ ଜଗି ରହି ମଧ୍ୟ ନିରାଶ ହୋଇ ଫେରିବାକୁ ପଡୁଛି । ଏପରିକି ଧାଡ଼ିରେ ଠିଆ ହୋଇ ହାଲିଆ ହୋଇ ଆଧାର କାର୍ଡ, ଚପଲ୍ କିମ୍ବା ଇଟା ରଖି ନିଜର ଉପସ୍ଥିତିକୁ ଜାହିର କରୁଥିବା ଦେଖିବାକୁ ମିଳୁଛି । ଚଳିତବର୍ଷ ଭଲ ବର୍ଷା କାରଣରୁ ଚାଷୀ ଭଲ ଧାନଫସଲ ଅମଳ ଆଶାରେ ରହିଥିଲା । ହେଲେ ସାର ଅଭାବ ଚାଷୀଙ୍କ ମଧ୍ୟରେ ଚିନ୍ତା ଓ ସଂଶୟ ସୃଷ୍ଟି କରୁଛି । ସମବାୟ ସମିତି ଗୁଡିକରୁ ଚାଷୀ ସାର ଠିକ୍ ଭାବେ ପାଇପାରୁ ନଥିବା ବେଳେ ଅନ୍ୟପଟରେ କଳାବଜାର କରି ଡିଲର୍ ମାଲାମାଲ ହେଉଛନ୍ତି । ଚାଷୀ ଙ୍କ ଏଭଳି ଦୁଃସ୍ଥିତି ସମୟରେ ବ୍ଲକ ସ୍ତରରେ କି ଗ୍ରାମାଞ୍ଚଳରେ ସରକାରୀ ପଦାଧିକାରୀଙ୍କ ସହଯୋଗ ମିଳୁନଥିବା କିମ୍ବା ସାର କଳାବଜାର ରୋକିବାକୁ ପ୍ରଶାସନ ଧରପଗଡ଼ କିମ୍ବା ଚଢ଼ାଉ ଧର୍ମକୁ ଆଖି ଠାର ଭଳି ହୋଇଥିବା ସବୁଠି ଅଭିଯୋଗ ହେଉଛି । ହାକିମ, ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ସାର ସ୍ଥିତି ସମୀକ୍ଷା ଓ ଆଶ୍ୱାସନା ପାଣିର ଗାର ହୋଇଥିବାବେଳେ ସ୍ଥିତି ଯଥା ପୂର୍ବଂ

# ୫ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ରାଷ୍ଟ୍ର ନିର୍ମାତା ସମ୍ମାନ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ରୋଟାରୀ କ୍ଲବ ପକ୍ଷରୁ ସମାଜ ଗଠନ ଦିଗରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ୫ ଜଣ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ସମ୍ମାନଜନକ ରୋଟାରୀ ରାଷ୍ଟ୍ର ନିର୍ମାତା ସମ୍ମାନ ପ୍ରଦାନ କରାଯାଇଛି । ଛତ୍ରପୁର ପିଲିବନ୍ଧ ରୋଡ ସ୍ଥିତ କ୍ଲବର ନିଜସ୍ୱ ପରିସରରେ ସଭାପତି ତଥା ହାଇକୋର୍ଟ ଆଡ଼ଭୋକେଟ ପଦ୍ମ ଚରଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଶିକ୍ଷକଙ୍କ ଭୂମିକା ଉପରେ କହିଥିଲେ । ଏହି ଅବସରରେ ଶିକ୍ଷକ ତ୍ରିନାଥ ସାହୁ, ସୁନୀଲ ଶତପଥି, ଅଜିତ କୁମାର ସେଠି, ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ସେଠି ଓ ନମିତା ପଟ୍ଟନାୟକଙ୍କୁ ମୁଖ୍ୟଅତିଥି ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନୀତ କରିଥିଲେ । କ୍ଲବର ସମ୍ପାଦକ ଡମ୍ବୁରୁଧର ସାହୁ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ରୋଟାରିୟନ ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ସୂର୍ଯ୍ୟ ନାରାୟଣ ସାମନ୍ତରାୟ, ନିରଞ୍ଜନ ପାତ୍ର, ଡ଼ଃ ବିମଳ ପ୍ରସାଦ ସାହୁ, ଦ୍ୱାରିକା ପ୍ରସାଦ ପଟ୍ଟନାୟକ, ସୁରଜିତ ସାମନ୍ତ ରାୟ, ସୁଜିତ ପଟ୍ଟନାୟକ, ଏସ ରେଖା ମହାନ୍ତି, ଏମ ଧନଞ୍ଜୟ ରେZIଙ୍କ ସମେତ ଅନ୍ୟାନ୍ୟ ସଭ୍ୟ/ ସଭ୍ୟା ମାନେ ଯୋଗଦେଇ ବିଭିନ୍ନ ମାନଦଣ୍ଡକୁ ଭିତ୍ତିକରି ସମ୍ମାନିତ କରାଯାଇଥିବା ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ଉପରେ ନିଜ ନିଜ ଅଭି ଭାଷଣ ରଖିଥିଲେ । ସମ୍ପାଦକ ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ୟୁବି ହାଇସ୍କୁଲରେ ଆସ ଲଗାଇବା ଗଛ

ଭଞ୍ଜନଗର, (ସବ୍ୟୁ): ସୋମବାର ସ୍ଥାନୀୟ ପିଏମ୍ ଶ୍ରୀ ଉପେନ୍ଦ୍ର ଭଞ୍ଜ ସରକାରୀ ଉଚ୍ଚ ବିଦ୍ୟାଳୟ, ଭଞ୍ଜନଗରରେ ଔଷଧୀୟ ବୃକ୍ଷ ରୋପଣ (ଏକ୍ ପେଡ୍ ମାଁ କେ ନାମ୍ - ୨.୦ ) ପାଳନ ଅବସରରେ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟର ଏନ୍‌ସିସି ଆର୍ମି ଉଇଙ୍ଗ ସେକେଣ୍ଡ ଅଫିସର ତଥା ଇକୋକ୍ଲବର ଆବାହକ ଶ୍ୟାମା ପ୍ରସାଦ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସୁନ୍ଦର କାର୍ଯ୍ୟକ୍ରମ ଔଷଧୀୟ ବୃକ୍ଷ ରୋପଣ ଆୟୋଜନ କରାଯାଇଥିଲା । ଏଥିରେ ଯୋଗ ଦେଇଥିଲେ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ସମସ୍ତ ଏନ୍‌ସିସି ଆର୍ମି ଉଇଙ୍ଗ କ୍ୟାଡେଟ ଇକୋକ୍ଲବର ଅଗ୍ରଗାମୀ ବାର୍ତ୍ତାବହ ଭାବରେ । ଏଥିରେ ଉତ୍ତର ଘୁମୁସର ବନଖଣ୍ଡର ଅବସର ପ୍ରାପ୍ତ କର୍ମଚାରୀ ଶୂଳପାଣି ଶତପଥି, ସମାଜ ସେବୀ ନିଲୁ ମହାରଣା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଦନ ମୋହନ ରଥ (ଓଇଏସ୍-୨), ବରିଷ୍ଠ ଶିକ୍ଷକ ଉମାକାନ୍ତ ନାହାକ ଆଦି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଦନମୋହନ ରଥ (ଓଇଏସ୍-୨) ସଭାପତିତ୍ୱ କରିବା ସହ ମୁଖ୍ୟ ବାର୍ତ୍ତାବହ ରୂପେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ପ୍ରଥମଭାଗରେ ସବୁଜ ପୃଥିବୀର ଆବଶ୍ୟକତା ସଂପର୍କିତ ଆଲୋଚନା ସଭାର ଆୟୋଜନ କରାଯାଇଥିଲା । ଆଗାମୀ ଦିନରେ ଏହି ବିଦ୍ୟାଳୟକୁ ଏକ ପ୍ଲାଷ୍ଟିକମୁକ୍ତ ତଥା ସବୁଜିମା ଭରା ବିଦ୍ୟାଳୟରେ ପରିଣତ କରାଯିବା ନିମନ୍ତେ ସଂକଳ୍ପ ଗ୍ରହଣ କରାଯୋଇଥିଲା । ସମସ୍ତ ଅତିଥି ଏହାପରେ ବିଦ୍ୟାଳୟରେ ଗୋଟିଏ ଗୋଟିଏ ଔଷଧୀୟ ବୃକ୍ଷ ରୋପଣ କରିଥିଲେ । କାର୍ଯ୍ୟକ୍ରମରେ ସ୍ୱପ୍ନେଶ୍ୱରୀ ଦିଗାଲ୍, ଇକୋକ୍ଲବ ଉପଦେଷ୍ଟା ଶଙ୍କର ପ୍ରସାଦ ପଟ୍ଟନାୟକ ପ୍ରମୁଖ ଓ ଅନ୍ୟାନ୍ୟ ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ ।

# ରାୟଗଡ଼ା ଜିଲ୍ଲାର ତମାମ୍ ଅଞ୍ଚଳରେ ବିଦ୍ୟୁତ୍ ସେବା ଯୋଗାଉଛି ଟିପିଏସ୍ଓଡିଏଲ୍



ବ୍ରହ୍ମପୁର, (ସବ୍ୟୁ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍ଓଡିଏଲ), ଟାଟା ପାଓ୍ୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ରାୟଗଡ଼ା ଜିଲ୍ଲାରେ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ବହୁ ଅଭିନବ ପଦକ୍ଷେପମାନ ଆରମ୍ଭ କରିଛି । ବିଦ୍ୟୁତ ସେବା ବିତରଣ କ୍ଷେତ୍ରରେ ଗୁଣବତ୍ତା ଆଣିବା ତଥା ଉନ୍ନତି କରିବା ଓ ଏକ ସମାବେଶୀ ବିକାଶକୁ ଗୁରୁତ୍ୱ ଦେବା ପାଇଁ କମ୍ପାନୀ ତରଫରୁ ଲକ୍ଷ୍ୟ ରଖାଯାଇଛି । ପୂର୍ବଘାଟ ପର୍ବତମାଳାରେ ଅବସ୍ଥିତ ଏହି ଜିଲ୍ଲା ତଥା ରାୟଗଡ଼ା, ସମୃଦ୍ଧ ସାଂସ୍କୃତିକ ପରମ୍ପରା ଓ ଏକ ଶିଳ୍ପସମୃଦ୍ଧ ଜିଲ୍ଲା ଭାବେ ବେଶ୍ ପରିଚିତ । ବହୁ ଜନଜାତିଙ୍କ ବାସସ୍ଥଳୀ ଏହି ଜିଲ୍ଲା ତତ୍‌ସହିତ ପ୍ରାକୃତିକ ସମ୍ପଦରେ ଭରପୁର ଅଟେ ଏହି ଅଞ୍ଚଳ । ବହୁ ଶିଳ୍ପାଞ୍ଚଳ ଯେପରିକି ଆଲୁମିନା ରିଫାଇନାରୀ କାରଖାନା ଏବଂ ପେପର ମିଲ୍ ଏହି ଜିଲ୍ଲାରେ ରହିଛି । ଦୃତ ସହରୀକରଣ, ବର୍ଦ୍ଧିତ ଶିଳ୍ପାଞ୍ଚଳ ଏବଂ ଆଧୁନିକ ବିକାଶକୁ ଆପଣାଉଥିବା ଗ୍ରାମାଞ୍ଚଳରେ ନିରନ୍ତର ଭାବରେ ବିଦ୍ୟୁତ ଚାହିଦା ବୃଦ୍ଧି ପାଇବାରେ ଲାଗିଛି । ଏହି ବର୍ଦ୍ଧିତ ବିଜୁଳି ଚାହିଦାକୁ ଗୁରୁତ୍ୱ ଦେଇ ଟିପିଏସ୍ଓଡିଏଲ୍ ତରଫରୁ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ନିଆଯାଉଛି ବିଭିନ୍ନ ପଦକ୍ଷେପ । ଯାହା ଘରୋଇ ଉପଭୋକ୍ତାଙ୍କଠାରୁ ନେଇ କୃଷି, ଶିଳ୍ପ ଓ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରୁଛି ଅଦ୍ୟାବଧି ରାୟଗଡ଼ା ଜିଲ୍ଲାରେ ବହୁ ପ୍ରକଳ୍ପମାନ ଟିପିଏସ୍ଓଡିଏଲ୍ ତରଫରୁ ସମ୍ପନ୍ନ ହୋଇଛି । ଗୁମୁଡ଼ା, ବିକ୍ରମପୁର, ମିନାଝୋଲା ଏବଂ ଥେରୁବାଲି ଆଦି ସବଷ୍ଟେସନର ଟ୍ରାନ୍ସଫର୍ମରର କ୍ଷମତାକୁ ଉନ୍ନତୀକରଣ କରାଯାଇଛି । ଯାହା ଜିଲ୍ଲାର ଭରସାଯୋଗ୍ୟ ଓ ଗୁଣାତ୍ମକ ବିଜୁଳି ଯୋଗାଣକୁ ସୁନିଶ୍ଚିତ କରୁଛି । ମୁନିଗୁଡ଼ାଠାରେ ଥିବା ଉଭୟ ଟ୍ରାନ୍ସଫର୍ମରର କ୍ଷମତାକୁ ୩.୧୫ଏମଭିଏରୁ ୫ଏମଭିଏକୁ ବୃଦ୍ଧି କରାଯାଇଛି । ଯାହା ଜିଲ୍ଲାର ବୃଦ୍ଧିପ୍ରାପ୍ତ ଘରୋଇ ଓ ଶିଳ୍ପାଞ୍ଚଳର ବିଦ୍ୟୁତ ଆବଶ୍ୟକତାକୁ ପୂରଣ କରିବାରେ ସମର୍ଥ ହୋଇ ପାରିଛି ସେହିପରି ଗୁଣୁପୁର ଗ୍ରୀଡ ସବଷ୍ଟେସନରୁ ଓଖିଲାଗୁଡ଼ା ଦେଇ ବିକ୍ରମପୁର, ଡମ୍ବସରା, ଜଲତାର ଏବଂ ଗୁଣୁପୁରକୁ ନୂତନ ୩୩କେଭି ଲାଇନ ତାର ସଂଯୋଗ ହୋଇଛି । ଯାହା ବିସ୍ତୃତ ସହରାଞ୍ଚଳକୁ ନିର୍ଭରଯୋଗ୍ୟ ବିଦ୍ୟୁତ ସେବା ଯୋଗାଉଛି । ହାଟମୁନିଗୁଡ଼ାଠାରୁ ଶିବ ମନ୍ଦିର, ପିତାମହଲ ପର୍ଯ୍ୟନ୍ତ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଲାଇନ ତାର ସଂଯୋଗ ହୋଇଛି । ଯାହା ଜିଲ୍ଲାର ଯୋଗାଣ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିପାରିଛି । ଡାଙ୍ଗସରୋଡ଼ା, ସୁଙ୍ଗେର ଏବଂ ଗୁଣୁପୁରରେ ଥିବା ୩୩କେଭି ଫିଡରଗୁଡ଼ିକର ମଧ୍ୟ ଉନ୍ନତୀକରଣ କରାଯାଇଛି ଯାହା ବିଦ୍ୟୁତ ସେବା କ୍ଷେତ୍ରରେ ସ୍ଥିରତା ଆଣିପାରିଛି । ଟିକିରି ସହରରୁ ନୂଆପଡ଼ା ଓ ଟାଉନ-୩ ରୁ ତୁମୁଡ଼ିଗୁଡ଼ା ପର୍ଯ୍ୟନ୍ତ ନୂତନ ୧୧କେଭି ଲାଇନ ତାର ସଂଯୋଗ ହୋଇଛି । ଏହାସହିତ ଟାଉନ, କୋର୍ଟ, ସୁଲୁଡ଼ି, ରାମନାଗୁଡ଼ା, ଢେପାଗୁଡ଼ା,ଗୁଡ଼ାରୀ, ସିରିଗୁଡ଼ା, ଅମ୍ବାଡ଼ୋଲା, ଟାଉନ-୪ ଓ ମୁନିଗୁଡ଼ାରେ ଥିବା ଫିଡରଗୁଡ଼ିକର ମଧ୍ୟ ଉନ୍ନତୀକରଣ କରାଯାଇଛି । ଜିଲ୍ଲାର ଗାଁ ଓ ସହରଗୁଡ଼ିକରେ ନିରବଚ୍ଛିନ୍ନ ବିଦ୍ୟୁତଯୋଗାଣ ସୁନିଶ୍ଚିତ ହୋଇପାରୁଛି । ଯାହା ଡିଜିଟାଲ ଅନ୍ତର୍ଭୁକ୍ତୀକରଣ, କ୍ଷୁଦ୍ର ବ୍ୟବସାୟ, ଓ ସାମାଜିକ-ଆର୍ଥିକ ପ୍ରଗତିକୁ ଉତ୍ସାହିତ କରୁଛି । ରାୟଗଡ଼ା ଜିଲ୍ଲାରେ ହୋଇଥିବା ବିଦ୍ୟୁତ ସେବା କ୍ଷେତ୍ରର ବିକାଶ ସମ୍ପର୍କରେ ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କୁହନ୍ତି- ରାୟଗଡ଼ା ହେଉଛି ଏପରି ଏକ ଜିଲ୍ଲା ଯେଉଁଠି ଶିଳ୍ପ ଓ ସାଂସ୍କୃତିକ ପରମ୍ପରାର ମିଳନ ଘଟେ । ଏକାସାଙ୍ଗରେ ଏସବୁକୁ ଦେଖିବାକୁ ମିଳେ । ରାୟଗଡ଼ାକୁ ନିର୍ଭରଯୋଗ୍ୟ ବିଦ୍ୟୁତ ସେବା ଯୋଗାଣ ହେଉଛି ଏହି ଅଞ୍ଚଳର ମୂଳଭିତ୍ତି ତଥା ଏକ ସଂଯୋଗ । ସନ୍ତୁଳିତ ବିକାଶକୁ ସର୍ବଦା ଏହି ଜିଲ୍ଲା ପ୍ରୋତ୍ସାହିତ କରିଥାଏ । ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା, ନୂତନ ବିଦ୍ୟୁତ ଲାଇନ ତାର ସଂଯୋଗ କରିବା, ଫିଡର ଗୁଡ଼ିକର ଉନ୍ନତୀକରଣ କରିବା ଦ୍ୱାରା ରାୟଗଡ଼ା ଜିଲ୍ଲାର ପ୍ରତିଟି କୋଣ ଅନୁକୋଣରେ ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଜୁଳି ପହଞ୍ଚି ପାରିଛି । ରାୟଗଡ଼ା ଜିଲ୍ଲା ବିକାଶର ନୂଆ ଏକ ପରିଚୟ ସୃଷ୍ଟି କରି ପାରିଛି । ଏହି ପ୍ରଗତିର ଧାରାକୁ ବଜାୟ ରଖିବା ସହ ଜୀବନ ଓ ଜୀବିକାକୁ ଆଲୋକିତ କରିବା ତଥା ଆଗାମୀ ପିଢ଼ି ପାଇଁ ଏକ ସ୍ଥିର ଓ ନିର୍ଭରଯୋଗ୍ୟ ବିଦ୍ୟୁତ ଭିତ୍ତିଭୂମି ପ୍ରସ୍ତୁତ କରିବା ପାଇଁ ଟିପିଏସ୍ଓଡିଏଲ୍ ପ୍ରତିବଦ୍ଧ ।

# ପିପୁଲ୍ସ କଲେଜ ରାଜନୀତି ବିଜ୍ଞାନର ପାଠଚକ୍ର

ବୁଗୁଡା, (ସବ୍ୟୁ): ସ୍ଥାନୀୟ ପିପୁଲ୍ସ କଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ କଲେଜ ପରିସରସ୍ଥ ସାଧାରଣ ସଭାଗୃହରେ ଏକ ପାଠଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପାଠଚକ୍ରର ଆଲୋଚ୍ୟ ବିଷୟବସ୍ତୁ ଫ୍ରମ୍ ରବର୍ ଷ୍ଟାମ୍ପ ଟୁ କ୍ରାଇସିସ୍ ମେନେଜର : ଦି ଟ୍ରାନ୍ସଫର୍ମରଟିଭ୍ ଡାଇମେନସନ୍ସ ଅଫ୍ ଦି ଇଣ୍ଡିଆନ ପ୍ରେସିଡେନ୍ସି ରହିଥିଲା । କଲେଜ ଅଧ୍ୟକ୍ଷ ଡ.ପୁରୁଷୋତ୍ତମ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପାରଳାଖେମୁଣ୍ଡି ସ୍ଥିତ ଏସକେସିଜି ଅଟୋନୋମସ କଲେଜର ଆସିଷ୍ଟାଣ୍ଟ ପ୍ରଫେସର ଡ.ବୈଦ୍ୟନାଥ ଦାଶ ଓ ସମ୍ମାନିତ ଅତିଥି ଭାବେ କଲେଜ ଉପାଧ୍ୟକ୍ଷ ହରିକୃଷ୍ଣ ନାୟକ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିବା ସହ ଆଲୋଚନାଚକ୍ରର ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ ।

## ଏମ୍‌ଏସସିବି ବିଶ୍ୱବିଦ୍ୟାଳୟକୁ ଆଦିବାସୀ କେନ୍ଦ୍ରୀୟ ବିଦ୍ୟାଳୟ ଘୋଷଣା ନେଇ ଦାବି



ବାରିପଦା, (ସବ୍ୟୁ) : କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତକାଲି ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଝୁମର୍ କର୍ମଶାଳା ଉଦଘାଟନ ସଭାରେ ମୁଖ୍ୟଅତିଥି ଭାବେ ଯୋଗ ଦେବାକୁ ଆସିଥିବା ବେଳେ ସ୍ଥାନୀୟ ପ୍ରଦକ୍ଷଣ ଗୃହ ଠାରେ କିଛି ବ୍ୟକ୍ତି ବିଶେଷ ଓ ସଙ୍ଗଠନ ତାଙ୍କୁ ଭେଟି ନିଜ ନିଜର ଦାବି ଉପସ୍ଥାପନ କରିଛନ୍ତି । ତେବେ ଓଡିଶାରେ ମାତ୍ର ଗୋଟିଏ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଥିବାବେଳେ କୌଣସି ଆଦିବାସୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ନାହିଁ । ମୟୂରଭଞ୍ଜ ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ହୋଇଥିବାବେଳେ ପଡୋଶୀ ରାଜ୍ୟ ଝାଡଖଣ୍ଡ ଓ ପଶ୍ଚିମବଙ୍ଗର ଅନେକ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ପାଇଁ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଉପରେ ନିର୍ଭରଶୀଳ । ତେଣୁ ଉକ୍ତ ବିଶ୍ୱବିଦ୍ୟାଳୟକୁ ଆଦିବାସୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ପାଇଁ ପୂର୍ବତନ ଛାତ୍ର ତଥା ଅନ୍ତରୀଣ ଗୁଣବତ୍ତା ସେଲ୍‌ର ପୂର୍ବତନ ସଦସ୍ୟ ଅଭିଷେକ ପଣ୍ଡା କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି । ଆଲୋଚନା ସମୟରେ ମନ୍ତ୍ରୀ ଡ଼ାଃ କୃଷ୍ଣଚନ୍ଦ୍ର ମହାପାତ୍ର ଓ ଜିଲ୍ଲାପାଳ ହେମକାନ୍ତ ସାଏ ମଧ୍ୟ ଉପସ୍ଥିତ ଥିଲେ ।

# ଦୃଷ୍ଟିହୀନ ଛାତ୍ରଙ୍କ ହାତ ମୋଡିବା ଘଟଣା
# ଉତ୍କଳ ଦୃଷ୍ଟିହୀନ ସଂଘ ୧୫ଜଣିଆ ଟିମ୍‌ର ସ୍କୁଲ ପରିଦର୍ଶନ

## କମିଟି ମେମ୍ବରଙ୍କ ମଦ ଆଡ୍ଡାସ୍ଥଳୀ ପାଲଟିଛି ସ୍କୁଲ

ଢେଙ୍କାନାଳ,(ସବ୍ୟୁ): ଢେଙ୍କାନାଳ ଜିଲ୍ଲା କଣ୍ଠାନାଳୀ ବାଇପାସ୍ ସ୍ଥିତ ନନ୍ଦିନୀ ଦେବୀ ଦୃଷ୍ଟିହୀନ ଛାତ୍ରଙ୍କୁ ନିର୍ଯ୍ୟାତନା ଦେବା ଘଟଣାରେ ସୋମବାର ଉତ୍କଳ ଦୃଷ୍ଟିହୀନ ସଂଘର ୧୫ଜଣିଆ ଟିମ୍ ସ୍କୁଲ ପରିଦର୍ଶନରେ ଆସିଛନ୍ତି । ସୂଚନା ଯୋଗ୍ୟ ଯେ ନନ୍ଦିନୀ ଦେବୀ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟରେ ବହୁ ସମୟରେ ଛାତ୍ରଛାତ୍ରୀଙ୍କୁ ନିର୍ଯ୍ୟାତନା ଦିଆଯାଉଛି । ବିଦ୍ୟାଳୟରେ ନିମ୍ନମାନର ଖାଦ୍ୟ ମଧ ଦିଆଯାଉଛି । ଏ ସବୁ ଘଟଣାକୁ ନେଇ ଜଣେ ଦୃଷ୍ଟିହୀନ ଛାତ୍ର ଚାଇଲ୍ଡ ହେଲ୍ପ ଲାଇନକୁ ଜଣାଇଥିଲେ । ଏହି ଘଟଣା ଜଣା ପଡିବାପରେ ବିଦ୍ୟାଳୟର କ୍ୟାସିୟର ମଳୟ ପାଣିଗ୍ରାହୀ ସମ୍ପୃକ୍ତ ଦୃଷ୍ଟିହୀନ ଛାତ୍ରଙ୍କୁ ତଳେ ପକାଇ ମାଡ ମାରିବା ସହ ଛାତ୍ରଙ୍କ ହାତ ମୋଡି ଦେଇଥିଲେ । ପରେ ବିଦ୍ୟାଳୟର ଚାଇଲ୍ଡ ଲାଇନ୍ ହେଲ୍ପ ସଦସ୍ୟ ସ୍କୁଲରେ ପହଞ୍ଚି ଥିଲେ । ଗତ ୧୨ ତାରିଖରେ ସମ୍ପୃକ୍ତ ଦୃଷ୍ଟିହୀନ ଛାତ୍ରଙ୍କ ବାପା ଏ ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ । ଖବରପାଇ ସୋମବାର ଉତ୍କଳ ଦୃଷ୍ଟିହୀନ ସଂଘର ୧୫ ଜଣିଆ ଟିମ୍ ସ୍କୁଲରେ ପହଞ୍ଚି ସ୍କୁଲର କମିଟି ମେମ୍ବର, ଛାତ୍ର ଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ । କ୍ୟାସିଅର ରାତିରେ ଆସି ପିଲାମାନଙ୍କୁ ତାଙ୍କ ଗାଡି ଧୋଇବା କାର୍ଯ୍ୟରେ ଲଗାଉଛନ୍ତି । କମିଟିର କେତେଜଣ ମେମ୍ବରଙ୍କ ସହ ମିଶି ସ୍କୁଲରେ ମଦ୍ୟ ପାନ, ଧୂମପାନ କରୁଛନ୍ତି । ଦୃଷ୍ଟିହୀନ ପିଲା ଗୀତରେ ଷ୍ଟେଟ୍ ଲେଭୁଲ ପର୍ଯ୍ୟନ୍ତ ଯାଇଥିଲେ ମଧ ଉଦେଶ୍ୟମୂଳକ ଭାବେ ସେ ସବୁ ବନ୍ଦ କରି ଦିଆଗଲା । ପିଲାଙ୍କୁ ସ୍କୁଲ ଛୁଟି ପରେ କ୍ଷୀର, ବିସ୍କୁଟ, ଚୁଡା, ମିଷ୍ଟର ଦିଆଯାଉଥିଲା କିନ୍ତୁ ସେ ସବୁ ଏବେ କିଛି ଦିଆଯାଉନାହିଁ । ଅନ୍ଧ, ଅନ୍ଧୁଣୀ ଏମିତି ଖାଦ୍ୟ କେବେ ଖାଇଥିଲ ବୋଲି ଅସମ୍ମାନ କରାଯାଇଛି । ୨ ଜଣ ଅନ୍ଧ ଅନ୍ଧୁଣୀ ଶିକ୍ଷକ କୁଆଡେ ଗଲେ ବୋଲି କହି ଦୁର୍ବ୍ୟବହାର କରାଯାଇଛି । ପିଲାଙ୍କ ଚରିତ୍ର ଉପରେ ଆକ୍ଷେପ କରାଯାଇ ସେମାନଙ୍କୁ ସାମାଜିକ ସ୍ରୋତରୁ ବାହାର କରାଯାଉଛି । ପରିବାର ବାଦ କମିଟି ଉଚ୍ଛେଦ କରାଯାଇ ରେଡକ୍ରସକୁ ଦିଆଯାଉ ବୋଲି ସ୍କୁଲର ଆସିଷ୍ଟାଣ୍ଟ ଟିଚର ପ୍ରମୋଦ ବେହେରା ଓ ଭୋକେଶନାଲ ଟିଚର ରଚନା କର ଉତ୍କଳ ଦୃଷ୍ଟିହୀନ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ବିହାରୀ ନାୟକ ଓ ହିମାଂଶୁ ଶେଖର ଭୂୟାଁ କହିଛନ୍ତି । ଏ ଘଟଣା ଆଜିର ନୁହେଁ, ୨୦୧୫ ମସିହାରୁ ଆଜି ପର୍ଯ୍ୟନ୍ତ ଏ ସ୍କୁଲରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଆସୁଛି । ସଂଘ ପକ୍ଷରୁ ଏକ ଦାବୀପତ୍ର ଜିଲ୍ଲାପାଳଙ୍କୁ ଦିଆଯାଇଛି । ସ୍କୁଲର ସଭାପତି ଓ ସମ୍ପାଦକଙ୍କ ଠାରୁ ଜମାନବନ୍ଦୀ ନିଆଯିବ । ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ବିହୀତ କାର୍ଯ୍ୟାନୁଷ୍ଠାନ ନନେଲେ ଆଗାମୀ ଦିନରେ ଏହାର ଜବାବ ଦିଆଯିବ ବୋଲି କହିଛନ୍ତି ।

# ବିଇଓ ଅଫିସ ଘେରାଉ କଲେ ଛାତ୍ରଛାତ୍ରୀ ଓ ଅଭିଭାବକ

ଆଠମଲ୍ଲିକ ,(ସବ୍ୟୁ) : ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଅଏଡ଼ା ପଞ୍ଚାୟତ ସରକାରୀ ପ୍ରାଥମିକ ବିଦ୍ୟାଳୟ କୁନ୍ଦପୁରର ଛାତ୍ର ଛାତ୍ରୀ ଓ ଅଭିଭାବକ ଅଭିଭାବିକା ମାନେ ଶିକ୍ଷକ ନିଯୁକ୍ତି ଦାବୀ କରି ବି ଇ ଓ କାର୍ଯ୍ୟାଳୟ ଘେରାଉ କରିଥିବା ଜଣା ପଡିଛି । ପରିଚାଳନା କମିଟିର କହିବା ଅନୁଯାଇ କୁନ୍ଦପୁର ସ୍କୁଲର ବାଲ ବାଟିକା ରୁ ପଞ୍ଚମ ପର୍ଯ୍ୟନ୍ତ ୨୩ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ଜଣେ ମାତ୍ର ଶିକ୍ଷକ ଅଛନ୍ତି । ସବୁ ଶ୍ରେଣୀର ଛୁଆମାନଙ୍କୁ ଶିକ୍ଷା ଦାନ ଦେବା ଗୋଟିଏ ଶିକ୍ଷକ ଦ୍ୱାରା ସମ୍ଭବ ହୋଇପାରୁ ନଥିବାରୁ ଆଉ ଜଣେ ଶିକ୍ଷକଙ୍କୁ ଅତିଶୀଘ୍ର ନିଯୁକ୍ତି



ଦେବାକୁ ଦାବୀ କରି ବି ଇ ଓ କାର୍ଯ୍ୟାଳୟ କୁ ଆସିଥିବା କହିଥିଲେ । ଏହି ଘେରାଉ କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟି ସଭାପତି ସୁରେଶ ଭୋଇ, ଅଭିଭାବକ ଗିରିଶ ଜାନି, ବିରେନ କୁମାର ପ୍ରଧାନ, ଅଭିଭାବିକା କଳ୍ପନା ଭୋଇ, ଭୂମିସୁତା ନାଏକ, ବିନୋଦିନୀ ଘିବାଲା, ବନିତା ଛତ୍ର, ଜ୍ୟୋସ୍ନା ମୟୀ ପ୍ରଧାନ, ଖୁଲଣା ନାଏକ ଙ୍କ ସମେତ ବହୁ ଅଭିଭାବକ ଅଭିଭାବିକା ଓ ସ୍କୁଲ ର ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ । ସୂଚନା ଥାଉ କି ଗତ ୬/୦୮/୨୦୨୫ ରିଖ ର ଗ୍ରାମବାସୀ ଙ୍କ ତରଫରୁ ବିଦ୍ୟାଳୟ ରେ ଶିକ୍ଷକ ନିଯୁକ୍ତି ନିମନ୍ତେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଡ଼ିଓ ଙ୍କୁ ଦାବିପତ୍ର ଦେଇଥିଲେ । ଦାବିପତ୍ର ଦେବା ସତ୍ତ୍ୱେ ଶିକ୍ଷକ ନିଯୁକ୍ତି ନ ହେବାରୁ ବାଧ ହୋଇ ଗ୍ରାମବାସୀ ବି ଇ ଓ ଅଫିସ ଘେରାଉ କଲେ ବୋଲି ପରିଚାଳନା କମିଟି ସଭାପତି ଶ୍ରୀ ଭୋଇ ପ୍ରକାଶ କରିଥିଲେ । ଏ ବାବଦରେ ବି ଇ ଓ ଶିବାନନ୍ଦ ଧଡ଼ା ଙ୍କୁ ପଚାରିବାରୁ କ୍ଲଷ୍ଟର ସି ଆର ସି ସି ଙ୍କୁ ଦାୟିତ୍ୱ ଦିଆ ଯାଇଛି । ତାଙ୍କରି ପରାମର୍ଶ ରେ ଯାହା କିଛି କାର୍ଯ୍ୟ କରାଯିବ ବୋଲି ପ୍ରକାଶ କରିଥିଲେ ।

# ବେଆଇନ ମଦ କାରବାରକୁ ମହିଳାଙ୍କ ବିରୋଧ

ବଅଁରପାଳ,(ସବ୍ୟୁ) : ଅନୁଗୋଳ ଜିଲ୍ଲାରେ ଗାଁ ଠାରୁ ସହର ପର୍ଯ୍ୟନ୍ତ ନିଶା ବେପାରୀ ମାନେ କାୟା ବିସ୍ତାର କରି ଚାଲିଛନ୍ତି । ରାଜ୍ୟ ଓ ରାଜ୍ୟ ବାହାର ର ନିଶା ବେପାରୀ ଗୋଷ୍ଠୀର ନଜର ଏବେ ଜିଲ୍ଲାର ବେକାର ଯୁବକ ଯୁବତୀ ଙ୍କ ଉପରେ । ଏମାନଙ୍କୁ ବିଭିନ୍ନ ପ୍ରକାରର ପ୍ରଲୋଭନ ଦେଖାଇ ବ୍ରାଉନସୁଗର ଭଳି ଦାମୀ ନିଶା ବିକ୍ରି କରିବା ପାଇଁ ନିୟୋଜିତ କରୁଛନ୍ତି । ଯୁବକମାନେ ଦାମୀ କାର, ବାଇକ୍ ଓ ଦାମୀ ମୋବାଇଲ କିଣିବା ଆଶାରେ ଏଭଳି ବେଆଇନ ନିଶା କାରବାରରେ ଲିପ୍ତ ରହୁଛନ୍ତି । ବେଆଇନ ନିଶା କାରବାରକୁ ରୋକିବା ପାଇଁ ଜିଲ୍ଲା ପୋଲିସ ପକ୍ଷରୁ ଅପରେସନ'ପ୍ରହାର'ମାଧମରେ ପ୍ରତିଦିନ ବେଆଇନ ଭାବେ ବିକ୍ରି କରୁଥିବା ମଦ, ବ୍ରାଉନସୁଗର ଓ ଗଞ୍ଜେଇ ବେପାରୀ ମାନଙ୍କୁ ଗିରଫ କରାଯାଉଛି । ଏହାପରେ ମଧ ନିଶା କାରବାରରେ ରୋକ ଲାଗି ପାରୁନାହିଁ । ଫଳରେ ଗାଁର ମହିଳା ମାନେ ନିଶା ବେପାରୀଙ୍କୁ ଧରିବା



ପାଇଁ ଏକ ପ୍ରୟାସ ଆରମ୍ଭ କରିଛନ୍ତି । ଘଟଣାରୁ ପ୍ରକାଶ ବଅଁରପାଳ ବ୍ଲକ ଅନ୍ତର୍ଗତ ଜରାସିଂହା ଗ୍ରାମରେ ବେଆଇନ ବିଦେଶୀ ଚୋରା ମଦ ବିକ୍ରିକୁ ବିରୋଧ କରି ମଦ ବିକ୍ରି କରୁଥିବା ଲୋକଙ୍କ ଠାରୁ ପେଟି ପେଟି ମଦ ଜବତ କରିବା ସହ ଗାଁ ମହିଳା ମାନେ ରାସ୍ତା ମଝିରେ ପେଟି ପେଟି ମଦ ବୋତଲ ଭାଙ୍ଗିବା ସହ ମଦ ବେପାରୀକୁ ଅଟକ ରଖି ପୋଲିସକୁ ହସ୍ତାନ୍ତର କରିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ପୁରୁଣା ଜରାସିଂହା ଗ୍ରାମର ଜଣେ ଯୁବ ମଦ ବେପାରୀ ଚୋରା ମଦ କେରଜାଙ୍ଗ ଗ୍ରାମକୁ ଚାଲାଣ କରୁଥିବା ବେଳେ ଗାଁର ମହିଳାମାନେ ୩୦ ପେଟି ବିଦେଶୀ ମଦ ପଥରରେ ଛେଚି ନଷ୍ଟ କରିଦେଇଛନ୍ତି । ସେହିପରି ଅନୁଗୋଳ ଅମଲାପଡା ଦୁର୍ଗା ପୂଜା ମଣ୍ଡପ ପଛପାଖ ରାସ୍ତାରେ ବ୍ରାଉନସୁଗର ବିକ୍ରି କରିବା ପାଇଁ ଗ୍ରାହକ ଅପେକ୍ଷାରେ ଥିବା କୀର୍ତ୍ତି ରଞ୍ଜନ ସାହୁ (୨୫) କୁ ପୋଲିସ କାବୁ କରିଥିଲେ । ତା ନିକଟରୁ୧୨,୫ଗ୍ରାମ ବ୍ରାଉନସୁଗର ସହିତ ନଗଦ୫୭୦୦ଟଙ୍କା ଜବତ କରାଯାଇଛି । ଅଭିଯୁକ୍ତ କୁ ଗିରଫ କରି ଆଜି କୋର୍ଟ ଚାଲାଣ କରାଯାଇଛି ।

## ୧୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ହିନ୍ଦୋଳ ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଥାନା ପୋଲିସ୍ ଆଜି ୧୦ କେଜି ୧୨୪ ଗ୍ରାମ ଓଜନର ଗଞ୍ଜେଇ ସମେତ ଜଣେ ଅଭିଯୁକ୍ତକୁ ରାସ୍ତା ଉପରୁ ଗିରଫ କରିବାରେ ସଫଳ ହୋଇଛି । ଘଟଣାରୁ ପ୍ରକାଶ ଯେ ଏହି ଥାନା ଅନ୍ତର୍ଗତ କର୍ଣ୍ଣପୁର ଗ୍ରାମର ପ୍ରଦୀପ କୁମାର ସାହୁ ( କାଠିଆ, ୪୮ ) ନାମଙ୍କ ବ୍ୟକ୍ତି ନିଜ ମଟର ସାଇକେଲ ନଂ ଓ ଡି ୧୯ ଏନ୍ ୬୩୬୩ ଯୋଗେ କଂସରା ଦିଗରୁ କନ୍ତାମିଲା ଦେଇ ନିଜ ଗ୍ରାମ ଅଭିମୁଖେ ଆସୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଥାନା ଅଧିକାରିଣୀ ଚାରୁଲତା ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ବାଉଁଶ ପୋଖରୀ କନ୍ତ । ମିଳା ଛକ ଓ ଡିହସାହି ଆର୍ ଡି ରୋଡ ମଧ୍ୟବର୍ତ୍ତି ସ୍ଥାନରେ ମଟର ସାଇକେଲ ଅଟକାଇ ଯାଞ୍ଚ କରିବାରୁ ଚୋରାରେ ଗଞ୍ଜେଇ ଚାଲାଣ କରୁଥିବା ଜଣାପଡ଼ିଥିଲା । ଘଟଣା ସ୍ଥଳରେ ମାଫିଆ ପ୍ରଦୀପକୁ ଗିରଫ କରିବା ସହ ଗଞ୍ଜେଇ ଚାଲାଣରେ ବ୍ୟବହୃତ ମଟର ସାଇକେଲ ଜବତ କରିଥିଲେ । ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା ନଂ ୨୫୮ ଦଫା ୨୦ (ବି) (ଆଇ ଆଇ) (ବି) ଏନ୍ ଡି ପି ଏସ ଧାରା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି ।

# ଅନୁଗୁଳ ଜିଲ୍ଲାରେ ଆଲୁମିନିୟମ ପାର୍କର ଭୂମିପୂଜନ

ଅନୁଗୁଳ,(ସବ୍ୟୁ) :ଅନୁଗୁଳ, ଖୋର୍ଦ୍ଧା, ଗଞ୍ଜାମ, କୋରାପୁଟ ଏବଂ ଝାରସୁଗୁଡ଼ାର ୫ଟି ଶିଳ୍ପ ପ୍ରକଳ୍ପର ଭୂମିପୂଜନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୫.୦୯.୨୫ ତାରିଖରେ ଓୟୁଏଟି ସମ୍ମିଳନୀ କକ୍ଷରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁଙ୍କ ଉପସ୍ଥିତିରେ କରିଥିଲେ ।

ଏହି ଭୂମିପୂଜନ ଉତ୍ସବରେ ଅନୁଗୁଳ ଜିଲ୍ଲାରେ ଆଲୁମିନିୟମ ପାର୍କରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ମେସର୍ସ ସୋଭା ସୋଲାର ଲିମିଟେଡର ଭୂମିପୂଜନ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ କଲେକ୍ଟର ଅବଦାଲ ଏମ୍. ଅଖତାରଙ୍କ ଉପସ୍ଥିତିରେ କରାଯାଇଥିଲା । ଉପରୋକ୍ତ ୟୁନିଟ୍ ଅନୁଗୁଳ ଆଲୁମିନିୟମ ପାର୍କରେ ୩୮୦ କୋଟି ଟଙ୍କା ନିବେଶ କରି ଏକ ସିଲିକନ୍ ସୋଲାର ସେଲ୍ ଉତ୍ପାଦନ ପ୍ଲାଣ୍ଟ ସ୍ଥାପନ କରିବା ସହ ୮୫୦ ନିଯୁକ୍ତି ସୃଷ୍ଟି କରିବା ପାଇଁ ପ୍ରସ୍ତାବିତ ।

ଉପରୋକ୍ତ ୦୫ଟି ୟୁନିଟ୍ ବ୍ୟତୀତ ଏହି କାର୍ଯ୍ୟକ୍ରମରେ ଅନ୍ୟ ୨୨ଟି ଶିଳ୍ପ ପ୍ରକଳ୍ପର ଭୂମିପୂଜନ



ଘୋଷଣା କରାଯାଇଥିଲା । ଯେଉଁଥିରେ ଅନୁଗୁଳ ଜିଲ୍ଲାର ମେସର୍ସ ମୋଗଲି ଲ୍ୟାବ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଅନ୍ତର୍ଭୁକ୍ତ । ବିଧାୟକ ଅନୁଗୁଳ ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ କଲେକ୍ଟର ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଅନୁଗୁଳ ଅବଦାଲ୍ ଏମ୍. ଅଖତାରଙ୍କ ଉପସ୍ଥିତିରେ ଅନୁଗୁଳ ଆଲୁମିନିୟମ ପାର୍କରେ ମେସର୍ସ ମୋଗଲି ଲ୍ୟାବ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡର ଭୂମିପୂଜନ ମଧ କରାଯାଇଥିଲା । ଉପରୋକ୍ତ ୟୁନିଟ୍ ଆଲୁମିନିୟମ ପାର୍କରେ ୬୫ କୋଟି ଟଙ୍କା ନିବେଶ କରି ଏକ ଆଲୁମିନିୟମ କେବୁଲ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବାର ପ୍ରସ୍ତାବ ରଖୁଛି ଯେଉଁଥିରେ ୧୬୫ ଜଣ ନିଯୁକ୍ତି ପାଇ ପାରିବେ । ଜିଲ୍ଲା ପରିଷଦ ସଦାସ୍ୟା, ଶ୍ରୀମତୀ ମୀରା ଗଡ଼ନାୟକ, ଉପ-କଲେକ୍ଟର ମାୟାଧର ବେହେରା, ଜିଲ୍ଲା ପରିଷଦ ର ଅତିରିକ୍ତ ଉନ୍ନୟନ ଅଧିକାରୀ ଗୌରବମୟ ପ୍ରଧାନ, ସାଧାରଣ ପରିଚାଳକ, ଜିଲ୍ଲା ଶିଳ୍ପକେନ୍ଦ୍ର ସିବାଶିଷ କାନୁନଗୋ, ବିଭାଗୀୟ ମୁଖ୍ୟ, ଇଡକୋ, ଶ୍ରୀ ଜୋଗେନ୍ଦ୍ର ଭୋଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଜିତ ଧଳ, ଜିଲ୍ଲା ନିବେଶ ପ୍ରୋତ୍ସାହନ ସଂସ୍ଥା ଅଧିକାରୀ କାଳୁ ଚରଣ ପଟ୍ଟନାୟକ, ଇତ୍ୟାଦି ମଧ୍ୟ ଭୂମିପୂଜନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଟ୍ରେଲରକୁ ପିଟିଲା ଦଶଚକିଆ ଡ୍ରାଇଭର ଗୁରୁତର

କାମାକ୍ଷାନଗର,(ସବ୍ୟୁ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ୫୩ ନମ୍ବର ଜାତୀୟ ରାଜପଥର ଆଳତୁମା ନିକଟରେ ଟ୍ରଲରକୁ ପଛରୁ ପିଟିଲା ଦଶଚକିଆ ଟ୍ରକ । ଦଶଚକିଆ ଟ୍ରକର ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି । ପ୍ରକାଶ ଥାଉ ଯେ ଏକ ଦଶଚକିଆ ଟ୍ରକଟି ତାଳଚେର ଅଞ୍ଚଳରୁ ଯାଜପୁର ଯାଉଥିବା ବେଳେ ସାମ୍ନାରେ ଯାଉଥିବା ଟ୍ରଲର ପଛପଟୁ ଧକ୍କା ଦେଇଥିଲା । ଫଳରେ ଦଶଚକିଆ ଟ୍ରକର ସାମ୍ନାଭାଗ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ଡ୍ରାଇଭର ଜଣଙ୍କ ଟ୍ରକ ଭିତରେ ଚାପି ହୋଇ ଯାଇଥିଲେ । କିଛି ସ୍ଥାନୀୟ ଲୋକ ଏହା ଦେଖି କାମାକ୍ଷାନଗର ଅଗ୍ନିଶମ ବାହିନୀକୁ ଖବର ଦେବାପରେ ଅଗ୍ନିଶମ ବାହିନୀ ପହଞ୍ଚି ଗ୍ୟାସ କଟର ସାହାଯ୍ୟରେ ଦଶଚକିଆ ଟ୍ରକର ସାମ୍ନା ଅଂଶକୁ କାଟି ଗୁରୁତର ଅବସ୍ଥାରେ ଥିବା ଡ୍ରାଇଭରକୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଛି ।

## ପବିତ୍ରନଗର -ଡେରାଗୋଳା ରାସ୍ତାର ଶିଳାନ୍ୟାସ କଲେ ବିଧାୟକ

କଣିହାଁ,(ସବ୍ୟୁ) : ପାଳଲହଡା ନିର୍ବାଚନ ମଣ୍ଡଳୀ କଣିହାଁ ବ୍ଲକ ଅନ୍ତର୍ଗତ ପବିତ୍ରନଗର ଠାରୁ ଡେରାଗୋଳା ପର୍ଯ୍ୟନ୍ତ ରାସ୍ତା ର ପ୍ରଶସ୍ତିକରଣ ଓ ଉନ୍ନତି କରଣ ନିମିତ୍ତ ଶିଳାନ୍ୟାସ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ପାଳଲହଡା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ଭୂମିପୂଜନ କରିଥିଲେ । ଉକ୍ତ କାର୍ଯ୍ୟ ଓଡିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଅନୁମୋଦିତ ହୋଇଥିବା ବେଳେ ଏହାର ବ୍ୟୟ ଅଟକଳ ମୂଲ୍ୟ ୧୧କୋଟି ୮୩ ଲକ୍ଷ ଅଟେ । ଏହି ରାସ୍ତାଦ୍ୱାରା ପରାବିଲ, ଗୌଣିଘଣା, ଝୁଲାଖୁଣ୍ଟିଆ, ମହିଧରପୁର, ବୁରୁକୁନା, ଡେରାଗୋଳା ଆଦି ଗ୍ରାମ ର ପ୍ରାୟ ୧୨ ହଜାରରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଉପକୃତ ହେବେ । ଶିଳାନ୍ୟାସ କରିବା ସମୟରେ ବିଧାୟକଙ୍କ ସହିତ ବୁରୁକୁନା ପଞ୍ଚାୟତ ସରପଞ୍ଚ ଦୁଃଖବନ୍ଧୁ ବେହେରା, ପରାବିଲ ସରପଞ୍ଚ କବିତା ରାଣୀ ପ୍ରଧାନ, ପାଳଲହଡା ବିଧାନସଭା ମଣ୍ଡଳୀ ସଂଯୋଜକ ପ୍ରହଲ୍ଲାଦ ସାମଲ, ପବିତ୍ରନଗର ମଣ୍ଡଳ ସଭାପତି ମନୋଜ କୁମାର ବିଶ୍ୱାଳ, ସାଧାରଣ ସମ୍ପାଦକ ପ୍ରତାପ ରଞ୍ଜନ ପ୍ରଧାନ ଓ ସୁନିଲ ପ୍ରଧାନ, ହରେକୃଷ୍ଣ ପ୍ରଧାନ, ମନୋଜ ସାହୁ,ସୁନିଲ ଦେହୁରୀ, ବିଭୂତି ପ୍ରଧାନ, ଶିକ୍ଷାବିତ ରମେଶ ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ଯୁଗଳ କିଶୋର ସାହୁ ପ୍ରମୁଖ କାର୍ଯ୍ୟକର୍ତ୍ତା ଙ୍କ ସହ ସ୍ଥାନୀୟ ୬ ଟି ଗ୍ରାମର ଗ୍ରାମବାସୀ ,ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ ।

## ରାସ୍ତା କଡ଼ରେ କୁଢ଼ କୁଢ଼ ଅଳିଆ: ଗୋରୁଗାଈ ଖାଇ ହରାଉଛନ୍ତି ଜୀବନ

ତାଳଚେର , (ସବ୍ୟୁ) : କୋଇଲା ନଗରୀ ଅଂଚଳ ସାଉଥବଲଣ୍ଡା ଗୁରୁଦ୍ୱାରା ନିକଟରେ ରହିଥିବା ଶିକ୍ଷକ ଭବନ ଠାରୁ ମସଜିଦ୍ ପର୍ଯ୍ୟନ୍ତ ରାସ୍ତାର ଉଭୟପାଶ୍ୱରେ ଅଳିଆ ଆବର୍ଜନା ସହିତ ପ୍ଲାଷ୍ଟିକ ପାହାଡ଼ ପର୍ବତଭଳି ଗଦା ହୋଇ ରହିଥିବାରୁ ଏହାକୁ ଗୋରୁ ଗାଈ ଖାଇ ଜୀବନ ହାରୁଥିବା କଲୋନୀବାସୀ ଅଭିଯୋଗ ଆଣିଛନ୍ତି । ମାସାଧିକ କାଳ ଏହି ଅଳିଆ ଆବର୍ଜନା ଗଦା ହୋଇ ରହୁଥିବାରୁ ଅଂଚଳବାସୀ ନାହିଁ ନଥିବା ହଇରାଣ ହରକତ ହେବା ସହ ହାଲୁକା ପବନ ବୋହିଲେ ଅଳିଆ ଉଡ଼ି ଘରଦ୍ୱାରରେ ପଡ଼ି ଏକ ଅପ୍ରିତୀକର ପରିସ୍ଥିତି ସୃଷ୍ଟି କରିବା ସହ ପରିବେଶକୁ ଦୂଷିତ କରୁଛି । ପବନରେ ଉଡ଼ି ବାଟୋଇ ଦାଣ୍ଡୋଇ ନାକକାନରେ ପଶି ଅଣନିଶ୍ୱାସୀ କରି ଦେଇଥାଏ । ସେହିପରି ଶିକ୍ଷକ ଭବନ ଠାରୁ ମସଜିଦ୍ ପର୍ଯ୍ୟନ୍ତ ରାସ୍ତା ଓ ଉଭୟପାର୍ଶ୍ୱରେ ଡ୍ରେନ ନଥିବାରୁ ଅଂଚଳ ଓ କଲୋନୀବାସୀ



ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ସେହି ନିକଟରେ ଗୋରୁଗାଈଙ୍କ ପାଇଁ ଚରାଭୂଇଁ ନଥିବାରୁ ସେମାନେ ଏହି ଆବର୍ଜନା ସ୍ଥାନକୁ ଖାଦ୍ୟ ଅନେ୍ୱଷଣରେ ଯାଇଥାନ୍ତି ଏବଂ ଭୋକର ବଶବର୍ତ୍ତି ହୋଇ ଏହି ପ୍ଲାଷ୍ଟିକ ଗୁଡ଼ିକୁ ଖାଇ ଦେଉଥିବାରୁ ଅକାଳରେ ଜୀବନ ହାରୁଛନ୍ତି ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି । ଅପରପକ୍ଷେ ରାସ୍ତା କଚଡ଼ା ସହିତ ଉଭୟପାର୍ଶ୍ୱରେ ଡ୍ରେନ ନଥିବାରୁ ବର୍ଷା ହେଲେ କାଦୁଅ ସହିତ ଏହି ଆବର୍ଜନା ପଚିଦୁର୍ଗନ୍ଧରେ ନାକଫାଟି ପଡ଼ିଥାଏ । ତୁରନ୍ତ ଯୁଦ୍ଧକାଳୀନ ପରିସ୍ଥିତିରେ ଏହି ଡ୍ରେନ ନିର୍ମାଣ ସହ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ସାଧାରଣରେ ଦାବି ହେଉଛି ।

## ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ କୋନାର୍କ ଫର୍ଣ୍ଣେସରେ ଇଭି ସ୍କ୍ରାପ୍ ଟ୍ରାନ୍ସପର କାର୍ ବ୍ୟବହାର

ଢେଙ୍କାନାଳ,(ସବ୍ୟୁ): ଟାଟା ଷ୍ଟିଲ୍ ମେରାମଣ୍ଡଳୀ (ଟିଏସ୍ଏମ୍) ପକ୍ଷରୁ ନବସୃଜନ ଓ କର୍ମକ୍ଷେତ୍ରରେ ସୁରକ୍ଷା ପଦକ୍ଷେପର ଏକ ଅଂଶ ଭାବେ କୋନାର୍କ ଫର୍ଣ୍ଣେସରେ ଅତ୍ୟାଧୁନିକ ଇଲେକ୍ଟ୍ରିକ୍ ଯାନ- ସ୍କ୍ରାପ୍ ଟ୍ରାନ୍ସପର କାର (ଇଭି-ଏସ୍‌ଟିସି)ର ବ୍ୟବହାର କରାଯାଉଛି।କୋନାର୍କ ଫର୍ଣ୍ଣେସ ହେଉଛି ଏକ ପ୍ରକାରର ଇସ୍ପାତ ପ୍ରସ୍ତୁତି ଫର୍ଣ୍ଣେସ, ଯାହା ଏକ ଇଲେକ୍ଟ୍ରିକ୍ ଆର୍କ 'ର୍ଣ୍ଣେସ (ଇଏଏଫ) ଏବଂ ବେସିକ ଅକ୍ସିଜେନ୍ ଫର୍ଣ୍ଣେସ (ବିଓଏଫ)ର ବୈଶିଷ୍ଟ୍ୟକୁ ମିଶ୍ରଣ କରେ। ପାରମ୍ପରିକ ଇଲେକ୍ଟ୍ରିକ୍‌କେବୁଲ ରିଲିଂମେକାନିଜିମ ଓ ଡିଜେଲ୍ ପରିଚାଳିତ ଯାନକୁ ଏକ ସ୍ମାର୍ଟ, ସୁରକ୍ଷିତ ଓ ସବୁଜ ବିକଳ୍ପ ଭାବେ ସ୍କ୍ରାପ୍ ପରିଚାଳନା ଦିଗରେ ଏହି ପଦକ୍ଷେପ ଏକ ଅଗ୍ରଣୀ ରୂପାନ୍ତରିକରଣ ବ୍ୟବସ୍ଥା ଅଟେ।କୋନାର୍କ ଫର୍ଣ୍ଣେସରେ ସ୍କ୍ରାପ୍ ବ୍ୟବହାର ବୃଦ୍ଧି (୦.୫% ରୁ ୧୦% ପର୍ଯ୍ୟନ୍ତ) ହେଲେ ଏହା ବାର୍ଷିକ ୪୭ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବ, ଯାହା ଶକ୍ତି ଖର୍ଚ୍ଚ ସଞ୍ଚୟ କରିବା ସହ ଅଙ୍ଗାରକାମ୍ଳ ଫୁଟ୍‌ପ୍ରିଂଟ୍ ହ୍ରାସ କରିବାକୁ ଟାଟାଷ୍ଟିଲ୍‌ର ପ୍ରତିବଦ୍ଧତାକୁ ଦୃଢ଼ କରିବ। ଇଭି-ଏସ୍‌ଟିସିରେ ଅନେକ ପ୍ରକାରର



ଉନ୍ନତ ସୁରକ୍ଷାବୈଶିଷ୍ଟ୍ୟ ରହିଛି, ଯେଉଁଥିରେ ମଣିଷ କିମ୍ବା ଚଳନ୍ତା ମେସିନ୍ ସହିତ ଧକ୍କାକୁ ରୋକିବା ଲାଗି ଆଂଟି-କୋଲିଜନ ସେନ୍ସର୍, ଚାର୍ଜିଂ ସମୟରେ ଗାଡ଼ି ଚଳାଚଳକୁରୋକିବା ଲାଗି ଇଣ୍ଟରଲକ୍, ଫ୍ଲାସିଂ ବିକନ୍ ବାର୍ ଏବଂ ଉଭୟ ପାଶର୍ବରେ ଡାକବାଜୀ ବ୍ୟବସ୍ଥା ରହିଛି। ଉଭୟ ସ୍କ୍ରାପ୍‌ଲୋଡିଂ ଓ ଅନଲୋଡିଂ ପଏଣ୍ଟ ରେ ଲିମିଟ୍‌ସ୍ୱିଚ୍ ସହିତ ଏହି ବ୍ୟବସ୍ଥାରେ ଏକ କାର୍‌ରୋକିବା ବ୍ୟବସ୍ଥା ରହିଛି, ଯାହା ଲିମିଟ ସ୍ୱିଚ ବନ୍ଦ ବିଫଳତା ହେବା ଭଳି ପରିସ୍ଥିତିରେ ଅତିରିକ୍ତ ସୁରକ୍ଷାସ୍ତର ଭାବେ କାର୍ଯ୍ୟ କରିବ ଏବଂ କାର୍କୁ ଚାର୍ଜିଂରେ ନ ଲଗାଇବା ପର୍ଯ୍ୟନ୍ତ ଚାର୍ଜିଂକେବୁଲ୍‌ରେ ବିଦ୍ୟୁତ୍ ସରବରାହ ହେବ ନାହିଁ। ଇଭି-ଏସ୍‌ଟିସିର ପେଲୋଡ୍ କ୍ଷମତାହେଉଛି ୧୦୦ ଟନ୍ ଏବଂ ଏହା ପ୍ରତି ମିନିଟ୍‌ରେ ୨୫ରୁ ୩୦ ମିଟର୍‌ବେଗରେ ପରିଚାଳିତ ହୋଇପାରିବ । ପରିଚାଳନା ଉତ୍କର୍ଷ ଓ ପରିବେଶ ଦାୟିତ୍ୱ କିଭଳି ମିଳିତ ଭାବେ ଆଗକୁ ବଢ଼ିପାରିବ ତାହାର ଏକ ଉଦାହରଣ ହେଉଛି ଇଭି ସ୍କ୍ରାପ୍ ଟ୍ରାନ୍ସଫର କାର୍ଯ୍ୟ । ଜୈବ ଇନ୍ଧନ ଉପରେ ନିର୍ଭରଶୀଳତା କମ୍, ନିର୍ଗମନ ହ୍ରାସ କରିବା ଏବଂ କାରଖାନା ଭିତରେ ଏକ ପ୍ରଭାବୀ ସ୍କ୍ରାପ୍ ପରିଚାଳନା ଲାଗୁ କରି ୨୦୪୫ ସୁଦ୍ଧା ନେଟ୍ ଜିରୋ ନିର୍ଗମନ କରିବା ଲାଗି ଟାଟା ଷ୍ଟିଲ୍‌ର ଲକ୍ଷ୍ୟ ଦିଗରେ ଏହା ଆଉ ଏକ ପଦକ୍ଷେପ ।

## ବଜ୍ରପାତରେ ୧ ମୃତ, ୧ ଆହତ

ଆଠମଲ୍ଲିକ , (ସବ୍ୟୁ) :ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଅନ୍ତର୍ଗତ ଧଳପୁର ଗ୍ରାମ ର ଗୋବିନ୍ଦ ମହାକୁଡ଼ (୫୦)ଓ ଅରୂପା ନନ୍ଦ ଦେହୁରୀ (୩୫) ଙ୍କୁ ବଜ୍ରପାତ ହୋଇଥିବା ଜଣାପଡିଛି । ଉଭୟଙ୍କୁ ଆଠମଲ୍ଲିକ ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଭର୍ତି କରାଯାଇଥିଲା । ଗୋବିନ୍ଦ ମହାକୁଡ଼ଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଆହତ ଅରୂପା ନନ୍ଦ ଦେହୁରୀ ଚିକିତ୍ସାଧୀନ ଅବସ୍ଥ ରେ ଅଛନ୍ତି । ମୃତ ଗୋବିନ୍ଦ ସାହୁ ଙ୍କ ପରିବାର ସଦସ୍ୟଙ୍କ କହିବା ଅନୁଯାଇ ଅପରାହ୍ନ ୫ ଟା ରେ ଗାଈ ଧରି ଗୃହ କୁ ପ୍ରବେଶ କରୁଥିବା ବେଳେ ବଜ୍ରପାତ ହୋଇଥିଲା ।

# ଢେଙ୍କାନାଳ ଗଜଲକ୍ଷ୍ମୀ ପୂଜାରେ ମୁଖ୍ୟମନ୍ତ୍ରୀଙ୍କୁ କଲେ ନିମନ୍ତ୍ରଣ
# ରାଜ୍ୟସ୍ତରୀୟ ମାନ୍ୟତା ପାଇଁ କଲେ ଅନୁରୋଧ

ଢେଙ୍କାନାଳ,(ସବ୍ୟୁ) : ଆସନ୍ତା ମାସ ପ୍ରଥମ ସପ୍ତାହରୁ ଢେଙ୍କାନାଳର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହେବାକୁ ଯାଉଛି । ଦୀର୍ଘ ୧୦ ଦିନ ବ୍ୟାପି ହେବାକୁ ଥିବା ଉକ୍ତ ଲକ୍ଷ୍ମୀ ପୂଜାରେ ପ୍ରତ୍ୟେକ ଦିନ ଲକ୍ଷାଧିକ ଭକ୍ତ ଏବଂ ଯାତ୍ରୀଙ୍କର ସମାଗମ ହୁଏ । ଚଳିତ ବର୍ଷ ମିଳିତ ବଜାର ଲକ୍ଷ୍ମୀ ପୂଜା କମିଟି ତରଫରୁ ସଭାପତିଙ୍କ ସହିତ ସମସ୍ତ ସଦସ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ନିମନ୍ତ୍ରଣ କରିଛନ୍ତି । ଢେଙ୍କାନାଳର ଲକ୍ଷ୍ମୀ ପୂଜା ୮୨ ବର୍ଷରୁ ଉର୍ଦ୍ଧ । ୧୦୦ଟଙ୍କିଆ ଛାମୁଡିଆ ସାଜସଜ୍ଜାରୁ ଆରମ୍ଭ ହୋଇଥିବା ଉକ୍ତ ଗଣ ପର୍ବ ବର୍ତ୍ତମାନ ୩୮ଗୋଟି ମେଢ ସହ ମା ପୂଜା



ପାଆନ୍ତି । ଗତବର୍ଷ ଢେଙ୍କାନାଳ ଗଜଲକ୍ଷ୍ମୀ ପୂଜାକୁ ସରକାରଙ୍କ ତରଫରୁ ରାଜ୍ୟ ସ୍ତରୀୟ ମାନ୍ୟତା ପ୍ରଦାନ କରିବାପାଇଁ ମୁଖ୍ୟମନ୍ତ୍ରୀ ଯୋଗଦାନ କରିଥିବା କାର୍ଯ୍ୟକ୍ରମରେ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିଲା ନାହିଁ । ଚଳିତ ବର୍ଷ ଏହାକୁ କାର୍ଯ୍ୟକାରୀ କରାଯାଉ ବୋଲି ଆମନ୍ତ୍ରଣ କରିବାକୁ ଯାଇଥିବା କମିଟିର ସଦସ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।

# ଜାତୀୟ ରାଜପଥରେ ଜମୁଛି ପାଣି
# ରାସ୍ତା କାମ ନିମ୍ନମାନର ଅଭିଯୋଗ

ଠାକୁରଗଡ ,(ସବ୍ୟୁ) :ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଠାରୁ ବାମୁର ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ଜାତୀୟ ରାଜପଥ ରାସ୍ତା କାମ ଅତି ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି । ବିଶେଷ କରି ଜାତୀୟ ରାଜପଥ ର ଅନେକ ସ୍ଥାନ ରେ ବର୍ଷା ଜଳ ଗଛିତ ହୋଇ ରହୁଥିବା ବେଳେ ଅଧିକାଂଶ ସ୍ଥାନ ରେ ରାସ୍ତା ଫାଟି ଗଲାଣି । ଜାତୀୟ ରାଜପଥ ବିଭାଗ ପକ୍ଷରୁ ରାସ୍ତା କାମ ସମୟ ରେ ସଠିକ ଭାବରେ ତଦାରଖ କରାଯାଇ ନଥିବା ଯୋଗୁଁ ରାସ୍ତା ରେ ଏ ଭଳି ସମସ୍ୟା ସୃଷ୍ଟି ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି । ରାସ୍ତାରେ ପାଣି ଯମୁଥିବା ଯୋଗୁଁ ଦୁର୍ଘଟଣା ବୃଦ୍ଧି ପାଉଛି ବୋଲି ଅଭିଯୋଗ ହୋଇଛି । ଏ ନେଇ ହଣ୍ଡପା ଗ୍ରାମବାସୀମାନେ ସୋମବାର ଦିନ ଅନୁଗୋଳ ଜିଲ୍ଲାପାଳ ନିକଟରେ ଅଭିଯୋଗ କରିଛନ୍ତି । ଏ ହାର ଏକ ନକଲ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ , ଜାତୀୟ ରାଜପଥ ବିଭାଗ ସମ୍ବଲପୁର ପିଡି , କେନ୍ଦ୍ର ସଡକ ପରିବହନ ମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି । ସେମାନେ ତାଙ୍କ ଅଭିଯୋଗ ପତ୍ରରେ ଉଲେଖ କରିଛନ୍ତି ଯେ ବଇଣ୍ଡା ଠାରୁ ବାମୁର ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ଜାତୀୟ ରାଜପଥ ସଂପୂର୍ଣ୍ଣ ନିମ୍ନମାନର ହୋଇଛି । ବିଶେଷ କରି ବଇଣ୍ଡା , ହଣ୍ଡପା , ନାକିଚି, ବାମୁର , ଲୁହାମୁଣ୍ଡା , ଗୁରୁଜାଙ୍ଗ ଆଦି ଅଞ୍ଚଳ ରେ ଅନେକ ସ୍ଥାନ ରେ ରାସ୍ତା ଫାଟି ଗଲାଣି । ଏଥିସହ ରାସ୍ତାରେ ସାମାନ୍ୟ ବର୍ଷା ହେଲେ ପାଣି ଜମି ରହୁଛି । ରାସ୍ତା କାମ ସମୟ ରେ ସଠିକ ଭାବରେ ହୋଇନଥିବା ଯୋଗୁଁ ରାସ୍ତା ସଂପୂର୍ଣ୍ଣ ଦବି ଯାଇଥିବା ଅଭିଯୋଗ ହୋଇଛି । ରାସ୍ତାରେ ପାଣି ଜମୁଥିବା ଯୋଗୁଁ ଅନେକ ସମୟ ରେ ଦୁର୍ଘଟଣା ଘଟୁଛି । କିଛି ଦିନ ତଳେ ବର୍ଷା ଜଳ ହଣ୍ଡପା ଠାରେ ରାସ୍ତା ରେ ଜମି ରହିଥିବା ଯୋଗୁଁ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ଙ୍କର କାର ଦୁର୍ଘଟଣା ଗ୍ରସ୍ତ ହୋଇଥିଲେ । ତୁରନ୍ତ ଏହାର ଏକ ସ୍ଥାୟୀ ସମାଧାନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ୧୨ ଦଫାରେ ଦାବି ନେଇ ଆମ ଆଦମୀ ପାର୍ଟିର ଗଣଧାରଣା
## ଢେଙ୍କାନାଳ ଚିକିତ୍ସାଳୟ ପାଲଟିଛି ରେଫର ସେଣ୍ଟର: ବଡ ବିଲ୍ଡିଂ ଅଛି ହେଲେ ଡାକ୍ତର ନାହାନ୍ତି

ଢେଙ୍କାନାଳ,(ସବ୍ୟୁ): ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟ ରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଓ ୧୨ ଦଫା ଦାବୀ ନେଇ ସୋମବାର ଆମ୍ ଆଦମୀ ପାର୍ଟି ପକ୍ଷରୁ ଜିଲ୍ଲା ଚିକିତ୍ସାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣଧାରଣା ଦିଆଯାଇଛି । ଏହି ଅବସରରେ ସ୍ଥାନୀୟ ଗଣେଶ ବଜାର ଶାଖା କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲା । ପରେ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ଗଣଧାରଣା ଦିଆଯାଇଥିଲା । ଦାବୀ ଅନୁଯାୟୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପାଇଁ ବଡ ବିଲଡିଂ କରାଯାଇଛି ହେଲେ ନାଁ ଅଛନ୍ତି ଡାକ୍ତର ନାଁ ଅତ୍ୟାଧୁନିକ ମେସିନ । ରେଫର ସେଣ୍ଟର ପାଲଟିଛି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ । ଖୋଦ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ଜିଲ୍ଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି । ମନ୍ତ୍ରୀଙ୍କ ପ୍ରତିଶୃତି ଧୁଆଁବାଣ ପରି ବୋଲି ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର କହିବା ସହ ବିଜେପି ସରକାର ଉପରେ ବର୍ଷିଥିଲେ । ଚିକିତ୍ସାଳୟରେ ୧୧୭ଜଣ ଡାକ୍ତରଙ୍କୁ ନିଯୁକ୍ତି ପାଇଁ ଅନୁମୋଦିତ ରହିଥିବା ବେଳେ ୨୫ଜଣ ଡାକ୍ତରଙ୍କ ଦ୍ୱାରା ଚିକିତ୍ସାଳୟ ଚାଲୁଛି । ସେହିପରି ଜିଲ୍ଲାରେ ୪୪୦ଙ୍କ ପରିବର୍ତ୍ତେ ୧୨୬ ଡାକ୍ତର କାର୍ଯ୍ୟରତ ଅଛନ୍ତି । ଆବଶ୍ୟକୀୟ ଷ୍ଟାଫ କି ନର୍ସ ନାହାନ୍ତି । ଠିକା କର୍ମଚାରୀଙ୍କ ଦ୍ୱାରା ଅନେକ ବିଭାଗ ଚାଲୁଛି ତେଣୁ ଠିକା କର୍ମଚାରୀଙ୍କୁ ଉଚ୍ଛେଦ କରାଯାଉ । ଜିଲ୍ଲାରେ କିଡନୀ ରୋଗୀଙ୍କ ସଂଖ୍ୟା ବଢୁଥିବା ବେଳେ ବିଶେଷଜ୍ଞ ନାହାନ୍ତି । ଔଷଧ ନିରାମୟ କେନ୍ଦ୍ରରେ କିଡନୀ, ଲିଭର, ହୃଦରୋଗ, କ୍ୟାନ୍ସର ରୋଗୀଙ୍କ ଔଷଧ ମିଳୁନଥିବାରୁ ରୋଗୀଙ୍କୁ କଟକ ଓ ଭୁବନେଶ୍ୱର ଦୌଡିବାକୁ ପଡୁଛି । ଅପରେଟର ନଥିବାରୁ ୫ ବର୍ଷ ହେବ ଖତ ଖାଉଛି ଅଲଟ୍ରାସାଉଣ୍ଡ ମେସନ୍ । ଏମ୍‌ଆରଆଇ ମେସିନ୍ ଆଜି ପର୍ଯ୍ୟନ୍ତ ଲଗା ଯାଇପାରିଲାନାହିଁ । ରୋଗୀଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଛି । କାମଚଳା ଭାବେ ସଫେଇ କାର୍ଯ୍ୟ କରାଯାଉଛି । ଆମ୍ବୁଲାନ୍ସ ସେବା ବିପର୍ଯ୍ୟସ୍ତ ହୋଇପଡିଛି ଆଦି ୧୨ ଦଫା ଦାବୀରେ ଅନିର୍ଦ୍ଦିଷ୍ଟ ପାଇଁ ଗଣଧାରଣା ଦିଆଯାଇଛି ବୋଲି ରାଜ୍ୟ ସଭାପତି ଶ୍ରୀ ମହାପାତ୍ର କହିଛନ୍ତି ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଆଦେଶ ପ୍ରତ୍ୟାହାର ଦାବିରେ ଶ୍ରେଣୀ ଗୃହରେ ତାଲା




ମୋରଡା,(ସବ୍ୟୁ): ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଆଦେଶ ପ୍ରତ୍ୟାହାର ଦାବିରେ ଅଭିଭାବକମାନେ ବିଦ୍ୟାଳୟ ଶ୍ରେଣୀ ଗୃହରେ ତାଲା ପକାଇଦେଇଛନ୍ତି । ମୟୂରଭଞ୍ଜ ଜିଲ୍ଲା ମୋରଡା ଗୋଷ୍ଠୀ ଶିକ୍ଷା ଅଧୀନ ଡାକୋଇ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବାଳ ବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୩୮ ଜଣ ଛାତ୍ରୀଛାତ୍ର ପଢୁଛନ୍ତି । ଚାରି ବର୍ଷ ପୂର୍ବେ ମାଳତୀ ତ୍ରିପାଠୀ ଡାକୋଇ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଡେପୁଟେସନରେ ଆସି ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱ ନେଇ ପିଲାଙ୍କୁ ପାଠ ପଢାଉଛନ୍ତି । ତେବେ ବର୍ତ୍ତମାନ ପ୍ରଧାନ ଶିକ୍ଷୟିତ୍ରୀ ମାଳତୀ ତ୍ରିପାଠୀଙ୍କୁ ପୂର୍ବରୁ ଥିବା ଭଲିଡିହି ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଫେରାଇ ନିଆଯାଉଛି । ଏଥିକୁ ନେଇ ଅଭିଭାବକମାନେ ସୋମବାର ଦିନ ସ୍କୁଲରେ ଶ୍ରେଣୀ ଗୃହରେ ତାଲା ପକାଇ ଧାରଣାରେ ବସିଥିଲେ । ମାଳତୀଙ୍କ ବଦଳିକୁ ସ୍ଥଗିତ କରାଯାଇ ସେ ଡାକୋଇ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ କରନ୍ତୁ ବୋଲି କହିଛନ୍ତି । ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ କ୍ଷିତୀଶ କୁମାର ବେହେରା, ରିତା ବେହେରା, ବାସନ୍ତୀ ହେମ୍ବ୍ରମ, ମନୋରଞ୍ଜନ ସେଠୀ । ଅଭିଭାବକ ମାନେ ବିଦ୍ୟାଳୟ ଶ୍ରେଣୀ ଗୃହ ଆଗରେ ବସି ରହିଥିବାରୁ ଆସିଥିବା ଛାତ୍ରୀଛାତ୍ରମାନେ ବାରଣ୍ଡାରେ ବସିଥିଲେ । ମଧ୍ୟାହ୍ନ ଭୋଜନ ପରେ ଛାତ୍ରୀଛାତ୍ରଙ୍କୁ ଅଭିଭାବକମାନେ ଘରକୁ ନେଇ ପଳାଇଥିଲେ । ପରେ ଘଟଣାସ୍ଥଳରେ ଗୋଷ୍ଠୀ ଶିକ୍ଷାଧିକାରୀ ବିଜୟ କୁମାର ପାଣିଗ୍ରାହୀ ଏବଂ ବେତନଟି ପୋଲିସ ପହଞ୍ଚି ବିଦ୍ୟାଳୟର ତାଲା ଖୋଲିଥିଲେ । ଘଟଣା ବାବଦରେ ଗୋଷ୍ଠୀ ଶିକ୍ଷାଧିକାରୀ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ ଜିଲା ଶିକ୍ଷା ଅଧିକାରୀଙ୍କ ସହିତ ଆଲୋଚନା ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

# କାର୍ ଧକ୍କାରେ ଶିକ୍ଷକଙ୍କ ମୃତ୍ୟୁ

ବେତନଟୀ,(ସବ୍ୟୁ): ୧୮ ନଂ ଜାତୀୟ ରାଜପଥରେ ବାରିପଦା ଅଭିମୁଖେ ଯାଉଥିବା ବେଳେ ରାଗଡ଼ାରେ ଏକ ଦ୍ରୁତଗାମୀ କାର ଧକ୍କାରେ ସୋମବାର ଅପରାହ୍ନରେ ବେତନଟୀ ଉପକଣ୍ଠ ଆମ୍ୟଯୋଗାସ୍ଥିତ ହୀରାଲାଲ ହାଇସ୍କୁଲର ସରକାରୀ ଶିକ୍ଷକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି । ମୃତକ ଜଣକ ହେଉଛନ୍ତି ବେତନଟୀ ଥାନା କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧୀନ ନୟାବାଜାର ଗ୍ରାମର, ବିନୋଦ କିଶୋର ମହାନ୍ତଙ୍କ ପୁଅ ତପନ କୁମାର ମହାନ୍ତ । ଅଭିଯୋଗକାରୀ ମୃତ ଶିକ୍ଷକ ତପନଙ୍କ ସାନଭାଇ ହେମନ୍ତ ମହାନ୍ତଙ୍କ ଅଭିଯୋଗ ମୁତାବକ ତପନ ନିଜର ଓଡି ୧୧ଏଚ୍ଚେ ୫୪୮୦ ନମ୍ବର ବିଶିଷ୍ଟ ବାଇକଯୋଗେ ବାରିପଦା ଅଭିମୁଖେ ଯାଉଥିବା ବେଳେ ବାଲେଶ୍ୱରରୁ ବାରିପଦା ପଟୁ ଆସୁଥିବା ଅଜ୍ଞାତ ଦ୍ରୁତଗତିରେ ଯାଉଥିବା ଓଡି-୦୧ସି-୮୦୧୮ ନମ୍ବର ବିଶିଷ୍ଟ କାରଟି ପଛପଟୁ ଆସି ଧକ୍କା ଦେଇଥିଲା । ଦୁର୍ଘଟଣାରେ ତପନଙ୍କର ଘଟଣାସ୍ଥଳରେ ହିଁ ଶୋଚନୀୟ ମୃତ୍ୟୁ ଘଟିଥିବା ବେଳେ କାରର ସମ୍ମୁଖ ଭାଗ ବାଇକ ଭାଙ୍ଗି ଚୁରମାର ହୋଇଯାଇଥିଲା । ତପନଙ୍କୁ ସଙ୍ଗେସଙ୍ଗେ ବାରିପଦାସ୍ଥିତ ଜିଲ୍ଲାମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତରିତ କରାଯାଇଥିଲେ ସୁଦ୍ଧା ସେଠାରେ କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ବେତନଟୀ ପୁଲିସ ୩୧୮/୨୫ ନମ୍ବରରେ ଏକ ମାମଲା ରୁଜୁ କରି ଉଭୟ ଦୁର୍ଘଟଣାଗ୍ରସ୍ତ କାର ଏବଂ ମୋଟରସାଇକେଲ ଜବତକରି ତଦନ୍ତ ଚଳାଇଛନ୍ତି । ତପନ ଛାତ୍ରଜୀବନରେ ୧୯୯୨ ୯୩ ଶିକ୍ଷାବର୍ଷରେ ବେତନଟୀ କଲେଜ ଛାତ୍ର ସଂସଦ ସଭାପତି ଥିବାବେଳେ ତାଙ୍କର ଅକାଳ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ବରିଷ୍ଠ ସାମ୍ବାଦିକ ବିଦ୍ୟାଧର ପଣ୍ଡିତ, ଜ୍ଞାନରଞ୍ଜନ ବେହେରା, ସୁପରମୋହନ ମହାନ୍ତଙ୍କ ସମେତ ଓଷ୍ଟା ଶିକ୍ଷକ ସଂଘର ଜିଲ୍ଲା ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ, ବ୍ଲକସଭାପତି ଶିଶିର ନାୟକ ସମ୍ପାଦକ ସୂର୍ଯ୍ୟାନନ୍ଦ ନିୟତ ନାୟକ ଏବଂ ହୀରାଲାଲ ହାଇସ୍କୁଲର ହାଇସ୍କୁଲର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ, ଅଣଶିକ୍ଷା କର୍ମଚାରୀ ପ୍ରମୁଖ ଦିବଂଗତ ଆତ୍ମାଙ୍କ ସଦଗତି କାମନା କାମନା ପୂର୍ବକ ପୂର୍ବକ ଗଭୀର ଶୋକବ୍ୟକ୍ତ ଜଣାଇଛନ୍ତି ।

# ଅବକାରୀ ଚଢ଼ାଉ : ଦୁଇ ଗିରଫ

ସୋର, (ସବ୍ୟୁ): ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦେଶୀମଦ ଏବଂ ଜିଞ୍ଜର ଜବତ କରିଥିବା ବେଳେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସୁରଜ କୁମାର ଟୀଗାଙ୍କ ନେତୃତ୍ୱରେ ଏକ ଟିମ ମାଣିପୁର ଗ୍ରାମରେ ଚଢ଼ାଉ କରି ସାବିତ୍ରୀ ମୁର୍ମୁ ନିକଟରୁ ୪୫ ଲିଟର ଦେଶୀମଦ,ଖଜୁରୀଡିହା ଗ୍ରାମର ରଂଜିତା ଜେନା ନିକଟରୁ ୪୫ ଲିଟର ଜିଞ୍ଜର ଜବତ କରିବା ସହିତ ଉଭୟଙ୍କୁ ଗିରଫ କରିଥିଲେ।ଅପରାହ୍ନରେ ସୋର ମେ ଉଭୟଙ୍କ ଡାକ୍ତରୀ ମାଇନା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।ଏହି ଚଢ଼ାଉରେ ଏଏସଆଇ ବସନ୍ତ ବାରିକ, କନେଷ୍ଟବଳ ଶଶୀକାନ୍ତ ସାହୁ, କାଜଲ ପ୍ରିୟଦର୍ଶିନୀ ପ୍ରମୁଖ ସାମିଲ ହୋଇଥିଲେ।

# ନିଖୋଜ ନାବାଳିକା ମାସକ ପରେ ବିଶାଖାପାଟଣାରୁ ଉଦ୍ଧାର

ଧାମନଗର,(ସବ୍ୟୁ): ଦୀର୍ଘ ଏକ ମାସ ହେଲା ନିଖୋଜ ଥିବା ଜଣେ ଅପହୃତ ନାବାଳିକାକୁ ଧାମନଗର ପୋଲିସ ଖୋଜି ପାଇବାରେ ସମର୍ଥ ହୋଇଛି । ଝିଅଟି କଲେଜ ଯାଇ ଆଉ ଘରକୁ ନେଫେରିବା ଘଟଣାର ଏକମାସ ପରେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରୁ ଗତ ରବିବାର ଧାମନଗର ପୋଲିସ ପକ୍ଷରୁ ତଡ଼ାଗ କରାଯାଇ ଅଭିଯୁକ୍ତ ସହ ନାବାଳିକାକୁ ଉଦ୍ଧାର କରାଯାଇ ସୋମବାର ମଧ୍ୟାହ୍ନରେ ଧାମନଗର ଥାନାକୁ ଆଣାଯାଇଛି । ପରେ ପୋଲିସ ପକ୍ଷରୁ ନାବାଳିକାର ୧୬୧ବୟାନ ରେକର୍ଡ କରାଯାଇ ଉଦ୍ଧକ ଆସିଥାନରେ ହାଜର ନିଆଯିବ ବୋଲି ସୂଚନା ମିଳିଛି । ପ୍ରକାଶଥାଉକି ଧାମନଗର ଥାନା ଅନ୍ତର୍ଗତ ଭଗବାନପୁର ଅଂଚଳର ଜଣେ ନାବାଳିକା ଝିଅ ଗତ ଅଗଷ୍ଟ ୧୩ତାରିଖ ଦିନ ବାରିକପୁର ନୟନମଣି କଲେଜ ଯାଇ ଆଉ ଘରକୁ ଫେରିନଥିଲା। ପରିବାର ପକ୍ଷରୁ ବହୁ ଖୋଜାଖୋଜି କରି ନିରାଶ ହେବା ପରେ ଝିଅ ନିଖୋଜ ଥିବା ନେଇ ଧାମନଗର ଥାନାରେ ଏତଲା ଦେଇଥିଲେ। ପୋଲିସ ଉକ୍ତ ଅଭିଯୋଗକୁ ଭିତ୍ତି କରି ଥାନା କଯାସ ନଂ.୨୯୫/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ବିଳମ୍ବ ନେଇ ପରିବାର ପକ୍ଷରୁ ବାରମ୍ବାର ଥାନାକୁ ଦୌଡ଼ି ନୟାନ୍ତ ହୋଇଥିଲେ। ଉପାୟ ହୀନ ହୋଇ ପରିବାର ଲୋକେ ଭଦ୍ରକ ଏସପି ମନୋଜ କୁମାର ରାଉତଙ୍କୁ ଭେଟି ଅଭିଯୋଗ କରିଥିଲେ। ଏସପି ଶ୍ରୀରାଉତ ଖୁବଶୀଘ୍ର ନାବାଳିକାକୁ ଉଦ୍ଧାର କରାଯିବ ବୋଲି ପ୍ରତିଶ୍ରୁତି ଦେବା ସହ ଧାମନଗର ପୋଲିସକୁ ଅଭିଯୁକ୍ତ ଧରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପରେ ଧାମନଗର ପୋଲିସ ତତ୍ପରତା ପ୍ରକାଶ କରିବାସହ ଏକ ଟିମ ଗଠନ କରି ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲେ। କୌଣସି ସୂତ୍ରରୁ ଖବର ପାଇ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରୁ ଗତ ରବିବାର ଦିନ ଅଭିଯୁକ୍ତସହ ନାବାଳିକାକୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ସୋମବାର ସନ୍ଧ୍ୟାରେ ନାବାଳିକାର ବୟାନ ରେକର୍ଡ କରାଯାଇଛି। ଅଭିଯୁକ୍ତ ପଡୋଶୀ ଯାଜପୁର ଜିଲ୍ଲା ବରୀ ଥାନା ଅନ୍ତର୍ଗତ ରତଳାଙ୍ଗ ଗ୍ରାମର ବିଶ୍ୱଜିତ୍ ଦାସ ବୋଲି ଜଣାଯାଇଛି। ଡାକ୍ତରୀ ମାଇନା ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯିବ।

# ବିଭିନ୍ନ ସାମଗ୍ରୀ ସହ ଶିକାରୀ ଗିରଫ



ଠାକୁରମୁଣ୍ଡା,(ସବ୍ୟୁ): ଠାକୁରମୁଣ୍ଡା ବଣ୍ୟପ୍ରାଣୀ ବନାଞ୍ଚଳ କମ୍ପାର୍ଟମେଣ୍ଟ ୧୨ ରେ ଅନଧିକାର ପ୍ରବେଶ କାରଣରୁ କେଶଡିହା ଗ୍ରାମର କୁଞ୍ଜ ସଏ ଘରେ ଚଢ଼ଉ କରିବା ପରେ ବିଭିନ୍ନ ସାମଗ୍ରୀ ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଏଆଇ କ୍ୟାମେରା ଫଟୋ ଆଧାରରେ ଶିମିଳିପାଳ ସଂରକ୍ଷିତ ଜଙ୍ଗଲ କମ୍ପାର୍ଟମେଣ୍ଟ ୧୨ ରେ ଧନୁ, ତୀର ଧରି ଶିକାର ଉଦ୍ଦେଶ୍ୟରେ ପଶିଥିବା ସୂଚନା ଆଧାରରେ ୧୩ ତାରିଖରେ ଚଢ଼ଉ କରି କୁଞ୍ଜ ସଏ (୪୦) ଘରୁ ହରିଣ ଶିଙ୍ଗ, କୁଟୁଳାଖାଇ ଚଢେଇ ଅଷ୍ଟ, ଧନୁ, ତୀର, ଫାଶ ଆଦି ଜବତ କରିଥିଲେ । ସାମଗ୍ରୀ ସହ ଅଭିଯୁକ୍ତଙ୍କୁ ଗିରଫ କରି କାର୍ଯ୍ୟାଳୟକୁ ଆଣି ତଦନ୍ତ ଚଳାଇଥିଲେ । ୧୪ ତାରିଖ ସନ୍ଧ୍ୟାରେ ଅଭିଯୁକ୍ତଙ୍କୁ ବାରିପଦା ନେଇ କୋର୍ଟରେ ହାଜର କରାଯାଇଥିବା ସୂଚନା ଦିଆଯାଇଛି ।ତେବେ ସୂଚନା ପ୍ରଦାନରେ ବିଭାଗର ଅହେତୁକ ବିଳମ୍ବ ଓ ସୂଚନା ପ୍ରଦାନରେ ବିଭାଗୀୟ ଅଧିକାରୀଙ୍କ ଅନିଚ୍ଛା ଗଣମାଧ୍ୟମ ପ୍ରତିନିଧିଙ୍କୁ କ୍ଷୁବ୍ଧ କରିଥିବା ଜଣାପଡିଛି ।

# ନାବାଳିକା ଅପହରଣକୁ ବିତିଲା ୩ ଦିନ : ତଥାପି ମିଳୁନି ପତ୍ତା

ବାସୁଦେବପୁର,(ସବ୍ୟୁ):ନାବାଳିକା ଅପହରଣ ତିନିଦିନ ବିତିଲା । ପୋଲିସ ପାଉନାହିଁ ସୁରାକ । ବାସୁଦେବପୁର ପୌରପାଳିକାର ରାଧାନାଥପୁର ଗାଁରେ ସୃଷ୍ଟି ହୋଇଛି ଭୟର ବାତାବରଣ । ସ୍କୁଲ ଓ କଲେଜକୁ ଏକୁଟିଆ ଯାଉ ନାହାନ୍ତି ପିଲା । ସନ୍ଧ୍ୟାରେ ର ଝିଅ ପିଲା ବାହାରକୁ ଟ୍ୟୁସନ ଯିବା ବନ୍ଦ ହୋଇଛି । ଝିଅକୁ ହରାଇ ତିନିଦିନ ଧରି ସଦାନନ୍ଦଙ୍କ ପରିବାର ଚୁଲି ଜଳୁନି । କୁନି ଝିଅ ପାଇଁ ମାଆର ଆଖିର ଅମାନିଆ ଲୁହ ଅନବରତ ଝରି ଚାଲିଛି । ଅପହୃତ ନାବାଳିକାର ଜୀବିତ ନା ମୃତ ତାକୁ ନେଇ ଗାଁ ଲୋକଙ୍କ ମଧ୍ୟରେ ଆଶଙ୍କା ଦେଖା ଦେଇଛି । ଶନିବାର ସନ୍ଧ୍ୟାରେ ଶୌଚ କରିବାକୁ ଯାଇ ଥିବା ବେଳେ ୯ ବର୍ଷର ନାବାଳିକାକୁ ଟେକିନେଲେ ଦୁର୍ବୃତ୍ତ । ଅନ୍ଧାର ରାସ୍ତା କାଳ ହେଲା ନାବାଳିକା ପାଇଁ । ନାବାଳିକା ଶିଶୁ କନ୍ୟା ଅପହରଣ ନେଇ ଚୂଡାମଣୀ ସାମୁଦ୍ରିକ ଥାନାର ହୋଇଛି ଅଭିଯୋଗ । ନିରନ୍ତର ଭାବେ ଖୋଜୁଛନ୍ତି ଗ୍ରାମବାସୀ । ତଦନ୍ତ ଆରମ୍ଭ କରିଛି ପୋଲିସ । ଭଦ୍ରକ ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ଘଟଣା ସ୍ଥଳୀର ପହଞ୍ଚିଲେ । ଅପହୃତ ଝିଅର ବଡ ଭଉଣୀ, ମାଆ ଓ ବାପାଙ୍କ ସହିତ ଆଲୋଚନା ଫେରି ଆସିଛନ୍ତି । ଆଖପାଖ ରାସ୍ତାକୁ ସଂଯୋଗ କରୁଥିବା ସିସିଟିଭି ଯାଞ୍ଚ କରିବାକୁ ଏସପି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଗତକାଲି ସନ୍ଧାନୀ କୁକୁର ରାଧାନାଥପୁରରେ ପହଞ୍ଚି ତଦନ୍ତ କରି ଫେରି ଯାଇଛନ୍ତି । ଗାଁର ଲୋକମାନଙ୍କ ଘାରିଛି କକୁଆ ଭୟ । ଝିଅ ପିଲାଙ୍କୁ ବାହାରକୁ ଛାଡିବାକୁ ଡରୁଛନ୍ତି ବାପା ଓ ମାଆ । ଅପହୃତ ଝିଅର ଜୀବନକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଆଶଙ୍କା ଦେଖା ଦେଇଛି । ପୋଲିସ ଦୁଇଟି ଟିମ କରି ତଦନ୍ତ ଚଳାଇଛି । ଗାଁର ପ୍ରତିଟି ମାଆ ମନରେ ଦେଖା ଦେଇଛି ଝିଅକୁ ହରାଇବାର ଆଶଙ୍କା । ଝିଅଙ୍କୁ ବାହାରକୁ ଛାଡିବାକୁ ଭୟ କରୁଛନ୍ତି । ପୋଲିସ ଘଟଣାର ତଦନ୍ତ ଚଳାଇ ଥିଲେ ବି ତିନିଦିନ ପରେ ହାତ ଖାଲିକରି ବସିଛି ।

# ଦିନବେଳେ ଘରେ ବୁଲାଇଲେ କଳାକନା

ବେତନଟୀ,(ସବ୍ୟୁ): ସ୍ୱଷ୍ଟ ଦିବାଲୋକରେ ଜନଗହଳିପୂର୍ଣ୍ଣ ତଥା ବ୍ୟସ୍ତବହୁଳ ବାରିପଦା-ଚିତ୍ରଡ଼ା ରାଜ୍ୟରାଜପଥର ଭାଲିଆଡିହା ଛକରେଘରେ ବୁଲାଇଛନ୍ତି କଳାକନା । ମାତ୍ର ୪୦ମିନିଟ ପାଇଁ ଘର ଛାଡି ଯାଇଥିବା ବେଳେ ଫେରିବା ବେଳକୁ ଘରର ଏକାଧିକ ତାଲା ଭାଙ୍ଗି ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନାରୂପା ଅଳଙ୍କାର ସମେତ ନଗଦ ୩୫ ହଜାର ଟଙ୍କା ଚୋରିକୁ ନେଇ ବେତନଟୀ ପୁଲିସ ମାମଲା ରୁଜୁ କରିବା ସହିତ ସରଜମିନ ତଦନ୍ତ କରି ଫେରିଛି । ଭାଲିଆଡିହା ଗ୍ରାମର ଗଣେଶର ମହାନ୍ତଙ୍କ ପୁଅ ହରେକୃଷ୍ଣ ମହାନ୍ତଙ୍କ ଅଭିଯୋଗ ମୁତାବକ ସେ କୌଣସି କାମରେ ବାରିପଦା ଯାଇଥିଲେ । ଘରେ ହରେକୃଷ୍ଣଙ୍କ ସ୍ତ୍ରୀ ଏବଂ ସମ୍ପର୍କୀୟ ମାନେ ଥିବାବେଳେ ସମ୍ପର୍କୀୟ ମାନଙ୍କୁ ଟ୍ରେନରେ ଚଢ଼ାଇବାକୁ ହରେକୃଷ୍ଣଙ୍କ ସ୍ତ୍ରୀ ନିକଟସ୍ଥ ଜାମଶୋଳ ଷ୍ଟେସନକୁ ଆସିଥିଲେ । ମାତ୍ର ୪୦ମିନିଟ ପାଖାପାଖି ପରେ ଅପରାହ୍ନ ୧ଟା ସମୟରେ ଘରେ ପହଞ୍ଚିବା ବେଳକୁ ଘରର ତାଲା ଭଙ୍ଗାଯାଇଥିବାର ସ୍ତ୍ରୀ ଦେଖିବାପରେ ସମସ୍ତଙ୍କୁ ଫୋନକରି ଜଣାଇଥିଲେ । ହରେକୃଷ୍ଣ ସଙ୍ଗେସଙ୍ଗେ ଘଟଣାସ୍ଥଳରେ ପହଞ୍ଚି ବେତନଟୀ ପୁଲିସକୁ ଜଣାଇଥିଲେ । ଖବରପାଇ ବେତନଟୀ ଥାନା ଏସଆଇ ମଦନମୋହନ ପରିଡା ଘଟଣାସ୍ଥଳରେ ପହଞ୍ଚି ସରଜମିନ ତଦନ୍ତ ଆରମ୍ଭ କରିଥିଲେ । ହରେକୃଷ୍ଣଙ୍କ ଅଭିଯୋଗ ମୁତାବକ ଚୋରମାନେ ଘରର ତାଲା ଏବଂ ଅଲମିରା ଭାଙ୍ଗି ଗୋଟିଏ ସୁନାଚେନ, ହଳେ ସୁନା କାନଫୁଲ, ସୁନାମୁଦି ଗୋଟିଏ, ରୂପା ପାଉଁଜି ସମେତ ନିଗଦ ୩୫ ହଜାର ଟଙ୍କା ଚୋରିକରି ନେଇଥିଲେ ।

# ନୃତ୍ୟ ଅନୁଷ୍ଠାନ ଚାରୁସ ଡ୍ୟାନ୍ସ ଏକାଡେମୀର ସଫଳତା

କରଞ୍ଜିଆ, (ସବ୍ୟୁ):ଗତ ୨ଦିନ ଧରିଶ୍ରୀକ୍ଷେତ୍ର ପୁରୀ ଧାମ ଠାରେ ଦି କଲଚରାଲ ଡେଭେଲପମେଣ୍ଟ ଫାଉଂଣ୍ଡେସନ, ଓଡିଶା ତରଫରୁ ଅର୍ଣ୍ଣପୂର୍ଣ୍ଣା ଥିଏଟର ଠାରେ ଏକ ଅନ୍ତର୍ଜାତୀୟ ସ୍ତରର ନୃତ୍ୟ ପ୍ରତିଯୋଗିତା ଇଣ୍ଟେରନ୍ୟାସନାଲ ମେଗା ଡାନ୍ସ ଫେଷ୍ଟିଭାଲ ଆଣ୍ଡ କମ୍ପିଟିସନ ନବରତ୍ନ ଅନୁଷ୍ଠିତ ହୋଇଯାଇଛି। । ଯେଉଁ ଠାରେ ଗୁରୁ ସୁଜାତା ମାଡାମ ଓ ଗୁରୁ ପୁପି ସାର ପ୍ରମୁଖ ବିଚାରକ ରୂପରେ ମଞ୍ଚାସିନ ଥିଲେ। ଦେଶର ବିଭିନ୍ନ କୋଣ ଅନୁକୋଣରୁ ଅନେକ ନୃତ୍ୟଶିଳ୍ପୀ ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିରେ ମୟୁରଭଞ୍ଜ କରଞ୍ଜିଆ ଅଞ୍ଚଳର ଅନନ୍ୟ ନୃତ୍ୟ ଶିକ୍ଷା ଅନୁଷ୍ଠାନ ଚାରୁସ ଡ୍ୟାନ୍ସ ଏକାଡେମୀର ଛାତ୍ରୀମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ବରିଷ୍ଠ ବର୍ଗର ଯୁଗଳ ନୃତ୍ୟ ବିଭାଗରେ ଚାରୁସ ଡ୍ୟାନ୍ସ ଏକାଡେମୀର ପିଲାମାନେ ବିଜୟୀ ହୋଇ ସଫଳତା ହାସଲ କରିଛନ୍ତି। ଏହି ପରିପ୍ରେକ୍ଷୀରେ,ଚାରୁସ ଡ୍ୟାନ୍ସ ଏକାଡେମୀର ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ପତିଙ୍କୁ ମଧ୍ୟ ତାଙ୍କ ପାରଦର୍ଶିତା ଓ ନୃତ୍ୟ କ୍ଷେତ୍ରରେ ଅବଦାନ ପାଇଁ କଲଚରାଲ ଡେଭେଲପମେଣ୍ଟ ଫାଉଣ୍ଡେସନ ତରଫରୁ ସମ୍ମାନ ପତ୍ର ଏବଂ ବିଶେଷ ଉପହାର ସହିତ 'ସମ୍ମାନୀତ ଗୁରୁ' ରୂପେ ସମ୍ମାନିତ କରାଯାଇଛି । ଏହି ସଫଳତା ପରେ ବିଭିନ୍ନ ମହଲରୁ ଅନୁଷ୍ଠାନର ଛାତ୍ର ଛାତ୍ରୀ ଓ ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ପତିଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି ।

# ହାତୀ ଆକ୍ରମଣରେ ଯୁବକ ଗୁରୁତର, ଅଳ୍ପକେ ବର୍ତ୍ତିଲା ଭଣଜା

ନୀଳଗିରି,(ସବ୍ୟୁ): ହାତୀଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଥିବା ବେଳେ ତାର ୮ବର୍ଷର ଭଣଜା ଅଳ୍ପକେ ହାତୀ ମୁହଁରୁ ବଞ୍ଚିଯାଇଥିବାର ଦେଖିବାକୁ ମିଳିଛି। ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ରଙ୍ଗା ମାଠିଆ ଗ୍ରାମର ଗଙ୍ଗାଧର ମୁର୍ମୁର ପୁଅ ଶିବ ନିଜ ଶଶୁର ଘର ନିଳଗିରି ବ୍ଲକର ଭଉରିଆବାଡ ପଞ୍ଚାୟତର ତୁଳସୀଡିହା ଗ୍ରାମକୁ ଆସିଥିଲେ। ରବିବାର ଦିନ ନିଜ ୮ବର୍ଷର ଭଣଜାକୁ ସାଇକେଲରେ ବସାଇ ବଣଭୂଇ ହାଟକୁ ଯାଇ ଘରକୁ ଫେରୁଥିବା ସମୟରେ ତୁଳସିଡିହା ଜଙ୍ଗଲ ରାସ୍ତାରେ ଏକ ହାତୀ ଶୁଣ୍ଢରେ ଆକ୍ରମଣ କରିଥିଲା। ନିଜ ଭଣଜାକୁ ଜୀବନ ବିକଳରେ ନିକଟସ୍ଥ ବିଲକୁ ଫିଙ୍ଗି ଦେଇଥିଲା। ହାତୀ ଆକ୍ରମଣରେ ଶିବର ଗୋଡ, ହାତ ଓ, ଛାତିରେ ଗଭୀର ଆଘାତ ଲାଗିଥିବା ବେଳେ ସାଇକେଲଟି ଭାଙ୍ଗି ଯାଇଥିବାର ଦେଖିବାକୁ ମିଳିଛି। ପାଟି କରିବାରୁ ହାତୀଟି ପଳାଇ ଯାଇଥିଲା। ପରେ ଶଶୁର ଘର ଲୋକେ ୧୦୮ଆମ୍ବୁଲାନ୍ସ ଯୋଗେ ନିଳଗିରି ମେଡିକାଲ ଆଣିଥିବା ବେଳେ ଏବେ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ତୁରନ୍ତ ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ବ୍ରାଉନସୁଗର ସହ ବାଇକ ଜବତ, ଦୁଇ ଗିରଫ

ନୀଳଗିରି,(ସବ୍ୟୁ): ବାଲେଶ୍ୱର ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ନୀଳଗିରି ଅବକାରୀ ଇନ୍ସପେକ୍ଟର କେଶବ ଚନ୍ଦ୍ର ଦାସ, ନୀଳଗିରି ଅବକାରୀ ବିଭାଗ ଓଆଇସି ମନୋଜ କୁମାର ସାହୁ, ଅବକାରୀ କର୍ମଚାରୀ ସନ୍ତୋଷ କୁମାର ବେହେରା, ତପନ କୁମାର ମଲ୍ଲିକ, ନାହନ୍ ମୁର୍ମୁ ପ୍ରମୁଖ ସଦଳବଳେ ନୀଳଗିରି ଥାନା ଅନ୍ତର୍ଗତ ଅସ୍ତିଆ ଛକ ନିକଟରେ ଖନ୍ତାପଡ଼ା ଥାନା ଅନ୍ତର୍ଗତ ଜିରତାଳ ଗ୍ରାମର ଜେଯାତିରଂଜନ ନାୟକ(୩୫), ପ୍ରଶାନ୍ତ ମଲ୍ଲିକ (୪୨)ଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ୧୭୦ଗ୍ରାମ ବ୍ରାଉନ ସୁଗର ସହ ଗୋଟିଏ ମଟର ସାଇକେଲ ଜବଦ କରିଛନ୍ତି । ଜବଦ ହୋଇଥିବା ବ୍ରାଉନ ସୁଗରର ମୂଲ୍ୟ ୧୭ଲକ୍ଷ ଟଙ୍କା ହେବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି । ଏବାବଦରେ ନୀଳଗିରି ଅବକାରୀ କାର୍ଯ୍ୟାଳୟରେ ଏନ୍‌ଡିପିଏସ୍ ଆଇନ ଅନୁଯାୟୀ ଏକ ମାମଲା ରୁଜୁ ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ମଦ ଜବତ : ଦୁଇ ଗିରଫ

ବାହାନଗା,(ସବ୍ୟୁ):ଗୋପାଳପୁର ଅବକାରୀ ଅଧିକାରୀ ଲମ୍ବୋଦର ମହାନ୍ତ ସଦଳବଳେ ଖନ୍ତାପଡ଼ା ପଞ୍ଚାୟତ ସୁଠଙ୍ଗ ଗ୍ରାମର ଜୟନ୍ତ କୁମାର ପରିଡ଼ାଙ୍କୁ ଧରି ତାଙ୍କ ନିକଟରୁ ୨୮ ଲିଟର ଦେଶୀମଦ ଜବଦ କରିଛନ୍ତି । ସେହିପରି ପଣପଣା ପଞ୍ଚାୟତ ବେତଗଡ଼ିଆ ଗ୍ରାମର ଧରଣୀ ମଲ୍ଲିକଙ୍କ ଠାରୁ ୪୦ଲିଟର ଦେଶୀମଦ ଜବଦ କରିବା ସହ ଗୋଟିଏ ମଟର ସାଇକେଲ ଜବଦ କରିଛନ୍ତି । ଏବାବଦରେ ଅବକାରୀ ବିଭାଗ ପକ୍ଷରୁ କେଶ୍ ନମ୍ବର ୧୨୩/୨୦୨୫ ଓ ୧୨୪/୨୦୨୫ ମୂଳେ ୨ଟି ପୃଥକ ପୃଥକ ମାମଲା ରୁଜୁ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ଭଲ କବିତାର ଖୋଜ୍‌ର ଭାନୁଜୀ ରାଓ ସନ୍ଧ୍ୟା

ବାଲେଶ୍ୱର,(ସବ୍ୟୁ): ଓଡ଼ିଆ କବିତାରେ ଥିବା ଶାସ୍ତ୍ରୀୟ ପଣକୁ ଗୁଣ୍ଡ କରି ଓଡ଼ିଆ କବିତାକୁ ନୂତନ ନିର୍ମାଣରେ ଅଭିଷେକ କରିଥିବା କବି ହେଲେ କବି ଭାନୁଜୀ ରାଓ । ଗୁରୁପ୍ରସାଦ ମହାନ୍ତିଙ୍କ ସହଯାତ୍ରୀ ଭାବରେ ଭାନୁଜୀ ରାଓ କାବ୍ୟ ଯାତ୍ରା ଆରମ୍ଭ କରିଥିଲେ ହେଁ ସେ ସେତିକି ଆଲୋଚିତ ହୋଇନଥିଲେ ଯେତିକି ହୋଇଥିଲେ ଗୁରୁପ୍ରସାଦ। ଭାନୁଜୀଙ୍କ କବିତା ସାରା ଜହ୍ନ ଅଥଚ ଗୋଟିଏ ଅନ୍ଧକାରମୟ ଅମାବାସ୍ୟାରେ ସେ ଇହଧାମ ଛାଡିଥିଲେ ବୋଲି ଗତକାଲି ସନ୍ଧ୍ୟାରେ ଏସିପିଏଲ୍ ସଭାଗୃହରେ କବି ଭାନୁଜୀ ରାଓଙ୍କ ଶତବାର୍ଷିକୀ ଅବସରରେ ଅନୁଷ୍ଠିତ ଭାନୁଜୀ ରାଓ ସନ୍ଧ୍ୟା କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ବିଶିଷ୍ଟ ଆଲୋଚକ ଓ କବି ଡକ୍ଟର ଦିଲୀପ କୁମାର ସ୍ୱାଇଁ ମତବ୍ୟକ୍ତ କରିଛନ୍ତି। ଭଲ କବିତାର ଖୋଜ୍‌ର ଆବାହକ କବି କୃଷ୍ଣ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବିଶେଷ ସାରସ୍ୱତ କାର୍ଯ୍ୟକ୍ରମରେ ଏକମାତ୍ର ଅତିଥି ଭାବରେ ଯୋଗ ଦେଇ ଡକ୍ଟର ସ୍ୱାଇଁ ଆହୁରି କହିଲେ ଯେ, ଭାନୁଜୀ ରାଓଙ୍କ ବିଷାଦ ଏକ ଋତୁରେ ରହିଛି ଏକ ନାରୀଜ ବିଷାଦ। ଆୟୋଜନର ପ୍ରାରମ୍ଭରେ ଭଲ କବିତା ଖୋଜ୍‌ର ସଚିବ କବି ଉତ୍ପଳ ମହାନ୍ତି ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ। ଅନ୍ୟତମ ଆବାହକ ବରିଷ୍ଠ କବି ଶ୍ରୀଦେବ ଭଲ କବିତାର ଖୋଜ୍‌ର ଆଭିମୁଖ୍ୟ କହିବା ସହିତ ଭାନୁଜୀ ରାଓଙ୍କ ଏକ କବିତା ପାଠ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।ଏହି ସାରସ୍ୱତ କାବ୍ୟ ସନ୍ଧ୍ୟାରେ ଅନ୍ୟମାନଙ୍କ ମଧ୍ୟରେ କବି ଓ ଆଲୋଚକ ଡକ୍ଟର ହରିଶ୍ଚନ୍ଦ୍ର ବେହେରା, ସୁଲେଖକ ଡକ୍ଟର ସୁବାସ ଚନ୍ଦ୍ର ପାତ୍ର, ବ୍ୟଙ୍ଗସ୍ରଷ୍ଟା ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ, ସମାଲୋଚକ ଓ କବି ଡକ୍ଟର ସନ୍ତୋଷ କୁମାର ନାୟକ ପ୍ରମୁଖ ବିଭିନ୍ନ ଦୃଷ୍ଟିକୋଣରୁ ଭାନୁଜୀ ରାଓଙ୍କ କବିତା ସମ୍ପର୍କରେ ଆଲୋଚନା କରିବା ସହିତ ଭାନୁଜୀ ରାଓ କିପରି ତାଙ୍କ କବିତାରେ ଗୋଟିଏ ସହଜ ଶବ୍ଦକୁ ଅସାଧାରଣ କରି ପାରିଥିଲେ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।ସେହିପରି ଭାନୁଜୀ ରାଓଙ୍କ ଭିନ୍ନ ଭିନ୍ନ କବିତାକୁ ନିଜ ନିଜ ପସନ୍ଦରେ ଆବୃତ୍ତି କରିଥିଲେ କବି ଓ ଗାଳ୍ପିକ ଗଙ୍ଗାଧର ବିଶ୍ୱାଳ, କବି ସିତାଂଶୁ ଲେଙ୍କା, କବି ରଞ୍ଜନ ବାଗ୍, କବି ଶୁଭେନ୍ଦୁ ଦାସ, କବି ସୁନୀଲ ମିଶ୍ର, କବି ଶୁଭଶ୍ରୀ ଦାଶ, ସଞ୍ଜୟ କୁମାର ପଣ୍ଡା, ମଧୁସୂଦନ ମିଶ୍ର, ରାଜେଶ ଗିରି ଓ ଅଧ୍ୟାପକ ଡକ୍ଟର ପ୍ରଭାତ କୁମାର ସାହୁ।ଏହି ଅବସରରେ ଭଲ କବିତାର ଖୋଜ୍ ପକ୍ଷରୁ ଅତିଥି ଡକ୍ଟର ସ୍ୱାଇଁଙ୍କୁ ପ୍ରଶସ୍ତିପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ କବି ଶ୍ରୀଦେବ। ଶେଷରେ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ କବି ଉତ୍ପଳ ମହାନ୍ତି।

## ଧରଣୀଧର ବିଶ୍ୱବିଦ୍ୟାଳୟରେ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ

କେନ୍ଦୁଝର , (ସବ୍ୟୁ): ଧରଣୀଧର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନାର ନାମଲେଖା ଏବଂ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଏହି ଉପଲକ୍ଷେ ୧୦୦ ଛାତ୍ରଛାତ୍ରୀଙ୍କୁ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଦିନେଶ ମହାରଣା ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ପିଜି କାଉନସିଲ ଚେୟାରମ୍ୟାନ ଡ଼.ପ୍ରଭୁପ୍ରସାଦ ଦାସ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲା ବେଳେ ମୁଖ୍ୟବକ୍ତା ଭାବେ ଭକ୍ତ ବତ୍ସଳ ମହାନ୍ତ ଯୋଗଦେଇଥିଲେ। ଜାତୀୟ ସେବା ଯୋଜନା ବ୍ୟୁରୋ ସଂଯୋଜିକା ସରିତା ନାୟକ ଜାତୀୟ ସେବା ଯୋଜନାର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ଜାତୀୟ ସେବା ଯୋଜନା ଦ୍ୱିତୀୟ ବର୍ଷର ସ୍ୱୟଂସେବିକା ପ୍ରିୟଙ୍କା ଧନ୍ୟବାଦ ଅର୍ପଣ କରିଥିଲେ ।

# ବିପୁଳ ପରିମାଣର ଗଞ୍ଜେଇ ଜବତ, ଜଣେ ଗିରଫ

ଭଦ୍ରକ ,(ସବ୍ୟୁ): ଅବକାରୀ ଅଧିକ୍ଷକ ନରୋତମ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଓ ଅବକାରୀ ଉପ-ଅଧିକ୍ଷକ ସୁଚରିତା ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଭଦ୍ରକ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀକାନ୍ତ ମୁର୍ମୁ ଓ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବେତଡା ଛକ ନିକଟରେ ଚଢ଼ାଉ କରାଯାଇ ୫.୧୦୦ କିଲୋଗ୍ରାମ ଗଞ୍ଜେଇ ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଆରଏନ ବେତଡା ଗ୍ରାମର ରତ୍ନାକର ପଣ୍ଡାଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୫୧ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଉକ୍ତ ଚଢ଼ାଉରେ ଧାମନଗର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଅଭିଳାଷ ପାଲ,ତିହିଡି ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସୁମିତ୍ରା ହେମ୍ବ୍ରମ,ଏସଆଇ ସୌରଭ ପଣ୍ଡା,ଏଏସଆଇ ବିଶ୍ୱଜିତ ଜେନା, କନେଷ୍ଟବଳ ଅଜିତ କୁମାର ସିଙ୍କୁ,ରୁଦ୍ରନାରାୟଣ ଦାସ,ସୁଦର୍ଶନ ପଲେଇ,ଜେମାମଣୀ ଜାମୁଡା,ପ୍ରଶାନ୍ତି ସିଂ ପ୍ରଭୃତି ସାମିଲ ଥିଲେ । ଏନେଇ ଭଦ୍ରକ ଅବକାରୀ ଥାନା ପକ୍ଷରୁ କେସ ନଂ: ୧୪୬/୨୫-୨୬ ମୂଳେ ମାମଲା ରୁଜୁ କରାଯାଇଛି।

# କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ରେମୁଣାରେ ଭବ୍ୟ ସ୍ୱାଗତ



ବାଲେଶ୍ୱର,(ସବ୍ୟୁ): ସୋମବାର ସକାଳ ୮ ଘଟିକା ସମୟରେ ରେମୁଣା ନହରପାଟଣା ଛକ ନିକଟରେ ରେମୁଣା ବିଜେପି ପକ୍ଷରୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶା ସରକାରଙ୍କ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ଅବସରରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ସଦର ମାନସ କୁମାର ଦତ୍ତ, ବିଧାୟକ ନିଳଗିରି ସନ୍ତୋଷ ଖଟୁଆଙ୍କ ସହ ଶହ ଶହ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।।

# ପୂର୍ବତନ ବିଧାୟକ ଗୋପନାରାୟଣ ଦାସଙ୍କ ଶ୍ରାଦ୍ଧବାର୍ଷିକୀ

ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ସ୍ୱର୍ଗତଃ ଗୋପନାରାୟଣ ଦାସଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ସ୍ୱର୍ଗତଃ ଦାସଙ୍କ ପରିବାର ପକ୍ଷରୁ ମିଶନ ପଡିଆ ସ୍ଥିତ ଭିନ୍ନକ୍ଷମ କଲ୍ୟାଣ ପ୍ରତିଷ୍ଠାନ (ଦି ଓ୍ୱେଲଫେୟର ଇନଷ୍ଟିଚ୍ୟୁଟ)ର ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କୁ ସହାୟତା ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ପରିବାରର ସମସ୍ତ ସଦସ୍ୟମାନେ ଇନଷ୍ଟିଚ୍ୟୁଟରେ ଦୀର୍ଘ ସମୟ ଅତିବାହିତ କରିବା ସହିତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ଏ ନେଇ ଇନଷ୍ଟିଚ୍ୟୁଟରେ ଆବଶ୍ୟକତା ଅନୁସାରେ ସେମାନେ ସହାୟତା ସାମଗ୍ରୀ ପ୍ରଦାନ କରିଥିଲେ । ଏହା ସହିତ ଛାତ୍ରଛାତ୍ରୀଙ୍କୁ ଶୁଖିଲା ଖାଦ୍ୟ ପ୍ୟାକେଟ ବଂଟନ କରାଯାଇଥିଲା। ଏହି ଅବସରରେ ସମସ୍ତେ ସ୍ୱର୍ଗତଃ ଦାସଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ ।

# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ୨୦୨୫ ଅଭିନବ ସୃଷ୍ଟି ପ୍ରତିଯୋଗିତା ସମାପନ



ବାଲେଶ୍ୱର,(ସବ୍ୟୁ): ଫକୀରମୋହନ (ଏଫଏମ) ବିଶ୍ୱବିଦ୍ୟାଳୟରେ ସୃଜନଶୀଳତା, ଉ । ବନ ଓ ସମସ୍ୟା-ସମାଧାନର ଉତ୍ସାହପୂର୍ଣ୍ଣ ପରିବେଶରେ ୨୦୨୫ ବର୍ଷର ୟୁନିଭର୍ସିଟି-ସ୍ତରୀୟ ଇନୋଭେଶନ୍ ଏବଂ ଷ୍ଟାର୍ଟ-ଅପ୍ ପ୍ରତିଯୋଗିତାର ଗ୍ରାଣ୍ଡ ଫାଇନାଲ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ଫକୀରମୋହନ ବିଶ୍ୱବିଦ୍ୟାଳୟର ଟେକ୍ନୋଲୋଜି ଇନ୍କ୍ୟୁବେସନ୍ ଫାଉଣ୍ଡେସନ୍ ଓ ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଆୟୋଜନ କରାଯାଇଥିଲା। ଏହି ଅଭିଯାନ, ଭବିଷ୍ୟତ-ମୁଖୀ ନୂତନ ଧାରଣା ଗୁଡ଼ିକୁ ନେଇ ଏହାର ଯଥାର୍ଥ ପ୍ରତିପାଦନ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଏକ ସକ୍ରିୟ ସୁଯୋଗ ପ୍ରଦାନ କରିଥିଲା ।୧୨ ଅଗଷ୍ଟ ୨୦୨୫ରୁ ଇଣ୍ଟର-ଡିପାର୍ଟମେଣ୍ଟାଲ୍ ପ୍ରଥମ ପର୍ଯ୍ୟାୟ ଦ୍ୱାରା ଏହି ପ୍ରତିଯୋଗିତାର ଯାତ୍ରା ଆରମ୍ଭ ହେଇଥିଲା। ସମସ୍ତ ବିଭାଗରୁ ଆସିଥିବା ଛାତ୍ରଛାତ୍ରୀଙ୍କ ନବୋତ୍ତାନମୂଳକ ପ୍ରକଳ୍ପ ପ୍ରସ୍ତୁତିକୁ ପ୍ରଫେସର ପଙ୍କଜ କୁମାର ପାରହି (ସମ୍ପାଦକ, ଟିବିଆଇ ), ଡ଼କ୍ଟର ଅଶାନ୍ତ ରଞ୍ଜନ ରାଉତରାୟ (ବିଭାଗଧକ୍ଷ, କମ୍ପ୍ୟୁଟର ସାଇନ୍ସ), ଡ଼କ୍ଟର ୟୁସୁଫ ଅଲି ସୋଲାଙ୍କି (ଜିଏମ-ଏଚଆର, ଇମାମୀ ପେପର୍ ମିଲ୍ସ, ବାଲେଶ୍ୱର) ଏବଂ ପିତାମ୍ବର ସାହୁ (ସ୍ଥାପକ ଓ ସିଇଓ, ବଜାରସାଇଡ ପ୍ରାଇଭେଟ ଲିମିଟେଡ ଓ ଲୁଫ୍ରା ଅର୍ଗାନିକ୍ସ) ପ୍ରମୁଖ ଛାତ୍ରଛାତ୍ରୀଙ୍କ ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିଥିଲେ। ଏହି ପର୍ଯ୍ୟାୟରେ ଶ୍ରୀମତୀ ମୋନାଲିସା ସାହୁ (ବାୟୋସାଇନ୍ସ ଏବଂ ବାୟୋଟେକ୍ନୋଲୋଜି), ପୁରଞ୍ଜୟ ସାହୁ (ଶିକ୍ଷାରେ ଦୂରଶିକ୍ଷା - ଏମଏ) ଏବଂ ଦିନେଶ ଭୈରବ ଦ୍ୱିବେଦୀ (ଏମବିଏ ବିଭାଗ) ଙ୍କ ପ୍ରକଳ୍ପଗୁଡ଼ିକ ତାଙ୍କର ସୃଜନାତ୍ମକତା ଓ ପ୍ରଭାବଶୀଳତା ପାଇଁ ବିଶେଷ ସ୍ଥାନ ଅଧିଗ୍ରହଣ କରିଥିଲା।୧୧ ସେପ୍ଟେମ୍ବରରେ ଆୟୋଜିତ ବିଶ୍ୱବିଦ୍ୟାଳୟ-ସ୍ତରୀୟ ପର୍ଯ୍ୟାୟରେ ୫୦ ଜଣ ଛାତ୍ରଛାତ୍ରୀଙ୍କୁ ଶେଷ ପର୍ଯ୍ୟାୟର ଉପସ୍ଥାପନ ପାଇଁ ନିମନ୍ତ୍ରଣ କରାଯାଇଥିଲା। ଦୁଇଟି ବିଶେଷଜ୍ଞ ପ୍ୟାନେଲ୍‌ରେ ଡ଼କ୍ଟର ନିନା ସିଂହ, ଡ଼କ୍ଟର ସିଦ୍ଧାର୍ଥ ପତି (ସ୍ଥାପକ ଓ ସିଇଓ, ନାଟନୋଭ ବାୟୋସାଇନ୍ସ ପ୍ରାଇଭେଟ ଲିମିଟେଡ), ପିତାମ୍ବର ସାହୁ, ଏବଂ ବିଶ୍ୱକିଶୋର ଦେ (ଟେକ୍ନିକାଲ୍ ଅଫିସର,ଏସଟିପିଆଇ, ବାଲେଶ୍ୱର) ଅନ୍ତିମ ବିଚାରକ ଭାବରେ ଯୋଗଦେଇ ୧୬ ଜଣଙ୍କୁ ଫାଇନାଲ୍ ପାଇଁ ଚୟନ କରିଥିଲେ।ଆଜି କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ, ପ୍ରୋ. ଭାସ୍କର ବେହେରା ( ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ), କୁକୁମିନା ଦାସ (ରେଜିଷ୍ଟ୍ରାର) ଏବଂ ପ୍ରଫେସର ପଙ୍କଜ କୁମାର ପାରହି ଙ୍କ ଉପସ୍ଥିତରେ ଏକ ପୁରସ୍କାର ବିତରଣ ସଭା ଆୟୋଜିତ ହୋଇଥିଲା।ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ୫ ଜଣ ବିଜେତାଙ୍କୁ ଚୟନ କରାଯାଇ ପ୍ରତ୍ୟେକଙ୍କୁ ୧ ଲକ୍ଷର ନଗଦ ଅର୍ଥ ପୁରସ୍କାର ପ୍ରଦାନ କରି ସମ୍ମାନିତ କରାଯାଇଥିଲା।ଏହି କାର୍ଯ୍ୟକ୍ରମ, ନବୋତ୍ତାନ ପ୍ରଚାର, ଷ୍ଟାର୍ଟ-ଅପ୍ ସଂସ୍କୃତିକୁ ପ୍ରୋତ୍ସାହନ ଏବଂ ଛାତ୍ରଛାତ୍ରୀଙ୍କୁ କ୍ଷେତ୍ରୀୟ ଓ ସମାଜିକ ପରିବର୍ତ୍ତନର ସୃଷ୍ଟିକର୍ତ୍ତା ଭାବରେ ଗଢ଼ିବା ପ୍ରତି ଫକୀରମୋହନ ବିଶ୍ୱବିଦ୍ୟାଳୟର ଦୃଢ ଓ ଦୃଷ୍ଟାନ୍ତ ମୂଳକ ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି।

# ଟିପିଏନ୍‌ଓଡିଏଲ୍ ନବସୃଜନ ଓ ଗ୍ରାହକ ବିଶ୍ୱାସ ଜରିଆରେ ବିଦ୍ୟୁତ୍ ବଣ୍ଟନରେ ସ୍ଥାପନ କରିଛି ନୂଆ ମାନଦଣ୍ଡ




ବାଲେଶ୍ୱର,(ସବ୍ୟୁ): ଆଇ ଆଧାରିତ ବିଲିଂ, ସ୍ମାର୍ଟ ମିଟରିଂ, ଡିଜିଟାଲ୍ ଅଭିଯାନ ଏବଂ ଗ୍ରାମୀଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଗ୍ରାହକ ସନ୍ତୁଷ୍ଟିରେ ଉନ୍ନତି ଆଣିବା ସହ ଏଟିଆଣ୍ଡ ସି କ୍ଷତିରେ ୧୬.୬୧% ହ୍ରାସ କରିଛି ଟିପିଏନ୍‌ଓଡିଏଲ୍‌ର ବାଣିଜ୍ୟ ଉତ୍କର୍ଷ ଯାତ୍ରାର ମୁଖ୍ୟାଂଶ ବିଲିଂ ୟୁନିଟ୍‌ରେ ୪୮.୭୯% ବୃଦ୍ଧି (୨୦୨୧-୨୨ରୁ ୨୦୨୪-୨୫),୩୮.୭୧%ର ଇନ୍‌ପୁଟ୍ ଶକ୍ତି ଅଭିବୃଦ୍ଧିଠାରୁ ଅଧିକ ୨୦୨୧-୨୨ ଆର୍ଥିକ ବର୍ଷ ପରଠାରୁ ଏଟିଆଣ୍ଡସି କ୍ଷତିରେ ୧୬.୬୧% ହ୍ରାସ, ୨୦୨୪-୨୫ ପାଇଁ ଉଭୟ ପ୍ରତିବଦ୍ଧ ଓ ନିୟାମକ ଲକ୍ଷ୍ୟଠାରୁ ଅଧିକ ଡାଟା ସାନିଟାଇଜେସନ୍, ବିଲ ସଂଶୋଧନ ପରି ଦୃଢ଼ ଅଭିଯାନ ଜରିଆରେ ସ୍ୱଚ୍ଛତାରେ ଉନ୍ନତି ଆଣିଛି ଗ୍ରାହକଙ୍କୁ ସଠିକ୍ ବିଲିଂ ପାଇଁ ୮.୫ ଲକ୍ଷ ମିଟର ପରିବର୍ତ୍ତନ କରାଯାଇଛି । ଗ୍ରାହକଙ୍କ ପାଇଁ ସ୍ମାର୍ଟ ମିଟର ପ୍ରଚଳନ, ଭାରତ ସରକାରଙ୍କ ୧୦୦% କଭରେଜ୍ ରୋଡ୍‌ମ୍ୟାପ୍ ଅନୁସାରେ ରୋଡ୍‌ମ୍ୟାପ୍ ପ୍ରସ୍ତୁତ ଡିଜିଟାଲ ଅଭ୍ୟସ୍ତ ଗ୍ରାହକମାନଙ୍କ ସୁବିଧା ପାଇଁ ୟୁପିଆଇ, ପେମେଣ୍ଟ ଗେଟୱେ, ଚେକ୍, କ୍ୟୁଆର୍ କୋଡ୍ ଭଳି ବହୁବିଧ ଡିଜିଟାଲ୍ ପେମେଣ୍ଟ ପ୍ଲାଟଫର୍ମର ଶୁଭାରମ୍ଭ ମୋବାଇଲ୍ ଟଚ୍ ପଏଂଟ୍ (ଏମଟିପି), ଅନୁଭବ କେନ୍ଦ୍ର ଓ ବହୁଭାଷୀ କଲ ସେଂଟର ଜରିଆରେ ଗ୍ରାହକ ପ୍ରଥମ ଟଚପଏଂଟ୍‌ର ସମ୍ପ୍ରସାରଣ ତ୍ୱରିତ ନୂଆ ଶିଳ୍ପ ସଂଯୋଗ ସମେତ ଏଲ୍‌ଟି ସଂଯୋଗ ଓ ଗ୍ରାମୀଣ ବିଦ୍ୟୁତ୍ କରଣ, ଅନ୍ତର୍ଭୁକ୍ତୀକରଣ ଅଭିବୃଦ୍ଧିକୁ ଆଗକୁ ବଢ଼ାଇଛି । ଗତ ଚାରି ବର୍ଷରେ କମ୍ପାନି ବିଲିଂ ହେଉଥିବା ୟୁନିଟ୍‌ରେ ପ୍ରାୟ ୪୯ ପ୍ରତିଶତ ଏବଂ କଲେକ୍ସନରେ ୬୧ ପ୍ରତିଶତରୁ ଅଧିକ ବୃଦ୍ଧି ହାସଲ କରିଥିବା ବେଳେ ଏଟିଆଣ୍ଡସି କ୍ଷତିକୁ ୧୬.୬୧ ପ୍ରତିଶତ କମ୍ କରିପାରିଛି । ଯାହା ଗ୍ରାମୀଣ ଭାରତରେ ପରିଚାଳିତ ଡିସ୍‌କମ୍‌ଗୁଡ଼ିକ ପାଇଁ ଏକ ନୂଆ ମାନଦଣ୍ଡ ସଦୃଶ। ବାଣିଜ୍ୟିକ ପ୍ରଦର୍ଶନକୁ ସୁଦୃଢ଼ କରିବା ପାଇଁ ଟିପିଏନ୍‌ଓଡିଏଲ୍ ପକ୍ଷରୁ ଅନ ସ୍ପଟ୍ ବିଲ୍ ସଂଶୋଧନ, ଏଆଇ ଆଧାରିତ ମିଟର ରିଡିଂ, ବାଣିଜ୍ୟିକ ପ୍ରକ୍ରିୟାର ଡିଜିଟାଲ୍‌କରଣ ଏବଂ ଗ୍ରାହକଙ୍କ ଅଭିଯୋଗର ଟ୍ରାକିଂ ଭଳି ଅଭିଯାନର ଶୁଭାରମ୍ଭ କରାଯାଇଛି। ଏହି ଉଦ୍ୟମଗୁଡ଼ିକ ସ୍ୱଚ୍ଛତା, ଶୃଙ୍ଖଳାରେ ଉନ୍ନତି ଏବଂ କଲେକ୍ସନରେ ଅନ୍ତର୍ଭୁକ୍ତୀକରଣ ଆଣିପାରିଛି। ଏଥି ସହିତ ସ୍କୁଲ ଓ କଲେଜରେ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶକ୍ତି ସଚେତନତା ସୃଷ୍ଟି କରିବାରେ ସହାୟକ ହୋଇଛି। ଏହି ଯାତ୍ରା ଉପରେ ଆଲୋକପାତ କରି ଟିପିଏନ୍‌ଓଡିଏଲ୍‌ର ସିଇଓ ଗଜାନନ କାଲେ କହିଛନ୍ତି ଯେ, ଆମର ଧ୍ୟାନ ହେଉଛି ଏକ ଭବିଷ୍ୟତଧର୍ମୀ ଓଡ଼ିଶା ଗଠନ କରିବା। ଆମେ ୧୦୦% ସ୍ମାର୍ଟ ମିଟରିଂ, ଏଟିଆଣ୍ଡସି କ୍ଷତିରେ ଉଲ୍ଲେଖନୀୟ ହ୍ରାସ ଏବଂ ଡିଜିଟାଲ୍ ପ୍ରଥମ ଗ୍ରାହକ ସେବା ଦିଗରେ କାମ କରୁଛୁ। ୨୪ ଘଂଟିଆ ଭରସାଯୋଗ୍ୟ, ସୁଲଭ ଓ ସ୍ଥାୟୀ ବିଦ୍ୟୁତ୍ ଶକ୍ତିକୁ ନେଇ ରାଜ୍ୟର ରହିଥିବା ଲକ୍ଷ୍ୟ ପ୍ରତି ଆମେ ପ୍ରତିବଦ୍ଧ ରହିଛୁ ଯାହା ଶିଳ୍ପକୁ ଆଗକୁ ବଢ଼ିବା, ଗ୍ରାମଗୁଡ଼ିକୁ ସମୃଦ୍ଧ କରିବା ଏବଂ ଓଡ଼ିଶା ପ୍ରଗତିରୁ ପ୍ରତି ନାଗରିକଙ୍କୁ ଲାଭବାନ ହେବାରେ ସକ୍ଷମ କରିଛି। ପ୍ରଯୁକ୍ତି ଆଧାରିତ ବ୍ୟବସ୍ଥା ଓ ଗ୍ରାହକ କେନ୍ଦ୍ରିକ ସେବା ସହିତ ଟିପିଏନ୍‌ଓଡିଏଲ୍ ଓଡ଼ିଶାରେ ବିଦ୍ୟୁତ୍ ବଂଟନକୁ ପୁନଃ ଆକାର ପ୍ରଦାନ କରିଛି। ସ୍ମାର୍ଟ ବିଲିଂଠାରୁ ଗ୍ରାମୀଣ ବିଦ୍ୟୁତକରଣ ପର୍ଯ୍ୟନ୍ତ ଏହାର ଅଭିଯାନଗୁଡ଼ିକ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ସ୍ୱଚ୍ଛତାରେ ଉନ୍ନତି ଆଣିଛି ଏବଂ ସମଗ୍ର ଅଂଚଳରେ ଅନ୍ତର୍ଭୁକ୍ତୀକରଣ ବିକାଶକୁ ସୁନିଶ୍ଚିତ କରିପାରିଛି।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୮/୪୧)

-ମୋକ୍ଷଯୋଗଃ-

(ଶ୍ରୀଭଗବାନୁବାଚ)

**ବ୍ରାହ୍ମଣକ୍ଷତ୍ରିୟବିଶାଂ ଶୂଦ୍ରାଣାଂ ଚ ପରନ୍ତପ ।**
**କର୍ମାଣି ପ୍ରବିଭକ୍ତାନି ସ୍ୱଭାବପ୍ରଭବୈର୍ଗୁଣୈଃ ॥ ୪୧ ॥**

(ନନୁ ଯଦେବଂ ସର୍ବମପି କ୍ରିୟାକାରକଫଳାଦିକଂ ପ୍ରାଣିଜାତଂ ଚ ତ୍ରିଗୁଣାତ୍ମକଂ ଏବ, ତର୍ହିଁ କଥମସ୍ୟମୋକ୍ଷଃ ଉତ୍ୟପେକ୍ଷାୟାଂ ସ୍ୱସ୍ୱାଧିକାରବିହିତୈଃ କର୍ମଭି ପରମେଶ୍ୱରାରାଧନାତ୍ ତତ୍ପ୍ରସାଦଲବ୍ଧଜ୍ଞାନେନେତ୍ୟେବଂ ସର୍ବଗୀତାର୍ଥସାରଂ ସଂଗୃହ୍ୟ ଦର୍ଶୟିତୁଂ ପ୍ରକାରାନ୍ତରମାରଭ୍ୟତେ)- ହେ ପରନ୍ତପ ! ବ୍ରାହ୍ମଣକ୍ଷତ୍ରିୟବିଶଂ ଶୂଦ୍ରାଣାଂ ଚ କର୍ମାଣି, ସ୍ୱଭାବପ୍ରଭବୈଃ (ସାତ୍ତ୍ୱିକରାଜସାଦିସଂଭୂତୈଃ) ଗୁଣୈଃ ପ୍ରବିଭକ୍ତାନି ॥ ୪୧ ॥

# ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ମଣିପୁର ଗସ୍ତ ଗୁରୁତ୍ୱପୂର୍ଣ୍ଣ

କେବଳ ରାଜନୀତିକ ଦୃଷ୍ଟିକୋଣରୁ ନୁହେଁ, ସାମାଜିକ ଦିଗରୁ ମଧ୍ୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ମଣିପୁର ଗସ୍ତ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ଦୀର୍ଘ ଅଢ଼େଇ ବର୍ଷ କାଳ ମଣିପୁର ଅଶାନ୍ତ ହୋଇ ରହିଥିଲା । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଜୀଙ୍କ ଉପସ୍ଥିତି ମଣିପୁରବାସୀଙ୍କୁ ଏବେ ଆଶ୍ୱସ୍ତ କରିଛି । ରାଜନୀତିକ ଓ ଜାତିଗତ କାରଣରୁ ବିଗତ ସରକାରଙ୍କ ଅମଳରେ ମଣିପୁରର ବିକାଶ ରାସ୍ତା ମଝିରେ ଅଟକି ରହିଥିଲା । ସେଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ୮,୫୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ପାଇଁ, ଯେଉଁ ପ୍ରତିଶ୍ରୁତି ଦେଇ ସେ ସବୁର ଶୁଭାରମ୍ଭ ଶୀଘ୍ର କରିବେ ବୋଲି କହିଛନ୍ତି, ତାହା ମଣିପୁରବାସୀଙ୍କ ମନରେ ବିଶ୍ୱାସ ଭରି ଦେଇଛି । ମୋଦିଜୀ ସେଠାରେ ମଣିପୁରବାସୀଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି, 'ମଣିପୁରରେ ସ୍ୱାଭାବିକ ଅବସ୍ଥା ଫେରି ଆସିବାକୁ ଭାରତ ସରକାର ସବୁ ପ୍ରକାରର ଉଦ୍ୟମ ଆରମ୍ଭ କରିଛନ୍ତି । ମଣିପୁରବାସୀଙ୍କ ଅଶାନ୍ତି ଓ ଅସନ୍ତୋଷକୁ ବିକାଶ ହିଁ ଦୂର କରିପାରିବ ବୋଲି ମୁଁ ଦୃଢ଼ ପ୍ରତିଶ୍ରୁତି ଦେଉଛି ଏବଂ ଭାରତ ସରକାର ମଣିପୁରବାସୀଙ୍କ ପଛରେ ରହିଛନ୍ତି ।' ମଣିପୁରର କୁକି ନ୍ୟାସନାଲ ଅର୍ଗାନାଇଜେସନ (KNO) ଓ ୟୁନାଇଟେଡ୍ ପିପୁଲସ୍ ଫ୍ରଣ୍ଟ (UPF) ଏ ଦୁଇ ସଂପ୍ରଦାୟ ମଧ୍ୟରେ ଆପୋଷ ମୁଝାମଣା ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ମଣିପୁର ଉପତ୍ୟକାରେ ମୈତେଇ ଗୋଷ୍ଠୀ ସଂଖ୍ୟାଧିକ । ମାତ୍ର ସେଠାକାର ଆଦିବାସୀ କୁକି ଯୋ ସଂପ୍ରଦାୟ ପାର୍ବତ୍ୟାଞ୍ଚଳରେ ବସବାସ କରି ଆସୁଛନ୍ତି । ଏମାନଙ୍କ ମଧ୍ୟରେ ଯେଉଁ ବିବାଦ ଥିଲା ତାହା ଉଗ୍ର ହିଂସାରୂପ ନେଇଛି ଅଢେଇ ବର୍ଷ ତଳୁ, ୨୦୨୩ରେ । ଫଳରେ ପ୍ରାୟ ୨୬୦ ଜଣଙ୍କର ପ୍ରାଣହାନି ଘଟିଛି ଏବଂ ପ୍ରାୟ ୬୦,୦୦୦ ଲୋକ ବାସହରା ହୋଇଛନ୍ତି । କଂଗ୍ରେସ ନେତା ଶ୍ରୀ ରାହୁଲ ଗାନ୍ଧି ମଣିପୁର ଗସ୍ତରେ ଯାଇଥିଲେ ମଧ୍ୟ ସମସ୍ୟାର ସମାଧାନ କରି ପାରି ନଥିଲେ । ଉଭୟ ସଂପ୍ରଦାୟ ମଧ୍ୟରେ ରହିଥିବା ସଂଘର୍ଷର ସମାଧାନ ସହଜ ନଥିଲା । ମାତ୍ର ମୋଦିଜୀଙ୍କ ଉପସ୍ଥିତିର ଆବଶ୍ୟକତା ଥିଲା । ଏପରିକି ରାହୁଲ ଗାନ୍ଧି ମଧ୍ୟ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଜୀଙ୍କୁ ମଣିପୁର ଗସ୍ତ ସକାଶେ ନିବେଦନ କରି ଆସୁଥିଲେ ।

ଗତ ସେପ୍ଟେମ୍ବର ୧୩ (୨୦୨୫)ରେ ମୋଦିଜୀଙ୍କ ମଣିପୁର ଗସ୍ତ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ମଣିପୁରରେ ସେତେବେଳେ ପ୍ରବଳ ବର୍ଷା ହେଉଥିଲା । ଫଳରେ ପ୍ରଧାନମନ୍ତ୍ରୀଙ୍କ ହେଲିକପ୍ଟରରୁ ଭୂମି ଉପରେ ଓହ୍ଲାଇବା ସମ୍ଭବପର ହୋଇ ନଥିଲା । ସେଥିପାଇଁ ମୋଦିଜୀ ଇମଫାଲରୁ ବାହାରି ଦୀର୍ଘ ୬୦ କିଲୋମିଟର ରାସ୍ତା କାର୍‌ରେ ଅତିକ୍ରମ କରି ସେଠାରେ ପହଞ୍ଚିଥିଲେ । ମୋଦିଜୀଙ୍କର ଏହି ଗସ୍ତ ପ୍ରକୃତରେ ମଣିପୁରବାସୀଙ୍କୁ ଏକ ଭିନ୍ନ ବାର୍ତ୍ତା ପ୍ରଦାନ କରିଛି । ସମସ୍ୟାର ସମାଧାନ ଲାଗି ପ୍ରଧାନମନ୍ତ୍ରୀଙ୍କର ଉଦ୍ୟମକୁ ମଧ୍ୟ ସାଧାରଣରେ ପ୍ରଶଂସା କରାଯାଇଛି ।

ପ୍ରଧାନମନ୍ତ୍ରୀ ମଣିପୁରରେ ଯେଉଁ ବହୁମୁଖୀ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ, କେବଳ ଚୁରଚନ୍ଦ୍ରପୁରରେ ସେଥିପାଇଁ ୭,୩୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି । ମଣିପୁରରେ ରେଳ ସଂପ୍ରସାରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି ବୋଲି ସୂଚନା ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ମଣିପୁରରେ ଦାରିଦ୍ର୍ୟ ଦୂର କରାଯିବା ଲାଗି ପଦକ୍ଷେପମାନ ନିଆଯାଉଛି । ଆଶା ଓ ବିଶ୍ୱାସର ନୂତନ ସୂର୍ଯ୍ୟୋଦୟ ମଣିପୁରରେ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ଏବଂ ମଣିପୁର ଭାରତରେ ଶାନ୍ତି, ସଦ୍‌ଭାବ ଓ ଉନ୍ନତିର ପ୍ରତୀକ ହେବ ବୋଲି ସେ ମଧ୍ୟ ଆଶା ପ୍ରକାଶ କରଛନ୍ତି ।

ଗତ ପ୍ରାୟ ଏକୋଇଶି ବର୍ଷ ପୂର୍ବେ ବିଗତ କଂଗ୍ରେସ ସରକାରଙ୍କ ଅମଳରେ ମଣିପୁରରେ ଅଶାନ୍ତିର ଅଗ୍ନି ଅତି ତୀବ୍ର ଭାବରେ ଜଳି ଉଠିଥିଲା । ୨୦୦୪ ଜୁଲାଇ ୧୧ ତାରିଖରେ ଥାନଦିଆମ ମନୋରମା ନାମକ ଏକ ଯୁବତୀଙ୍କୁ ଆସାମ ରାଇଫଲ ବାହିନୀର କେତେ ଜଣ ଉଠାଇ ନେଇ ବଳାତ୍କାର କରିବା ସହିତ ତାଙ୍କୁ ହତ୍ୟା କରିଥିଲେ । ବିଚାର ବିଭାଗୀୟ ତଦନ୍ତକୁ ମଧ୍ୟ ଏହି ସୈନ୍ୟବାହିନୀ ଅମାନ୍ୟ କରିଥିଲେ । ଏହି ଘଟଣାର ଚାରିଦିନ ପରେ ଜୁଲାଇ ୧୫ରେ କେତେକ ମହିଳା କଙ୍ଗଲା ଦୁର୍ଗ ନିକଟସ୍ଥ ଆସାମ ରାଇଫଲ ବାହିନୀର ହେଡକ୍ୱାର୍ଟର ସମ୍ମୁଖରେ ଉଲଗ୍ନ ହୋଇ ତାହାର ପ୍ରତିବାଦ କରିଥିଲେ । ତତ୍କାଳୀନ ପ୍ରତିରକ୍ଷାମନ୍ତ୍ରୀ ପ୍ରଣବ ମୁଖାର୍ଜୀ ତ ବଦନାମ ହୋଇଥିଲେ, ତତ୍କାଳୀନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂ ମଧ୍ୟ ଆସାମ ତଥା ଆସାମର ଉତ୍ତର ପୂର୍ବାଞ୍ଚଳ ଅଞ୍ଚଳରୁ ସଂସଦରେ ପ୍ରତିନିଧିତ୍ୱ କରୁଥିଲେ ମଧ୍ୟ ଏହି ଘଟଣାରୁ କାହିଁକି କେଜାଣି ନିଜକୁ ଦୂରେଇ ରହିଥିଲେ । ସେ କୌଣସି ବିବୃତି ଦେଇ ନଥିଲେ କିମ୍ବା ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାରି ନଥିଲେ । ଏବେ ଅବଶ୍ୟ ମନମୋହନ ସିଂ ଆମ ଗହଣରେ ଆଉ ନାହାନ୍ତି । ମାତ୍ର ସେ ଦିନର ପ୍ରଧାନମନ୍ତ୍ରୀ ଓ ଏବର ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ବ୍ୟକ୍ତିତ୍ୱର ଯେଉଁ ପ୍ରଭେଦ, ତାହାକୁ ଭାରତୀୟମାନେ ଠିକ୍ ଅନୁଭବ କରୁଛନ୍ତି ଏବେ ।

**ସଙ୍କଳ୍ପ**

ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ,
ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।

**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପୃଥ୍ୱୀ କ୍ଷଣ କ୍ଷଣକେ ଆନ



**ଡ. ନିରଞ୍ଜନ ସାହୁ**

ଏମନ୍ତ ଶୀର୍ଷକ ଆପ୍ତ ବାକ୍ୟସମ କଥାଟି ସୂଚେଇ ଦିଏ ଯେ, ସଂସାରରେ ପରିବର୍ତ୍ତନ ହିଁ ଏକମାତ୍ର ସତ୍ୟ ଓ ନିତ୍ୟ। ଏଠାରେ ସ୍ଥାୟିତ୍ୱ ବୋଲି କିଛି ନାହିଁ କହିଲେ ଚଳେ । ପ୍ରକୃତିର ନିଜର ପରିବର୍ତ୍ତନ, ଜଳବାୟୁର ପରିବର୍ତ୍ତନ, ପୃଥିବୀର ଘୂର୍ଣ୍ଣନ ତ ସାଧାରଣ କଥା, ମାତ୍ର ବିଶ୍ୱ ବ୍ୟବସ୍ଥାର ଏମିତି ପରିବର୍ତ୍ତନ ଏତେ ଶୀଘ୍ର ଯେ ସମ୍ଭବ ତାହା ହୁଏତ ଆମକୁ ଜଣା ନଥିଲା। ଗତବର୍ଷ ଆମେରିକାରେ ନିର୍ବାଚନ ହେଉଥିବା ବେଳେ ଆଶା ପ୍ରକଟ ହେଉଥିଲା ହୁଏତ ରିପବ୍ଲିକାନ୍ ଦଳ ନିର୍ବାଚିନ ଜିଣିଲେ ଭାରତ ପାଇଁ ଏକ ଆରାମଦାୟକ ଅବସ୍ଥା ଆସିଯିବ କିଛି ବର୍ଷ ପାଇଁ । ମାତ୍ର ମିଷ୍ଟର ଟ୍ରମ୍ପ ଆସୁଆସୁ ଯେଉଁ ଘଟଣା ସବୁ ଘଟିଗଲା, ଖୁବ୍ ଅଳ୍ପ ସମୟ ଭିତରେ ତାହା କୌଣସି ଘୂର୍ଣ୍ଣିବାତ୍ୟା କିମ୍ବା ଭୂମିକମ୍ପଠାରୁ କମ୍ ନୁହେଁ ।

ଆମେରିକାର ବିଦେଶ ନୀତି ଅଧ୍ୟୟନ ବେଳେ ଯେଉଁ ଚମକପ୍ରଦ କଥାଟି ଆମକୁ କୁହାଯାଇଥାଏ ତାହା ଭୁଲି ନହେଲା ଭଳି। 'ଆମେରିକାର ବିଦେଶ ନୀତିର ବୈଶିଷ୍ଟ୍ୟ ହେଲା, ଆମେରିକାର କେହି ଚିରନ୍ତନ ଶତ୍ରୁ କିମ୍ବା ବନ୍ଧୁ ନାହାନ୍ତି, ତାର ଏକମାତ୍ର ଲକ୍ଷ୍ୟ ହେଲା ସ୍ୱାର୍ଥ, ସ୍ୱାର୍ଥ ଆଉ ସ୍ୱାର୍ଥ ।' ବିଦେଶ ନୀତି କ୍ଷେତ୍ରରେ ହୁଏତ ପ୍ରତ୍ୟେକ ଦେଶ ଚାହୁଁଥିବେ ଦେଶର ସ୍ୱାର୍ଥ ଅନୁକୂଳ ହେଉ, ବିଦେଶ ନୀତି ଏବଂ ଅନେକାଂଶରେ ଅବସ୍ଥିତିକୁ ନେଇ ରାଜନୀତି ପ୍ରଭାବିତ ହେଉଥିବା (Geo-politics) ମଧ୍ୟ ଏକ ଅବଧାରିତ ସତ୍ୟ।

ବାଣିଜ୍ୟ କାରବାର ବଢ଼ିବା ଫଳରେ ବିଭିନ୍ନ ଦେଶର ଅଗ୍ରଗତି ବିଭିନ୍ନ ସ୍ତରରେ ପହଁଚିଛି- ପ୍ରତ୍ୟେକ ନିଜ ଦେଶରେ ଅଧିକ ଉତ୍ପାଦିତ ହେଉଥିବା ଦ୍ରବ୍ୟକୁ ନିଅଣ୍ଟିଆ ଦେଶକୁ ବିକ୍ରୀ କରନ୍ତି ଯାହାକୁ ଆମେ କହନ୍ତି ରପ୍ତାନୀ ଏବଂ ନିଜ ଦେଶରେ ଚାହିଁଦାରୁ କମ୍ ଉତ୍ପାଦିତ ଦ୍ରବ୍ୟକୁ ଅନ୍ୟ ଦେଶରୁ ଖରିଦ କରନ୍ତି, ଯାହାକୁ କୁହାଯାଏ ଆମଦାନୀ। ଅର୍ଥଶାସ୍ତ୍ରରେ ଏଇ ନିୟମ ବହୁ ଭାବରେ ବିଦେଶ ନୀତିକୁ ପ୍ରଭାବିତ କରିଥାଏ ଏବଂ ପ୍ରକାରାନ୍ତରେ ବିଭିନ୍ନ ଦେଶର ପରସ୍ପରର ନିର୍ଭରଶୀଳତା ହେତୁ ଦେଶ ଦେଶ ମଧ୍ୟରେ ସୁସଂପର୍କ ସୃଷ୍ଟି କରିଥାଏ ।

ବାଣିଜ୍ୟ କିପରି ସୁସଂଗଠିତ ହୋଇପାରିବ ସେ ବିଷୟରେ ବହୁ ବିତର୍କ ଏବଂ ବହୁ ଆଲୋଚନା ପରେ ବିଶ୍ୱ ବାଣିଜ୍ୟ ସଂଗଠନ ଗଠିତ ହୋଇଥିଲା । ବିଭିନ୍ନ ଦେଶ ମଧ୍ୟରେ ବାଣିଜ୍ୟିକ ସଂପର୍କରେ ଏହା ଏକ ସୁସଂଗଠିତ ଭୂମିକା ନେଇ ଆସୁଥିଲା- ସାଧାରଣ ଅର୍ଥଶାସ୍ତ୍ରୀମାନଙ୍କରେ ମତ ଥିଲା ଯେ ଜଳ ଯେପରି ସ୍ୱାଭାବିକ ଭାବରେ ନିଜର ସ୍ଥାନ ଆପଣେଇ ନିଏ ସେମିତି ବାଣିଜ୍ୟର ଗତି- ସେଥିରେ ବେଶି ହସ୍ତକ୍ଷେପ କଲେ ବିପଦ ହିଁ ବିପଦ ।

କିଛି ବର୍ଷ ଧରି ଗଢ଼ି ଉଠିଥିବା ବିଶ୍ୱବାଣିଜ୍ୟ ନୀତି ଓ ବିଦେଶ ନୀତି ଟ୍ରମ୍ପ ମଙ୍ଗ ଧରୁ ଧରୁ ଧରାଶାୟୀ ହୋଇଛି । ସାଧାରଣ ଭାବରେ ଆମେରିକାକୁ ବିଶ୍ୱର ସର୍ବାଧିକ ଧନୀକ ଓ ବିଜ୍ଞାନର ଅଗ୍ରଣୀତମ ରାଷ୍ଟ୍ର ଭାବରେ ବିବେଚନା କରାଯାଏ- ସେଇ ଦେଶର ରାଷ୍ଟ୍ରମୁଖ୍ୟଙ୍କର ମନୋମୁଖୀ କାରନାମାରେ ଆଜି ସମଗ୍ର ପୃଥିବୀ ସଂତ୍ରସ୍ତ, ଗୋଟିଏ ଥର ପୂର୍ବରୁ ରାଷ୍ଟ୍ରପତି ଥିବା ଟ୍ରମ୍ପ ମହାଶୟ ଯେତେବେଳେ ଚାରିବର୍ଷର ବ୍ୟବଧାନ ପରେ ପୁନର୍ବାର ରାଷ୍ଟ୍ରପତି ଭାବରେ ଯୋଗ ଦେଲେ ତାଙ୍କର ପରିବର୍ଦ୍ଧିତ ଅହଂ ବୋଧହୁଏ ଧାରଣା ଦେଇଥିବ ସେ କେବଳ ଆମେରିକାର ରାଷ୍ଟ୍ରମୁଖ୍ୟ ନୁହଁନ୍ତି ସେ ବିଶ୍ୱର ସର୍ବନିୟନ୍ତା ଏବଂ ଏକ ଫୁଟବଲ ପରି ସେ ପୃଥିବୀକୁ ଯଥେଚ୍ଛା ଗଡ଼େଇ ଦେଇପାରିବେ ।

ନୂଆ ସରକାର ଆସୁ ଆସୁ ଆମେରିକାର ରାଷ୍ଟ୍ରପତି ପ୍ରଥମ ଦିନରେ ଶହେ ଗୋଟି ଆଦେଶନାମା ଜାରି କରି ରେକର୍ଡ କରିବାର ଧାରା ଆରମ୍ଭ କଲେ । ସେଇ ଧାରା ଯେମିତି ଗତ ସାତ ମାସ ଭିତରେ ରହିଛି ଅବ୍ୟାହତ ଓ ଅପ୍ରତିହତ ଏବଂ ଏଇ ଧାରା ଭିତରେ ସର୍ବାଧିକ ପ୍ରଚଳିତ ଶବ୍ଦ ପାଲଟିଛି 'ଟାରିଫ୍' ଯାହା କହିଲେ ବୁଝାଏ ଏକ କର । ଆମେରିକା ନିଜର ସାମରିକ କ୍ଷମତା ଓ ଅର୍ଥନୈତିକ କ୍ଷମତା ଆଧାରରେ ବିଭିନ୍ନ ଦେଶ ଉପରେ ଏଇ ନୀତି ପ୍ରୟୋଗ କରିବା ଫଳରେ ସମଗ୍ର ବିଶ୍ୱ ଏକ ଅନିଶ୍ଚିତତା ଆଡକୁ ଚାଲିଯାଇଛି ଏବଂ ଭାରତର ଅସୁବିଧା ହୋଇଛି ବହୁ ଗୁଣିତ ।

ଟ୍ରମ୍ପଙ୍କର ଟାରିଫ୍ ନୀତିର ମୂଳ ଆଧାର ହୋଇଛି ଯେ ଯେଉଁ ଦେଶମାନେ ଆମେରିକା ବଶ୍ୟତା ସ୍ୱୀକାର କରୁନାହାନ୍ତି ତାଙ୍କ ଉପରେ ଟାରିଫ୍ ଲାଗୁ କରାଯାଉଛି । ଟାରିଫ୍ କହିଲେ ହୁଏତ ଆପଣ ଭାବିବେ କଣ ଆମ ଉପରେ ଶୁଳ୍କ ଲାଗୁ କରାଗଲା କି? ଆମେ ଯେଉଁ ଦ୍ରବ୍ୟ ରପ୍ତାନୀ କରୁଛନ୍ତି ସେହି ଦ୍ରବ୍ୟ ଉପରେ ଅତିରିକ୍ତ ଶୁଳ୍କ ଲାଗୁ ହେବା ଫଳରେ ତା'ର ବଜାରଦର ବଢ଼ି ଯାଉଛି ଯାହା ଫଳରେ ସେ ଦେଶର ବଜାରରେ ସଂପୃକ୍ତ ଦ୍ରବ୍ୟର ମୂଲ୍ୟ ପ୍ରତିଯୋଗିତା ମୂଳକ ହୋଇପାରିବ ନାହିଁ- ଏହା ଫଳରେ ସେଇ ଦ୍ରବ୍ୟ ରପ୍ତାନୀ ଏକ ରକମର ବନ୍ଦ ହୋଇଯିବ ଆଉ ଯେତେଦିନ ସେଇ ଦ୍ରବ୍ୟ ଆମେରିକାକୁ ଯାଉଥିବ ସେଠାକାର ଲୋକମାନେ ଏଇ ବର୍ଦ୍ଧିତ ଦରରେ ତାକୁ ଖରିଦ କରୁଥିବେ ।

ଭାରତରୁ ବିଶେଷତଃ ଲୌହ ଇସ୍ପାତ ସାମଗ୍ରୀ, ପୋଷାକପତ୍ର, ଔଷଧ, ସୁନା ଓ ଅଳଙ୍କାର ତଥା ସାମୁଦ୍ରିକ ଖାଦ୍ୟ ବହୁଳ ପରିମାଣରେ ଆମେରିକାକୁ ରପ୍ତାନୀ କରାଯାଇଥାଏ । ଏହି ଜିନିଷଗୁଡ଼ିକ ପରିବର୍ତ୍ତିତ ଟାରିଫର ନିୟମାଧୀନ ହେଲାପରେ ତାହା ଆଉ ସେଇ ଦେଶକୁ ଯାଇପାରିବ ନାହିଁ । ଏହା ଆମ ଦେଶର ଅର୍ଥନୀତିକୁ ବହୁଳ ଭାବରେ କ୍ଷତିଗ୍ରସ୍ତ କରିବ, ବେକାରୀ ସୃଷ୍ଟି କରିବ ଏବଂ ଅଶାନ୍ତିର କାରଣ ହେବ । ମାତ୍ର ଆମେରିକାର ଧାରଣା ଏବଂ ବିଶେଷ କରି ଟ୍ରମ୍ପଙ୍କର ଧାରଣା ଏହା ତାଙ୍କ ନିଜ ଦେଶର ଅର୍ଥନୈତିକ ପ୍ରଗତିରେ ସହାୟକ ହେବ, ମାତ୍ର ବାସ୍ତବ କଥା ହେଲା ଆମେରିକାରେ ମଜୁରୀ ହାର ଏତେ ଅଧିକ ଯେ ସେଠାରେ ଉତ୍ପାଦିତ ହେଉଥିବା ଉପର ବର୍ଣ୍ଣିତ ଦ୍ରବ୍ୟ କେବେ ବି ବିଶ୍ୱବଜାରରେ ପ୍ରତିଦ୍ୱନ୍ଦିତାପୂର୍ଣ୍ଣ କାରବାର କରିବାକୁ ସକ୍ଷମ ହେବନାହିଁ ।

**କଥା ନିରବଧି**

ବାହୁବଳୀ ଲୋକଟିଏ ନିଜକୁ ସୁହାଇବା ପାଇଁ ଯେମିତି ନିୟମ କରେ ତାହାହିଁ ବିଶ୍ୱବାଣିଜ୍ୟ କ୍ଷେତ୍ରରେ ପ୍ରତିଫଳିତ ହୋଇଛି ।

ଗତ ଶହେ ବର୍ଷରୁ ଅଧିକ ସମୟ ଭିତରେ ଆମେରିକା ପ୍ରମାଣ କରି ଦେଇଛି ତାର ଶତ୍ରୁ ହୋଇ ତିଷ୍ଠିବା ଅସମ୍ଭବ- ସେହି କ୍ରମରେ ସେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜାପାନ ଉପରେ ପରମାଣୁ ବୋମା ନିକ୍ଷେପ କରି ତା'ର ଅର୍ଥନୈତିକ ଓ ସାମରିକ ଶକ୍ତିକୁ ଏକରକମ ଧ୍ୱଂସ କରିଦେଇଥିଲା- ସେହିପରି ବିଭିନ୍ନ ସମୟରେ ଇରାନ୍ ଆଫଗାନିସ୍ଥାନ ପରି ଅନେକ ଦେଶ ସେଇ ଦୁର୍ଦ୍ଦଶା ଭୋଗ କରିଛନ୍ତି । ତେଣୁ କୌଣସି ଦେଶ ଆମେରିକାକୁ ସିଧାସଳଖ ଆହ୍ୱାନ କରିବା କାଠିକର ପାଠ । ଏହା ଭିତରେ ସୋଭିଏତ୍ ଦେଶ ଭାଗ ଭାଗ ହୋଇଯାଇଛି ଏବଂ ଆମେରିକାକୁ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା କରିବା ହୋଇଛି ଏକ ଅସମ୍ଭବ ବ୍ୟାପାର । ଅପରପକ୍ଷରେ ଯେଉଁ ରାଷ୍ଟ୍ରମାନଙ୍କୁ ଆମେରିକା ନିଜର ବନ୍ଧୁରାଷ୍ଟ୍ର ଭାବରେ ଗ୍ରହଣ କରୁଥିଲା ସେମାନେ ଏକରକମ ବାଧ୍ୟ ହେଉଥିଲେ ତା'ଠାରୁ ଅସ୍ତ୍ରଶସ୍ତ୍ର କିଣିବା ପାଇଁ ।

ଏହାକୁ ଲକ୍ଷ୍ୟ କରି ଏକଦା ଆମେରିକାର ପରରାଷ୍ଟ୍ର ସଚିବ ହେନେରୀ କିସିଞ୍ଜର କହିଥିଲେ- It is extremely dangerous to be the enemy of America and to be a friend it is also fatal. ( ଆମେରିକାର ଶତ୍ରୁ ହେବା ଯେପରି ବିପଦ୍ଜନକ ମିତ୍ର ହେବା ମଧ୍ୟ ସେହିପରି ମାରାତ୍ମକ ।)

ଗତ କୋଡିଏ ପଚିଶ ବର୍ଷ ଭିତରେ ଭାରତ ଆମେରିକା ସଂପର୍କରେ ବହୁ ସୁଧାର ହୋଇଥିଲା ଏପରିକି ଆମେରିକା ସହିତ ଆମର ମଧ୍ୟ କିଛି ନିରାପତ୍ତା ଚୁକ୍ତି ସଂପାଦିତ ହୋଇଥିଲା। ମାତ୍ର ଟ୍ରମ୍ପଙ୍କର ଟାରିଫ୍ ଝଟ୍‌କା ଏତେ ପ୍ରବଳ ହୋଇଛି ଯେ ସ୍ୱାଭାବିକ ସଂପର୍କ ତ ଦୂରର କଥା ଦିନକୁ ଦିନ ସଂପର୍କ ଅତ୍ୟନ୍ତ ଜଟିଳ ଓ ବିପଦପୂର୍ଣ୍ଣ ହେବାରେ ଲାଗିଛି । ଆମେରିକାର ରାଷ୍ଟ୍ରପତି ଶ୍ରୀଯୁକ୍ତ ଟ୍ରମ୍ପଙ୍କର ଧାରଣା ତାଙ୍କର ବଂଧୁ କେହି ନୁହନ୍ତି ସମସ୍ତେ ତାଙ୍କର ଅଧସ୍ତନ । ବାଣିଜ୍ୟ ଚୁକ୍ତି ପାଇଁ ସେ ଯାହା ଚାହୁଁଥିଲେ ତାହା ଗ୍ରହଣ କରିବା ଭାରତ ପାଇଁ ହୋଇଥାନ୍ତା ଆତ୍ମଘାତୀ- ଆମେରିକା ଚାହୁଁଥିଲା ଭାରତର କୃଷି ବଜାର, ଦୁଗ୍ଧ ବଜାର, ମତ୍ସ୍ୟ ବଜାର ଉପରେ ତା'ର ଅଧିକାର- ଏହା ଗ୍ରହଣ କରିଥିଲେ ହୁଏତ ସାମୟିକ ଭାବରେ ଟ୍ରମ୍ପଙ୍କ ଆକ୍ରୋଶ କମିଥାନ୍ତା ମାତ୍ର ଭାରତ ପାଇଁ ହୋଇଥାନ୍ତା ଏକ ଅକ୍ଷମଣୀୟ କାର୍ଯ୍ୟ । ତା'ର କୋଟି କୋଟି ସାଧାରଣ କୃଷକ ଦୁଗ୍ଧ ଉତ୍ପାଦନକାରୀ, କ୍ଷୁଦ୍ର ଓ ମଧ୍ୟବିତ୍ତଙ୍କ ପାଇଁ ଧୋକା ସମାନ- ଭାରତ ନୀତିରେ ସାଲିସ କରିନାହିଁ ବରଂ ଆମେରିକା ଯେଉଁ କାରଣ ପାଇଁ ଭାରତ ଉପରେ ଟାରିଫ୍ ଲଗାଉଛି ତାହା ବେଆଇନ ବୋଲି କହି ଆସିଛି । ରୁଷ- ୟୁକ୍ରେନ୍ ଯୁଦ୍ଧରେ ଭାରତ ରୁଷଠାରୁ ଅଶୋଧିତ ତୈଳ ଖରିଦ କରି ତାକୁ ଶୋଧନ ପରେ ବହୁ ଲାଭ ପାଉଥିବାକୁ ଆମେରିକା ହିସାବରେ ତାହା ଯୁଦ୍ଧକୁ ଇନ୍ଧନ ଯୋଗାଇବା ସହିତ ସମାନ- ତେଣୁ ଭାରତ ଉପରେ ଜୋରିମାନା ତୁଲ୍ୟ ଅତ୍ୟଧିକ ଶୁଳ୍କର ପ୍ରାବନ୍ଧନ- ମାତ୍ର ଏହା ଏକ ନୂତନ ସଂପର୍କର ଆଭାସ ଦେଇଛି ତାହା ହେଉଛି ରୁଷିଆ, ଚୀନ ଏବଂ ଭାରତ ଭିତରେ ଏକ ନୂତନ ସମୀକରଣ ସମ୍ଭାବନା ।

ଆଧୁନିକ ରାଜନୈତିକ ବ୍ୟବସ୍ଥା ଅଧ୍ୟୟନ ବେଳେ ସାଧାରଣତଃ କୁହାଯାଏ ଉନବିଂଶ ଶତାବ୍ଦୀ ଥିଲା ୟୁରୋପର ଅଭ୍ୟୁଦୟର ସମୟ ଆଉ ସେହିପରି ବିଂଶ ଶତାବ୍ଦୀ ହେଉଛି ଆମେରିକାର ଶତାବ୍ଦୀ । ସେଇ କ୍ରମରେ ଏକ ବିଂଶ ଶତାବ୍ଦୀ ହେବ ଏସିଆର । ଆଉ ରୁଷିଆ ସହିତ ଚୀନ, ଭାରତ ଏବଂ ଜାପାନ ଆଦି ମିଳିତ ହେଲେ ସେଇ ସମ୍ଭାବନା ବାସ୍ତବତାରେ ପରିଣତ ହେବାର ସୁଯୋଗ ଅଧିକ ।

**ଆଧୁନିକ ରାଜନୈତିକ ବ୍ୟବସ୍ଥା ଅଧ୍ୟୟନ ବେଳେ ସାଧାରଣତଃ କୁହାଯାଏ ଉନବିଂଶ ଶତାବ୍ଦୀ ଥିଲା ୟୁରୋପର ଅଭ୍ୟୁଦୟର ସମୟ ଆଉ ସେହିପରି ବିଂଶ ଶତାବ୍ଦୀ ହେଉଛି ଆମେରିକାର ଶତାବ୍ଦୀ । ସେଇ କ୍ରମରେ ଏକ ବିଂଶ ଶତାବ୍ଦୀ ହେବ ଏସିଆର । ଆଉ ରୁଷିଆ ସହିତ ଚୀନ, ଭାରତ ଏବଂ ଜାପାନ ଆଦି ମିଳିତ ହେଲେ ସେଇ ସମ୍ଭାବନା ବାସ୍ତବତାରେ ପରିଣତ ହେବାର ସୁଯୋଗ ଅଧିକ ।**

**ଏକଦା ଆମେରିକାର ବିଶ୍ୱବାଣିଜ୍ୟ ସଂଗଠନରେ ଆତଙ୍କବାଦୀ ଆକ୍ରମଣ କରି ଆମେରିକାକୁ ଆଣ୍ଠେଇଦେବା ସ୍ତରକୁ ଆଣିଥିଲା ଆତଙ୍କୀ ଓସାମା ବିନ ଲାଡ଼େନ୍ ଆଉ ସେଇ ଲାଡେନକୁ ପ୍ରାୟ ଦଶବର୍ଷ କାଳ ନିରାପଦ ଆଶ୍ରୟ ଦେଇଥିବା ପାକିସ୍ତାନ ଏବେ ଆମେରିକାର ଗେହ୍ଲାପୁଅ । ଭାରତ ପାଇଁ ଏକ ବିପଜ୍ଜନକ ପରିସ୍ଥିତି ସୃଷ୍ଟି ହୋଇଛି ସତ,** ମାତ୍ର ଏକ ସାର୍ବଭୌମ ରାଷ୍ଟ୍ରଭାବରେ ଭାରତ ତା'ର ଦାୟିତ୍ୱ ନିର୍ବାହ କରୁଥିବା ବେଳେ ଏଇ ପରିସ୍ଥିତିକୁ ଏଡ଼େଇବାରେ ସଫଳ ହେବ ଏହା ନିଃସନ୍ଦେହ । ମାର୍କିନ ରାଷ୍ଟ୍ରପତିଙ୍କ ଆସ୍ଫାଳନ ଇତିହାସର ଏକ କଳାଦାଗ ହୋଇରହିବ, ସନ୍ଦେହ ନାହିଁ ।

**ମୋ-୯୪୩୮୪୮୨୯୧୧**
**(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ)**

# ବିଶ୍ୱ ଓଜୋନ ଦିବସ ପାଳନର ଉଦ୍ଦେଶ୍ୟ



**ନିର୍ମଳ କୁମାର ରଣା**

ଆଜି ବିଶ୍ୱ ଓଜୋନ ଦିବସ । ଓଜୋନକୁ ନେଇ ଏକ ସ୍ୱତନ୍ତ୍ର ଦିବସ ପାଳନ କରିବାର ଉଦ୍ଦେଶ୍ୟ କଣ ଏ ପ୍ରଶ୍ନ ମନକୁ ଆସୁଥିବ ନିଶ୍ଚୟ । ତେବେ କାହିଁକି ଏପରି ଏକ ବିଶେଷ ଦିନ ପାଳନ କରିବା ମାନବ ସମାଜ ପାଇଁ ଜରୁରୀ, ବିଶେଷ କରି ସେପ୍ଟେମ୍ବର ୧୬ କୁ କାହିଁକି ବିଶ୍ୱ ଓଜୋନ ଦିବସର ମାନ୍ୟତା ଦିଆଯାଇଛି ଏବଂ କାହିଁକି ପାଳନ ହୁଏ ଓଜୋନ ଦିବସ, ଆସନ୍ତୁ, ଆମେ ସେ ବିଷୟରେ ଜାଣିବା ।

ପୃଥିବୀ ପାଇଁ ସୂର୍ଯ୍ୟାଲୋକ ଏକ ଅବଦାନ । ପ୍ରାଣୀ ହୁଅନ୍ତୁ କି ଉଦ୍ଭିଦ, ସମସ୍ତଙ୍କ ପାଇଁ ସୂର୍ଯ୍ୟାଲୋକର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ । ମାନବ ସମାଜ ଏଥିରୁ ଭିଟାମିନ-ଡିର ଆବଶ୍ୟକତାକୁ ପୂରଣ କରୁଥିବା ବେଳେ ବୃକ୍ଷଲତାରେ ଫୁଲ-ଫଳ ତିଆରି ପାଇଁ ଯେଉଁ ଫଟୋସିନ୍ଥେସିସ୍ କାର୍ଯ୍ୟ କରେ, ସେଥିରେ ସୂର୍ଯ୍ୟାଲୋକର ଥାଏ ଗୁରୁତ୍ୱପୂର୍ଣ୍ଣ ଭୂମିକା । ଅର୍ଥାତ୍ ଆମେମାନେ ଯେଉଁ ପନିପରିବା ଖାଉଛନ୍ତି, ସେସବୁ ପ୍ରସ୍ତୁତ ପାଇଁ ଉଦ୍ଭିଦ ପ୍ରତ୍ୟକ୍ଷ ଭାବେ ସୂର୍ଯ୍ୟାଲୋକ ଉପରେ ନିର୍ଭର କରେ । କିନ୍ତୁ ଏହି ସୂର୍ଯ୍ୟାଲୋକରେ ରହିଛି କ୍ଷତିକାରକ ଅତିବାଇଗଣୀ ରଶ୍ମି । ଏହି ହାନିକାରକ ଅତିବାଇଗଣୀ ରଶ୍ମୀକୁ ଅଲଟ୍ରାଭାୟୋଲେଟ୍ ରେଡିଏସନ ବୋଲି ମଧ୍ୟ କୁହାଯାଏ । ଓଜୋନ ଗ୍ୟାସ ଅତିବାଇଗଣୀ ରଶ୍ମିକୁ ଶୋଷିନିଏ, ଫଳରେ ତାହା ପୃଥିବୀ ପୃଷ୍ଠକୁ ଆସେ ନାହିଁ । ଏହି ସ୍ତରରେ ଏକ ନୀଳ ଗ୍ୟାସ ଥାଏ । ଯେତେବେଳେ ଅଲଟ୍ରାଭାଓଲେଟ୍ ରେଡିଏସନ ଓଜୋନ୍ ସ୍ତର ଉପରେ ପଡ଼େ, ଓଜୋନ୍ ଅଣୁଗୁଡ଼ିକ ଭାଙ୍ଗି ଗୋଟିଏ ଅମ୍ଳଜାନ ଅଣୁ ଏବଂ ଆଉ ଗୋଟିଏ ମୁକ୍ତ ଅମ୍ଳଜାନ ପରମାଣୁ ସୃଷ୍ଟି କରନ୍ତି, ଯାହା ଓଜୋନ ଗ୍ୟାସ ସ୍ତର ସୃଷ୍ଟି କରନ୍ତି ।

ଅତିବାଇଗଣି ରଶ୍ମିର ଶକ୍ତି ଏହି ସବୁରେ ନଷ୍ଟ ହୁଏ । ଯଦି ଓଜୋନ ସ୍ତର, ସୂର୍ଯ୍ୟକିରଣରୁ ଆସୁଥିବା ଅତିବାଇଗଣୀ ରଶ୍ମୀକୁ ନଷ୍ଟ ନକରନ୍ତା, ତେବେ ଏହା ପୃଥିବୀର ପ୍ରତ୍ୟେକ ପ୍ରକାର ଜୀବଙ୍କ ପାଇଁ କ୍ଷତିକାରକ ହୁଅନ୍ତା । ସରଳ ଭାଷାରେ କହିବାକୁ ଗଲେ ଓଜୋନ ଆମ ପାଇଁ ଏକ ଢାଲ ଭାବେ କାର୍ଯ୍ୟ କରୁଛି । ତେଣୁ ଏହି ସ୍ତରର ସୁରକ୍ଷା ଆମ ଦାୟିତ୍ୱ ।

ରିପୋର୍ଟ ଅନୁସାରେ, ମାନବ ସମାଜର କୃତ୍ରିମ ଚଳଣି ବିଗତ ଅନେକ ଦଶନ୍ଧି ମଧ୍ୟରେ ବାୟୁମଣ୍ଡଳରେ ଗ୍ରୀନ୍ ହାଉସ୍ ଗ୍ୟାସର ନିର୍ଗମନ ଓଜୋନ୍ ସ୍ତରରେ ବହୁତ କ୍ଷତି ଘଟାଇଛି । ଏହାପୂର୍ବରୁ, କେତେକ ପ୍ରକାରର ପ୍ରଦୂଷଣ କାରଣରୁ ନିର୍ଗତ ହେଉଥିବା କ୍ଲୋରାଇନ୍ ଏବଂ ବ୍ରୋମାଇନ୍ ପରି ଗ୍ୟାସ୍ ଏହି ସ୍ତରକୁ ବହୁତ କ୍ଷତି ପହଞ୍ଚାଉଥିଲା, କିନ୍ତୁ ବିଶ୍ୱର ବହୁ ଦେଶ କଡା ନିୟମ ପ୍ରଣୟନ କରି ଏପରି ପଦାର୍ଥର ନିର୍ଗମନକୁ ନିୟନ୍ତ୍ରଣ କରିଥିଲେ ।

ଯେଉଁ ନିୟମଗୁଡିକୁ ଅବଲମ୍ବନ କରାଯାଇ ଓଜୋନ ସ୍ତରକୁ ସୁରକ୍ଷିତ କରାଯାଇଥିଲା, ତାହାକୁ ମଣ୍ଟ୍ରିଆଲ୍ ପ୍ରୋଟୋକଲ୍ ବୋଲି କୁହାଯାଏ । ସେପ୍ଟେମ୍ବର ୧୬, ୧୯୮୭ରେ, ବିଶ୍ୱର ଦେଶମାନେ ମିଳିତ ହୋଇ ଏହି ପ୍ରୋଟୋକଲ୍ ଗ୍ରହଣ କରିଥିଲେ । ଏହି ପ୍ରୋଟୋକଲ ଆଧାରରେ ଓଜୋନ ସ୍ତରକୁ କ୍ଷତି ପହଞ୍ଚାଉଥିବା ଏପରି କ୍ଷତିକାରକ ପଦାର୍ଥଗୁଡିକର ବ୍ୟବହାରକୁ ନିଷିଦ୍ଧ କରିଥିଲେ । ୨୦୧୭ ରେ, ଏହି ପ୍ରୋଟୋକଲ୍ କାର୍ଯ୍ୟକାରୀ ହେବାର ୩୦ ବର୍ଷ ପରେ, ଦେଖାଗଲା ଯେ ଓଜୋନ୍ ସ୍ତରର ଛିଦ୍ର ବନ୍ଦ ହୋଇଯାଇଛି । ଏହାର ପ୍ରଭାବ ଆସନ୍ତା ୧୦୦ ବର୍ଷ ପର୍ଯ୍ୟନ୍ତ ଚାଲିବ ବୋଲି ଆକଳନ କରାଯାଉଛି ।

ତେଣୁ ଏଥିପ୍ରତି ପ୍ରତିଟି ବ୍ୟକ୍ତିଙ୍କୁ ଅବଗତ ଓ ସଚେତନ କରାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ୧୬କୁ 'ବିଶ୍ୱ ଓଜୋନ ଦିବସ' ପାଳନ କରାଯାଉଛି । ପ୍ରତିବର୍ଷ ଏକ ଥିମ୍ ବା ବିଷୟବସ୍ତୁ ଆଧାରରେ ଏହି ଦିବସ ପାଳନ କରାଯାଏ । ଚଳିତ ବର୍ଷ ବିଶ୍ୱ ଓଜୋନ ଦିବସର ବିଷୟବସ୍ତୁ 'ମଣ୍ଟ୍ରିଆଲ୍ ପ୍ରୋଟୋକଲ୍': ଓଜୋନ ସ୍ତରକୁ ଠିକ୍ କରିବା ଏବଂ ଜଳବାୟୁ ପରିବର୍ତ୍ତନକୁ ହ୍ରାସ କରିବା ।

୧୯୮୭ ମସିହାର ଏହି ଦିନରେ ମଣ୍ଟ୍ରିଲ ପ୍ରୋଟୋକଲ ନାମକ ଏକ ଅନ୍ତରାଷ୍ଟ୍ରୀୟ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ଏହି ସନ୍ଧିର ମୂଳ ଲକ୍ଷ୍ୟ ଥିଲା ବାୟୁମଣ୍ଡଳରେ ଓଜୋନ ସ୍ତରକୁ କ୍ଷୀଣ ବା ହ୍ରାସ କରୁଥିବା କିଛି ପଦାର୍ଥର ପ୍ରସ୍ତୁତି ବା ଉତ୍ପାଦନ ସମୟରେ ବନ୍ଦ କରିବା ଯଦ୍ଦ୍ୱାରା ଓଜୋନ ସ୍ତରକୁ ସଂରକ୍ଷଣ କରାଯାଇପାରିବ । ଏହି ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା ୧୬ ସେପ୍ଟେମ୍ବର ୧୯୮୭ ମସିହାରେ । ଏହି ଐତିହାସିକ ଦିନକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ୧୯ ଡିସେମ୍ବର ୨୦୦୦ ଦିନ ସଂଯୁକ୍ତ ରାଷ୍ଟ୍ର ମହାସଭାରେ ୧୬ ସେପ୍ଟେମ୍ବରକୁ ଅନ୍ତଃରାଷ୍ଟ୍ରୀୟ ଓଜୋନ ସ୍ତର ସଂରକ୍ଷଣ ଦିବସ ରୂପେ ପାଳିବାକୁ ଏକ ଘୋଷଣାନାମା ଗୃହୀତ ହେଲା । ଚୁକ୍ତି ସ୍ୱାକ୍ଷର ହେବାର ପ୍ରାୟ ୩୦ ବର୍ଷ ପରେ ଓଜୋନ ସ୍ତରରେ ଦେଖାଦେଇଥିବା ଛିଦ୍ର ବନ୍ଦ ହେବାର ଦେଖିବାକୁ ମିଳିଥିଲା । ତଥାପି ଏହି ଓଜୋନ ସ୍ତର କ୍ଷୀଣ ହେବା ଯୋଗୁଁ ନିର୍ଗତ ବିଷାକ୍ତ ଗ୍ୟାସର ପ୍ରଭାବ ପୃଥିବୀ ଉପରେ ପରବର୍ତ୍ତୀ ୫୦ରୁ ୧୦୦ ବର୍ଷ ପର୍ଯ୍ୟନ୍ତ ରହିବ ବୋଲି ଅନୁମାନ କରଯାଏ ।

ଓଜୋନ ହେଉଛି ଅମ୍ଳଜାନର ଆଉ ଏକ ସ୍ୱରୂପ ଯାହାର ରାସାୟନିକ ପ୍ରତୀକ ହେଉଛି $O_3$ । ଆମ ବାୟୁ ମଣ୍ଡଳରେ ଖୁବ୍ କମ୍ ପରିମାଣର ଓଜୋନ (ଏକ ପ୍ରକାର ଗ୍ୟାସୀୟ ଉପାଦାନ) ରହିଛି । ତଥାପି ଏହାର ଆବଶ୍ୟକତା ମଣିଷ ସମାଜ ପାଇଁ ଅପରିହାର୍ଯ୍ୟ । କାରଣ ହେଉଛି, ଓଜୋନର ଅଧିକାଂଶ ଭାଗ ବାୟୁମଣ୍ଡଳର ସର୍ବୋଚ୍ଚ ସ୍ତରରେ ଅର୍ଥାତ ଭୂପୃଷ୍ଠର ୧୦ରୁ ୪୦ କିଲୋମିଟର ଉର୍ଦ୍ଧ୍ୱରେ ରହିଥାଏ । ଏହି ସ୍ତରକୁ ଷ୍ଟ୍ରାଟୋଫିଅର କୁହାଯାଏ । ଏହି ସ୍ତର ପ୍ରାୟତଃ ଶତକଡା ୯୦, ଓଜୋନ ଉପାଦାନକୁ ନେଇ ଗଠିତ । ଏହା ସତ୍ତ୍ୱେ ଓଜୋନ ସ୍ତର ଆମ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । କାରଣ ଏହି ଓଜୋନ ସ୍ତର ସୂର୍ଯ୍ୟରୁ ନିର୍ଗତ କେତେକ ଅରିବାଇଗଣୀ ରଶ୍ମୀ, ଯାହାକି ମାନବ ଶରୀର ପାଇଁ କ୍ଷତିକାରକ, ଗ୍ରହଣ କରିନିଏ । ଫଳରେ ଆମେ ଅତିବାଇଗଣୀ ରଶ୍ମୀର କୁପ୍ରଭାବରୁ ଦୂରେଇ ରହୁ । ଏହିପରି ଓଜୋନ ସ୍ତର ଆମ ପାଇଁ ଏକ ଢାଲ ସଦୃଶ କାର୍ଯ୍ୟ କରିଥାଏ । ଅତଏବ ପରିବେଶ ବିଜ୍ଞାନୀମାନେ ମଣ୍ଟ୍ରୀଲ ଚୁକ୍ତିନାମା ପରିପ୍ରେକ୍ଷୀରେ ଓଜୋନ ସ୍ତରର ହ୍ରାସ ରୋକିବା ଦିଗରେ ଅଧିକରୁ ଅଧିକ ଗବେଷଣା ଜାରି ରଖିଛନ୍ତି ଏବଂ ଏ ସମ୍ପର୍କରେ ନିଆଯାଉଥିବା ପଦେକ୍ଷେପଗୁଡ଼ିକ ବିଷୟରେ ସର୍ବସାଧାରଣକୁ ସଚେତନ ମଧ୍ୟ କରାଯାଉଛି ।

ଗତ ୨୦୧୮ରେ କରାଯାଇଥିବା ଏକ ପରୀକ୍ଷଣରୁ ଜଣାଯାଇଛି ଯେ, ବିଶ୍ୱ ଜନ ସମୁଦାୟର ପ୍ରଚେଷ୍ଟା ଫଳରେ କ୍ଷୀଣ କିମ୍ବା ନଷ୍ଟ ହୋଇଯାଇଥିବା ଓଜୋନ ସ୍ତରର ଅନେକ ଭାଗ ସଜଡା ହୋଇପାରିଛି । ପ୍ରତି ଦଶନ୍ଧିରେ ୧ରୁ ୩ ଶତକଡା ହାରରେ ଏହି କମିଯାଇଥିବା ଓଜୋନ ସ୍ତରର ଭରଣା ହୋଇ ଆସୁଛି । ଏହି ପ୍ରଚେଷ୍ଟା ଯଦି ଜାରି ରହେ, ଆଶା କରାଯାଉଛି, ଉତ୍ତର ଗୋଲାର୍ଦ୍ଧ ତଥା ମଧ୍ୟ ଅକ୍ଷାଂଶର କମି ଯାଇଥିବା ଓଜୋନ ସ୍ତର ୨୦୩୦ ସୁଦ୍ଧା ଭରଣା ହୋଇଯିବ । ଦକ୍ଷିଣ ଗୋଲାର୍ଦ୍ଧ ତଥା ମେରୁ ଅଞ୍ଚଳରେ ଏହି କମିଯାଇଥିବା ଓଜୋନ ସ୍ତର ଯଥାକ୍ରମେ ୨୦୧୫ ଓ ୨୦୬୦ ସୁଦ୍ଧା ଭରଣା ହୋଇଯିବାର ଅନୁମାନ କରାଯାଏ । ଓଜୋନ ସ୍ତରର ସଂରକ୍ଷଣ ଦିଗରେ ନିଆଯାଉଥିବା ଏସବୁ ପଦକ୍ଷେପ ମଧ୍ୟ ଜଳବାୟୁ ପରିବର୍ତ୍ତନ ଜନିତ କୁପ୍ରଭାବରୁ ପୃଥିବୀକୁ ମୁକ୍ତ ରଖିବାରେ ଅନେକାଂଶରେ ସହାୟକ ହେବ ।

**ଓଜୋନ ହେଉଛି ଅମ୍ଳଜାନର ଆଉ ଏକ ସ୍ୱରୂପ ଯାହାର ରାସାୟନିକ ପ୍ରତୀକ ହେଉଛି $O_3$ । ଆମ ବାୟୁ ମଣ୍ଡଳରେ ଖୁବ୍ କମ୍ ପରିମାଣର ଓଜୋନ (ଏକ ପ୍ରକାର ଗ୍ୟାସୀୟ ଉପାଦାନ) ରହିଛି । ତଥାପି ଏହାର ଆବଶ୍ୟକତା ମଣିଷ ସମାଜ ପାଇଁ ଅପରିହାର୍ଯ୍ୟ । କାରଣ ହେଉଛି, ଓଜୋନର ଅଧିକାଂଶ ଭାଗ ବାୟୁମଣ୍ଡଳର ସର୍ବୋଚ୍ଚ ସ୍ତରରେ ଅର୍ଥାତ ଭୂପୃଷ୍ଠର ୧୦ରୁ ୪୦ କିଲୋମିଟର ଉର୍ଦ୍ଧ୍ୱରେ ରହିଥାଏ । ଏହି ସ୍ତରକୁ ଷ୍ଟ୍ରାଟୋଫିଅର କୁହାଯାଏ ।**

**ପୁରୁଣାକଟକ, ବୌଦ୍ଧ**
**ମୋ-୯୯୩୭୬୬୯୫୫୧**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପୂର୍ବ ଭାରତର...

ସ୍ଥାପନ କରିଛୁ । ଏହା ଦ୍ୱାରା ଓଡ଼ିଶାରେ ୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ନିବେଶ ହୋଇପାରିଛି, ଏବଂ ୧ ଲକ୍ଷ ୬୪ ହଜାର ନିଯୁକ୍ତି ସୃଷ୍ଟି କରାଯାଇପାରିଛି ।

ଶିଳ୍ପପତିମାନଙ୍କୁ ଭରଷା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶାରେ ଶିଳ୍ପ ସ୍ଥାପନ ପାଇଁ ଉପଯୁକ୍ତ ନୀତି ସହିତ ପ୍ରତ୍ୟେକ କ୍ଷେତ୍ରକୁ ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ରଦାନ କରାଯାଉଛି । ସରକାରୀ ବ୍ୟବସ୍ଥାରେ ବ୍ୟୁରୋକ୍ରାଟିକ୍ ପ୍ରତିବନ୍ଧକକୁ ହଟାଯାଇଛି । ଶିଳ୍ପ ପ୍ରତିଷ୍ଠାର ଯାତ୍ରାରେ, ଶିଳ୍ପପତି ମାନଙ୍କୁ ସହଯୋଗର ହାତ ବଢାଇବା ପାଇଁ, ଆମେ ସବୁ ସମୟରେ ଉପସ୍ଥିତ ଅଛୁ । ଯେକୌଣସି ଅସୁବିଧାରେ ଶିଳ୍ପପତି ମାନଙ୍କ ସମସ୍ୟା ଦୂର କରିବା ପାଇଁ ଆମେ ଆମ ସରକାର ପ୍ରସ୍ତୁତ ଅଛନ୍ତି ।

ଏକ୍ ପେଡ ମା କି ନାମ୍ ୨.୦ ଅଭିଯାନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ସମସ୍ତ ଉଦ୍ୟୋଗୀ ତଥା ଶିଳ୍ପାନୁଷ୍ଠାନ ଗୁଡିକ ନିଜ ନିଜ ଅଂଚଳରେ ଯେତେ ଅଧିକ ସମ୍ଭବ ଚାରା ରୋପଣ କରନ୍ତୁ । ବିକାଶ ଓ ପରିବେଶ ପରସ୍ପରର ପରିପୁରକ ହୋଇ କାର୍ଯ୍ୟ କରିବା ଉଚିତ । ଆଗାମୀ ସେପ୍ଟେମ୍ବର ୧୭ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମଦିବସ ପାଳନ ହେବ । ଓଡ଼ିଶା ପ୍ରତି ପ୍ରଧାନମନ୍ତ୍ରୀଙ୍କ ଶ୍ରଦ୍ଧାକୁ ସମ୍ମାନ ଜଣାଇ, ତାଙ୍କ ପ୍ରତି ଏକ ଉପହାର ସ୍ୱରୂପ, ଓଡ଼ିଶାବାସୀ ସେହି ଗୋଟିଏ ଦିନରେ ୭୫ ଲକ୍ଷ ଗଛ ଲଗେଇବା ପାଇଁ ନିଷ୍ପତ୍ତି କରିଛନ୍ତି । ଏହି ଅଭିଯାନରେ ଶିଳ୍ପସଂସ୍ଥା ମାନଙ୍କୁ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନୂତନ ଭାବେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ଶିଳ୍ପପତି ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଗଞ୍ଜାମ, ଖୋର୍ଦ୍ଧା, ଝାରସୁଗୁଡା, କୋରାପୁଟ ଓ ଅନୁଗୋଳ ଠାରେ ଆଭାସୀ ମାଧ୍ୟମରେ ସେ ଅଞ୍ଚଳରେ କାର୍ଯ୍ୟକାରୀ ହେବାକୁଥିବା ଶିଳ୍ପପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ସୁଦକ୍ଷ ପ୍ରଶାସନିକ ବ୍ୟବସ୍ଥା ଏବଂ ଶିଳ୍ପ ଅନୁକୂଳ ପରିବେଶ ହିଁ ଆଜି ଓଡିଶାକୁ ଶିଳ୍ପ ସମୃଦ୍ଧ ଭାବେ ଏକ ପ୍ରମୁଖ ସମ୍ଭାବନାର ରାଜ୍ୟ ଭାବେ ଗଢିତୋଳିବା ପାଇଁ ସକ୍ଷମ ହୋଇଛି । ଏଥି ସହିତ ମୁଖ୍ୟମନ୍ତ୍ରୀଙ୍କ ଭରଷା ଓ ବିଶ୍ୱାସ ଆଜି ଆମ ରାଜ୍ୟର ସାମଗ୍ରିକ ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧିରେ ଉପାଦେୟ ସାବ୍ୟସ୍ତ ହୋଇଛି ।

ଏହି ଅବସରରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ ଯେ ପ୍ରତ୍ୟେକ ବ୍ୟକ୍ତି ଯାହାର ଇଚ୍ଛା ଓ ଦୃଢ ମନୋବଳ ଅଛି ସେ ଦିନେ ନା ଦିନେ ସଫଳ ହେବ । ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟା ସର୍ବଦା ରହିଆସିଛି ଯେ କିଭଳି ଗ୍ରାଉଣ୍ଡ ଜିରୋରୁ ସଫଳତା ମିଳିବ । ଏହି ଭରଷାରେ ରାଜ୍ୟ ସରକାର ଆଜି ଶିଳ୍ପକ୍ଷେତ୍ରରେ ଅଗ୍ରଗତି କରୁଛନ୍ତି ।

କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ପ୍ରମୁଖ ଶିଳ୍ପପତିମାନେ ମଞ୍ଚାସୀନ ଥିଲେ । ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଦକ୍ଷତା ବିକାଶ ବିଭାଗର କମିଶନର ତଥା ସଚିବ ଭୁପେନ୍ଦ୍ର ସିଂ ପୁନିଆ ଧନ୍ୟବାଦ ଦେଇଥିଲେ ।

## ଅନେକ...

ନିଷ୍ପତ୍ତି ନେବୁ । ତେବେ କୋର୍ଟ ୱାକଫ୍ ସମ୍ପତ୍ତିର ପଞ୍ଜୀକରଣ ବ୍ୟବସ୍ଥା ଉପରେ ସ୍ଥଗିତାଦେଶ ଦେବାକୁ ମନା କରିଦେଇଛନ୍ତି । କୋର୍ଟ କହିଛନ୍ତି ଯେ ୱାକଫ୍ ବାଇ ୟୁଜର୍ସ ସମ୍ପତ୍ତିଗୁଡ଼ିକ ଉପରେ ଥିବା ଐତିହାସିକ ଦଖଲର ପ୍ରମାଣ ଦରକାର । ସେଥିପାଇଁ ୧୯୯୫ରୁ ୨୦୧୩ ମଧ୍ୟରେ ହୋଇଥିବା ପଞ୍ଜୀକରଣକୁ ସ୍ଥାୟୀ କରାଯିବ । ଏଥିଲାଗି ନୂଆ ପଞ୍ଜୀକରଣ ହେବନାହିଁ । ଆଇନ୍‌ରେ ୱାକଫ୍ ପାଇଁ ଜଣେ ବ୍ୟକ୍ତିବିଶେଷଙ୍କୁ ୫ ବର୍ଷ ଯାଏ ଇସ୍‌ଲାମକୁ ଅନୁପାଳନ କରିବା ବାଧ୍ୟତାମୂଳକ କରାଯାଇଥିଲା । ନୂଆ ପ୍ରାବଧାନ ପ୍ରଣୟନ ହେବାଯାଏ ଏହା ଉପରେ ରୋକ ଲାଗିବ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି । ସେହିଭଳି ଆଇନ୍‌ରେ ଥିବା ଧାରା ୩ସି (୪) ଉପରେ ମଧ୍ୟ ରୋକ୍ ଲଗାଯାଇଛି । ଏଥିରେ ଜିଲ୍ଲାପାଳଙ୍କୁ ୱାକଫ୍ ସମ୍ପତ୍ତି ସରକାରଙ୍କ ସମ୍ପତ୍ତି କି ନୁହେଁ ତା'ର ଚୂଡାନ୍ତ ନିଷ୍ପତ୍ତି ନେବାର ଅଧିକାର ଦିଆଯାଇଥିଲା । ତେବେ ଜିଲ୍ଲାପାଳଙ୍କୁ ନାଗରିକଙ୍କ ବ୍ୟକ୍ତିଗତ ଅଧିକାର ଉପରେ ନିର୍ଣ୍ଣୟ ନେବାକୁ ଅନୁମତି ମିଳିପାରିବ ନାହିଁ । କାର୍ଯ୍ୟନିର୍ବାହୀ ଅଧିକାରୀ କେବେହେଲେ ବି ନାଗରିକଙ୍କ ଅଧିକାର ଉପରେ ନିଷ୍ପତ୍ତି ନେଇପାରିବେ ନାହିଁ । ବିବାଦୀୟ ଜମିର ସମାଧାନ ଜିଲ୍ଲାପାଳଙ୍କ ପରିବର୍ତ୍ତେ ଟ୍ରିବ୍ୟୁନାଲରେ କରାଯିବ । ଟ୍ରିବ୍ୟୁନାଲ ଚୂଡାନ୍ତ ନିଷ୍ପତ୍ତି ନ ନେବାଯାଏ କୌଣସି ପକ୍ଷ ବିରୋଧରେ ତୃତୀୟ ପକ୍ଷକୁ ସ୍ୱୀକୃତି ବା ଅନୁମତି ମିଳିବନାହିଁ । ରାଜ୍ୟ ୱାକଫ୍ ବୋର୍ଡରେ ୩ ରୁ ଅଧିକ ଅଣମୁସ୍‌ଲିମ୍ ସଦସ୍ୟ ରହିପାରିବେ ନାହିଁ । ୱାକଫ୍ ପରିଷଦ ବା କେନ୍ଦ୍ରୀୟ ୱାକଫ୍ ବୋର୍ଡରେ ୪ ରୁ ଅଧିକ ଅଣମୁସ୍‌ଲିମ୍ ସଦସ୍ୟ ରହିପାରିବେ ନାହିଁ । ୱାକଫ୍ ବୋର୍ଡର ସିଇଓ ଜଣେ ମୁସ୍‌ଲିମ୍ ହେବା ଆବଶ୍ୟକ । ସର୍ବଭାରତୀୟ ମୁସ୍‌ଲିମ୍ ପର୍ସନାଲ ଲ' ବୋର୍ଡ ପକ୍ଷରୁ ଏହି ରାୟକୁ ସ୍ୱାଗତ କରାଯାଇଛି ।

# ପଞ୍ଚାୟତ ସମିତି ବୈଠକ

ବାହାନଗା, (ସବ୍ୟୁ): ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକର ନୂତନ ସଭାଗୃହରେ ନବମ ପଞ୍ଚାୟତ ସମିତି ବୈଠକ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ନବମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବାହାନଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭଶ୍ରୀ ଟୁଡୁ, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ବାସନ୍ତୀ ପତି, ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି ବୈରାଗୀ ଚରଣ ବେହେରା, ଭଦ୍ରକ ସାଂସଦଙ୍କ ପ୍ରତିନିଧି ଜୟନ୍ତ କୁମାର ମହାନ୍ତି, ସୋର ବିଧାୟକ ମାଧବ ଧଡା, ନିଳଗିରି ବିଧାୟକ ସନ୍ତୋଷ ଖଟୁଆ , ଜିଲ୍ଲା ପରିଷଦ ସଭ୍ୟ ନୀଳାମ୍ବର ମହାଳିକ, ଏଇ ଲକ୍ଷ୍ମୀକାନ୍ତ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ । ବୈଠକ ଆରମ୍ଭରୁ ବିଭିନ୍ନ ପ୍ରସଙ୍ଗକୁ ଉଠାଇ ଜନପ୍ରତିନିଧୀମାନେ ସରକାରୀ ଅଧିକାରୀଙ୍କ ସହ ସମିତି ଅଧ୍ୟକ୍ଷଙ୍କୁ ଘେରିଥିଲେ । ପରେ ବୈଠକ ଆରମ୍ଭରେ ସିଡିପିଓ ପ୍ରୀତିମୟୀ ପାଢୀ ଶିଶୁ ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ରଖିଥିଲେ । ଜନପ୍ରତିନିଧି ମାନେ ବିଭିନ୍ନ ଅଙ୍ଗନଓ୍ୱାଡି ସେଣ୍ଟରର ଗୃହ ନିର୍ମାଣର ଅସମ୍ପୂର୍ଣ୍ଣ କାର୍ଯ୍ୟ ଏବଂ ଅବ୍ୟବସ୍ଥା ନେଇ ପ୍ରଶ୍ନ ଉଠାଇଥିଲେ । ପ୍ରତି ଉତ୍ତରରେ ସିଡିପିଓ ପ୍ରୀତିମୟୀ ପାଢୀ ବିଭିନ୍ନ ସ୍ଥାନରେ ତହସିଲ ପ୍ରଶାସନ ପକ୍ଷରୁ ଜମି ଚିହ୍ନଟ କରାନଯିବା ଏବଂ ଯେଉଁ ସ୍ଥାନରେ ଜମି ଚିହ୍ନଟ ସରିଛି ସେ ସ୍ଥାନରେ ବ୍ଲକ ପ୍ରଶାସନର ମନ୍ଥର ଗତିରେ କାର୍ଯ୍ୟ କରିବା ଯୋଗୁଁ ଏଭଳି ସମସ୍ୟା ଉପୁଜିଛି ବୋଲି ଉତ୍ତର ରଖିଥିଲେ । ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ଏଇ ଲକ୍ଷ୍ମୀକାନ୍ତ ଦାସ ପ୍ରତିଶ୍ରୁତି ଦେଇଥିଲେ । ସେହିପରି ପଞ୍ଚାୟତ ସ୍ତରୀୟ କୃଷି ଅଧିକାରୀମାନେ ବିଭିନ୍ନ ପଞ୍ଚାୟତକୁ ଆସୁନଥିବାରୁ ସରକାରଙ୍କ କୃଷି ଭିତ୍ତିକ ଯୋଜନା ସମ୍ପର୍କରେ ଚାଷୀ ଜାଣି ପରୁନଥିବାର ଜନ ପ୍ରତିନିଧୀମାନେ ଅଭିଯୋଗ ଆଣିଥିଲେ । ବ୍ଲକ ଶିକ୍ଷା ଅଧିକାରିଣୀ ସୋମାରାଣୀ ସେଠୀ ବୈଠକରେ ଅନୁପସ୍ଥିତ ରହିବାକୁ ନେଇ ବୈଠକରେ ଚାପା ଗୁଞ୍ଜରଣ ଦେଖିବାକୁ ମିଳିଥିଲା । ବ୍ଲକରେ ଉଦ୍ୟାନ କୃଷି ବିଭାଗର କାର୍ଯ୍ୟାଳୟ ନଥିବାରୁ ଚାଷୀମାନେ କୃଷି ଭିତ୍ତିକ ଯୋଜନା ସମ୍ପର୍କରେ ଜାଣି ପାରୁନଥିବାର ଜନପ୍ରତିନିଧିମାନେ ଅଭିଯୋଗ ଆଣିଥିଲେ । ବୈଠକରେ ସମୁଦାୟ ୧୫ ଗୋଟି କାର୍ଯ୍ୟ ସୂଚୀ ବାବଦରେ ଆଲୋଚନା ହୋଇଥିଲା ।

# ଆନ୍ଦୋଳନକୁ ଓହ୍ଲାଇଲେ ସ୍ୱାଭିମାନୀ ଖଇରାବାସୀ

ଖଇରା, (ସବ୍ୟୁ): ବାଲେଶ୍ୱର ଜିଲ୍ଲା ର ଖଇରାକୁ ଏନଏସି କରିବାକୁ ଖଇରାବାସୀ ନେତା ମନ୍ତ୍ରୀ ଓ ପ୍ରଶାସନ ସମସ୍ତଙ୍କୁ ଗୁହାରୀ କଲେ। ତାଲିକାରୁ ବାଦ ପଡିବା ଦିନ ଠାରୁ ବ୍ଲକରୁ ରାଜ୍ୟ ଯାଏ ଦାବିପତ୍ର ପ୍ରଦାନ କରାଯିବା ସହ ଖଇରା ବନ୍ଦ ଭଳି ପଦକ୍ଷେପ ମଧ୍ୟ ନିଆଯାଇଥିଲା। ହେଲେ ଖଇରାବାସୀଙ୍କ ଠାରୁ ଆଶାତୀତ ଭୋଟପାଇ ଆସନରେ ବସିଥିବା ଲୋକପ୍ରତିନିଧି ଏହାକୁ ଗୁରୁତ୍ୱ ଦେଲେନି। ଶେଷରେ ବାଧ୍ୟ ହୋଇ ଖଇରାର ସମସ୍ତ ସଙ୍ଗଠନ ସମର୍ଥନରେ ଗଠିତ ଖଇରା ସ୍ୱାଭିମାନ ମଞ୍ଚ ପକ୍ଷରୁ ଖଇରା ବ୍ଲକ ଗେଟ ସମ୍ମୁଖରେ ସୋମବାର ୯ଠାରୁ ଗଣଧାରଣା ଆରମ୍ଭ ହୋଇଛି। ଏଥିରେ ବରିଷ୍ଠ ନାଗରିକ ମଞ୍ଚ, ଖଇରା ସାମ୍ବାଦିକ ସଂଘ, ଜନଜାଗରଣ ମଞ୍ଚ ,ଆଞ୍ଚଳିକ ବ୍ରାହ୍ମଣ ସମିତି, ପ୍ରତିଭା ପରିବାର, ଖଇରା ବିକାଶ ପରିଷଦ, ସାହିତ୍ୟ ସଂସଦ, ମୁକୁନ୍ଦ ପ୍ରସାଦ ଫାଉଣ୍ଡେସନ, ରାଧାକୃଷ୍ଣ ୟୁଥ କ୍ଲବ, ଶ୍ରୀ ଗଣେଶ ପୂଜା କମିଟି, ଲିଜେଣ୍ଡ ଲାୟନ୍ସ କ୍ଲବ ର ସଦସ୍ୟ ମାନେ ଏହି ଗଣଧାରଣାରେ ସାମିଲ ହୋଇଛନ୍ତି। ସଙ୍ଗଠନର କର୍ମକର୍ତ୍ତା ମାନେ ବକ୍ତବ୍ୟ ପ୍ରଦାନ ଅବସରରେ ଯେଉଁ ଲୋକପ୍ରତିନିଧି ଦିନେ ବିରୋଧରେ ରହି ଏନଏସି ଦାବି କରୁଥିଲେ ଆଜି କ୍ଷମତାର ମୋହରେ ଅନ୍ଧ ହୋଇ ଖଇରା ଏନଏସି ହେଲେ ସାଧାରଣ ଲୋକଙ୍କୁ ଟ୍ୟାକ୍ସ ବୋଝ ପଡିବ ବୋଲି କହି ଖଇରାବାସୀଙ୍କୁ ଅପମାନିତ କରିଛନ୍ତି। ଗଣତନ୍ତ୍ରରେ ଜନସାଧାରଣଙ୍କ ହାତରେ ଅନେକ କିଛି କ୍ଷମତା ରହିଛି। ହୁଏତ ଯଦି ଖଇରା ପ୍ରତି ଏହି କ୍ଷମତାଧାରୀଙ୍କ ଉପେକ୍ଷା ଜାରି ରହେ ତେବେ ନେପାଳ ଭଳି ପରିସ୍ଥିତି ସୃଷ୍ଟି ହେବାକୁ ବେଶି ସମୟ ଲାଗିବ ନାହିଁ ଆଉ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବାକୁ ଥିବା ଧାରଣା ଓ ପରବର୍ତ୍ତୀ ପଦକ୍ଷେପ ପାଇଁ ଯାହାବି ପରିସ୍ଥିତି ସୃଷ୍ଟି ହେବ ଏଥିପାଇଁ ସରକାର ଦାୟୀ ରହିବେ ବୋଲି ପ୍ରକାଶ କରିଥିଲେ। ସିମୁଳିଆର ପ୍ରାକ୍ତନ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉକ୍ତ ଗଣଧାରଣାକୁ ସମର୍ଥନ ଜଣାଇ ଧାରଣାରେ ସାମିଲ ହୋଇଥିଲେ। ତାଙ୍କ ସରକାର ଏନଏସି ତାଲିକାରେ ଖଇରା ସମେତ ୫୭ଟି ସହରକୁ ଏଏନସି ମାନ୍ୟତା ଦେଇଥିଲା। ଏଥିରୁ ମାତ୍ର ୧୮ଟି ନିଆଯାଇଛି। ଖଇରା ସମେତ ୩୯ଟି ସହରବାସୀ ହକକୁ ବିଜେପି ସରକାର ଛଡାଇନେବା ଅଗଣତାନ୍ତ୍ରିକ। ଘୋଷଣା ନହେବା ପର୍ଯ୍ୟନ୍ତ ମଞ୍ଚକୁ ସମର୍ଥନ ଜାରି ରଖିବେ ବୋଲି କହିଥିଲେ।

# ସିଦ୍ଧେଶ୍ୱରୀ ପଶ୍ଚିମା ଯୁବକ ସଂଘର ବୃକ୍ଷରୋପଣ

ଖଇରା, (ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ନନ୍ଦୁର ଗ୍ରାମ ପଞ୍ଚାୟତ ଅଧୀନ ବ୍ରହ୍ମଚାରୀ ଗ୍ରାମର ସଦ୍ଧେଶ୍ୱରୀ ପଶ୍ଚିମା ଯୁବକ ସଂଘ ଆନୁକୂଲ୍ୟରେ ସୋମବାର ଦିନ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ସଂଘର ସଦସ୍ୟ ମାନେ ବ୍ରହ୍ମଚାରୀ ପଡିଆ ସହିତ ଗଣ୍ଡିବେଡ-କୁରୁଣ୍ଟା ଓ ମାଟିଆଳପଦା- ବ୍ରହ୍ମଚାରୀ ରାସ୍ତା କଡରେ ୪ଶହରୁ ଉର୍ଦ୍ଧ୍ୱ ବିଭିନ୍ନ କିସମର ଗଛ ଲଗାଇଥିଲେ। ସଂଘର ସଭାପତି ମନୋରଞ୍ଜନ ମହାନ୍ତି, ସମ୍ପାଦକ ଲମ୍ବୋଦର ସାମଲ, କୋଷାଧକ୍ଷ ସୁଧାଂଶୁ ସାମଲ, ଉପଦେଷ୍ଟା କମଳାକାନ୍ତ ବେହେରା ତଥା ସଭ୍ୟ ଚିତ୍ତରଞ୍ଜନ ସାମଲ, କୈଳାଶ ମହାନ୍ତି, ସନ୍ଦୀପ ସାମଲ, ରାଜୁ ସାମଲ, ସୁରେଶ ପୃଷ୍ଟି, ଚିତ୍ତରଞ୍ଜନ ମହାନ୍ତି, ହରିଆ ନାୟକ, ତପନ ମହାନ୍ତି ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଗୋଦରେଜ ପକ୍ଷରୁ ଇଲେକ୍ଟ୍ରିକ୍ ରୁମ ଫ୍ରେସନର ଉନ୍ମୋଚିତ

ଭୁବନେଶ୍ୱର: ଗୋଦରେଜ କଂଜ୍ୟୁମର ପ୍ରଡକଫସ ଲିମିଟେଡ (ଜିସିପିଏଲ)ର ଏକ ନମ୍ବର ସୁଗନ୍ଧ ବ୍ରାଣ୍ଡ ଗୋଦରେଜ ଏଇରପକ୍ଷରୁ ଗୋଦରେଜ ଏଇର ପ୍ଲଗକୁ ଉନ୍ମୋଚନ କରି ଏୟାର କେୟାର ବର୍ଗରେ ବିପ୍ଳବ ଅଣାଯାଇଛି । ଏହାକୁ ଭାରତର ସବୁଠୁ ସୁଲଭ ଇଲେକଫ୍ରିକ ରୁମ ଫ୍ରେସନର ଭାବେ ବିଚାର କରାଯାଉଛି ଯାହା ଦୈନିକ ମାତ୍ର ଅଢ଼େଇ ଟଙ୍କାରେ ପ୍ରିମିୟମସୁଗନ୍ଧ ପ୍ରଦାନ କରିବ ।ଏହାର ମୂଲ୍ୟ ୧୪୯ ଟଙ୍କା ଥିବା ବେଳେ ଏଥିରେ ସ୍ମାର୍ଟ ହିଟର ପ୍ରଯୁକ୍ତି ରହିଛି ଯାହା ୬୦ ଦିନ ପର୍ଯ୍ୟନ୍ତ ଲଗାତାର ସୁଗନ୍ଧପ୍ରଦାନକୁ ନିଶ୍ଚିତ କରିବ ।


**AFFIDAVIT**

By virtue of an affidavit sworn before The notary public Bhadrak, dated. 15.09.2025 I, Parbati Behera, D/o- Late Ekadasi Behera, Vill-Naripur, PO-Anijo, PS-Agarpada, Dist-Bhadrak, Odisha, Pin-756115, declare that I have changed my name from Parbati Sethi to Parbati Behera. Henceforth I shall be known as Parbati Behera for all purpose.

**Parbati Behera**

**AFFIDAVIT**

By virtue of an Affidavit sworn before Notary Public, BHUBANESWAR, dated 15.09.2025 I, SANTILATA RATH, Address AT-DEWANSAHI, PO-GURUJANGA, DIST-KHURDA, PIN-752055 declare that I have changed my name from SANTIALTA RATH to SANTILATA RATH. Henceforth, I shall be known as SANTILATA RATH for all purposes.

**(SANTILATA RATH)**

**AFFIDAVIT**

By virtue of an affidavit sworn before Executive Magistrate,Nayagarh Odisha on dated 15.09.2025 I, Satyabadi Sahoo S/o -Late Mochi Sahoo Resident Of Village Mardarajpur P.O- Biruda P.S- Itamati Dist-Nayagarh,PIN-752068 declare that I have changed my minor Daughter's name from Subhali Subhasmita Sahoo to Sobhali Subhasmita Sahoo Henceforth, She shall be known as Sobhali Subhasmita Sahoo for all purposes.

**Sd/- Satyabadi Sahoo**

**IN THE COURT OF CIVIL JUDGE (SENIOR DIVISION). NUAPADA**

Civil Suit No. 130/2017

Dhanpati Panda.............Plaintiff

Versus

Jan Mohammad & Others...Defendants

**NOTICE UNDER ORDER V RULE - 20 OF CIVIL PROCEDURE CODE, 1908**

To,

Kamorin Nisa Begum
D/O- Late Fakir Mohammad
W/O- Jamal Khan
C/O- Pyar Mohammad
P.O/P.S- Khariar
District- Nuapada, Odisha

Whereas the above named Plaintiff has instituted a Civil Suit against you for Declaration of Right. Title and Interest There is reason to believe that you are keeping yourself out of the way and avoiding service of summons. So you are hereby summoned by way of this advertisement to appear before this Court in person or by a pleader duly instructed and able to answer all material questions relating to the case/suit on this the 20th day of September, 2025 at 10.30 O'clock, failing which the case/suit will be heard and determined in your absence.

Given under my hand and the seal of the Court the 08 day of 09.

**Sd/- C.J.S.D Nuapada**

**AFFIDAVIT**

By virtue of an affidavit swom before Executive Magistrate, Basudevpur, dated 6 September 2025. I Saumyaranjan Bhoi, S/O-Nabaghana Bhoi, Address-Village/P.O.- Kismatkrushnapur, P.S.- Naikanidihi, Dist-Bhadrak, Odisha, Pin-756125 declare that I have changed my name from Saumyaranjan Bhoi to Soumya Ranjan Bhoi. S/O-Nabaghana Bhoi. Henceforth, I shall be known as Soumya Ranjan Bhoi, S/O. -Nabaghan Bhoi for all purposes.

**Soumya Ranjan Bhoi**

Ph. : 06758-201934

Office of the Principal-cum-Secretary
INDIRA GANDHI WOMEN'S HIGHER SECONDARY SCHOOL
NIMAPARA, DIST : PURI (ODISHA), PIN : 752106
email-igjmm.nimapara-puri@gmail.com

**I.G. WOMENS HIGHER SECONDARY SCHOOL NIMAPARA, PURI**

**ADVERTISEMENT**

A Walk-In-Interview will be held on 25.09.25 at 2.00 P.M for temporary appointment of a Lecturer-In-Chemistry and a Lady Attendant on Negotiable remuneration basis. Desirious Candidates should apply with Complete Bio-data to the undersigned by 22.09.25 during Office Hour.

**Sd/- Principal-cum-Secretary**
**I.G. (H.S. School)**
**Nimapara, Puri**

**TPWODL**

**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**T.N No. TPWODL/SD/O/SITC/2500001063 Date: 15.09.2025**

TP Western Odisha Distribution Limited invites tender (2part bidding) from eligible vendors for the following package:

**Rate Contract for SITC Of DC-to-DC Converter.**

Interested bidders are to submit Tender Participation Fee and Authorization Letter through email on or before **26th Sept. 2025, 15:00Hrs,** after which link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

**Sd/- Head-Contracts and Procurement**

O-780

**GOVERNMENT OF ORISSA : OFFICE OF THE SUPERINTENDING ENGINEER**
**RURAL WORKS DIVISION KARANJIA (MAYURBHANJ)**
E-mail ID: - eerwkaranjia@yahoo.com
Letter No. 3953 / WE // Date : 11.09.2025
**"E" Procurement Notice for Periodical Renewal Coat of 5 year completed PMGSY road for the year 2025-26.**
**Bid Identification No - RWDKNJ - 05 / 2025-26.**

1. Name of the work : Road Works (As per Annexure)
2. Estimated Cost : Rs. 73.95 to Rs.92.56 Lakhs Approximately (As per Annexure).
3. Class of Contractor : ' B' Class, (As per Annexure)
4. Period of Completion : 3 Calender Months
5. Tender Paper Cost : Rs.10000/- (Online) towards cost of bid

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date and Opening of Tender O/O S.E.R.W Division, Karanjia | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Karanjia | RWDKNJ-05/24-25. (Road) | Dt.17.09.25 at 11.00 A.M. | Dt.06.10.25 up to 5.00 P.M. | Dt.06.10.25 up to 5.00 P.M. | Dt.08.10.2025 at 11.00 A.M. | Will be Intimated Later |

Further details can be seen from the website **www.tendersodisha.gov.in**

**Sd/- Executive Engineer**
**R.W. Division, Karanjia**

OIPR : 25066/11/0025/2526

**OFFICE OF THE SUPERINTENDING ENGINEER : MINOR IRRIGATION DIVISION, BOUDH**
**GOVERNMENT OF ODISHA e-Procurement Notice**

A-623

**Bid Identification No. 07/BMID/2025-2026**

E-mail ID: bmidbdh@gmail.com
Letter No. 1371 / Date. 11.09.2025

01 Name of work : Construction of New Check Dams under MATY Scheme for 2025-26 in Boudh District.
02 Numbers of Work : 06 (Six)
03 Tender Amount : Varies from Rs. 52.11 Lakhs to Rs. 76.13 Lakh
04 Class of Contractor : "B"
05 Tender paper Cost(Online) : Rs. 10,000/-
06 Period of Completion : 06 (Six) Calendar Months
07 Availability of Bid Document : From 18.09.2025 at 10.00 AM to 04.10.2025 up to 05.00 PM in website (www.tendersorissa.gov.in)
08 Last date & Time of receipt of Bid : 04.10.2025 up to 05.00 PM through online
09 Date of opening of Technical Bid : 08.10.2025 at 11.00 A.M in the office of the SE, M.I. Division, Boudh
10 Date of opening of Financial Bid : 13.10.2025 at 11.00 A.M in the office of the SE, M.I. Division, Boudh
11 Date of Lottery : 22.10.2025 at 11.00 A.M in the office of the SE, M.I. Division, Boudh.
12 Digital Signature Certificate of Bidder : The bidder must process compatible digital signature certificate (DSC)
13 Name and address of the OIT : Superintending Engineer, M.I. Division, Boudh At/P.O : Malisahi, District : Boudh, PIN-762014

Further details can be seen from the Government of Odisha Web-Site : www.tendersorissa.gov.in

**Sd/- Superintending Engineer**
**M.I. Division, Boudh**

OIPR : 32279/11/0019/2526

D-216

**Odisha Police**
**Office of the D,G & I.G, of Police. Odisha, Cuttack**
ODISHA POLICE STATE HEADQUARTERS Cuttack
**Tel. :0671-2304001, Website :www.odishapolice.gov.in, Email : igops.orpol@od.gov.in**

Online Bids through e-Tender Portal https://tendersodisha.gov.in are invited from the eligible bidders of Optical Fiberscope for Operation Wing, Bhubaneswar during the current financial year. 2025-26 as per the particulars mentioned below.

| Sl. No. | Name of Item | Approximate quantity |
|---|---|---|
| 1 | 16-RFP-Optical Fiberscope-2025-26 | 04 Nos |

| Events | Date |
|---|---|
| RFP Issue Date | 15-09.2025 |
| RFP Publication of corrigendum (if any) and Submission Start Date & Time | |
| RFP Submission Due Date and time | 08.10.2025 |
| Date & Time of Opening of Technical Bids | 09.10.2025 |
| Date & Time of Opening of Financial Bids | To be intimated to qualified Bidder |
| Tender Document fee | (Non-refundable Rs.590/- (Rs500/- + 18% GST (Rs.90/-)) In favour of A.I.G. of Police (Prov.), Odisha, Cuttack payable at Cuttack. (Demand Draft) |
| EMD (Earnest Money Deposit) | Rs. 72000/- In favor of A.I.G. of Police (Prov.), Odisha, Cuttack payable at Cuttack. (Demand Draft) |

The bid document with all information relating to the bidding process including cost of bid document, Prequalification criteria and terms & conditions are available in the websites: https: /tendersodisha.gov.inThe Authority reserves the right to accept /reject any part thereof or all the bids without assigning any reason thereof.

Sd/- A.I.G. of Police (Provisioning,)
Odisha, Cuttack. (Tender Calling Authority)
Buxi Bazar, Cuttack-753001
Tel/Fax No.0671 -2304354

www.odishapolice.gov.in
Email - sphqrs.odpol@nic. in

OIPR : 12029/11/0107/2526

C-1073

**NOTICE INVITING TENDER**
**OFFICE OF THE NOTIFIED AREA COUNCIL, RANPUR**
**NAYAGARH(ODISHA),PIN-752026**
e-Mail : eoranpurnac.ranpur@gmail.com
**Tender Call Notice No. 2088 dt. 13.09.2025**
**E- Procurement Notice No.: RNPNAC- 04/2025-26**

| | | | |
|---|---|---|---|
| 1 | Name of the Work | : | Individual Civil Construction as per DTCN |
| 2 | No. of Works | : | 04 Nos |
| 3 | Value of Work | : | Rs 69,57,200/- to Rs 1,63,65,700./- |
| 4 | Class of Contractor | : | As per DTCN |
| 5 | Period of Completion | : | As per DTCN |
| 6 | Date of Publication | : | 15.09.2025 |
| 7 | Date and Time of availability of document in the portal | : | From Dt.17.09.2025 at 11 AM to Dt.03.10.2025 up to 5 PM |
| 8 | Last Date/Time for receipt of bids in portal | : | Dt.03.10.2025 up to 5 PM |
| 9 | Date and Time of opening Bid | : | Dt. 04.10.2025 at 11.00 AM |
| 10 | Name and address of the officer inviting bid | : | Sd/- Executive officer, NAC Ranpur |

Further details can be seen from e-Procurement portal **https://tendersodisha.gov.in**

**Sd/- Executive Officer**
**NAC.Ranpur**

OIPR : 13062/11/0004/2526

**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Engineer-In-Chief, Water Resources, Secha Sadan, Bhubaneswar**
**Email Address : cemech.eicwr.od@gmail.com**

A-626

**e-Procurement Notice- Bid Identification No.- CEM/MDC-17/2025-26**

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : CEM/MDC- 17/2025-26
5. Estimated Cost : Rs. 77,86,340.00
6. Period of Completion : 03 (Three) calendar months.
7. Date & time of availability of bid documents in the Portal : From dt. 17.09.2025 (10.00 AM) to dt.03.10.2025 (5.30 PM)
8. Last date/ time for receipt of bid In the Portal : dt. 03.10.2025 (up to 5.30 PM)
9. Date and Place of opening of Technical Bid : dt.04.10.2025 (12.00 Noon onwards in the O/O the undersigned)
10. Date and Place of opening of Financial Bid : To be intimated to the qualified Bidders after evaluation of Technical Bid.
11. Name of the Officer inviting bid : Chief Engineer, Mechanical, O/O the E.I.C, Water Resources, Odisha, Bhubaneswar

Further details can be seen from the e-procurement portal **https://tendersodisha.gov.in**. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

**Sd/- Chief Engineer, Mechanical**
**O/o- Engineer-In-Chief,**
**Secha Sadan, Bhubaneswar**

OIPR : 32520/11/0075/2526

**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Engineer-In-Chief, Water Resources, Secha Sadan, Bhubaneswar**
**Email Address : cemech.eicwr.od@gmail.com**

A-624

**e-Procurement Notice- Bid Identification No.- CEM/MDC-18/2025-26**

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : CEM/MDC- 18/2025-26
5. Estimated Cost : Rs. 71,41,919.00
6. Period of Completion : 03 (Three) calendar months.
7. Date & time of availability of bid documents in the Portal : From dt. 17.09.2025 (10.00 AM) to dt.03.10.2025(5.30 PM)
8. Last date/ time for receipt of bid In the Portal : dt. 03.10.2025 (up to 5.30 PM)
9. Date and Place of opening of Technical Bid : dt.04.10.2025 (12.00 Noon onwards in the O/O the undersigned)
10. Date and Place of opening of Financial Bid : To be intimated to the qualified Bidders after evaluation of Technical Bid.
11. Name of the Officer inviting bid : Chief Engineer, Mechanical, O/O the E.I.C, Water Resources, Odisha, Bhubaneswar

Further details can be seen from the e-procurement portal **https://tendersodisha.gov.in**. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

**Sd/- Chief Engineer, Mechanical**
**O/o- Engineer-In-Chief,**
**Secha Sadan, Bhubaneswar**

OIPR : 32520/11/0076/2526


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୬୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ-୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଇ-ପ୍ରଶାସନର ଜ୍ୱଳନ୍ତ ଉଦାହରଣ ପାଲଟିଛି କେନ୍ଦୁଝରର ଶୁଆକାଟି ପଞ୍ଚାୟତ

ଭୁବନେଶ୍ୱର, (ସବ୍ୟୁ): ପ୍ରଶାସନିକ କ୍ଷେତ୍ରରେ ଡିଜିଟାଲ ପ୍ରଯୁକ୍ତିର ସଦୁପଯୋଗ କରି ନାଗରିକଙ୍କୁ ସୁଶାସନ ଯୋଗାଇ ଦେଉଥିବା କେନ୍ଦୁଝର ଜିଲ୍ଲାର ଶୁଆକାଟି ପଞ୍ଚାୟତକୁ ଚଳିତ ବର୍ଷ ଜାତୀୟ ଇ-ପ୍ରଶାସନ ପୁରସ୍କାର ୨୦୨୫ ପ୍ରଦାନ କରାଯିବ । ଆସନ୍ତା ୨୨-୨୩ ତାରିଖରେ ଆନ୍ଧ୍ରର ବିଶାଖାପାଟଣାରେ ଅନୁଷ୍ଠିତ ହେବାକୁ ଥିବା ୨୮ତମ ଜାତୀୟ ଇ-ପ୍ରଶାସନ ସମ୍ମିଳନୀରେ ଶୁଆକାଟି ପଞ୍ଚାୟତକୁ ସ୍ୱତନ୍ତ୍ର ବିଚାରକବର୍ଗରେ ଏହି ପୁରସ୍କାର ଦିଆଯିବ । ପଞ୍ଚାୟତର ସରପଞ୍ଚ କୌତୁକ ନାୟକ ସମ୍ମିଳନୀରେ ପ୍ରମାଣପତ୍ର, ଟ୍ରଫି, ପୁରସ୍କାର ରାଶି ଗ୍ରହଣ କରିବେ ।



ଶୁଆକାଟି ବ୍ୟତୀତ ମହାରାଷ୍ଟ୍ର, ଗୁଜରାଟ ଏବଂ ତ୍ରିପୁରାର ଗୋଟିଏ ଲେଖାଏଁ ପଞ୍ଚାୟତକୁ ମଧ୍ୟ ଜାତୀୟ ଇ-ପ୍ରଶାସନ ପୁରସ୍କାର-୨୦୨୫ ପ୍ରଦାନ କରାଯିବ । ଡିଜିଟାଲ ନବସୃଜନ କିପରି ତୃଣମୂଳସ୍ତରରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ପ୍ରଭାବଶାଳୀ ବିତରଣ ସୁଦୃଢ଼ କରିବେ ତାହା ଏସବୁ ଗ୍ରାମପଞ୍ଚାୟତ ପ୍ରମାଣିତ କରିଛନ୍ତି । ସେବା ବିତରଣକୁ ସୁଗମ କରିବା ଏବଂ ଡିଜିଟାଲ ପ୍ରଶାସନରେ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରଶାସନିକ ସଂସ୍କାର ଓ ସାଧାରଣ ଅଭିଯୋଗ ବିଭାଗ ସହ ମିଳିତ ଭାବରେ ପଞ୍ଚାୟତିରାଜ ମନ୍ତ୍ରଣାଳୟ ପ୍ରଥମଥର ପାଇଁ ଜାତୀୟ ଇ-ପ୍ରଶାସନ ପୁରସ୍କାର-୨୦୨୫ ଆରମ୍ଭ କରିଛନ୍ତି । ଶୁଆକାଟି ପଞ୍ଚାୟତରେ ଅନଲାଇନ୍ ସେବା ମାଧ୍ୟମରେ ଜନ୍ମ, ମୃତ୍ୟୁ, ବାସିନ୍ଦା, ବିବାହ ଆୟ ପ୍ରମାଣପତ୍ର, ଆଧାର କାର୍ଡ ଏବଂ ଆୟୁଷ୍ମାନ କାର୍ଡ ଗୋଟିଏ କ୍ଲିକ୍‌ରେ ସହଜରେ ମିଳୁଛି । ନରେଗା ପୋର୍ଟାଲରେ ଶ୍ରମିକମାନଙ୍କୁ ଜବ୍‌କାର୍ଡ ଯୋଗାଇ ଦେବାର ସୁବିଧା ଦିଆଯାଇଛି । ଇ-ଗ୍ରାମ ସ୍ୱରାଜର ନିୟମିତ ଅନୁଧ୍ୟାନ କରାଯିବା ସହ ଗ୍ରାମୀଣ ଆବାସ ପାଇଁ ଡିଜିଟାଲ ସର୍ଭେ କରାଯାଉଛି । ଫେସ୍‌ବୁକ୍‌ରେ ପଞ୍ଚାୟତ ସୂଚନା ନିୟମିତ ରୂପେ ସେୟାର କରାଯାଉଛି । ଜନସାଧାରଣଙ୍କୁ ନୂଆ ଯୋଜନା, ସେବା ଏବଂ ପଞ୍ଚାୟତର ଉପଲବ୍ଧି ସମ୍ପର୍କରେ ଅବଗତି କରାଯାଉଛି । ଏହା ଜଳ ଯୋଗାଣ ଓ ସ୍ୱଚ୍ଛତାକୁ ସର୍ବତ୍ର ପ୍ରାଥମିକତା ଦିଆଯାଇଛି । ପ୍ରଭାବଶାଳୀ ଅଭିଯୋଗର ସମାଧାନ ପାଇଁ ଓଡ଼ିଶା ଡଟ୍‌ଜିଓଭିଡଟ୍‌ଇନ୍ ଏବଂ ୧୯୧୬ ଟୋଲ୍‌ଫ୍ରି ନମ୍ବରରେ ନାଗରିକମାନେ ଅଭିଯୋଗ ଦାଖଲ କରୁଛନ୍ତି । ଗ୍ରାମସେବା ଲୋକଙ୍କର ଜୀବନଶୈଳୀ ବଦଳାଇଛି । ଡିଜିଟାଲ ଠକେଇରୁ ବର୍ତ୍ତିବା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ସାର୍ଥକ ଆଲୋଚନା କରାଯାଉଛି ।

### ମହିଳା କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ

# ଇନ୍ଦିରା ଓ ନନ୍ଦିନୀଙ୍କୁ ମନେ ପକାଇଲେ

ଭୁବନେଶ୍ୱର, (ସବ୍ୟୁ): ସୋମବାର ମଧ୍ୟାହ୍ନରେ କଂଗ୍ରେସ ଭବନରେ ଭାରତୀୟ ମହିଳା କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ରାଜ୍ୟ ସଭାନେତ୍ରୀ ମୀନାକ୍ଷି ବାହିନୀପତିଙ୍କ ଅଧ୍ୟକ୍ଷତାରେ ଓ ମଧୁସ୍ମିତା ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିସିସି ସଭାପତି ଭକ୍ତ ଚରଣ ଦାସ କହିଥିଲେ, ଭାରତରେ ନାରୀ ଶକ୍ତିର ସବୁଠୁ ବଡ ପ୍ରତୀକ ଇନ୍ଦିରା ଗାନ୍ଧିଙ୍କ ରାଷ୍ଟ୍ରନିର୍ମାଣ କାର୍ଯ୍ୟକ୍ରମ ଦେଶରେ ନାରୀ ସଶକ୍ତୀକରଣର ସୂତ୍ରପାତ କରିଥିଲା । ୧୯୭୧ ଯୁଦ୍ଧରେ ପାକିସ୍ତାନଠାରୁ ବାଂଲାଦେଶକୁ ଅଲଗା କରିଦେଇଥିବା ଇନ୍ଦିରା ଗାନ୍ଧିଙ୍କ ଲଢେଇ ଓ ସଂଗଠନ ନିର୍ମାଣର ସଂକଳ୍ପ ଯୋଗୁଁ ମହିଳାମାନଙ୍କ ମଞ୍ଚମଣ୍ଡନ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଜନସଂଖ୍ୟାର ୫୦ ପ୍ରତିଶତ ହେଉଛନ୍ତି ମହିଳା । ଭୁବନେଶ୍ୱରରେ ୫ ହଜାର ମହିଳା ସଂଗଠିତ ହେବା ସହ ଯଦି ନାରୀନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଶାର ୨୦ ହଜାର ମହିଳା ଘେରିବା ସାମର୍ଥ୍ୟ ରଖିବେ, ସେଦିନ ମହିଳା କଂଗ୍ରେସ ଗଠନର ପ୍ରକୃତ ଲକ୍ଷ୍ୟ



ସାଧିତ ହେବ ବୋଲି ସେ କହିଥିଲେ । ଏଆଇସିସି ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଥିଲେ, ରାଜୀବ ଗାନ୍ଧି ଦେଶରେ ପଂଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କ ପ୍ରତିନିଧିତ୍ୱ କରାଇ ସେମାନଙ୍କ ସଶକ୍ତୀକରଣର ମାର୍ଗ ପ୍ରଶସ୍ତ କରିଥିଲେ । "ଲଡ଼କି ହୋ, ଲଡ଼୍‌ଶକ୍ତି ହୋ' ସ୍ଲୋଗାନ ଦେଇ ଉପସ୍ଥିତ ମହିଳାମାନଙ୍କୁ ଉତ୍ସାହିତ କରିଥିଲେ ଶ୍ରୀ ଲଲ୍ଲୁ । ଓଡିଶାରେ ମହିଳା ପ୍ରସଙ୍ଗରେ ୧୪ ବିଧାୟକ ନିଲମ୍ବିତ ହେବା ପ୍ରମାଣ କରୁଛି ଯେ କଂଗ୍ରେସ ମହିଳାଙ୍କ ସାଙ୍ଗରେ ଅଛି ବୋଲି ସେ କହିଥିଲେ ।

ପୂର୍ବତନ ଲୋକସଭା ସଦସ୍ୟା ସୁଶୀଳା ତିରିଆ କହିଥିଲେ, ମହିଳା ବିଲ କେମିତି ଲାଗୁ ହୋଇ ମହିଳା ସଶକ୍ତୀକରଣ କରାଯିବ, ଆମକୁ ଏହା ଉପରେ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି । ଆଜି ମଧ୍ୟ ରାଜନୀତିରେ ମହିଳାଙ୍କ ହାର ନଗଣ୍ୟ । ତେଣୁ ମହିଳାମାନେ ବହୁ ସଂଖ୍ୟାରେ ଗଣତାନ୍ତ୍ରିକ ରାଜନୀତିରେ ଯୋଗ ଦେବା ନିହାତି ଆବଶ୍ୟକ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ପୂର୍ବତନ ମନ୍ତ୍ରୀ ଓ ବରିଷ୍ଠ କଂଗ୍ରେସ ନେତା ସରସ୍ୱତୀ ହେମ୍ବ୍ରମ କହିଥିଲେ, ୧୯୭୫ ମସିହାରେ ରାଜନୀତିରେ ପାଦ ଥାପିଥିଲି ଓ ଏଥିପାଇଁ ଆମ ପରିବାରରେ ବିବାଦ ହୋଇଗଲା । ମୋ ଦେଢ଼ଶ୍ୱଶୁର ମୋ ରାଜନୀତିକୁ ଯିବା ଘୋର ବିରୋଧ କରୁଥିଲେ । କିନ୍ତୁ ମୋ ଶ୍ୱଶୁର ମତେ ଉତ୍ସାହ ଓ ସାହସ ଦେଇଛନ୍ତି । ପୁଣି ସେ କହିଥିଲେ, ଇନ୍ଦିରା ଗାନ୍ଧୀଙ୍କ ପ୍ରେରଣାରେ ଆମେ ରାଜନୀତିକୁ ଆସିଥିଲୁ । ମହିଳା କଂଗ୍ରେସର ଅନ୍ୟତମ ନେତ୍ରୀ ପ୍ରଣତି ମିଶ୍ର ସାଂଗଠନିକ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରି କହିଥିଲେ । ପିସିସି ଉପସଭାପତି ସସ୍ମିତା ବେହେରା କହିଲେ, ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ଆପଣଙ୍କ ହାତରେ ଜାତୀୟ କଂଗ୍ରେସ ଦଳର ମହିଳା ବିଭାଗ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଛି । ଆପଣମାନେ ଏହି ଦାୟିତ୍ୱ ନେଇ ସୁଚାରୁରୂପେ ପାଳନ କରନ୍ତୁ । ତୃଣମୂଳ ସ୍ତରରେ କାର୍ଯ୍ୟକରି କଂଗ୍ରେସକୁ ଶକ୍ତିଶାଳୀ କରିବାକୁ ପଡ଼ିବ । ଶେଷରେ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି କହିଲେ ଯେ, ଆଜି ଆମ ମହିଳା କଂଗ୍ରେସର ଜନ୍ମ । ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ଉଦ୍ୟମ ଯୋଗୁଁ ଆଜି ଏଠି ଆମେ ମହିଳା କଂଗ୍ରେସ ପକ୍ଷରୁ ସଭା କରିପାରୁଛୁ । କଂଗ୍ରେସ ହିଁ କେବଳ ମହିଳାଙ୍କୁ ସମ୍ମାନ ଦେଇ ଜାଣେ । ତେଣୁ ଆମର କର୍ତ୍ତବ୍ୟ କଂଗ୍ରେସ ଦଳକୁ କିପରି ମଜବୁତ କରିବା । ରାଜ୍ୟ ମହିଳା କଂଗ୍ରେସ କର୍ମକର୍ତ୍ତା ଗଠନ ପ୍ରକ୍ରିୟା ପରେ ଜିଲ୍ଲା ଏବଂ ବ୍ଲକସ୍ତରୀୟ ନେତୃତ୍ୱ ଚୟନ ହେବ । କାର୍ଯ୍ୟକ୍ରମରେ ସୁଶୀଳା ତିରିଆ ଓ ସରସ୍ୱତୀ ହେମ୍ବ୍ରମଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

### ସାର ଅଭାବକୁ ନେଇ ରାଜ୍ୟ ସରକାରଙ୍କ ବିରୋଧରେ ଗର୍ଜିଲା ବିଜେଡି

# ରାଜଭବନ ସମ୍ମୁଖରେ ବିଶାଳ ଗଣଧାରଣା

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ସାରର ଅଭାବ ଯୋଗୁଁ ଚାଷୀ ମାନେ ହନ୍ତସନ୍ତ ହେଉଥିବା ଅଭିଯୋଗ କରି ବିଜୁ ଜନତା ଦଳ ଆଜି ରାଜଭବନ ସମ୍ମୁଖରେ ବିଶାଳ ଗଣଧାରଣା କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି । ଖରିଫ ଚାଷ କାମ ଶୀର୍ଷରେ ଥିବାବେଳେ ରାଜ୍ୟ ସରକାର ସାର ଯୋଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ରାଜ୍ୟରେ ଖରିଫ ଧାନ ଅଧିକ ଉତ୍ପାଦନ ହେଲେ ସରକାରଙ୍କୁ



ଅଧିକ ବୋନସ ଦେବାକୁ ହେବ ବୋଲି ସରକାର ଖରିଫ ଧାନ ଉତ୍ପାଦନରେ ରୋକ ଲଗାଇବା ପାଇଁ ସାର ଯୋଗାଣ ଅଭାବର ଷଡ଼ଯନ୍ତ୍ର ରଚିଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି ।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ଆଜି ରାଜଭବନ ସମ୍ମୁଖରେ ଏକ ବିଶାଳ ଗଣଧାରଣା ଦିଆଯାଇଥିଲା । ଏହି ଗଣଧାରଣାରେ ହଜାର ହଜାର ଚାଷୀଙ୍କ ସମେତ ବିଜୁ ଜନତା ଦଳର ନେତା ଓ କର୍ମୀମାନେ ଯୋଗ ଦେଇଥିଲେ । ଦଳର ବରିଷ୍ଠ ନେତାମାନେ, ଖରିଫ ଚାଷ ପାଇଁ ଚାଷୀମାନେ କିପରି ହନ୍ତସନ୍ତ ହେଉଛନ୍ତି ଓ ରାଜ୍ୟ ସରକାର ସାର ଯୋଗାଇବାରେ, ସାରର କଳାବଜାରୀ ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଥିଲେ । ସାର ବ୍ୟାଗ୍ର ମୂଲ୍ୟ ୨୪୨ ଟଙ୍କା ରହିଥିବା ବେଳେ, ଏହା ବଜାରରେ ୮୦୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟରେ ବିକ୍ରି ହେଉଛି । ଗତ ଦୁଇ ଦଶନ୍ଧିରେ, ରାଜ୍ୟର କୃଷକ ମାନେ ସାରର ଅଭାବକୁ ନେଇ ଏଭଳି ଅଭାବନୀୟ ପରିସ୍ଥିତି ରାଜ୍ୟରେ କେବେବି ସୃଷ୍ଟି ହୋଇନଥିଲା । ସାରର ଅଭାବ ଦେଖା ଦେବା ପରେ ତୁରନ୍ତ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀଙ୍କୁ ଚିଠି ଲେଖି ଓଡିଶାକୁ ପର୍ଯ୍ୟାପ୍ତ ସାର ଯୋଗାଇ ଦେବା ପାଇଁ ଅନୁରୋଧ କଲେ । କିନ୍ତୁ, କୌଣସି ସୁଫଳ ମିଳିଲା ନାହିଁ । ସାର ସ୍ଥିତିକୁ ମୁଖ୍ୟମନ୍ତ୍ରୀ ଦୁଇ ଦୁଇ ଥର ସମୀକ୍ଷା କଲେଣି । ସଭା ଶେଷ ହେବା ପରେ, ବିଜୁ ଜନତା ଦଳର ପ୍ରତିନିଧି ମଣ୍ଡଳୀ ରାଜଭବନ ଭିତରକୁ ଯାଇ ସାରର ଅଭାବକୁ ନେଇ ଉପୁଜିଥିବା ସ୍ଥିତି ଉପରେ ମହାମହିମ ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥି

ବିଜୁ ଜନତା ଦଳର ବରିଷ୍ଠ ନେତା ତଥା କୃଷକ ସେଲ୍ର ଆବାହକ ପ୍ରସନ୍ନ ଆଚାର୍ଯ୍ୟ ଓ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ରାଜ୍ୟପାଳଙ୍କୁ ସାର ଅଭାବ ଯୋଗୁଁ ସୃଷ୍ଟି ହୋଇଥିବା ସମସ୍ୟା ଉପରେ ଅବଗତ କରାଇଥିଲେ । ସ୍ମାରକପତ୍ରରେ, ରାଜ୍ୟରେ ସାର ଯୋଗାଣ କିପରି ବ୍ୟବସ୍ଥିତ ହୋଇପାରିବ, ସେଥିପାଇଁ ମହାମହିମ ରାଜ୍ୟପାଳ ମହୋଦୟଙ୍କ ହସ୍ତକ୍ଷେପ ଲୋଡ଼ିଛି ବିଜେଡି । ରାଜ୍ୟପାଳଙ୍କ ନିକଟକୁ ଯାଇଥିବା ପ୍ରତିନିଧି ମଣ୍ଡଳୀରେ, ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ଦେବୀ ପ୍ରସାଦ ମିଶ୍ର, ପ୍ରଦୀପ ଅମାତ, ସଞ୍ଜୟ କୁମାର ଦାସବର୍ମା, ପ୍ରତାପ କେଶରୀ ଦେବ, ପ୍ରତାପ ଜେନା, ପ୍ରଫୁଲ୍ଲ ସାମଲ, ଚନ୍ଦ୍ରଶେଖର ସାହୁ, ଅତନୁ ସବ୍ୟସାଚୀ ନାୟକ, ବ୍ୟୋମକେଶ ରାୟ, ପ୍ରଶାନ୍ତ ମୁଦୁଲି, ଶ୍ରୀମତୀ ସୁଲତା ଦେଓ, ସୁଭାଶିଷ ଖୁଣ୍ଟିଆ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ପ୍ରଦୀପ ସାହୁ, ଗୌତମବୁଦ୍ଧ ଦାସ, ଦେବୀ ରଞ୍ଜନ ତ୍ରିପାଠୀ, ଗଣେଶ୍ୱର ବେହେରା, ସୌଭିକ ବିଶ୍ୱାଳ, ସୁନିଲ ମହାନ୍ତି, ସୁଦର୍ଶନ ହରିପାଲ, ଶ୍ରୀମତୀ ସୁଜାତା ସାହୁ, ବିଜୟ ନାୟକ, ରାଜେନ୍ଦ୍ର ସାହୁ, ମନ୍ମଥ ରାଉତରାୟ ପ୍ରମୁଖ ସାମିଲ ଥିଲେ ।

## ଓପିଟିସିଏଲ୍ ପକ୍ଷରୁ ଇଞ୍ଜିନିୟର୍ସଡେ



ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେସନ ଲିମିଟେଡ୍ (ଓପିଟିସିଏଲ୍) ଇଞ୍ଜିନିୟର୍ସଡେ ୨୦୨୫ ପାଳନ କରିଛି । ଏହି ବର୍ଷର ପାଳନରେ, ସେବା ନିବୃତ୍ତ ଇଞ୍ଜିନିୟର୍ସ ମାନେ ମଧ୍ୟ ସଦସ୍ୟମାନଙ୍କ ସହିତ ହାତ ମିଳାଇ, ଓପ୍ଟ୍ରାଙ୍କ ୨୫ ବର୍ଷର ଦୀର୍ଘ ଯାତ୍ରାକୁ ଅନୁସ୍ମରଣ କରିଥିଲେ । ଦିନଟି ବିଶ୍ୱେଶ୍ୱରୟ୍ୟାଙ୍କ ପ୍ରତି ମାଲ୍ୟାର୍ପଣ ସହିତ ଆରମ୍ଭ ହୋଇ, ପରେ ସମସ୍ତ ଜୋନରେ ଆଲୋଚନା ସଭା, ପ୍ରାଯୁକ୍ତିକ ଅଧିବେଶନହୋଇଥିଲା । ଅନ୍ତେ, ସମସ୍ତସଦସ୍ୟ ପେଶାଗତ ନୀତିନିୟମ ପାଳନ, ନୂଆ ପ୍ରାଯୁକ୍ତିକତାର ଗ୍ରହଣ, ଓ ଓପିଟିସିଏଲ୍ ଓଡ଼ିଶାର ସ୍ଥିର ବିକାଶ ପାଇଁ ଅବଦାନ ଦେବାରେ ସଂକଳ୍ପିତ ହେଲେ ।

## ବିଶିଷ୍ଟ ଅନୁବାଦକ ସୁଖେନ୍ଦୁ ମୋହନ ଦାସଙ୍କ ପରଲୋକ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଆ ସାହିତ୍ୟର ବିଶିଷ୍ଟ ଅନୁବାଦକ ଓ ସାହିତ୍ୟିକ ସୁଖେନ୍ଦୁ ମୋହନ ଦାସଙ୍କ ଆଜି ସକାଳେ ଭୁବନେଶ୍ୱରର ଓଲଡ଼ ଟାଉନ ଠାରେ ଦେହାନ୍ତ ହୋଇଯାଇଛି । ତାଙ୍କ ୯୬ ବର୍ଷ ବୟସ ହୋଇଥିଲା । ପୂର୍ବରୁ ତାଙ୍କ ପତ୍ନୀ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟାଙ୍କର ଦେହାନ୍ତ ହୋଇଥିଲା । ସାନଭାଇ କବି ଶୁଭେନ୍ଦୁ ମୋହନ ଦାସଙ୍କ ମଧ୍ୟ ପୂର୍ବରୁ ପରଲୋକ ହୋଇ ଯାଇଥିଲା । ସେ ଥିଲେ ଦୁଇ ସଂଗ୍ରାମୀ ଓ ସାହିତ୍ୟିକ ନିତ୍ୟାନନ୍ଦ ମହାପାତ୍ର ଓ ଗୌରଚନ୍ଦ୍ର ମହାପାତ୍ରଙ୍କର ମାମୁଁ ପୁଅ ଭାଇ । ନିତ୍ୟାନନ୍ଦ ଙ୍କ ରଚିତ କେନ୍ଦ୍ରିୟ ସାହିତ୍ୟ ଏକାଡେମୀ



ପୁରସ୍କାରପ୍ରାପ୍ତ ଉପନ୍ୟାସ 'ଘରଡ଼ିହ'ର ବଙ୍ଗଳା ଅନୁବାଦ 'ଭିଟେ 'ନାମରେ ସେ କରିଥିଲେ । ସାହିତ୍ୟ ଏକାଡେମୀ ତାହା ପ୍ରକାଶ କରିଛନ୍ତି । ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ଠାରେ ସତ୍କାର କରାଯାଇଛି । ପୁତ୍ର ଲାବଣ୍ୟେନ୍ଦୁ ମୁଖାଗ୍ନି ଦେଇଥିଲେ । ଜାମାତା ସାହିତ୍ୟିକ ଦୀପକ ବୋଷ ଉପସ୍ଥିତ ଥିଲେ ।

### ଡ୍ରିମ୍‌ସରେ ପୂଜ୍ୟପୂଜା ସମାରୋହ

# ୫ ପ୍ରତିଭାଙ୍କୁ ଧନେଶ୍ୱର ରଥ ସ୍ମୃତି ସମ୍ମାନ

କଟକ, (ସ୍ୱପ୍ର): କର୍ମଯୋଗୀ ଧନେଶ୍ୱର ରଥଙ୍କ ୩୧ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ପୂଜ୍ୟପୂଜ୍ୟ ସମାରୋହ-୨୦୨୪ ଟାଙ୍ଗୀସ୍ଥିତ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଜୟଶ୍ରୀ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି । ଧନେଶ୍ୱର ରଥ ଫାଉଣ୍ଡେସନ୍ ଆନୁକୂଲ୍ୟରେ ଆୟୋଜିତ ସମାରୋହରେ ବିଶିଷ୍ଟ ସଂସ୍କୃତ ବିଦ୍ୱାନ୍ ତଥା ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମିଶ୍ର, ଶ୍ରୀ ଗଜନ୍ନାଥ ସଂସ୍କୃତିକ ଗବେଷକ ଡ. ସିଦ୍ଧେଶ୍ୱର ମହାପାତ୍ର, ଅଭିନେତା କୁନା ତ୍ରିପାଠୀ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ତେଜସ୍ୱିନୀ ବେହେରା, ଅଲମ୍ପିୟାନ୍ ଲିଲିମା ମିଞ୍ଜଙ୍କୁ ଧନେଶ୍ୱର ରଥ ସ୍ମୃତି ସମ୍ମାନ-୨୦୨୫ ପ୍ରଦାନ ଦିଆଯାଇଥିଲା । ଏହି ସମ୍ମାନ ସ୍ୱରୂପ ପ୍ରତ୍ୟେକଙ୍କୁ ଶ୍ରୀ ଜଗନ୍ନାଥଙ୍କ ଖଣ୍ଡୁଆ, ଉପଢୌକନ ଏବଂ ୨୫ହଜାର ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଥିଲା । ସମାରୋହରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଶିଷ୍ଟ ସନ' ତଥା ଚିନ୍ମୟ ବିଦ୍ୟାଳୟ, ଦେବଗଡର ଅଧ୍ୟକ୍ଷ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ କହିଲେ, ଉପନିଷଦରେ ପିତୃମାତୃଓ ଆଚାର୍ଯ୍ୟ ପୂଜନର ଗୁରୁତ୍ୱ ସଂପର୍କରେ ବର୍ଣ୍ଣନା କରାଯାଇଛି । ଏହି ମହାନ୍ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ଆମ ସମସ୍ତଙ୍କର କର୍ତ୍ତବ । ଜୀବନର ଲକ୍ଷ୍ୟ ହାସଲ ନହେବା ପର୍ଯ୍ୟନ୍ତ ସାଧନା ଜାରି ରଖିବା ଓ ନିଜର ସ୍ୱାତ୍ୟନ୍ତ୍ର ପ୍ରତିପାଦନ ସହ ସମାଜ ପାଇଁ ନିଜକୁ ଯୋଗ୍ୟ କରିବା ଲାଗି ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ । ଧନେଶ୍ୱର ରଥ ଫାଉଣ୍ଡେସନ୍ ଅଧ୍ୟକ୍ଷ ଇଂ ଲଳିତ ମୋହନ ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟଅତିଥି ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ମହାରାଜଙ୍କୁ ଶ୍ରୀ ଜଗନ୍ନାଥଙ୍କ ଖଣ୍ଡୁଆ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ସ୍ମରଣିକା ଅମୃତ ଅନୁଭବ ଉନ୍ମୋଚନ ସହିତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଡ୍ରିମ୍‌ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରିଥିଲେ ଓ ଛାତ୍ରୀ ରୋଜାଲିନ୍ ସାହୁ ଓ ବିଜୟା ନାୟକ ଓଡିଶୀ ନୃତ୍ୟ ଏବଂ ସ୍ମୃତି ଶୁଭାଙ୍ଗନା ପଣ୍ଡା ସଂଗୀତ ପରିବେଷଣ କରିଥିଲେ । ପ୍ରାରମ୍ଭରେ ଅତିଥିମାନେ କର୍ମଯୋଗୀ ଧନେଶ୍ୱର ରଥଙ୍କ ପ୍ରତିକୃତି ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ ଦୁର୍ଗାପ୍ରସାଦ ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ, ପ୍ରଫେସର ଡା. ଶିଶୁଶଙ୍କର ମିଶ୍ର, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ନିର୍ଦ୍ଦେଶକ ଲୋକନାଥ ବେହେରାଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଡିନ୍, ଶିକ୍ଷାବିତ୍ ଓ ବହୁମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ, ଫାଉଣ୍ଡେସନ୍‌ର ଆବାହକ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ ।



### ବେଦାନ୍ତ ଆଲୁମିନିୟମର ସ୍ୱାସ୍ଥ୍ୟ ଶିବିର

# ଆଦିବାସୀ ଗ୍ରାମଗୁଡ଼ିକରେ ୨୦୦ରୁ ଅଧିକ ହିତାଧିକାରୀଙ୍କ ନିକଟରେ ପହଞ୍ଚିଛି

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, କଳାହାଣ୍ଡି ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ଏବଂ ବଲାଙ୍ଗୀର ସ୍ୱରାଜ ହସ୍ପିଟାଲର ସହଯୋଗରେ କଳାହାଣ୍ଡିର ଗୁଣପୁର ଗ୍ରାମରେ ଏକ ମାଗଣା ମଲ୍ଟିସ୍ପେଶାଲିଟି ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥିଲା । ଏହି ଶିବିରରେ ଥୁଆମୁଲ ରାମପୁର ଏବଂ କାଶୀପୁର ବ୍ଲକର ୨୬ ଟି ଗ୍ରାମର ୨୦୦ ରୁ ଅଧିକ ଲୋକ ଉପକୃତ ହୋଇଥିଲେ । ଦୁରାନ୍ତ ଅଞ୍ଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ସହିତ, ଏହି ଶିବିରରେ ଅସ୍ଥିଶଲ୍ୟ, ପ୍ରସୂତି ଏବଂ ସ୍ତ୍ରୀରୋଗ, ଶିଶୁରୋଗ, ଚର୍ମରୋଗ, ଇଏନଟି, ଛାତି ଏବଂ ଯକ୍ଷ୍ମା ଚିକିତ୍ସା ସମେତ ବିଭିନ୍ନ ପ୍ରକାରର ମାଗଣା ଚିକିତ୍ସା ସେବା ପ୍ରଦାନ କରାଯାଇଥିଲା, ଯାହା ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା । ଏହି ଶିବିରକୁ ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ପ୍ରଦୋଷ କୁମାର ପଣ୍ଡା, ସ୍ଥାନୀୟ ସ୍ୱାସ୍ଥ୍ୟସେବା ବୃତ୍ତିଗତ ଏବଂ ସମ୍ପ୍ରଦାୟ ପ୍ରତିନିଧିମାନଙ୍କ ସହିତ ଉଦଘାଟନ କରିଥିଲେ, ଯାହା ତୃଣମୂଳ ସ୍ତରରେ ସ୍ୱାସ୍ଥ୍ୟସେବା ପହଞ୍ଚକୁ ସୁଦୃଢ଼ କରିବା ପାଇଁ ଏକ ସହଯୋଗ ପ୍ରୟାସ ଥିଲା ।




ଏହି ପଦକ୍ଷେପ ବିଷୟରେ କହି ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇଁ ଉପଲବ୍ଧତା ନିଶ୍ଚିତ କରିବା ଆମର ବିକାଶ ପ୍ରୟାସର ଏକ ମୂଳଦୁଆ । ଏହି ପ୍ରକାରର ପଦକ୍ଷେପ ମାଧ୍ୟମରେ, ଆମେ ଗ୍ରାମୀଣ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବାକୁ ଚେଷ୍ଟା କରୁଛୁ, ଯେଉଁମାନଙ୍କୁ ସବୁଠାରୁ ଅଧିକ ଆବଶ୍ୟକତା ଅଛି ସେମାନଙ୍କ ନିକଟରେ ଅତ୍ୟାବଶ୍ୟକ ଚିକିତ୍ସା ସେବା ପହଞ୍ଚାଇ, ଏହି ପ୍ରୟାସଗୁଡ଼ିକ ଲୋକଙ୍କୁ ଏକ ସୁସ୍ଥ ଜୀବନଯାପନ କରିବା ପାଇଁ ସଶକ୍ତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ।" ଆଜି ପର୍ଯ୍ୟନ୍ତ, ବେଦାନ୍ତ ଆଲୁମିନିୟମ ରାୟଗଡା ଏବଂ କଳାହାଣ୍ଡି ଜିଲ୍ଲାରେ ୩୫ରୁ ଅଧିକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଛି, ଯାହା ଅନୁନ୍ନତ ଅଞ୍ଚଳରେ ମାଗଣା ପରାମର୍ଶ, ଔଷଧ ଏବଂ ନିଦାନ ସେବା ପ୍ରଦାନ କରୁଛି । କମ୍ପାନୀ ନିୟମିତ ସ୍ୱତନ୍ତ୍ର ଚକ୍ଷୁ ଶିବିର ମଧ୍ୟ ଆୟୋଜନ କରେ, ଯାହା ଦୃଷ୍ଟି ସମ୍ବନ୍ଧୀୟ ସମସ୍ୟାଗୁଡ଼ିକର ପ୍ରାରମ୍ଭିକ ଚିହ୍ନଟ ଏବଂ ଚିକିତ୍ସାକୁ ସକ୍ଷମ କରିଥାଏ ଏବଂ ସ୍ୱର୍ଣ୍ଣ ପ୍ରଶାନ ଭଳି ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ସରକାରଙ୍କ ସହିତ ସହଭାଗୀତା କରିଥାଏ । ମୋବାଇଲ୍ ସ୍ୱାସ୍ଥ୍ୟ ୟୁନିଟ୍ ଏବଂ ସଚେତନତା ଅଭିଯାନ ଦ୍ୱାରା ପରିପୂରକ ଏହି ପ୍ରୟାସଗୁଡ଼ିକ ଗ୍ରାମୀଣ ସ୍ୱାସ୍ଥ୍ୟସେବା ପ୍ରତି ବେଦାନ୍ତ ଆଲୁମିନିୟମର ସାମଗ୍ରିକ ଆଭିମୁଖ୍ୟକୁ ରେଖାଙ୍କିତ କରିଛି ।

## କ୍ରିପ୍ଟୋ କରେନ୍ସି ଆଳରେ ଠକେଇ, ୩ ସାଇବର ଲୁଟେରା ଗିରଫ

କଟକ, (ସବ୍ୟୁ): ସାଇବର ଥାନା ପୁଲିସ ୩ଜଣ ସାଇବର ଲୁଟେରାଙ୍କୁ ଗିରଫ କରିଛି । ଟେଲିଗ୍ରାମ ଗ୍ରୁପରେ ଯୋଡି ଜଣେ ବ୍ୟକ୍ତିଙ୍କ ପ୍ରାୟ ୧୪ ଲକ୍ଷ ଟଙ୍କା ଠକିନେବା ଘଟଣାରେ କଟକ ସାଇବର ଥାନା ପୁଲିସକୁ ସଫଳତା ମିଳିଛି । ଅଭିଯୁକ୍ତମାନେ ହେଲେ ରାଉରକେଲା ବାସନ୍ତୀ କଲୋନୀର ଅବିନାଶ ଓଝା(୩୫), ବନ୍ଧମୁଣ୍ଡାର ଜଗନ ସାହୁ(୨୪) ଓ ପାନପୋସ ବସ୍ତୀର ପ୍ରତୀକ ଓରଫ ସିଦ୍ଧାର୍ଥ ଚୌରାସିଆ(୨୧) । ଆଜି ସମସ୍ତଙ୍କୁ କଟକ ଆଣି କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ୍ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି । ପୂର୍ବରୁ ଏହି ଘଟଣାରେ ପୂର୍ବରୁ ରାଉରକେଲାରେ ରହୁଥିବା ଝାରସୁଗୁଡା ବେଲପାହାଡର ଇଞ୍ଜିନିୟରିଂ ଛାତ୍ର ଅନୁରାଗ ପଟ୍ଟନାୟକଙ୍କୁ ଗିରଫ କରାଯାଇଥିଲା । ଜଗତପୁର ଅଞ୍ଚଳର ଜଣେ ବ୍ୟକ୍ତି ଗତ ମେ' ମାସରେ ସୋସିଆଲ ମିଡିଆରେ ଏକ ଅନଲାଇନ ରୋଜଗାର ସମ୍ପର୍କିତ ବିଜ୍ଞାପନ ଦେଖିଥିଲେ । ଏଥିରେ ଦିଆଯାଇଥିବା ଲିଙ୍କ୍ ଉପରେ କ୍ଲିକ କରିବାରୁ ତାଙ୍କୁ ଏକ ଟେଲିଗ୍ରାମ ଗ୍ରୁପରେ ଯୋଡି ଦିଆଯାଇଥିଲା । ସେଠାରେ ତାଙ୍କୁ କ୍ରିପ୍ଟୋ କରେନ୍ସିରେ ନିବେଶ କରିବାକୁ କୁହାଯାଇଥିଲା । ନିବେଶ ଅର୍ଥର ୨ ଗୁଣା ମିଳିବ ବୋଲି ପ୍ରତିଶ୍ରୁତି ମିଳିବାରୁ ସେ ପର୍ଯ୍ୟାୟକ୍ରମେ ୧୩ ଲକ୍ଷ ୭୨ ହଜାର ୭୦ ଟଙ୍କା ନିବେଶ କରିଦେଇଥିଲେ । ମାତ୍ର କିଛି ଦିନ ପରେ ଟଙ୍କା ଉଠାଣ ସମ୍ଭବ ହୋଇନଥିଲା । ତେଣୁ ସେ ଠକେଇର ଶିକାର ହୋଇଥିବା ଜାଣି ଗତ ଜୁଲାଇ ୬ ତାରିଖରେ ଏତଲା ଦାୟର କରିଥିଲେ । ପୁଲିସ ମାମଲା ରୁଜୁ କରି ବିଭିନ୍ନ ବୈଷୟିକ ତଥ୍ୟ ଆଣିବା ପରେ ଚଳିତ ମାସ ୬ ତାରିଖରେ ରାଉରକେଲାରେ ଚଢଉ କରି ପ୍ରଥମେ ଇଞ୍ଜିନିୟରିଂ ଛାତ୍ର ଅନୁରାଗକୁ ଗିରଫ କରିଥିଲା । ତେବେ ଅନୁରାଗ ସହିତ ଆଉ କିଛି ଯୁବକ ଏହି ଠକେଇରେ ସାମିଲ ଥିବା ପୁଲିସ ତଦନ୍ତରୁ ଜାଣିବାକୁ ପାଇଥିଲା । ମାତ୍ର ସେମାନଙ୍କର ଫୋନ ବନ୍ଦ ଥିବାରୁ ଗିରଫ କରିବା ସମ୍ଭବ ହୋଇନଥିଲା । ତେଣୁ ଗୋଟିଏ ସପ୍ତାହ ପରେ ପୁଣି ଏକ ପାଲିସ ଟିମ ରାଉରକେଲାରେ ଡେରା ପକାଇଥିଲା । ସ୍ଥାନୀୟ ଥାନାର ସହଯୋଗରେ ରବିବାର ପୁଲିସ ଟିମ ଉପରୋକ୍ତ ୩ ଜଣ ଯୁବକଙ୍କୁ ଗିରଫ କରି କଟକ ଆଣିଛି । ଅଭିଯୁକ୍ତମାନେ ବିଭିନ୍ନ ମୋବାଇଲ ଓ ୟୁପିଆଇ ପ୍ରଦାନକାରୀ ସଂସ୍ଥାରେ କାମ କରୁଥିଲେ ।

## ଶିକ୍ଷାଦାନ ପଦ୍ଧତିକୁ ନୂଆ ରୂପ ଦେଉଛି ନିପୁଣ ଓଡ଼ିଶା ତାଲିମ

ଭୁବନେଶ୍ୱର, (ସବ୍ୟୁ): ମୌଳିକ ଶିକ୍ଷା ପିଲାମାନଙ୍କ ଆଧାର ହୋଇଥାଏ । ତେଣୁ କୌଣସି ଶିଶୁ ଯେପରି ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ପ୍ରାରମ୍ଭିକ ବର୍ଷଗୁଡିକରେ ପଛରେ ନରହିଯାଏ ସେ ଦିଗରେ ପ୍ରୟାସ କରୁଛନ୍ତି କଲ୍ୟାଣୀ ପ୍ରିୟଦର୍ଶିନୀ । ସେ ଓଡିଶାର ରତ୍ନ ପ୍ରଭା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ୧୨ ବର୍ଷ ହେବ ଶିକ୍ଷକ ଭାବେ କାର୍ଯ୍ୟରତ ରହିଛନ୍ତି । ପ୍ରିୟଦର୍ଶିନୀଙ୍କ ଅନୁଯାୟୀ, ନିପୁଣ ଓଡିଶା ତାଲିମ ତାଙ୍କର ଶିକ୍ଷାଦାନ ସାମଗ୍ରୀକୁ ବ୍ୟବହାର କରିବାର ଶୈଳୀକୁ ମୌଳିକ ଭାବେ ପରିବର୍ତ୍ତନ କରିଛି । ପ୍ରିୟଦର୍ଶିନୀ ପାରମ୍ପରିକ ଘୋଷିବା ଶିକ୍ଷା ପଦ୍ଧତିଠାରୁ ଦୂରେଇ ଯାଇ ୧ମ ରୁ ୩ୟ ପର୍ଯ୍ୟନ୍ତ ଶ୍ରେଣୀଗୃହରେ ଏକାଧିକ ଆଧୁନିକ ଶିକ୍ଷା ପଦ୍ଧତିକୁ କାର୍ଯ୍ୟକାରୀ କରିଛନ୍ତି । ତାଙ୍କର ନୂତନ ପଦ୍ଧତି ଦୈନନ୍ଦିନ ଶିକ୍ଷାଦାନରେ ଖେଳ, ସଙ୍ଗୀତ ଓ ଦୃଶ୍ୟାତ୍ମକ ସହାୟକଗୁଡିକୁ ଅନ୍ତର୍ଭୁକ୍ତ କରିଛନ୍ତି ।




ସ୍ମୃତିରେ ...
ଗାନ୍ଧୀ ମଣିଷ
ଦୋଳଗୋବିନ୍ଦ
ସପ୍ତମ ଶ୍ରାଦ୍ଧବାର୍ଷିକୀ
ତା: ୧୬.୦୯.୨୦୨୫ (ମଙ୍ଗଳବାର)
କାର୍ଯ୍ୟକ୍ରମ
ବୃକ୍ଷ ପୂଜା, ସ୍ମୃତିବନ, ପାଦୁପଦା, ପୂର୍ବାହ୍ନ- ୮.୩୦ଘଟିକା
ଶାନ୍ତିଯଜ୍ଞ, ବ୍ରହ୍ମାନନ୍ଦ ଭବନ ପୂର୍ବାହ୍ନ- ୧୧.୦୦ଘଟିକା
ଶ୍ରୀମଦ ବାବା ବଳିଆଙ୍କ ନୂଆଗଡ, ତେଲେଙ୍ଗାପେଣ୍ଠ ଆଶ୍ରମ
ବ୍ରହ୍ମଚାରୀଙ୍କୁ ପ୍ରସାଦ ବଣ୍ଟନ ପୂର୍ବାହ୍ନ- ୧୧.୩୦ ଘଟିକା
ଆପଣଙ୍କୁ ସ୍ମରଣ କରି କୃତଜ୍ଞତା ଜଣାଉଛୁ ।
ଅମ୍ବିକା, ପୁଷ୍ପରାଜ, ପୁଷ୍ପାଞ୍ଜଳି, ପୃଥ୍ୱୀରାଜ
ସ୍ନିଗ୍ଧା, ପ୍ରଜ୍ଞରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହୈମବତୀ
ଅରିନ୍ଦମ, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି
ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟ ପକ୍ଷରୁ
ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଡଃ ବୁଦ୍ଧ ଦେବ ମିଶ୍ର

## ସୁପ୍ରିମକୋର୍ଟଙ୍କ ଚେତାବନୀ

# ଏସ୍ଆଇଆର ବ୍ୟବସ୍ଥାରେ ତ୍ରୁଟି ରହିଲେ ରଦ୍ଦ ହେବ

ନୂଆଦିଲ୍ଲୀ: ବିଧାନସଭା ନିର୍ବାଚନ ପୂର୍ବରୁ ବିହାରରେ ଚାଲିଥିବା ଭୋଟର ତାଲିକା ସଂଶୋଧନ ବା ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) ପ୍ରସଙ୍ଗରେ ବଡ଼ ଚେତାବନୀ ଦେଇଛନ୍ତି ସର୍ବୋଚ୍ଚ ଅଦାଲତ । ଭାରତୀୟ ନିର୍ବାଚନ କମିଶନ ବିହାରରେ ଏସ୍ଆଇଆର ପାଇଁ ଆପଣାଇଥିବା ଶୈଳୀ ବା ବ୍ୟବସ୍ଥାରେ ଯଦି କୌଣସି ତ୍ରୁଟି ଜଣାପଡ଼ିବ, ତା'ହେଲେ ଏହାକୁ ସଂପୂର୍ଣ୍ଣ ଭାବେ ରଦ୍ଦ କରି ଦିଆଯିବ ।

ବିହାର ଏସ୍ଆଇଆରକୁ ବିରୋଧ କରି ହୋଇଥିବା ଆବେଦନର ଶୁଣାଣି ଜଷ୍ଟିସ ସୂର୍ଯ୍ୟ କାନ୍ତ ଓ ଜଷ୍ଟିସ ଜୟମଲ୍ୟ ବାଗଚୀଙ୍କ ଖଣ୍ଡପୀଠ କରୁଛନ୍ତି । ଶୁଣାଣି ବେଳେ ରଦ୍ଦର ଚେତାବନୀ ଦେଇଥିଲେ ହେଁ ଖଣ୍ଡପୀଠ ମାନିଛନ୍ତି ଯେ ଭାରତୀୟ ନିର୍ବାଚନ କମିଶନ ଗୋଟିଏ ସାମ୍ବିଧାନିକ ସଂସ୍ଥା ହୋଇଥିବାରୁ ଏସ୍ଆଇଆର ବେଳେ ଆଇନର ପାଳନ କରିଥିବେ ।ଯଦି ନିର୍ବାଚନ କମିଶନ କୌଣସି ବେଆଇନ କାର୍ଯ୍ୟଶୈଳୀ ଆପଣାଇଥିବେ ତା'ହେଲେ ଏସ୍ଆରଆର ପରେ ପ୍ରସ୍ତୁତ ଭୋଟର ତାଲିକାକୁ ସଂପୂର୍ଣ୍ଣ ଭାବେ ରଦ୍ଦ କରି ଦିଆଯିବ ବୋଲି ଖଣ୍ଡପୀଠ ମତ ରଖିଛନ୍ତି ।

ବିହାର ଏସ୍ଆଇଆର ବୈଧତା ସମ୍ପର୍କରେ ଚୂଡ଼ାନ୍ତ ଯୁକ୍ତି ପାଇଁ ଅକ୍ଟୋବର ୭କୁ ଧାର୍ଯ୍ୟ କରିଛନ୍ତି ଖଣ୍ଡପୀଠ । ଏଥିସହ ଏବେ ଏହା ଉପରେ କୌଣସି ନିର୍ଦ୍ଦିଷ୍ଟ ଟିପ୍ପଣୀ କରିବାକୁ ମନା କରି ଦେଇଛନ୍ତି । ଏସ୍ଆଇଆରରେ ପ୍ରକ୍ରିୟାଗତ ତ୍ରୁଟି ଓ ପ୍ରାଧିକୃତ ବିସଙ୍ଗତି ଅଭିଯୋଗକୁ କୋର୍ଟ ବିଚାରକୁ ନେଇଥିଲେ । କିନ୍ତୁ ଏସ୍ଆଇଆର ପାଇଁ ନିର୍ବାଚନ କମିଶନ ନେଇଥିବା ପଦକ୍ଷେପରେ କୌଣସି ପ୍ରକାରର ପରିବର୍ତ୍ତନ କରି ନାହାନ୍ତି । ଶୁଣାଣି ବେଳେ ଆଇନଜୀବୀ ଅଶ୍ୱିନୀ କୁମାର ଉପାଧ୍ୟାୟ ପୂରା ଦେଶରେ ଏସଆଇଆର ପାଇଁ ଓକିଲାତି କରିଥିଲେ । ଏଥିସହ ଆଧାରକୁ ଜଣଙ୍କର ବୟସଗତ ଓ ଆବାସିକ ପ୍ରମାଣପତ୍ର ଭାବେ ବିବେଚନା କରାଯାଇ ପାରିବ ନାହିଁ ବୋଲି କହିଥିଲେ । ଏହା ଶୁଣି ଜଷ୍ଟିସ




ବାଗଚି ପ୍ରଶ୍ନ କରିଥିଲେ ଯେ ନିର୍ବାଚନ ଆଇନରେ ଆଧାରକୁ ସ୍ୱୀକୃତି ମିଳିଛି କି ନାହିଁ? ଏହି ସମୟରେ ଉପାଧ୍ୟାୟ ସୁପ୍ରିମକୋର୍ଟ ଆଧାର ସମ୍ପର୍କରେ ପୂର୍ବରୁ ଦେଇଥିବା ନିର୍ଦ୍ଦେଶରେ ସଂଶୋଧନ ଦାବି କରିଥିଲେ ।ଅନ୍ୟତମ ବରିଷ୍ଠ ଆଇନଜୀବୀ ଗୋପାଲ ଶଙ୍କରନାରାୟଣ ବେଶ ଦୃଢ଼ ଭାବେ ଉପାଧ୍ୟାୟଙ୍କୁ କାଉଣ୍ଟର କରି ଜନପ୍ରତିନିଧି ଆଇନର ଧାରା ୨୩(୪)ରେ ଆଧାରକୁ ମତଦାତା ସୂଚୀରେ ବ୍ୟବହାର କରାଯିବାର ପ୍ରାବଧାନ ରହିଛି ବୋଲି କହିଛନ୍ତି ।ଜଷ୍ଟିସ କାନ୍ତ କହିଛନ୍ତି ଯେ ଭାରତୀୟ ନାଗରିକ ଓ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ପାଇଁ ନିର୍ବାଚନ କମିଶନ ବେଶ ସକ୍ଷମ । ନିର୍ବାଚନ କମିଶନ ସବୁ ପ୍ରକାରର ଆଇନ ଜାଣିଛନ୍ତି । ଆଇନଜୀବୀ ଶଙ୍କରନାରାୟଣ ଓ ପ୍ରଶାନ୍ତ ଭୂଷଣ ସ୍ୱଚ୍ଛତା, ଆପତ୍ତି ସଂକ୍ରାନ୍ତ ତଥ୍ୟ ସାର୍ବଜନୀନ କରାଯିବା ପ୍ରକ୍ରିୟା ଉପରେ ଆଂଶିକ ରୋକ ଓ ସମ୍ଭାବ୍ୟ ଯୋଗ୍ୟ ଭୋଟରଙ୍କ ନାଁକୁ ବାଦ ଦିଆଯିବା ଘଟଣାକୁ ନେଇ ଶୁଣାଣି ବେଳେ ଚିନ୍ତା ପ୍ରକଟ କରିଥିଲେ ।ଏହା ଶୁଣିବା ପରେ ସମସ୍ତ ତଥ୍ୟ ଓ ଆପତ୍ତି ସଂକ୍ରାନ୍ତ ତଥ୍ୟକୁ ନିୟମିତ ସାର୍ବଜନୀନ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତ । ସେପେଟମ୍ବର ୧ରୁ ଆଉ ତଥ୍ୟ ସାର୍ବଜନୀନ ହେଉ ନଥିବା ଜଣାପଡ଼ିବା ପରେ ସୁପ୍ରିମକୋର୍ଟ ଏପରି କହିଛନ୍ତି । ଆସନ୍ତା ୭ ଓ ୮ ତାରିଖରେ ବିହାର ଏସଆଇଆରର ଚୂଡ଼ାନ୍ତ ଶୁଣାଣି ହେବାକୁ ଥିବାରୁ ସବୁ ପକ୍ଷଙ୍କୁ ପ୍ରସ୍ତୁତ ହୋଇ ଆସିବାକୁ ଖଣ୍ଡପୀଠ କହିଛନ୍ତି । ସେପେଟମ୍ବର ୮ ଶୁଣାଣି ବେଳେ ବିହାର ଏସ୍ଆଇଆରରେ ଆଧାରକୁ ୧୨ତମ ଦସ୍ତାବିଜ ଭାବେ ଗ୍ରହଣ କରିବାକୁ ସୁପ୍ରିମକୋର୍ଟ କହିଥିଲେ ।

## ଟଳିଲେ ୩ କୁଖ୍ୟାତ ମାଓବାଦୀ



ହଜାରିବାଗ: ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିଛନ୍ତି ୩ ଜଣ କୁଖ୍ୟାତ ମାଓବାଦୀ । ଗୁଇନ୍ଦା ବିଭାଗ ସୂଚନା ଆଧାରରେ ଝାଡଖଣ୍ଡର ହଜାରିବାଗ ଅନ୍ତର୍ଗତ କାରାଣ୍ଡି ଗାଁରେ ହୋଇଥିବା ସର୍ଚ୍ଚ ଅପରେସନ ଓ ପରେ ହୋଇଥିବା ଗୁଳି ବିନିମୟ ପରେ ଏପରି ସଫଳତା ମିଳିଛି । ନିହତ ମାଓବାଦୀଙ୍କ ମଧ୍ୟରେ ରହିଛି ସିପିଆଇ(ମାଓବାଦୀ)ର କେନ୍ଦ୍ରୀୟ କମିଟି ସଦସ୍ୟ ସହଦେବ ସୋରେନ ଓରଫ ପରବେଶ । ଏକାଧିକ ହିଂସକାଣ୍ଡ ଓ ହମଲାରେ ସାମିଲ ଥିବା ସହଦେବଙ୍କୁ ଧରିବା ପାଇଁ ପୁଲିସ୍ ପକ୍ଷରୁ ଦୀର୍ଘ ଦିନ ହେଲା ପ୍ରୟାସ ଚାଲିଥିଲା । ତା' ମୁଣ୍ଡ ଉପରେ ମଧ୍ୟ ୧ କୋଟିର ପୁରସ୍କାର ରାଶି ରହିଥିଲା । ଏବେ ସେ ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିଛି ।

ବିହାର-ଝାରଖଣ୍ଡ ସ୍ପେଶାଲ ଏରିଆ କମିଟି ସଦସ୍ୟ ରଘୁନାଥ ହେମ୍ବ୍ରମ ଓରଫ ଚଞ୍ଚଲର ଖେଳ ମଧ୍ୟ ଖତମ କରିଛନ୍ତି ସୁରକ୍ଷାକର୍ମୀ । ତା' ମୁଣ୍ଡ ଉପରେ ୨୫ ଲକ୍ଷର ପୁରସ୍କାର ରହିଥିଲା । ନିହତ ତୃତୀୟ ମାଓବାଦୀ ଜଣକ ହେଲେ ବୀରସେନ ଗାନଝୁ ଓରଫ ରାମଖେଲାଓ୍ୱନ । ସେ ଜୋନାଲ କମିଟି ସଦସ୍ୟ ଭାବେ କାମ କରୁଥିଲା ଓ ତା'କୁ ଧରିବା ପାଇଁ ପୁଲିସ୍ ପକ୍ଷରୁ ୧୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା ।

ସୁରକ୍ଷାକର୍ମୀ ଏହି ୩ କୁଖ୍ୟାତ ମାଓବାଦୀଙ୍କ ମୃତଦେହକୁ ଜବତ କରିଛି । ଘଟଣା ସ୍ଥଳରୁ ଏକେ-୪୭ ରାଇଫଲ ସହ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି । ହଜାରିବାଗ ପୁଲିସ୍ ଓ ସିଆରପିଏଫ ୨୦୯ କୋବ୍ରା ବାଟାଲିୟନ ପକ୍ଷରୁ ଆରମ୍ଭ ହୋଇଥିବା ଏହି ସର୍ଚ୍ଚ ଅପରେସନ ଏବେ ବି ଜାରି ରହିଥିବା ବରିଷ୍ଠ ଅଧିକାରୀର ସୂଚନା ଦେଇଛନ୍ତି ।ଏହାପୂର୍ବରୁ ଗତକାଲି ମାନାଟୁ ଜଙ୍ଗଲରେ ହୋଇଥିବା ଏନକାଉଣ୍ଟରରେ ମୁକେଶ ଯାଦବ ନାମକ ଜଣେ ମାଓବାଦୀର ମୁଣ୍ଡ ଗଡ଼ିଥିଲା । ତା'କୁ ଧରିବା ପାଇଁ ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା ।

## ଅନୁପ୍ରବେଶକାରୀ ବିଦା ହେବେ: ମୋଦୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ବିହାର ଗସ୍ତ ସମୟରେ ଆରଜେଡି ଏବଂ କଂଗ୍ରେସ ଉପରେ କଡା ଆକ୍ରମଣ କରିଥିଲେ । ପୂର୍ଣ୍ଣିଆରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦୀ ଚେତାବନୀ ଦେଇ କହିଥିଲେ, ଆରଜେଡି-କଂଗ୍ରେସ ଲୋକମାନେ, ମୋ କଥା କାନ ଦେଇ ଶୁଣ, ଯିଏ ଅନୁପ୍ରବେଶକାରୀ ତାକୁ ବାହାରକୁ ଯିବାକୁ ପଡିବ ।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଅନୁପ୍ରବେଶକୁ ରୋକିବା ଏନଡିଏର ଦୃଢ଼ ଦାୟିତ୍ୱ । ଅନୁପ୍ରବେଶକାରୀଙ୍କୁ ରକ୍ଷା କରୁଥିବା ନେତାମାନଙ୍କୁ ମୁଁ ଚ୍ୟାଲେଞ୍ଜ କରୁଛି, ଯେଉଁମାନେ ଅନୁପ୍ରବେଶକାରୀଙ୍କୁ ରକ୍ଷା କରିବାକୁ ଆଗକୁ ଆସିଛନ୍ତି, ଯେ ଆପଣ (ବିରୋଧୀ) ଅନୁପ୍ରବେଶକାରୀଙ୍କୁ ରକ୍ଷା କରିବା ପାଇଁ ଯେତେ ପ୍ରୟାସ କଲେ ମଧ୍ୟ, ଆମେ ସେମାନଙ୍କୁ ହଟାଇବା ପାଇଁ କାମ କରିବୁ । ଯେଉଁମାନେ ଅନୁପ୍ରବେଶକାରୀଙ୍କ ଢାଲ ହୁଅନ୍ତି ସେମାନେ ଶୁଣିବା ଉଚିତ ଯେ ଭାରତରେ ଭାରତୀୟ ଆଇନ ପ୍ରଚଳିତ ହେବ । ଅନୁପ୍ରବେଶକାରୀମାନେ ଯେପରି ଇଚ୍ଛା ତାହା କରିପାରିବେ ନାହିଁ । ଏହା ମୋଦୀଙ୍କ ଗ୍ୟାରେଣ୍ଟି । ଅନୁପ୍ରବେଶକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ଏବଂ ଦେଶ ମଧ୍ୟ ଏହାର ଭଲ ଫଳାଫଳ ଦେଖିବ ।

ମୋଦୀ କହିଛନ୍ତି ବିହାର ଏବଂ ଦେଶର ଲୋକମାନେ ଅନୁପ୍ରବେଶକାରୀଙ୍କ ସମର୍ଥନରେ ଆରଜେଡି ଏବଂ କଂଗ୍ରେସ ଦ୍ୱାରା ଉଠାଯାଉଥିବା ପ୍ରସଙ୍ଗର ଉପଯୁକ୍ତ ଜବାବ ଦେବାକୁ ଯାଉଛନ୍ତି । ସେ କହିଛନ୍ତି, ବିଗତ ଦୁଇ ଦଶନ୍ଧି ଧରି ବିହାରରେ କଂଗ୍ରେସ ଏବଂ ଆରଜେଡି କ୍ଷମତା ବାହାରେ ଅଛନ୍ତି । ଏଥିରେ ସବୁଠାରୁ ବଡ଼ ଭୂମିକା ହେଉଛି ମୋର ବିହାରର ମା' ଏବଂ ଭଉଣୀମାନଙ୍କର । ମୁଁ ବିହାରର ମା' ଏବଂ ଭଉଣୀମାନଙ୍କୁ ବିଶେଷ ସମ୍ମାନ ଜଣାଉଛି ।ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, କଂଗ୍ରେସ ଏବଂ ଆରଜେଡି କେବଳ ବିହାରର ସମ୍ମାନ ପାଇଁ ନୁହେଁ, ବରଂ ବିହାରର ପରିଚୟ ପାଇଁ ମଧ୍ୟ ବିପଦ ସୃଷ୍ଟି କରୁଛନ୍ତି । ଆଜି ସୀମାଞ୍ଚଳ ଏବଂ ପୂର୍ବ ଭାରତରେ ଅନୁପ୍ରବେଶକାରୀଙ୍କ ଯୋଗୁଁ ଏକ ବିରାଟ ଜନସଂଖ୍ୟାଗତ ସଙ୍କଟ ସୃଷ୍ଟି ହୋଇଛି । ବିହାର, ପଶ୍ଚିମବଙ୍ଗ, ଆସାମ ଭଳି ଅନେକ ରାଜ୍ୟର ଲୋକମାନେ ସେମାନଙ୍କର ଭଉଣୀ ଏବଂ ଝିଅଙ୍କ ସୁରକ୍ଷା ପାଇଁ ଚିନ୍ତିତ ଭୋଟ ବ୍ୟାଙ୍କର ସ୍ୱାର୍ଥ ଦେଖନ୍ତୁ, କଂଗ୍ରେସ-ଆରଜେଡି ଏବଂ ସେମାନଙ୍କ ଲୋକମାନେ ଅନୁପ୍ରବେଶକାରୀଙ୍କ ପାଇଁ ଓକିଲାତି କରିବାରେ, ସେମାନଙ୍କୁ ବଞ୍ଚାଇବାରେ ବ୍ୟସ୍ତ ଏବଂ ନିର୍ଲଜ୍ଜ ଭାବରେ ଏହି ଲୋକମାନେ ବିଦେଶରୁ ଆସୁଥିବା ଅନୁପ୍ରବେଶକାରୀଙ୍କ ପାଇଁ ସ୍ଲୋଗାନ ଦେଉଛନ୍ତି, ପଦଯାତ୍ରା କରୁଛନ୍ତି ।

# 'ବିକଶିତ ଭାରତ ପାଇଁ ଏଆଇ ରୋଡମ୍ୟାପ୍'

## 'ଫ୍ରଣ୍ଟିୟର ଟେକ୍ ରିପୋଜିଟୋରୀ' ଲଞ୍ଚ କଲେ ନିର୍ମଳା ସୀତାରମଣ ଏବଂ ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀ : ନୀତି ଆୟୋଗ ସୋମବାର ଏହାର ଫ୍ରଣ୍ଟିୟର୍ ଟେକ୍ ହବ୍ ଅଧୀନରେ ଦୁଇଟି ପରିବର୍ତ୍ତନକାରୀ ପଦକ୍ଷେପ, 'ବିକଶିତ ଭାରତ ପାଇଁ ଏଆଇ ରୋଡମ୍ୟାପ୍: ତ୍ୱରିତ ଆର୍ଥିକ ଅଭିବୃଦ୍ଧି ପାଇଁ ସୁଯୋଗ ଏବଂ ନୀତି ଫ୍ରଣ୍ଟିୟର୍ ଟେକ୍ ରିପୋଜିଟୋରୀ ଆରମ୍ଭ କରିଛନ୍ତି। ଏହି ରୋଡମ୍ୟାପ୍ ଅର୍ଥ ଏବଂ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ, କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ, ନୀତି ଆୟୋଗର ଉପାଧ୍ୟକ୍ଷ ଶ୍ରୀ ସୁମନ ବେରୀ, ନୀତି ଆୟୋଗର ସିଇଓ ଶ୍ରୀ ବି.ଭି.ଆର. ସୁବ୍ରମଣ୍ୟମ୍ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ସଚିବ ଶ୍ରୀ ଏସ. କ୍ରିଷ୍ଣନଙ୍କ ଦ୍ୱାରା ଆରମ୍ଭ କରାଯାଇଛି।

ଶୁଭାରମ୍ଭ ସମୟରେ, ଅର୍ଥମନ୍ତ୍ରୀ ଶ୍ରୀମତୀ... ନିର୍ମଳା ସୀତାରମଣ କହିଥିଲେ ଯେ ବିକାଶ ଆଣିବା ପାଇଁ ଭାରତର ସମସ୍ତ ଜିଲ୍ଲାରେ ଏଆଇ-ଚାଳିତ ପ୍ରଯୁକ୍ତିବିଦ୍ୟା ଲାଗୁ କରାଯିବା ଉଚିତ ଏବଂ ସେ ଟେକ୍ନୋଲୋଜି ନବସୃଜନରେ ଏକ ସହଯୋଗୀ ଇକୋସିଷ୍ଟମର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ନୀତି ଆୟୋଗର ଫ୍ରଣ୍ଟିୟର୍ ଟେକ୍ ହବ୍ ଏକ ମହୁଫେଣା ପରି, ଯାହା ଏକ ଇକୋସିଷ୍ଟମରେ ସରକାର, ଶିଳ୍ପ ଏବଂ ନବସୃଜନକୁ ଏକତ୍ରିତ କରିଥାଏ, ଚିନ୍ତାଧାରାକୁ ପ୍ରଭାବରେ ପରିଣତ କରିଥାଏ। ଭାରତ ଫ୍ରଣ୍ଟିୟର୍ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ପଛରେ ରହିପାରିବ ନାହିଁ; ଭାରତକୁ ଏଥିରେ ନେତୃତ୍ୱ ପାଇଁ ଲକ୍ଷ୍ୟ ରଖିବାକୁ ପଡିବ।




କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ଏଆଇ ଆମ କାମ କରିବା ଏବଂ ବଞ୍ଚିବାର ଶୈଳୀକୁ ମୌଳିକ ଭାବରେ ପରିବର୍ତ୍ତନ କରିବ। ସେ ଲକ୍ଷ୍ୟ କରିଛନ୍ତି ଯେ ଆଜି ସବୁଠାରୁ ବଡ଼ ପରିବର୍ତ୍ତନ ହେଉଛି ଆମ ଯୁବପିଢ଼ିଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ଯେ ଆମେ ଏକ ବିକଶିତ ଭାରତର ସ୍ୱପ୍ନ ଦେଖିପାରିବା। ଆଜିର ଅଭିବୃଦ୍ଧି ହେଉଛି ଦୃଢ଼, ଅନ୍ତର୍ଭୁକ୍ତ ଏବଂ ପ୍ରଯୁକ୍ତିବିଦ୍ୟା-ଚାଳିତ।

ଏହି ରୋଡମ୍ୟାପ୍ ଦୁଇଟି ପ୍ରମୁଖ କାରକକୁ ଉଜାଗର କରି ଏଆଇର ପ୍ରତିଶ୍ରୁତିକୁ ଫଳାଫଳରେ ପରିଣତ କରିବା ପାଇଁ ଏକ ବ୍ୟବହାରିକ କାର୍ଯ୍ୟ ଯୋଜନା ଉପସ୍ଥାପନ କରେ: (କ) ଉତ୍ପାଦକତା ଏବଂ ଦକ୍ଷତା ବୃଦ୍ଧି ପାଇଁ ସମସ୍ତ ଶିଳ୍ପରେ ଏଆଇ ଗ୍ରହଣକୁ ତ୍ୱରାନ୍ୱିତ କରିବା; (ଖ) ଭାରତକୁ ନବସୃଜନ-ଚାଳିତ ସୁଯୋଗକୁ ଡେଇଁବାରେ ସାହାଯ୍ୟ କରିବା ପାଇଁ ଜେନେରେଟିଭ୍ ଏଆଇ ସହିତ ଆରଏଣ୍ଡଡିକୁ ପରିବର୍ତ୍ତନ କରିବା। ରୋଡମ୍ୟାପ୍ ପୂରଣ କରି, ଫ୍ରଣ୍ଟିୟର୍ ଟେକ୍ ରିପୋଜିଟୋରୀ ସାରା ଭାରତରୁ ଚାରୋଟି କ୍ଷେତ୍ର - କୃଷି, ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଜାତୀୟ ସୁରକ୍ଷା କ୍ଷେତ୍ରରେ ୨୦୦ରୁ ଅଧିକ ପ୍ରଭାବ କାହାଣୀ ପ୍ରଦର୍ଶନ କରିଥିଲା। ଏହା ରାଜ୍ୟ ଏବଂ ଷ୍ଟାର୍ଟଅପ୍ କିପରି ଜୀବିକା ପରିବର୍ତ୍ତନ ପାଇଁ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରୁଛନ୍ତି ତାହା ପ୍ରଦର୍ଶନ କରିଥିଲା। ନୀତି ଆୟୋଗର ସିଇଓ ଶ୍ରୀ ବି.ଭି.ଆର. ସୁବ୍ରମଣ୍ୟମ୍ କହିଛନ୍ତି ଯେ ଭାରତର ୮% ଅଭିବୃଦ୍ଧି ମହତ୍ତ୍ୱାକାଂକ୍ଷା ଉତ୍ପାଦକତା ଏବଂ ନବସୃଜନରେ ଏକ ମୌଳିକ ପରିବର୍ତ୍ତନ ଦାବି କରେ। ଏହି ସମ୍ଭାବନାକୁ ଉନ୍ମୁକ୍ତ କରିବାର ଚାବିକାଠି ହେଉଛି ଏଆଇ। ଏକ ବିକଶିତ ଭାରତ ପାଇଁ ଏଆଇ ରୋଡମ୍ୟାପ୍ ଏକ ସ୍ପଷ୍ଟ, କ୍ଷେତ୍ର-ନିର୍ଦ୍ଦିଷ୍ଟ କାର୍ଯ୍ୟ ଯୋଜନା ପ୍ରଦାନ କରେ, ଯେତେବେଳେକି ଫ୍ରଣ୍ଟିୟର୍ ଟେକ୍ ରିପୋଜିଟୋରୀ ରାଜ୍ୟ ଏବଂ ଜିଲ୍ଲାଗୁଡ଼ିକୁ ବାସ୍ତବ-ବିଶ୍ୱ ପ୍ରଭାବ ପାଇଁ ପ୍ରଯୁକ୍ତିବିଦ୍ୟାକୁ ମାପିବା ପାଇଁ ପ୍ରେରଣା ଦିଏ। ସେ ତୃଣମୂଳ ସ୍ତରରେ ପ୍ରଯୁକ୍ତିବିଦ୍ୟା ଗ୍ରହଣ ଏବଂ ପ୍ରଭାବ ନିର୍ମାଣ ପାଇଁ ଦୁଇଟି ପଦକ୍ଷେପ ଘୋଷଣା କରିଛନ୍ତି।

## ବ୍ରିଟେନକୁ ଏଲନ ମସ୍କଙ୍କ ଚେତାବନୀ: ହିଂସା ଆସୁଛି

ଲଣ୍ଡନ: ଗତକାଲି ଲଣ୍ଡନରେ ଅନୁଷ୍ଠିତ "ୟୁଟାଇଟ୍ ଦ କିଙ୍ଗଡମ୍' ନାମକ ଏକ ବିଶାଳ ପ୍ରବାସ ନୀତି ବିରୋଧୀ ରାଲି ବ୍ରିଟେନରେ ଝଡ଼ ସୃଷ୍ଟି କରିଛି । ଏହି ରାଲିରେ ଟେସ୍ଲା ଓ ସ୍ପେସ୍ଏକ୍ସ ସିଇଓ ଏଲନ ମସ୍କ ଭିଡିଓ ଲିଙ୍କ ଜରିଆରେ ଭାଷଣ ଦେଇଥିଲେ । ସେ ବ୍ରିଟେନର ପ୍ରବାସ ନୀତି ଯୋଗୁଁ ବ୍ରିଟିଶ ସମାଜର ବିନାଶ ହେଉଛି ବୋଲି ଦାବି କରି କହିଥିଲେ, "ଆଗକୁ ବ୍ରିଟେନରେ ହିଂସା ଆସୁଛି, ଏହା ବିରୋଧରେ ଲଢିବାକୁ ପଡ଼ିବ ନଚେତ ମରିବ । ସରକାର ପରିବର୍ତ୍ତନ ଓ ନୂଆ ନିର୍ବାଚନ ପାଇଁ ମଧ୍ୟ ମସ୍କ ଆହ୍ୱାନ ଦେଇଥିଲେ । ମସ୍କଙ୍କ ଏହି ବିବୃତି ଅତ୍ୟନ୍ତ ବିବାଦୀୟ ଥିବାରୁ ଅନେକ ଏହାକୁ ହିଂସାକୁ ଉସକାଇବା ଉଦ୍ୟମ ବୋଲି କହିଛନ୍ତି । ଗତକାଲି ରାଲି ଶେଷରେ ହିଂସା ଆରମ୍ଭ ହୋଇଥିଲାଛ ବିକ୍ଷୋଭକାରୀମାନେ ପୁଲିସ ଉପରେ ସଂଘବଦ୍ଧ ଆକ୍ରମଣ କରିବାରୁ ୨୬ ଜଣ ପୁଲିସ ଆହତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ଚାରିଜଣ ଗୁରୁତର ଅଛନ୍ତି । ହିଂସା ମାମଲାରେ ୨୫ ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି । ମସ୍କଙ୍କ ବକ୍ତବ୍ୟକୁ ନେଇ ବ୍ରିଟିଶ ରାଜନେତା ଓ ବାମପନ୍ଥୀ ଗୋଷ୍ଠୀ ତୀବ୍ର ନିନ୍ଦା କରିଛନ୍ତି ।




## ୧୭ରୁ ଆରମ୍ଭ ହେବ ସ୍ୱଚ୍ଛତା ହିଁ ସେବା ୨୦୨୫

ନୂଆଦିଲ୍ଲୀ :ଆସନ୍ତା ୧୭ରୁ ସାରା ଦେଶରେ ସ୍ୱଚ୍ଛତା ହିଁ ସେବା ମିଶନ ଆରମ୍ଭ ହେବ। ସ୍ୱଚ୍ଛ ଭାରତ ମିଶନ ତତ୍ତ୍ୱାବଧାନରେ ଆରମ୍ଭ ହେଉଥିବା ଏହି ମିଶନ ଅକ୍ଟୋବର ୨ ଗାନ୍ଧି ଜୟନ୍ତୀରେ ଶେଷ ହେବ। ଏହି ୧୫ ଦିନିଆ ଅଭିଯାନ ଦେଶ ବ୍ୟାପି ଲକ୍ଷ୍ୟ ଲକ୍ଷ୍ୟ ଲୋକଙ୍କୁ ପ୍ରଭାବଶାଳୀ ସ୍ୱଚ୍ଛତା ଅଭିଯାନ ପାଇଁ ସାମୂହିକ ଆହ୍ୱାନରେ ସଂଗଠିତ କରିବ। କେନ୍ଦ୍ର ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲ୍ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, ଗତବର୍ଷ ୮ ଲକ୍ଷରୁ ଅଧିକ ସିଟିୟୁକୁ ରୂପାନ୍ତରିତ କରାଯାଇଥିଲା ଓ ବ୍ୟବହାର ଯୋଗ୍ୟ ସାର୍ବଜନୀନ ସ୍ଥାନ କରାଯାଇଥିଲା।

## ପଞ୍ଜାବ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲିଲେ ରାହୁଲ

ଚଣ୍ଡିଗଡ଼: ପଞ୍ଜାବ ଗସ୍ତ କରି ବନ୍ୟାଞ୍ଚଳ ବୁଲିଲେ ଲୋକସଭାର ବିରୋଧୀ ଦଳନେତା ରାହୁଲ ଗାନ୍ଧୀ । ବନ୍ୟାରେ କେତେ ପ୍ରଭାବିତ ହୋଇଛି ପଞ୍ଜାବ ? ଜଳ ପ୍ରଳୟରେ କେମିତି ଅଛନ୍ତି ପଞ୍ଜାବବାସୀ ପ୍ରଧାନମନ୍ତ୍ରୀଙ୍କ ପରେ ଏବେ ପଞ୍ଜାବ ଯାଇ ନିଜେ ବନ୍ୟାସ୍ଥିତି ଦେଖିବା ସହ କ୍ଷୟକ୍ଷତିର ଆକଳନ କରିଛନ୍ତି ରାହୁଲ ।

ତେବେ ରାହୁଲ ବନ୍ୟାଞ୍ଚଳକୁ ଟ୍ରାକ୍ଟରରେ ଯାଇଥିଲେ । ସେଠାରେ ପହଞ୍ଚି ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଚାଷ, ରାସ୍ତା ଅନ୍ୟା ପ୍ରଭାବିତ ଅଞ୍ଚଳ ବୁଲିଥିଲେ । କ୍ଷତିଗ୍ରସ୍ତ ହୋଇଥିବା ଦିନାନଗରରେ ବନ୍ୟା ପ୍ରଭାବିତଙ୍କୁ ଭେଟି ସେମାନଙ୍କ ସହ ଆଲୋଚନା କରିଥିଲେ ରାହୁଲ । ପଞ୍ଜାବର ସ୍ଥିତି ଅତି ପାଖରୁ ଦେଖିବା ପରେ ରାହୁଲ ନିଜ ସୋସିଆଲ ମିଡିଆରେ ଲେଖିଛନ୍ତି- ବନ୍ୟା ପଞ୍ଜାବରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଆଜି ମୁଁ ବନ୍ୟା ଦ୍ୱାରା ପ୍ରଭାବିତ ଲୋକଙ୍କୁ ଭେଟିଲି । ବନ୍ୟା ଘର ଭାଙ୍ଗି ଦେଲା, କ୍ଷେତ ଉଜାଡି ଦେଲା, ଜୀବନ ବି ନେଇଗଲା... ବନ୍ୟାର ପ୍ରହାର ପରେ ସେମାନଙ୍କ ଆଖିରେ ଯନ୍ତ୍ରଣା ସ୍ପଷ୍ଟ ଭାବେ ଜଳଜଳ ହୋଇ ଦିଶୁଛି ହେଲେ ସେମାନଙ୍କ ସାହସ କିନ୍ତୁ ଅଟଳ ରହିଛି ।

ରାଜ୍ୟ ଏବଂ କେନ୍ଦ୍ର ସରକାର ଉଭୟ ନିଶ୍ଚିତ କରିବା ଉଚିତ ଯେ ରିଲିଫ୍ ପ୍ୟାକେଜ୍ ଏବଂ କ୍ଷତିପୂରଣ ପୀଡିତଙ୍କ ପାଖରେ ବିଳମ୍ବ ନହୋଇ ଠିକ ସମୟରେ ପହଞ୍ଚୁ ।

## ସୁଶୀଳାଙ୍କୁ ମୋଦୀଙ୍କ ପୋଷ୍ଟ ନେଇ ଚର୍ଚ୍ଚା

ନୂଆଦିଲ୍ଲୀ: ସୁଶୀଳା କାର୍କି ନେପାଳର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହୋଇଛନ୍ତି। ନେପାଳରେ ଜେନ୍-ଜି ଆନ୍ଦୋଳନ ପରେ, ସୁଶୀଳା କାର୍କି ହେଉଛନ୍ତି ସେହି ମହିଳା ଯାହାଙ୍କୁ ଜେନ୍-ଜି ଏହି ସମୟରେ ନେତୃତ୍ୱ ନେବା ପାଇଁ ବାଛିଛନ୍ତି। ୧୨ ସେପେଟମ୍ବର ୨୦୨୫ରେ ରାଷ୍ଟ୍ରପତି ରାମଚନ୍ଦ୍ର ପେଡେଲ, ସୁଶୀଳା କାର୍କିଙ୍କୁ ଶପଥ ପାଠ କରାଇଥିଲେ। ପ୍ରଧାନମନ୍ତ୍ରୀ ହେବା ପରେ, ନେପାଳର ପୂର୍ବତନ ମୁଖ୍ୟ ବିଚାରପତି ସୁଶୀଳା କାର୍କିଙ୍କ ପାଖକୁ ସାରା ବିଶ୍ୱରୁ ଶୁଭେଚ୍ଛାର ସୁଅ ଛୁଟିଥିଲା।




ସୁଶୀଳା କାର୍କିଙ୍କୁ ଅଭିନନ୍ଦନ ଜଣାଇବା ସମୟରେ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ନାମ ଆଗରେ 'ରାଇଟ୍' ଲେଖିଥିବା ଦେଖାଯାଇଥିଲା। ସେବେଠାରୁ ପ୍ରଧାନମନ୍ତ୍ରୀଙ୍କ ଏକ୍ସ ପୋଷ୍ଟ ଚର୍ଚ୍ଚାରେ ରହିଛି। କେବଳ ପ୍ରଧାନମନ୍ତ୍ରୀ ମୋଦୀ ନୁହନ୍ତି, ବିଶ୍ୱର ଅନ୍ୟ ନେତାମାନେ ମଧ୍ୟ ଶୁଭେଚ୍ଛା ଦେବା ବେଳେ ସୁଶୀଳା କାର୍କିଙ୍କ ନାମ ପୂର୍ବରୁ 'ରାଇଟ୍' ଲେଖିଥିଲେ। ତେବେ ନେତାମାନେ 'ରାଇଟ୍' କାହିଁକି ଲେଖିଥିଲେ, ତାକୁ ନେଇ ପ୍ରଶ୍ନ କରାଯାଉଥିବା ବେଳେ ଏବେ ଏହାର ଉତ୍ତର ସାମ୍ନାକୁ ଆସିଛି।

ଏକ ଆନୁଷ୍ଠାନିକ ସମ୍ମାନଜନକ ଉପାଧି। ଏହା ବ୍ରିଟିଶ ସାମ୍ରାଜ୍ୟ ସମୟରେ ପ୍ରଚଳିତ ପରମ୍ପରାର ଏକ ଅଂଶ। ଏହି ଉପାଧି ବ୍ରିଟିଶ ସାମ୍ରାଜ୍ୟରେ ମୁଖ୍ୟତଃ ଉଚ୍ଚ ଅଧିକାରୀମାନଙ୍କୁ ସମ୍ମାନିତ କରିବା ପାଇଁ ବ୍ୟବହୃତ ହୁଏ। ଏହି ଉପାଧି ନେପାଳର ପ୍ରଧାନମନ୍ତ୍ରୀଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ ହୁଏଛ କିନ୍ତୁ ଏହା କେବଳ ନେପାଳ ପର୍ଯ୍ୟନ୍ତ ସୀମିତ ନୁହେଁ। ଅନେକ ଦେଶର ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ପାଇଁ ଏହି ଉପାଧି ମଧ୍ୟ ବ୍ୟବହୃତ ହୁଏ। କାରଣ ବ୍ରିଟିଶ ରାଜ ସମୟରେ, ନେପାଳୀ ଶାସକମାନଙ୍କୁ ସମ୍ବୋଧିତ କରିବା ପାଇଁ ବ୍ରିଟିଶ ପ୍ରୋଟୋକଲ ଗ୍ରହଣ କରାଯାଇଥିଲା।

# ବନତାରାକୁ ମିଳିଲା ଏସ୍ଆଇଟି କ୍ଲିନଚିଟ୍

ନୂଆଦିଲ୍ଲୀ : ସୁପ୍ରିମକୋର୍ଟ ଦ୍ୱାରା ନିଯୁକ୍ତ ଏସଆଇଟି ଗୁଜୁରାଟର ଜାମନଗର ସ୍ଥିତ ତଥା ରିଲାଏନ୍ସ ଫାଉଣ୍ଡେସନ ପରିଚାଳିତ ପ୍ରାଣୀ ଉଦ୍ଧାର ଏବଂ ପୁନର୍ବାସ କେନ୍ଦ୍ର ବନତାରାକୁ କ୍ଲିନ୍ ଚିଟ୍ ଦେଇଛିଛ

ସୁପ୍ରିମକୋର୍ଟର ବିଚାରପତି ପଙ୍କଜ ମିଥଲ ଏବଂ ପି.ବି. ବରାଲେଙ୍କ ଖଣ୍ଡପୀଠ ଏସଆଇଟି ରିପୋର୍ଟକୁ ରେକର୍ଡରେ ନେଇଛନ୍ତି ଏବଂ କହିଛନ୍ତି ଯେ ଏସଆଇଟି ବନତାରାରେ ଆଇନ ଓ ନିୟମଗୁଡିକର ଅନୁପାଳନ ପ୍ରସଙ୍ଗରେ ସନ୍ତୁଷ୍ଟ ରହିଛିଛ ଶୁକ୍ରବାର ସୁପ୍ରିମକୋର୍ଟରେ ରିପୋର୍ଟ ଦାଖଲ କରାଯାଇଥିଲା ଏବଂ ସୋମବାର ସୁପ୍ରିମକୋର୍ଟ ଏହାକୁ ଅନୁଧାନ କରିଥିଲେଛ କୋର୍ଟ କହିଛନ୍ତି ଯେ ରିପୋର୍ଟ ଅଧ୍ୟୟନ କରିବା ପରେ ହିଁ ଏହା ଏକ ବିସ୍ତୃତ ଆଦେଶ ଜାରି କରିବଛ




ସୁପ୍ରିମକୋର୍ଟରେ ବନତାରା ବିରୁଦ୍ଧରେ ଆଇନ ପାଳନ ନକରିବା ଏବଂ ଭାରତ ତଥା ବିଦେଶରୁ ପଶୁ, ବିଶେଷକରି ହାତୀ, ଅଧିଗ୍ରହଣ ନେଇ ଅଭିଯୋଗକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ଅଗଷ୍ଟ ୨୫ ତାରିଖରେ ସ୍ୱତନ୍ତ୍ର ତଦନ୍ତ ଦଳ (ଏସଆଇଟି) ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେଛ

ବନତାରା ବିରୁଦ୍ଧରେ ଆଇନ ପାଳନ ନକରିବା ଏବଂ ଭାରତ ତଥା ବିଦେଶରୁ ପଶୁ, ବିଶେଷକରି ହାତୀ, ଅଧିଗ୍ରହଣ ନେଇ ଅଭିଯୋଗ ଆସିବା ପରେ ସୁପ୍ରିମକୋର୍ଟ ଅଗଷ୍ଟ ୨୫ ତାରିଖରେ ସ୍ୱତନ୍ତ୍ର ତଦନ୍ତ ଦଳ (ଏସଆଇଟି) ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେଛ

ଗଣମାଧ୍ୟମ ଏବଂ ସୋସିଆଲ ମିଡିଆରେ ପ୍ରକାଶିତ ରିପୋର୍ଟ ଏବଂ ଏନଜିଓ ଓ ବନ୍ୟପ୍ରାଣୀ ସଂଗଠନଗୁଡ଼ିକର ବିଭିନ୍ନ ଅଭିଯୋଗ ଉପରେ ଆଧାର କରି ବନତାରା ବିରୁଦ୍ଧରେ ଅନିୟମିତତା ଅଭିଯୋଗ ଆଣିଥିବା ଦୁଇଟି ଜନସ୍ୱାର୍ଥ ମାମଲାର (ପିଆଇଏଲ) ଶୁଣାଣି କରିବା ସମୟରେ ସୁପ୍ରିମକୋର୍ଟ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଜେ. ଚେଲାମେଶ୍ୱରଙ୍କ ନେତୃତ୍ୱରେ ଏକ ଚାରି ସଦସ୍ୟ ବିଶିଷ୍ଟ ସ୍ୱତନ୍ତ୍ର ତଦନ୍ତ ଦଳ (ଏସଆଇଟି) ଗଠନ କରିଥିଲେଛ ଅଗଷ୍ଟ ୧୪ ତାରିଖରେ, ସର୍ବୋଚ୍ଚ ଅଦାଲତ ଆବେଦନକାରୀ ସି.ଆର. ଜୟା ସୁକିନଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନକୁ ସମ୍ପୂର୍ଣ୍ଣ ରୂପରେ ଅସ୍ପଷ୍ଟ ବୋଲି କହିଥିଲେ ଯେଉଁଥିରେ ବନତାରାରେ ରହିଥିବା ହାତୀମାନଙ୍କୁ ସେମାନଙ୍କ ମାଲିକଙ୍କ ନିକଟକୁ ଫେରାଇବା ସୁନିଶ୍ଚିତ କରିବା ପାଇଁ ଏକ ନିରୀକ୍ଷଣ (ମନିଟରିଂ) କମିଟି ଗଠନ କରିବାକୁ ଦାବି କରାଯାଇଥିଲାଛ

# ହ୍ୟାଣ୍ଡସେକ୍ ବିବାଦ : ଆଇସିସିରେ ଅଭିଯୋଗ କଲା ପାକିସ୍ତାନ




ଦୁବାଇ : ଏସିଆ କପରେ ରବିବାର ଖେଳାଯାଇଥିବା ମ୍ୟାଚରେ ଟିମ୍ ଇଣ୍ଡିଆ ଖେଳାଳିମାନେ ହାତ ନ ମିଳାଇବା ଘଟଣା ପରେ, ପାକିସ୍ତାନ ଅପମାନିତ ମନେ କରୁଛି । କିନ୍ତୁ ଏଥିପାଇଁ ଭାରତ ବଦଳରେ ମ୍ୟାଚ ରେଫରିଙ୍କୁ ଦାୟୀ କରିଛି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) । ଏ ନେଇ ପିସିବି ପକ୍ଷରୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ରେ ଅଭିଯୋଗ କରି ମ୍ୟାଚ ରେଫରିଙ୍କୁ ହଟାଇବାକୁ ଦାବି କରାଯାଇଛି ।

ରବିବାର ଭାରତ-ପାକିସ୍ତାନ ମ୍ୟାଚର ଟସ ପଡ଼ିବା ସମୟରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ପାକିସ୍ତାନୀ ଅଧିନାୟକ ସଲମାନ ଆଗାଙ୍କ ସହ ହାତ ମିଳାଇନଥିଲେ । ଏପରିକି ମ୍ୟାଚ ପରେ ବି ଖେଳାଳିମାନେ ହାତ ମିଳାଇନଥିଲେ। ଏଥିରେ ଖପ୍ପା ହୋଇ ପିସିବି ଆଇସିସି ନିକଟରେ ଆବେଦନ କରିଛି ଏବଂ ଭାରତ-ପାକିସ୍ତାନ ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟଙ୍କୁ ଏସିଆ କପରୁ ହଟାଇବା ପାଇଁ ଦାବି କରିଛି। ପାକିସ୍ତାନ ଆଇସିସିକୁ ତୁରନ୍ତ ପ୍ରଭାବରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛି। ପିସିବି ମନେ କରୁଛି ଯେ ମ୍ୟାଚ ରେଫରି ଭାରତୀୟ ଖେଳାଳିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ । ଏଥିପାଇଁ ତାଙ୍କୁ ହଟାଯିବା ଦରକାର । ସେପଟେ ଏହି ମ୍ୟାଚ ଖେଳାଯିବାକୁ ନେଇ ଦେଶ ଭିତରେ ବି ବିସିସିଆଇକୁ ପ୍ରବଳ ବିରୋଧ କରାଯାଉଛି । ଏପରିକି ବିରୋଧୀ ଦଳ ସରକାରଙ୍କୁ ଟାର୍ଗେଟ କରୁଛନ୍ତି ।

## ପଡିଆରୁ ପଳାଇଲେ ସୂର୍ଯ୍ୟକୁମାର

ସୂର୍ଯ୍ୟକୁମାର ଯାଦବ ୧୬ତମ ଓଭରର ପଞ୍ଚମ ବଲରେ ଛକା ମାରି ମ୍ୟାଚ୍ ଜିତିଲେ। କିନ୍ତୁ ବିଜୟ ସହିତ, ସୂର୍ଯ୍ୟକୁମାର ଯାଦବ ଏବଂ ଶିବମ୍ ଦୁବେ ପଡ଼ିଆରେ ରହିଲେ ନାହିଁ, ସେମାନେ ସିଧା ଡ୍ରେସିଂ ରୁମକୁ ଚାଲିଗଲେ। ପାକିସ୍ତାନୀ ଖେଳାଳିମାନେ ଉଭୟଙ୍କୁ ଚାହିଁ ରହିଲେ, ଯେତେବେଳେ ଅନ୍ୟ କୌଣସି ମ୍ୟାଚରେ, ଉଭୟ ବୋଲିଂ ଦଳ ସହିତ ହାତ ମିଳାଇଲେ। କିନ୍ତୁ ଭାରତୀୟ ଖେଳାଳିମାନେ ନିଷ୍ପତ୍ତି ନେଇଥିଲେ ଯେ ସେମାନେ ଏପରି ଏକ ଦେଶ ସହିତ କାହିଁକି ଖେଳପ୍ରେମୀ ଦେଖାଇବେ ଯିଏ ଭାରତରେ ଆତଙ୍କବାଦ ପ୍ରସାର କରିବାକୁ ଷଡ଼ଯନ୍ତ୍ର କରେ, ଆତଙ୍କବାଦୀଙ୍କୁ ସାହାଯ୍ୟ କରେ।

ଭାରତର ବିଜୟ ସହିତ ଡ୍ରେସିଂ ରୁମର ସମସ୍ତ ଖେଳାଳି ତାଳି ମାରିଲେ। ସୂର୍ଯ୍ୟ ଏବଂ ଶିବମଙ୍କ ସହିତ ହାତ ମିଳାଇଲେ। ଯେଉଁମାନେ ପଡ଼ିଆରୁ ଫେରିଥିଲେ କିନ୍ତୁ ଆଉ ଥରେ ପଡ଼ିଆକୁ ଗଲେ ନାହିଁ। ଏହା ଘଟେ ଯେ ଉଭୟ ଦଳର ଖେଳାଳିମାନେ ପରସ୍ପର ସହିତ ହାତ ମିଳାନ୍ତି, କିନ୍ତୁ ଭାରତୀୟ ଖେଳାଳିମାନେ ତାହା କଲେ ନାହିଁ। ପାକିସ୍ତାନୀ ଖେଳାଳିମାନେ ପଡ଼ିଆରେ ଅପେକ୍ଷା କରି ରହିଲେ ଏବଂ ଭାରତୀୟ ଖେଳାଳିମାନେ ପରସ୍ପର ସହିତ ହାତ ମିଳାଇ ଡ୍ରେସିଂ ରୁମର ଦ୍ୱାର ବନ୍ଦ କରିଦେଲେ।

# ଓମାନକୁ ୪୨ ରନ୍‌ରେ ହରାଇ ୟୁଏଇ ବିଜୟୀ



**ଏସିଆ କପ୍**

ଆବୁଧାବି, ୧୫।୯ (ଏଜେନ୍ସି) : ଏସିଆ କପ୍‌ର ସପ୍ତମ ମ୍ୟାଚର ଓମାନକୁ ୪୨ ରନ୍‌ରେ ପରାସ୍ତ କରି ସଂଯୁକ୍ତ ଆରବ ଇମିରେଟ୍ସ (ୟୁଏଇ) ବିଜୟ ଲାଭ କରିଛି। ସଂଯୁକ୍ତ ଆରବ ଇମିରେଟ୍ସର ଜୁନଇଡ ସିଦ୍ଦିକଙ୍କ ୪ ୱିକେଟ୍ ଅକ୍ତିଆର ଓମାନଙ୍କୁ ହରାଇବାରେ ସାହାଯ୍ୟ କରିଛି। ଓମାନ ୧୩୦ ରନରେ ଅଲଆଉଟ୍ ହୋଇଯାଇଥିଲା। ଆଲିସାନ୍ ସରାଫୁ ୫୧ ଓ ମହମ୍ମଦ ୱାସିନ୍ ୬୯ ରନ୍ କରି ୟୁଏଇକୁ ୨୦ ଓଭରରେ ୧୭୨/୫ ସ୍କୋରରେ ପହଞ୍ଚାଇଥିଲେ। ଆଜି ଆବୁଧାବିରେ ଏସିଆ କପ୍‌ର ସପ୍ତମ ମ୍ୟାଚରେ ଓମାନ ଅଧିନାୟକ ଜତିନ୍ଦର ସିଂ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଖେଳ ଆରମ୍ଭ ହେବା ପରେ ଉଭୟ ଦଳ ସେମାନଙ୍କ ପ୍ରଥମ ମୁକାବିଲାକୁ ହାରିଯାଇଛନ୍ତି ଏବଂ ଟୁର୍ଣ୍ଣାମେଣ୍ଟର ସୁପର ୪ ପର୍ଯ୍ୟାୟରେ ପ୍ରବେଶ କରିବା ପାଇଁ ବାହାରକୁ ଆସିଯାଇଛନ୍ତି।

# ଅକ୍ଷର ପଟେଲ ଇମ୍ପାକ୍ଟ ପ୍ଲେୟର

ନୂଆଦିଲ୍ଲୀ,: ଷ୍ଟାର ଅଲରାଉଣ୍ଡର ଅକ୍ଷର ପଟେଲଙ୍କୁ ଭାରତୀୟ ଡ୍ରେସିଂ ରୁମର ଇମ୍ପାକ୍ଟ ପ୍ଲେୟାର ଭାବରେ ନାମିତ କରାଯାଇଛି । କାରଣ ତାଙ୍କ ଅଲରାଉଣ୍ଡର ପ୍ରୟାସ ଭାରତକୁ ଏସିଆ କପ୍ ଗ୍ରୁପ-ଷ୍ଟେଜ ମୁକାବିଲାରେ ପାକିସ୍ତାନ ବିପକ୍ଷରେ ଏକ ବ୍ୟାପକ ବିଜୟ ପ୍ରଦାନ କରିଥିଲା ।

ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଜସପ୍ରିତ ବୁମରାହଙ୍କ ପ୍ରାରମ୍ଭିକ ଷ୍ଟ୍ରାଇକ୍ ଉପରେ ଆଧାର କରି ଅକ୍ଷର ବଲ୍ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଭାରତର ଲେଗସ୍ପିନରମାନେ ପ୍ରାୟତଃ ଏଡେଇ ଯାଉଥିବା କମ୍ ପସନ୍ଦିତ ଏଣ୍ଡରୁ ବୋଲିଂ କରି ସେ ୪ ଓଭର, ୧୮ ରନ, ୧୫ ଡଟ୍ ବଲ୍ ଏବଂ ୨ ୱିକେଟ୍ ପାଇଥିଲେ ।ପାକିସ୍ତାନ ଇନିଂସର ପ୍ରଥମାର୍ଦ୍ଧରେ ତାଙ୍କର ଦୁଇଟି ସଫଳତା ପ୍ରତିପକ୍ଷ ଦଳକୁ ୪୯ ରନରେ ଦୋହଲାଇ ଦେଇଥିଲା । ସେ ଫିଲିଂରେ ମଧ୍ୟ ଅବଦାନ ରଖିଥିଲେ । କୁଲଦୀପ ଯାଦବଙ୍କ ବୋଲିଂରେ ଏକ ସୁନ୍ଦର ଧାବନ କ୍ୟାଚ୍ ପୂରଣ କରି ହାସନ ନୱାଜଙ୍କୁ ୫ ରନରେ ଆଉଟ୍ କରିଥିଲେ ଏବଂ ପାକିସ୍ତାନକୁ ୫ ରନରେ ୬୫ ରନରେ କମାଇ ଦେଇଥିଲେ । ମ୍ୟାଚ୍ ପରେ, ଅକ୍ଷର ମ୍ୟାଚ୍ ର ଶ୍ରେଷ୍ଠ ଖେଳାଳି କୁଲଦୀପ ଯାଦବଙ୍କ ସହିତ ଖେଳ ପରବର୍ତ୍ତୀ ଆଲୋଚନାରେ ସାମିଲ ହୋଇଥିଲେ, ଯେଉଁଠାରେ ଉଭୟ ଭାରତର ପ୍ରଭାବଶାଳୀ ପ୍ରଦର୍ଶନକୁ ପ୍ରତିଫଳିତ କରିଥିଲେ ।




# ପିସିବିରେ ହଇଚଇ, ହଟିଲେ ନିର୍ଦ୍ଦେଶକ

ଲାହୋର : ଏସିଆ କପରେ ରବିବାର ଖେଳାଯାଇଥିବା ମ୍ୟାଚରେ ଟିମ୍ ଇଣ୍ଡିଆ ଖେଳାଳିମାନେ ହାତ ନ ମିଳାଇବା ଘଟଣା ପରେ, ପାକିସ୍ତାନ ଅପମାନିତ ଅନୁଭବ କରୁଛି । ଏହାକୁ ନେଇ ପାକିସ୍ତାନ କ୍ରିକେଟ ବୋର୍ଡରେ ହଇଚଇ ସୃଷ୍ଟି ହୋଇଛି । ଏହା ପରେ ପିସିବି ଅଧ୍ୟକ୍ଷ ମହସିନ ନକବି ପିସିବିର ଅନ୍ତର୍ଜାତୀୟ କ୍ରିକେଟ ନିର୍ଦ୍ଦେଶକ ଉସମାନ ବହଲାଙ୍କୁ ହଟାଇଦେଇଛନ୍ତି ।

ମ୍ୟାଚ ପୂର୍ବରୁ ଓ ପରେ ହୋଇଥିବା ବିବାଦାସ୍ପଦ ଘଟଣାକୁ ରୋକିବାରେ ବିଫଳ ହୋଇଥିବାରୁ ଉସମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଉସମାନ ୱାହାଲା ଗତ ଦୁଇ ବର୍ଷ ଧରି ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିଲେ ଏବଂ ସେ ପାକିସ୍ତାନ ସୁପର ଲିଗର ଅଧ୍ୟକ୍ଷ ମଧ୍ୟ ଅଛନ୍ତି। ସେ ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ସମୟ ମଧ୍ୟରେ ସମାଧାନ କରିବାରେ ବିଫଳ ହେବାର ଅଭିଯୋଗ ରହିଛି। ଅନ୍ୟପକ୍ଷରେ ଭାରତର ଆଚରଣ ଖେଳଭାବନାର ବିରୋଧୀ ବୋଲି ପାକିସ୍ତାନର ପୂର୍ବତନ ଖେଳାଳି ଓ ନେତାମାନେ ମତ ଦେଇଛନ୍ତି ।

ମ୍ୟାଚ ପୂର୍ବରୁ ଓ ପରେ ହୋଇଥିବା ବିବାଦାସ୍ପଦ ଘଟଣାକୁ ରୋକିବାରେ ବିଫଳ ହୋଇଥିବାରୁ ଉସମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ



କରାଯାଇଛି । ଉସମାନ ୱାହାଲା ଗତ ଦୁଇ ବର୍ଷ ଧରି ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିଲେ ଏବଂ ସେ ପାକିସ୍ତାନ ସୁପର ଲିଗର ଅଧ୍ୟକ୍ଷ ମଧ୍ୟ ଅଛନ୍ତି।

## ମହିଳା ଗ୍ରାଣ୍ଡ ସ୍ୱିସ୍ ଟାଇଟଲ

# ଜିତିଲେ ଆର ବୈଶାଳୀ

ନୂଆଦିଲ୍ଲୀ : ଗ୍ରାଣ୍ଡମାଷ୍ଟର ରମେଶବାବୁ ବୈଶାଳୀ ଫିଡେ ମହିଳା ଗ୍ରାଣ୍ଡ ସ୍ୱିସ୍ ଟାଇଟଲ୍ ପାଇବାରେ ପ୍ରଥମ ଭାରତୀୟ ହୋଇ ଇତିହାସ ରଚିଛନ୍ତି । ପୂର୍ବତନ ମହିଳା ବିଶ୍ୱ ଚାମ୍ପିଅନ୍ ଟାନ୍ ଝୋଙ୍ଗିଙ୍କୁ ଡ୍ର ରଖିବା ପରେ ବୈଶାଳୀ ତାଙ୍କର ବିଜୟକୁ ସିଲ୍ କରିଥିଲେ । ଏହା ଦ୍ୱାରା ଟୁର୍ଣ୍ଣାମେଣ୍ଟର ଏକମାତ୍ର ନେତୃତ୍ୱ ସୁରକ୍ଷିତ କରିଥିଲେ । ଏହି ବିଜୟ ସହିତ ବୈଶାଳୀ ଆଗାମୀ ବର୍ଷର କ୍ୟାଣ୍ଡିଡେଟ୍ସ ଟୁର୍ଣ୍ଣାମେଣ୍ଟରେ ମଧ୍ୟ ତାଙ୍କର ସ୍ଥାନ ସୁରକ୍ଷିତ କରିଛନ୍ତି । କୋନେରୁ ହମ୍ପି ଏବଂ ବିଶ୍ୱକପ୍ ବିଜୟୀ ଦିବ୍ୟା ଦେଶମୁଖ ଏହି ସମ୍ମାନଜନକ ଇଭେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିସାରିଥିବାର ଭାରତର ପ୍ରାର୍ଥୀମାନଙ୍କ ମହିଳା ବିଭାଗରେ ଏବେ ତିନି ଜଣ ପ୍ରତିନିଧି ରହିବେ, ଯାହା ବିଶ୍ୱ ଚାମ୍ପିଅନଙ୍କ ସହ ମୁକାବିଲା ପାଇଁ ଚ୍ୟାଲେଞ୍ଜର ନିର୍ଣ୍ଣୟ କରିବ । ବୈଶାଳୀ ୨୦୨୩ ଏବଂ ୨୦୨୫ ରେ ଲଗାତାର ଗ୍ରାଣ୍ଡ ସ୍ୱିସ୍ ଟାଇଟଲ ଜିତିଥିବା ପ୍ରଥମ ଖେଳାଳି ।




ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିବା ୧୪ତମ ଜାତୀୟ ଭୋଭିନାମ ମାର୍ସଲ ଆର୍ଟ ଚମ୍ପିଅନସିପ୍ ୨୦୨୫ରେ ଓଡିଶା ପୋଲିସର ତିନିଜଣ ଯୁବ କ୍ରୀଡାବିତ୍ (ଦୁଇଟି ସ୍ୱର୍ଣ୍ଣ ଓ ତିନୋଟି ରୌପ୍ୟ ପଦକ) ବିଜୟୀ ହୋଇ ରାଜ୍ୟ ପୋଲିସକୁ ଗୌରବାନ୍ୱିତ କରିଛନ୍ତି। ଏହି ଅବସରରେ କ୍ରୀଡାବିତ୍‌ମାନେ ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିଛନ୍ତି । ଡିଜିପି ଶ୍ରୀ ଖୁରାନିଆ ପଦକ ବିଜେତାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଖେଳାଳିଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# ରାଜ୍ୟସ୍ତରୀୟ ତାଏକେ୍ୱାଣ୍ଡୋ ପ୍ରତିଯୋଗିତା : ସ୍ୱର୍ଣ୍ଣ ପଦକ ଜିତିଲେ ସ୍ୱାଗତିକା

ସାକ୍ଷୀଗୋପାଳ ,(ସବ୍ୟୁ): ଉତ୍ତରାୟଣୀ ବିଦ୍ୟାପୀଠ, ସାତଶଙ୍ଖର ଛାତ୍ରୀ ଜାତୀୟ ତାଏକେ୍ୱାଣ୍ଡୋ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି । ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କେନ୍ଦୁଝର ଜିଲ୍ଲା ବଡବିଲ ସ୍ଥିତ ମ୍ୟୁନିସିପାଲ ସରକାରୀ ହାଇସ୍କୁଲ ପରିସରରେ ଓଡିଶା ଷ୍ଟେଟ ସ୍କୁଲ ସ୍ପୋର୍ଟସ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ଓଡ଼ିଶା ସ୍କୁଲ ତାଏକେ୍ୱାଣ୍ଡୋ ଚାମ୍ପିଅନସିପରେ ଭାଗ ନେଇଥିବା ଉତ୍ତରାୟଣୀ ବିଦ୍ୟାପୀଠ, ସାତଶଙ୍ଖର ଦଶମ ଶ୍ରେଣୀର ଛାତ୍ରୀ ସ୍ୱାଗତିକା ବରାଳ ୩୮-୪୨ ଊଐ ବର୍ଗରେ ଗୋଲ୍ଡ ମେଡାଲ ଜିତି ବିଦ୍ୟାଳୟ ପାଇଁ ଗୌରବ ଆଣି ଦେଇଛନ୍ତି ।ଆସନ୍ତା ଅକ୍ଟୋବର ପ୍ରଥମ ସପ୍ତାହରେ ଅରୁଣାଚଳପ୍ରଦେଶର ଇଟାନଗରରେ ହେବାକୁ ଥିବା ଜାତୀୟ ତାଏକେ୍ୱାଣ୍ଡୋ ପ୍ରତିଯୋଗିତାରେ ଭାଗ ନେବେ ବୋଲି ବିଦ୍ୟାଳୟର କ୍ରୀଡା ଶିକ୍ଷକ ରାମଚନ୍ଦ୍ର ସାହୁ ସୂଚନା ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ସମେତ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ସମସ୍ତ କର୍ମଚାରୀ ତଥା ଛାତ୍ରଛାତ୍ରୀ ତାଙ୍କ ସଫଳତା କାମନା କରିଛନ୍ତ ।



# ଆନ୍ତଃଜିଲ୍ଲା କ୍ୟାରମ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ

ବେତନଟୀ, (ସବ୍ୟୁ) : ବେତନଟୀ କ୍ୟାରୋମ ଏସୋସିଏସନ ଆନୁକୂଲ୍ୟରେ ଆୟୋଜିତ ଆନ୍ତଃଜିଲ୍ଲା କ୍ୟାରୋମ ଟୁର୍ଣ୍ଣାମେଣ୍ଟରେ ରବିବାର ଦିନ ଉଦଯାପିତ ହୋଇଯାଇଛି । ଏଥିରେ ମୟୂରଭଞ୍ଜ ସମେତ ପୁରୀ, ବାଲେଶର ତଥା ବିଭିନ୍ନ ଜିଲ୍ଲାର ଖେଳାଳି ଅଂଶଗ୍ରହଣ କରିଥିଲେ । ବେତନଟୀ ବଜାର ଉପକ= ସଠିଲୋ ପଞ୍ଚାୟାତ ଅଫିସ ଛକରେ ଆୟୋଜିତ ଏହି ଆନ୍ତଃଜିଲ୍ଲା ଟୁର୍ଣ୍ଣାମେଣ୍ଟ ଶନିବାର ସନ୍ଧ୍ୟାରେ ଆରମ୍ଭ ହୋଇ ରବିବାର ଉଦଯାପିତ ହୋଇଥିଲା ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ବାରିପଦାର ଅବିନାଶ ଏଣ୍ଡ ପାର୍ଟନରଙ୍କୁ ୧୫ ହଜାର ଟଙ୍କା, ରନର୍ସଅପ ହୋଇଥିବ ଥିବା କାହ୍ନୁ ଏଣ୍ଡ ପାର୍ଟନରଙ୍କୁ ୧୦ହଜାର ଟଙ୍କା ସମେତ ତୃତୀୟ ସ୍ଥାନ ଅଧିକାର କରିଥିବା ଖେଳାଳିଙ୍କୁ ୮ହଜାର ଟଙ୍କାର ପୁରସ୍କାରରାଶି ଆୟୋଜକଙ୍କ ପକ୍ଷରୁ ପ୍ରଦାନ କରାଯାଇଥିଲା । ମୁଖ୍ୟଅତିଥି ବେତନଟୀ ଥାନା ଆଇଆଇସି ସସ୍ମିତା ମହାନ୍ତ ଏହି ଆନ୍ତଃଜିଲ୍ଲା କ୍ୟାରୋମ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ ।ବେତନଟୀର ଉଦୀୟମାନ କ୍ୟାରୋମ ଖେଳାଳି ହିମାଂଶୁ ଶେଖର ମହାନ୍ତ(ଲିଟୁ)ଙ୍କ ଅକାଳ ବିୟୋଗ ସମସ୍ତ କ୍ୟାରୋମ ପ୍ରେମୀଙ୍କୁ ମର୍ମାହତ କରିଥିବା ବେଳେ ଲିଟୁଙ୍କ ସ୍ମୃତିରେ ଲିଟୁ ମେମୋରିଆଲ ଆନ୍ତଃଜିଲ୍ଲା କ୍ୟାରୋମ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇଥିଲା । ଉକ୍ତ ଖେଳକୁ ପରିଚାଳନାରେ ଆୟୋଜକ ଅନୁଷ୍ଠାନର ସତ୍ୟରଞ୍ଜନ ମହାନ୍ତ, ପଦ୍ମଲୋଚନ ବେହେରା, ଚିକୁ, ରାଜୁ ସେନାପତି, ଲୋହିତ ମହାକୁଡ, ଦିବ୍ୟରଞ୍ଜନ ଦାସ, ଦିଲ୍ଲୀପ ଶାହା, ପୁଲିନ କୁମାର ସାହୁ, ଜ୍ଞାନରଞ୍ଜନ ପରିଡା, ମନୋରଞ୍ଜନ ଦାଶ, କୁନୁ ପଣ୍ଡା, ଦିଲ୍ଲୀପ ସିଂ ସମେତ ସଠିଲୋ ପଞ୍ଚାୟତ ସମିତି ସଦସ୍ୟ କିଶୋର କୁମାର ନାୟକ ସକ୍ରିୟ ଦାୟିତ୍ୱ ସମ୍ପାଦନ କରିଥିଲେ

# ସର୍ବ ଭାରତୀୟ ଟେନିସ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

ସାକ୍ଷୀଗୋପାଳ , (ସବ୍ୟୁ): ସ୍ଥାନୀୟ ଫୁଲ ଅଳସାସ୍ଥିତ ସାଇ ଏକାଡେମୀ ଟେନିସ କୋର୍ଟ ଠାରେ ୧୬ ଓ ୧୮ ବର୍ଷରୁ କମ ବର୍ଗର ବାଳକ ବାଳିକା ମଧ୍ୟରେ ସର୍ବ ଭାରତୀୟ ଟେନିସ ଟୁର୍ନାମେଣ୍ଟ (ସି.ଏସ ୭) ସୋମବାର ଦିନ ଉଦଘାଟିତ ହୋଇଯାଇଛି । ପୁରୀ ଫାର୍ମାସି ମହାବିଦ୍ୟାଳୟର ସମ୍ପାଦକ ଇଂ ରୋଜା ପ୍ରିୟଦର୍ଶୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । ରେଫରୀ ଯତୀନ ବାଛ୍ୟା ଓ କୋଚ ବିଶ୍ୱଜିତ ଦାସ ଙ୍କ ପ୍ରତ୍ୟକ୍ଷ ତ%୦ବଧାନରେ ପରିଚାଳିତ ଏହି ପାଞ୍ଚ ଦିନ ବ୍ୟାପି ଅନୁଷ୍ଠିତ ହେବ ଏହି ଟୁର୍ନାମେଣ୍ଟ ଆସନ୍ତା ୧୯ ତାରିଖରେ ଉଦଯାପିତ ହେବ ଭାରତର ବିଭିନ୍ନ ରାଜ୍ୟରୁ ସର୍ବ ଭାରତୀୟ ଟେନିସ ମହାସଂଘ ପଞ୍ଜିକୃତ ୨୦ଜଣ ଟେନିସ ଖେଳାଳି ଅଂଶଗ୍ରହଣ କରୁଛନ୍ତି ଉଦଯାପନୀ ଦିବସରେ ବିଜେତା ମାନଙ୍କୁ ଟ୍ରଫି ପ୍ରଦାନ କରାଯିବ ।

# ପାକିସ୍ତାନୀ କ୍ରିକେଟ ପ୍ରଶଂସକଙ୍କ ପ୍ରତିକ୍ରିୟା

ଦୁବାଇ: ଦୁବାଇରେ ଏସିଆ କପ୍ ୨୦୨୫ର ଲିଗ୍ ମ୍ୟାଚରେ ଭାରତୀୟ ଦଳଠାରୁ ପାକିସ୍ତାନ କ୍ରିକେଟ୍ ଦଳକୁ ପରାଜୟର ସାମ୍ନା କରିବାକୁ ପଡ଼ିଛି। ଭାରତୀୟ ଦଳ ଏହି ବିଜୟକୁ ଅପରେସନ ସିନ୍ଦୂରରେ ସାମିଲ ଥିବା ଯବାନମାନଙ୍କୁ ଉତ୍ସର୍ଗ କରିଥିବା ବେଳେ ପାକିସ୍ତାନର ପରାଜୟକୁ ନେଇ ପାକିସ୍ତାନୀ ପ୍ରଶଂସକମାନେ କଡ଼ା ସମାଲୋଚନା କରିଛନ୍ତି। ମ୍ୟାଚକୁ ନେଇ ପାକିସ୍ତାନର ଜଣେ ପ୍ରଶଂସକ କହିଛନ୍ତି, ଭାରତ ବିଶ୍ୱର ସର୍ବୋତ୍ତମ ଦଳ। ସେମାନେ ଆମ ପିଲାମାନଙ୍କ ସହିତ ମ୍ୟାଚ୍ ଖେଳିବା ଉଚିତ ନୁହେଁ। ମୋ ମତରେ ପାକିସ୍ତାନର ଦଳ ହେଉଛି ଛୁଆଙ୍କ ଦଳ।

# ମହମ୍ମଦ ସିରାଜଙ୍କୁ ଆଇସିସିର ବଡ଼ ପୁରସ୍କାର



ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି) : ଟିମ ଇଣ୍ଡିଆର ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କୁ ମିଳିଛି ଆଇସିସିର ବଡ଼ ପୁରସ୍କାର। ଇଂଲଣ୍ଡ ବିପକ୍ଷ ସିରିଜରେ ନିଜର ଦମ ଦେଖାଇଥିବା ସିରାଜ ଅଗଷ୍ଟ ମାସର ଶ୍ରେଷ୍ଠ ପୁରୁଷ ଖେଳାଳି ହେବାର ମାନ୍ୟତା ପାଇଛନ୍ତି। ଅଗଷ୍ଟ ମାସରେ ଏକମାତ୍ର ଟେଷ୍ଟ ମ୍ୟାଚ୍ ସିରାଜ ଓଭାଲରେ ଖେଳିଥିଲେ। ଉକ୍ତ ମ୍ୟାଚରେ ସେ ଦମଦାର ପ୍ରଦର୍ଶନ କରିଥିଲେ ବୋଲି ଆଇସିସି ୱେବସାଇଟରେ ଉଲ୍ଲେଖ କରାଯାଇଛି ।

ଓଭାଲ ଟେଷ୍ଟରେ ୨୧.୧୧ ହାରରେ ସିରାଜ ଉଭୟ ଇନିଂସରେ ମୋଟ ୯ଟି ଓ୍ୱିକେଟ ଦଖଲ କରିଥିଲେ। ଏହି ପ୍ରଦର୍ଶନ ଯୋଗୁ ଭାରତ କେବଳ ସିରିଜ ଜିତି ନଥିଲା, ବରଂ ସିରିଜକୁ ଇଂଲଣ୍ଡ ସହ ୨-୨ରେ ଡ୍ର ରଖିବାକୁ ସକ୍ଷମ ହୋଇଥିଲା। ଦ୍ରୁତ ବୋଲର ସିରାଜ ଓଭାଲ ଟେଷ୍ଟରେ ଶ୍ରେଷ୍ଠ ଖେଳାଳି ପୁରସ୍କାର ବି ଜିତିଥିଲେ। ଦ୍ୱିତୀୟ ଇନିଂସରେ ସେ ଏକାକୀ ୪୬ ଓଭର ବୋଲିଂ କରି ୫ ୱିକେଟ ଦଖଲ କରିଥିଲେ। ଅଗଷ୍ଟ ମାସର ଶ୍ରେଷ୍ଠ ଖେଳାଳି ଦୌଡ଼ରେ ସିରାଜଙ୍କ ବ୍ୟତୀତ ନ୍ୟୁଜିଲ୍ୟାଣ୍ଡର ମ୍ୟାଟ ହେନରୀ ଓ ୱେଷ୍ଟଇଣ୍ଡିଜର ଜୟଡେନ ସେଲ୍ସ ରହିଥିଲେ। କିନ୍ତୁ ସିରାଜ ଉଭୟଙ୍କୁ ପଛରେ ପକାଇ ଆଇସିସିର ମାସିକ ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିବାକୁ ସକ୍ଷମ ହୋଇଛନ୍ତି ।

ଇଂଲଣ୍ଡ ବିପକ୍ଷ ୫ଟି ଯାକ ଟେଷ୍ଟରେ ସିରାଜ ଏକମାତ୍ର ଦ୍ରୁତ ବୋଲର ଭାବେ ନଜର ଆସିଥିଲେ। ସେ ସବୁ ମ୍ୟାଚ୍ରେ ସମାନ ଢଙ୍ଗରେ ବୋଲିଂ କରି ସିରିଜରେ ସର୍ବାଧିକ ୱିକେଟ(୨୩) ମଧ୍ୟ ଦଖଲ କରିବାକୁ ସକ୍ଷମ ହୋଇଥିଲେ।

ମାସର ଶ୍ରେଷ୍ଠ ଖେଳାଳି ହେବା ପରେ ସିରାଜ କହିଛନ୍ତି ଯେ ଆଇସିସି ପକ୍ଷରୁ ମାସର ଶ୍ରେଷ୍ଠ ଖେଳାଳି ମାନ୍ୟତା ପାଇଁ ଅତ୍ୟନ୍ତ ସ୍ୱତନ୍ତ୍ର ସମ୍ମାନ। ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ଗୋଟିଏ ସ୍ମରଣୀୟ ସିରିଜ ବୋଲି କହିଛନ୍ତି।

# ଦଲିପ ଟ୍ରଫି ବିଜୟ ଦ୍ୱାରରେ କେନ୍ଦ୍ରାଞ୍ଚଳ

## ସାରାଂଶ, କାର୍ତିକେୟଙ୍କୁ ୮-୮ ୱିକେଟ୍

ବେଙ୍ଗାଲୁରୁ: ରଜତ ପଟିଦାରଙ୍କ ବେଳ ଭଲ ଚାଲିଛି। ସାଢ଼େ ୩ ମାସ ତଳେ ଆର୍ସିବିକୁ ସର୍ବପ୍ରଥମ ଆଇପିଏଲ୍ ମୁକୁଟ ଦେଇଥିବା ପଟିଦାର ଆଉ ଏକ ଘରୋଇ କ୍ରିକେଟ୍ ଟ୍ରଫି ବିଜୟକୁ ନିଶ୍ଚିତ କରିଛନ୍ତି। ତାଙ୍କ ନେତୃତ୍ୱାଧୀନ କେନ୍ଦ୍ରାଞ୍ଚଳ ୨୦୨୫-୨୬ ଋତୁର ପ୍ରଥମ ଘରୋଇ ପ୍ରତିଯୋଗିତା ଦଲିପ ଟ୍ରଫି ଜିତିବାର ଦ୍ୱାରଦେଶରେ ପହଞ୍ଚିଯାଇଛି। କେନ୍ଦ୍ରାଞ୍ଚଳ ସମ୍ମୁଖରେ ମାତ୍ର ୬୫ ରନ୍ର ବିଜୟ ଲକ୍ଷ୍ୟ ରହିଛି। ସୋମବାର ପଞ୍ଚମ ଦିନରେ ଏହି ଲକ୍ଷ୍ୟକୁ କେନ୍ଦ୍ରାଞ୍ଚଳ ସହଜରେ ହାସଲ କରିନେବ ବୋଲି ବିଶ୍ୱାସ ରହିଛି।

ପ୍ରଥମ ପାଳିରେ ଦକ୍ଷିଣାଞ୍ଚଳର ୧୪୯ ରନ୍ ଜବାବରେ କେନ୍ଦ୍ରାଞ୍ଚଳ ୫୧୧ ରନ୍ କରିଥିଲା। ରବିବାର ପୂର୍ବଦିନର ସ୍କୋର୍ ୧୨୯/୨ରୁ ପୁନଃ ଖେଳିଥିବା ଦକ୍ଷିଣାଞ୍ଚଳ ଦ୍ୱିତୀୟ ପାଳିରେ ୪୨୬ ରନ୍ କରି ସମସ୍ତ ୱିକେଟ୍ ହରାଇବାରୁ କେନ୍ଦ୍ରାଞ୍ଚଳ ବିଜୟ ପଥ ସୁଗମ ରହିଛି। ପଟିଦାରଙ୍କ ଦଳର ଦୁଇ ସ୍ପିନର ବାମହାତୀ କୁମାର କାର୍ତ୍ତିକେୟ (୪/୫୨ ଓ ୪/୧୧୦) ଏବଂ ଅଫ୍‌ସ୍ପିନର୍ ସାରାଂଶ ଜୈନ (୫/୪୯ ଓ ୩/୧୩୦) ଉଭୟ ପାଳିରେ ୮ ଲେଖାଏଁ ୱିକେଟ୍ ଅକ୍ତିଆର କରିବା ନିର୍ଣ୍ଣାୟକ ହୋଇଛି। ରବିବାର ପଶ୍ଚିମାଞ୍ଚଳର ଦ୍ୱିତୀୟ ପାଳିରେ ଅଙ୍କିତ ଶର୍ମା (୯୯) ଓ ସି ଆନ୍ଦ୍ରେ ସିଦ୍ଧାର୍ଥ (୮୪) ଶତକରୁ ବଞ୍ଚିତ ରହିଥିଲେ।


## ସୂଚନା

ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୮୭୮୫୩୩୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୮୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ।


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି